# ଧରିତ୍ରୀ
DHARITRI

49 ୪୯

ସମ୍ବଲପୁର, ମଙ୍ଗଳବାର, ଡିସେମ୍ବର ୧୩/୨୦୨୨ (୧୬ ପୃଷ୍ଠା) | Sambalpur, Tuesday, December 13/2022 | Page 16 ₹ 7.00 | ★★

୧୮ଶ ଭାଗ ୩୫୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 355 | ମୂଲ୍ୟ ₹୭/-






KP
GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଳ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ
DHARITRI
୪୯

ମଙ୍ଗଳବାର, ଡିସେମ୍ବର ୧୩/୨୦୨୨ | Tuesday, December 13/2022 | ପୃଷ୍ଠା-୧




**ସିଦ୍ରା ଅମିନ ପ୍ଲେୟର ଅଫ୍ ଦି ମନ୍ଥ୍**

ପାକିସ୍ତାନର ସିଦ୍ରା ଅମିନ କ୍ରମାଗତ ଦ୍ୱିତୀୟ ଥର ଆଇସିସି ମହିଳା ପ୍ଲେୟର ଅଫ୍ ଦି ମନ୍ଥ୍ ବିବେଚିତ ହୋଇଛନ୍ତି। **୧୪**

**୧୦** **ପ୍ରୋଜେକ୍ଟକୁ ନଷ୍ଟ କରୁଛି ଟଙ୍କାଲୋଭ**

ଅଭିନେତାଙ୍କଠାରେ ଦେଖାଯାଉଥିବା ଟଙ୍କା ଲୋଭ ଏକ ଭଲ ପ୍ରୋଜେକ୍ଟକୁ ନଷ୍ଟ କରିବା ଲାଗି ଦାୟୀ ବୋଲି ବଲିଉଡ୍ ଅଭିନେତା ନୱାଜୁଦ୍ଦିନ ସିଦ୍ଦିକି କହିଛନ୍ତି।



# କୋର୍ଟ ପରିସରରେ ତୁମୁଳ କାଣ୍ଡ

**ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ଆଇନଜୀବୀଙ୍କ ଆନ୍ଦୋଳନ ନ୍ୟାୟିକ କାର୍ଯ୍ୟଧାରାକୁ ବାଧା ପହଞ୍ଚାଉଥିବାରୁ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରି ଆସୁଛନ୍ତି। ଏପରି କି ଗତ ନଭେମ୍ବର ୨୮ରେ ଆନ୍ଦୋଳନରତ ଆଇନଜୀବୀଙ୍କ ଲାଇସେନ୍ସ ରଦ୍ଦ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଏହା ସତ୍ତ୍ୱେ ଆଇନଜୀବୀମାନେ ନିଜ ଜିଦ୍‌ରେ ଅଟଳ ରହିଥିବାରୁ କୌଣସି ଆଲୋଚନା ନୁହେଁ ଆନ୍ଦୋଳନକାରୀଙ୍କୁ ଗିରଫ କରିଯାଇ କୋର୍ଟ କାର୍ଯ୍ୟକୁ ସ୍ୱାଭାବିକ କରାଯାଉ ବୋଲି ସୋମବାର ସର୍ବୋଚ୍ଚ ଅଦାଲତ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି।**

ସମ୍ବଲପୁର, ୧୨।୧୨ (ବ୍ୟୁରୋ)

**ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗ**

## ଏଜିଙ୍କ କୁଶପୁତ୍ତଳିକା ଦାହ, ପୋଲିସକୁ ଦାୟୀକଲେ ଓକିଲ

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ସୋମବାର ସମ୍ବଲପୁର କୋର୍ଟ ପରିସରରେ ତୁମୂଳ କାଣ୍ଡ ଘଟିଛି। ଶତାଧିକ ଆନ୍ଦୋଳନକାରୀ କୋର୍ଟ ପରିସରକୁ ଧସେଇ ପଶି ହୋହଲ୍ଲା, ଭଙ୍ଗାରୁଜା କରିଥିଲେ। ପରେ କୋର୍ଟ ପରିସରରୁ ବିଚାରପତିମାନଙ୍କୁ ବାହାର କରିଦେଇଥିଲେ। ଏଭଳି ଘଟଣା ଏବେ ସମଗ୍ର ରାଜ୍ୟରେ ଆଲୋଡନ ସୃଷ୍ଟି କରିଛି। ଘଟଣାକୁ ନେଇ ଜିଲା ଓକିଲ ସଂଘ ପୋଲିସର ଅବହେଳାକୁ ଦାୟୀ କରିଛି। ଏହାସହ ଏହାର ତଦନ୍ତ କରାଯାଉ ବୋଲି ଦାବି କରିଛି। ଅନ୍ୟପଟେ ସୁପ୍ରିମକୋର୍ଟ ରାଜ୍ୟ ପୋଲିସର ଅପାରଗତା ନେଇ ଭର୍ତ୍ସନା କରିଛନ୍ତି। ପୋଲିସ ଡିଜିଓ ସମ୍ବଲପୁର ଉତ୍ତରାଞ୍ଚଳ ପୋଲିସ ଆଇଜିଙ୍କୁ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୋମବାର ପୂର୍ବାହ୍ନରେ ଆନ୍ଦୋଳନକାରୀ କଚେରି ଛକରେ ହାଇକୋର୍ଟ ଆଡ୍‌ଭୋକେଟ ଜେନେରାଲ (ଏଜି) ଅଶୋକ ପରିଜାଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଏହାସହ ରାଜ୍ୟ ସରକାର ଦେଇଥିବା ରିପୋର୍ଟ ସହ ଏଜି ଦାଶ ଦେଇଥିବା ରିପୋର୍ଟର ତାଳମେଳ ରହୁନାହିଁ। ତେଣୁ ଘଟଣା ☞ପୃଷ୍ଠା-୨





ସମ୍ବଲପୁରଠାରେ ଆଡ୍‌ଭୋକେଟ୍ ଜେନେରାଲ୍‌ଙ୍କ କୁଶପୁତ୍ତଳିକା ଦାହ କରାଯାଉଛି (ବାମ)। ଜିଲା ଦୌରାଜଜ୍‌ଙ୍କ କୋର୍ଟ ପରିସରକୁ ଆଇନଜୀବୀମାନେ ଧସେଇ ପଶୁଛନ୍ତି।

## ପାରୁନ ଯଦି ଜଣାଅ, ସେଣ୍ଟ୍ରାଲ ଫୋର୍ସ ମୁତୟନ ହେବ

ନୂଆଦିଲ୍ଲୀ, ୧୨।୧୨

**ଡିଜିପିଙ୍କ ଉପରେ ସୁପ୍ରିମକୋର୍ଟ କ୍ଷୁବ୍ଧ**

**ବିନମ୍ର ଆଲୋଚନା ନୁହେଁ, ଗିରଫ କର**

ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଆଇନଜୀବୀମାନେ ଚଳାଇଥିବା ଆନ୍ଦୋଳନ ଯୋଗୁ କୋର୍ଟ କାର୍ଯ୍ୟ ହୋଇପାରୁନାହିଁ। କୋର୍ଟ ପରିସରକୁ ନ୍ୟାୟିକ ଅଧିକାରୀ, ମହକିଲମାନେ ଯାଇପାରୁନାହାନ୍ତି। ଏଭଳି ସ୍ଥିତିର ମୁକାବିଲା କରିବାରେ ପୋଲିସ ବିଫଳ ହୋଇଥିବାରୁ ସୁପ୍ରିମକୋର୍ଟ ଖଣ୍ଡପୀଠ ଜଷ୍ଟିସ୍ ସଞ୍ଜୟ କିଷନ କୌଲ ଏବଂ ଜଷ୍ଟିସ୍ ଅଭୟ ଏସ୍. ଓକା ସୋମବାର ଓଡ଼ିଶା ଡିଜିପି ଏବଂ ସମ୍ବଲପୁର ଆଇଜିଙ୍କ ☞ପୃଷ୍ଠା-୨

## ସମ୍ବଲପୁରର ୨୯ ଆଇନଜୀବୀଙ୍କ ଲାଇସେନ୍ସ ରଦ୍ଦ

ନୂଆଦିଲ୍ଲୀ, ୧୨।୧୨

**ବିସିଆଇର କାର୍ଯ୍ୟାନୁଷ୍ଠାନ**

ସମ୍ବଲପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଆନ୍ଦୋଳନ ଚଳାଇଥିବା ସମ୍ବଲପୁର ଜିଲା ବାର୍ କାଉନସିଲର ଆଇନଜୀବୀଙ୍କ ଉପରେ ବାର୍ କାଉନସିଲ୍ ଅଫ୍ ଇଣ୍ଡିଆ (ବିସିଆଇ) କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବିଚାରପତିଙ୍କୁ କାର୍ଯ୍ୟରେ ଯୋଗଦେବାକୁ ସୁଯୋଗ ନ ଦେବା, କୁଶ ପୁତ୍ତଳିକା ଦାହ କରିବା, ଜିଲା ଜଜ୍‌ଙ୍କ କୋର୍ଟରୁମ୍ ଭିତରକୁ ଜବରଦସ୍ତି ପଶି ଭଙ୍ଗାରୁଜା କରିବା ଏବଂ ପୋଲିସ କର୍ମଚାରୀଙ୍କ ସହ ଗଣ୍ଡଗୋଳ କରି ସେମାନଙ୍କୁ ଗାଳିଗୁଲଜ କରିବା ଅଭିଯୋଗରେ ବିସିଆଇ ସୋମବାର ୨୯ଜଣ ଆଇନଜୀବୀଙ୍କ ଲାଇସେନ୍ସ ୧୮ ମାସ ପାଇଁ ରଦ୍ଦ କରିଛି। ଆଇନଜୀବୀଙ୍କ ଏଭଳି ଆଚରଣ ପ୍ରଫେସନାଲ ଏଥିକ୍ସ ବିରୋଧରେ ଯାଉଛି ବୋଲି ବିସିଆଇ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛି। ଲାଇସେନ୍ସ ରଦ୍ଦ ହୋଇଥିବା ଆଇନଜୀବୀମାନେ ହେଲେ ସମ୍ବଲପୁର ଜିଲା ବାର ଆସୋସିଏଶନର ସୁରେଶ୍ୱର ମିଶ୍ର, ଶିବ ଦିୱାନ, ପ୍ରମୋଦ ସରାଫ, ସତ୍ୟ ନାରାୟଣ ପୁରୋହିତ, ଶ୍ରୀକାନ୍ତ ପାଣିଗ୍ରାହୀ, ହିମାଂଶୁ ପାଣିଗ୍ରାହୀ, ମହେନ୍ଦ୍ର ବଢ଼େଇ, ଅନୁପ ତରିଆ, ସିଲୁ ମହାପାତ୍ର, ସତ୍ୟ ନାରାୟଣ ପଣ୍ଡା, ପ୍ରବୀଣ ସିଂଦେଓ, ରବି ପୂଜାହାରୀ, ସୁରଜ ବିଶ୍ୱାଳ, ଚନ୍ଦ୍ରକାନ୍ତ ମହାନ୍ତି, ନବୀନ ଶତପଥୀ, ସରୋଜ ସାହୁ, ମନୋରଞ୍ଜନ ଦାଶ, ମାନସ ମିଶ୍ର, ସମୀର ମହାପାତ୍ର, ବନ୍ଦିତା ମିଶ୍ର, ରାଜୀବ ଶତପଥୀ, ବସନ୍ତ ମିଶ୍ର, ମୀନକେତନ ଭୋଇ, ରତନ ଅଗ୍ରୱାଲ, ବିଜେତେନ୍ଦ୍ର ପ୍ରଧାନ, ସୁରଞ୍ଜିନି ବାରିକ, ପ୍ରଦୀପ ବହିଦାର, ବାବୁଲ୍ ପଣ୍ଡା ଏବଂ ମନୋରଞ୍ଜନ ପଣ୍ଡା। ଏହି ନିଲମ୍ବନ ଆଦେଶକୁ ସମ୍ବଲପୁର ବାର ଆସୋସିଏସନ ଏବଂ ସମସ୍ତ କୋର୍ଟ, କମିଶନ, ଟ୍ରିବ୍ୟୁନାଲକୁ ଜଣାଇଦେବାକୁ ଷ୍ଟେଟ୍ ବାର୍ କାଉନସିଲକୁ କୁହାଯାଇଛି। ଏଥିସହିତ ଆନ୍ଦୋଳନ ଏବଂ ଭଙ୍ଗାରୁଜାରେ ସାମିଲ ଅନ୍ୟମାନଙ୍କୁ ଭିଡିଓ କ୍ଲିପ୍‌ରୁ ଚିହ୍ନଟ କରି ଜଣାଇବାକୁ ବିସିଆଇ ପକ୍ଷରୁ ଷ୍ଟେଟ୍ ବାର୍ କାଉନସିଲକୁ କୁହାଯାଇଛି।

## ପୂର୍ବତନ ଏମ୍‌ପି ମୋହନ ଜେନାଙ୍କ ପରଲୋକ

ଭୁବନେଶ୍ୱର,(ବ୍ୟୁରୋ)/ଚଣ୍ଡିଖୋଲ, ୧୨।୧୨(ଡି.ଏନ୍.ଏ.): ଯାଜପୁର ଲୋକ ସଭା ଆସନରୁ ଦୁଇଥର ନିର୍ବାଚିତ ହୋଇଥିବା ମୋହନ ଜେନାଙ୍କର ସୋମବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି।



ତାଙ୍କୁ ୬୫ ବର୍ଷ ହୋଇଥିଲା। ସେ ଗତ ନଭେମ୍ବର ୨୦ରେ ହୃଦ୍‌ଘାତର ଶିକାର ହୋଇଥିଲେ। ସେହି ଦିନଠାରୁ ଚିକିତ୍ସିତ ହେଉଥିଲେ। ୧୯୫୭ ଜୁଲାଇ ୧୪ରେ ଯାଜପୁର ଜିଲା ବଡ଼ଚଣା ବ୍ଲକ ଧାନମଣ୍ଡଳ ଗାଁରେ ଜନ୍ମିତ ଜେନାଙ୍କର ସହଧର୍ମିଣୀ ଏବଂ ଗୋଟିଏ ଝିଅ ଅଛନ୍ତି। ଜେନା ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦର ପୂର୍ବତନ ସଭାପତି ଥିଲେ। ୨୦୦୪ ଏବଂ ୨୦୦୯ରେ ବିଜେଡି ଟିକେଟ୍‌ରେ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନ ସମୟରେ ସେ ଟିକେଟ୍ ନ ପାଇବାରୁ ବିଜେଡି ଛାଡ଼ି ଭାଜପାରେ ଯୋଗଦେଇଥିଲେ। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଭୋଟ୍ ପାଇଁ ଭୋକ**

## ମାଟ୍ରିକ ଢାଞ୍ଚାରେ ହେବ ଅଷ୍ଟମ ପ୍ରଶ୍ନପତ୍ର

ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)

- ଷାଣ୍ମାସିକ ପରୀକ୍ଷାରୁ ଆରମ୍ଭ ହେବ
- ୩ ସେଟ୍ ପ୍ରଶ୍ନପତ୍ର ପ୍ରସ୍ତୁତ କରିବ ଏସ୍‌ସିଇଆର୍‌ଟି

କୋଭିଡ୍ ଯୋଗୁ ରାଜ୍ୟରେ ସ୍କୁଲସ୍ତରରେ ଉଭୟ ଶିକ୍ଷାଦାନ ଓ ପରୀକ୍ଷା ପରିଚାଳନାରେ ବହୁ ସମସ୍ୟା ଉପୁଜିଥିଲା। ବିନା ପରୀକ୍ଷାରେ ପିଲାଙ୍କୁ ବିକଳ୍ପ ପଦ୍ଧତିରେ ମୂଲ୍ୟାୟନ କରାଯାଇ ମାଟ୍ରିକ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଏପରିକି ପିଲାଙ୍କ ଦକ୍ଷତା ଯାଞ୍ଚ କରିବାର ସୁଯୋଗ ବି ମିଳି ନ ଥିଲା। ତେଣୁ ଦଶମ ବୋର୍ଡ ପରୀକ୍ଷା ପୂର୍ବରୁ ସମ୍ମେଟିଭ ପରୀକ୍ଷାର ପ୍ରଚଳନ କରାଯିବା ସହ ଏହି ଢାଞ୍ଚାରେ ନବମ ଶ୍ରେଣୀ ପରୀକ୍ଷା ପରିଚାଳନା କରାଯାଉଛି। ତେବେ ପିଲାଙ୍କ ମନରୁ ପରୀକ୍ଷା ଭୟ ଦୂର କରିବା ଲାଗି ଏହି ବ୍ୟବସ୍ଥାକୁ ଏଣିକି ଅଷ୍ଟମ ଶ୍ରେଣୀରୁ କାର୍ଯ୍ୟକାରୀ କରାଯିବ। ଫଳରେ ଉଭୟ ନବମ ଓ ଦଶମ ପରୀକ୍ଷାକୁ ନେଇ ପିଲାମାନେ ମାନସିକ ସ୍ତରରେ ଚାପମୁକ୍ତ ରହିବେ। ଏହାବ୍ୟତୀତ ରାଜ୍ୟରେ ମାଟ୍ରିକ ପରୀକ୍ଷାରେ କପିଶୂନ୍ୟ ସହ ଯେପରି ସବୁ ସ୍କୁଲରେ ପାସ୍ ହାର ଶତପ୍ରତିଶତ ରହିବ, ସେଥିଲାଗି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଅଷ୍ଟମ ଶ୍ରେଣୀରୁ ପିଲାଙ୍କୁ ଟ୍ରେଣ୍ଡ୍ କରାଯିବ। ମାଟ୍ରିକ ପରୀକ୍ଷାରେ ଯେପରି ସେଟ୍ ପ୍ରଶ୍ନପତ୍ର ରହୁଛି, ସେହିପରି ସେଟ୍ ପ୍ରଶ୍ନପତ୍ର ଅଷ୍ଟମ ଶ୍ରେଣୀ ଷାଣ୍ମାସିକ ପରୀକ୍ଷାରୁ ଆରମ୍ଭ ହେବ। ଏଥିରେ ୩ଟି ସେଟ୍‌ର ପ୍ରଶ୍ନପତ୍ର ରହିବ। ପ୍ରତି ପରୀକ୍ଷାର୍ଥୀଙ୍କ ପାର୍ଶ୍ୱରେ କିମ୍ବା ଆଗଧାଡ଼ି ଓ ପଛଧାଡ଼ିରେ ସମାନ ସେଟ୍ ପ୍ରଶ୍ନପତ୍ର ଦିଆଯିବ ନାହିଁ। ସେଟ୍ ପ୍ରଶ୍ନପତ୍ର ସହ ପିଲାମାନେ ଅଭ୍ୟସ୍ତ ରହିଲେ ସେମାନଙ୍କୁ ଆଉ ମାଟ୍ରିକ ପରୀକ୍ଷାରେ ଏଥିଜନିତ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ଯଦିଓ ମାଟ୍ରିକ ପରୀକ୍ଷା ଭଳି ପିଲାଙ୍କୁ ଆଡମିଟ୍ କାର୍ଡ ଦିଆଯିବ ନାହିଁ, ମାତ୍ର ଯାଞ୍ଚ ପ୍ରକ୍ରିୟା, ଶ୍ରେଣୀରେ ପ୍ରଶ୍ନପତ୍ର ଓ ଉତ୍ତରଖାତା ବାଣ୍ଟିବା, ନିର୍ଦ୍ଧାରିତ ସମୟରେ ଉତ୍ତରଖାତା ସଂଗ୍ରହ କରିବା ଆଦି ମାଟ୍ରିକ ପରୀକ୍ଷା ଭଳି କରାଯିବ।

ଅଷ୍ଟମ ଶ୍ରେଣୀରୁ ସେଟ୍ ପ୍ରଶ୍ନପତ୍ର ପ୍ରଚଳନ ଲାଗି ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଥିବା ବେଳେ ଏହାର ପ୍ରଶ୍ନପତ୍ର ଏସ୍‌ସିଇଆର୍‌ଟି ପ୍ରସ୍ତୁତ କରିବ ବୋଲି ସୂଚନା ☞ପୃଷ୍ଠା-୨

## କୂଅରେ ଖସିପଡ଼ିଲା କାର୍, ୪ ମୃତ

ଉମରକୋଟ/ରାଇଘର, ୧୨।୧୨(ସ୍ୱ.ପ୍ର./ଡି.ଏନ୍.ଏ.)

**ଅପହରଣ ନୁହେଁ ଦୁର୍ଘଟଣା**

**୪ ଜଣଙ୍କୁ ଅପହରଣ ଅଭିଯୋଗ ଘଟଣା**

ଛତିଶଗଡ଼ର କାଙ୍କେରରୁ ଭୋଜିଖାଇ ଫେରୁଥିବା ୪ ଜଣଙ୍କୁ ଶନିବାର ରାତିରେ ଅପହରଣ କରାଯାଇଥିବା ସନ୍ଦେହ ଭୁଲ୍ ପ୍ରମାଣିତ ହୋଇଛି। ଅପହରଣ ନୁହେଁ ଏହା ଏକ ଦୁର୍ଘଟଣା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ୩୦ ନଂ. ଜାତୀୟ ରାଜପଥରେ କାର୍ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତାପାର୍ଶ୍ୱ ପରିତ୍ୟକ୍ତ କୂଅ ମଧ୍ୟରେ ଖସିପଡ଼ିବା ଫଳରେ ଗାଡ଼ିରେ ଥିବା ସମସ୍ତ ୪ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ନବରଙ୍ଗପୁର ଜିଲା ଉମରକୋଟର ସପନ ସରକାର, ତାଙ୍କ ସ୍ତ୍ରୀ ରୀତା ସରକାର, ଛତିଶଗଡ଼ କଣ୍ଡାଗାଁ ଅଞ୍ଚଳର ସପନଙ୍କ ଶାଳକ ବିଶ୍ୱଜିତ ଅଧିକାରୀ ଏବଂ ପଡ଼ୋଶୀ ହଜାରି ଢାଲି। ସପନଙ୍କ ଘର ଉମରକୋଟ ଡିଏନ୍‌କେ ଅଞ୍ଚଳରେ ହୋଇଥିବାବେଳେ ସେ ରାଇଘର ତହସିଲରେ ସୁପରଭାଇଜର ଥିଲେ।

ସୂଚନା ଅନୁଯାୟୀ, ସପନଙ୍କ ସମେତ ୪ ଜଣ ଶନିବାର ଏକ ବିବାହ ଭୋଜିରେ ଯୋଗ ଦେବାପାଇଁ କାର୍(ଓଡି ୨୪ ସି ୧୭୦୫) ଯୋଗେ କାଙ୍କେର ସ୍ଥିତ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ସେଠାରୁ ରାତିରେ କଣ୍ଡାଗାଁ ସ୍ଥିତ ଶାଳକଙ୍କ ଘରେ ରାତ୍ରିଯାପନ ପାଇଁ ଫେରୁଥିଲେ। ରବିବାର ସକାଳେ ସେମାନେ ଉମରକୋଟ ଫେରିବାର ଥିଲା। ☞ପୃଷ୍ଠା-୨



କୂଅରେ ଖସିପଡ଼ିଥିବା କାର୍‌କୁ କ୍ରେନ୍ ସାହାଯ୍ୟରେ ବାହାର କରାଯାଉଛି।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମନ ଚୋରକୁ ପଲଙ୍କ ସୁପାତି,**
**ଧନ ଚୋରକୁ ଧକ୍କା,**
**ଚମ ଚୋରକୁ ଦି'ଗାଲରେ କଳା,**
**ଅଜଣା ଚୋରକୁ ବକା।**

ଯିଏ ମନକୁ ଚୋରି କରିଥାଏ ସେ ହିଁ ଆପଣାର ବା ପ୍ରିୟ ହୋଇଥାଏ। ଟଙ୍କା ପଇସା ଚୋରାଇ ନେଉଥିବା ଚୋରକୁ ମାଡ଼ ଦିଆଯାଇଥାଏ। ଲମ୍ପଟ ବ୍ୟକ୍ତିଙ୍କୁ ନିନ୍ଦା ଅପମାନ ମିଳିଥାଏ। ସେହିପରି ଅଜଣା ଚୋରକୁ ଗାଳିମନ୍ଦ କରାଯାଇଥାଏ। ଉପରବର୍ଣ୍ଣିତ ବ୍ୟକ୍ତିଙ୍କୁ ନିଜସ୍ୱ ବିଚାର ଏବଂ ଶୈଳୀରେ ଉପଯୁକ୍ତ ଶାସ୍ତି ଦିଆଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ମାଇଲା ରାବଣ, ଆଣିଲା ସୀତା,**
**ଏଥିପାଇଁ କିଆଁ ପୋଥି ସାତଟା।**

ସୀତା ମାତାଙ୍କୁ ଲଙ୍କାର ରାବଣ ଛଦ୍ମବେଶରେ ଆସି ହରଣ କରି ନେଇଯାଇଥିବା ପୁରାଣ ପୃଷ୍ଠାରୁ ଜଣାଯାଏ, ଯାହାକି ରାମାୟଣର ସାତଟି ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି। ପରୋକ୍ଷରେ କୌଣସି କଥା ବା ଘଟଣାକୁ ଅଧିକ ଲମ୍ବେଇ କିମ୍ବା ବିସ୍ତୃତ ଭାବେ ବର୍ଣ୍ଣନା କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ପ୍ରଥମ ପୃଷ୍ଠାରୁ...

## କୋର୍ଟ ପରିସରରେ...

ପାଇଁ ଦାଶଙ୍କୁ ଦାୟୀ କରିଥିଲେ। ଶୀଘ୍ର ସରକାର ନିର୍ବାଚନ କରି ନୂତନ ନିଯୁକ୍ତି କରନ୍ତୁ ବୋଲି ଆନ୍ଦୋଳନକାରୀ ଦାବି କରିଥିଲେ। ବିଚାରପତିମାନଙ୍କୁ ସୁରକ୍ଷା ଦେବା ସମୟରେ ପୋଲିସ ସହିତ ଆନ୍ଦୋଳନକାରୀଙ୍କ ଧସ୍ତାଧସ୍ତି ହୋଇଥିଲା। ପୋଲିସ ସମସ୍ତଙ୍କୁ ବାହାର କରି କୋର୍ଟର ମୁଖ୍ୟ ଗେଟରେ ତାଲା ପକାଇ ଦେଇଥିଲା। ପୂର୍ବ ନିର୍ଦ୍ଧାରିତ ସମୟ ସକାଳ ୯ଟାରେ ସମ୍ବଲପୁର କଚେରି ଛକରେ ସତ୍ୟାଗ୍ରହ ଆରମ୍ଭ ହୋଇଥିଲା। ଏଥିରେ ବିଭିନ୍ନ ରାଜନୈତିକ ଦଳ, ସାମାଜିକ କର୍ମୀ, ମହିଳା ସଂଗଠନ, ଛାତ୍ର ପ୍ରତିନିଧି, କିନ୍ନର ସଂଘ, ବିଭିନ୍ନ ବ୍ୟବସାୟିକ ସଂଘ ସମେତ ଶତାଧିକ ଅନୁଷ୍ଠାନ ସାମିଲ ହୋଇଥିଲେ। ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଆନ୍ଦୋଳନକାରୀ ଏକାଠି ହୋଇଥିଲେ। ହାଇକୋର୍ଟ ସ୍ଥାୟୀ ବେଞ୍ଚ ଓ ସ୍ୱତନ୍ତ୍ର ରାଜ୍ୟ ଦାବି ନେଇ ନାରାବାଜି କରିଥିଲେ। ଭଜନ, କୀର୍ତ୍ତନ, ଦୁଲଦୁଲି ବାଜା, ସଂପ୍ରଦାରେ କଳାକାରମାନେ ସାମିଲ ହୋଇ କୋର୍ଟ ସମ୍ମୁଖରେ ନାଚଗୀତ କରିଥିଲେ। ଏପଟେ ଆନ୍ଦୋଳନ ଚାଲିଥିବା ବେଳେ କୋର୍ଟ ପଛପଟ ଦେଇ ବିଚାରପତିମାନଙ୍କୁ ପୋଲିସ ସୁରକ୍ଷା ବଳୟରେ କୋର୍ଟ ପରିସରକୁ ନେଇଥିଲା। ଏହା ଜାଣିବା ପରେ ଆନ୍ଦୋଳନକାରୀ ଉତ୍ତ୍ୟକ୍ତ ହୋଇ କୋର୍ଟ ପରିସରକୁ ଧସେଇ ପଶିଥିଲେ। କୋର୍ଟ ବାହାରେ ଓ ଭିତରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଗାଡି ଭଙ୍ଗାରୁଜା, ବାରିକେଟ ଭାଙ୍ଗିବା, ପୋଲିସ ପିସିଆର୍ ଭ୍ୟାନ୍‌କୁ ଘେରିଯିବା ଭଳି ଘଟଣା ଦେଖିବାକୁ ମିଳିଥିଲା। ପରେ ସମସ୍ତ ବିଚାରପତିଙ୍କୁ ପୋଲିସ କଡା ସୁରକ୍ଷା ବଳୟରେ ନେଇ ଆବାସରେ ଛାଡିଥିଲା। କିଛି ସମୟ ପରେ ଆନ୍ଦୋଳନ ଶାନ୍ତ ପଡିଥିଲା। ଜିଲା ଓକିଲ ସଂଘ ଘଟଣାକୁ ନିନ୍ଦା କରି ପ୍ରେସ୍ ବିବୃତି ଦେଇଛନ୍ତି। ଏ ସମ୍ପର୍କରେ ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ଘଟଣା ନେଇ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଛି। ଘଟଣାର ଭିଡିଓଗ୍ରାଫି ଉପରେ ତଦନ୍ତ କରାଯାଉଛି ବୋଲି ସେ କହିଥିଲେ।

## ପାରୁନ ଯଦି ଜଣାଅ...

ଉପରେ କ୍ଷୋଭ ପ୍ରକାଶ କରିଛନ୍ତି। ଆସନ୍ତା ବୁଧବାର ଭିଡିଓ କନ୍‌ଫରେନ୍ସରେ ହାଜର ହୋଇ କୋର୍ଟ କାର୍ଯ୍ୟରେ ବାଧା ଦେଉଥିବା ଆନ୍ଦୋଳନକାରୀ ଆଇନଜୀବୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ତାହା ଜଣାଇବାକୁ ଖଣ୍ଡପୀଠ ଉଭୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ନଭେମ୍ବର ୨୮ରେ ଖଣ୍ଡପୀଠ ଏଭଳି ଆନ୍ଦୋଳନ ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରିଥିଲେ। କୋର୍ଟ କାର୍ଯ୍ୟ ଶତ ପ୍ରତିଶତ ହେବା ଦରକାର। ଏହାର କୌଣସି ବିକଳ୍ପ ନାହିଁ ବୋଲି ସୁପ୍ରିମ୍‌କୋର୍ଟ କହିବା ସହ ଆନ୍ଦୋଳନକାରୀ ଓକିଲମାନଙ୍କ ଲାଇସେନ୍ସ ବାତିଲ କରିବାକୁ ବାର୍ କାଉନସିଲ ଅଫ୍ ଇଣ୍ଡିଆ (ବିସିଆଇ)କୁ ନିର୍ଦ୍ଦେଶ ଦେଇଥିଲେ। ନ୍ୟାୟିକ ଅଧିକାରୀ, କର୍ମଚାରୀ, ମହକିଲମାନଙ୍କୁ କୋର୍ଟ ପରିସରକୁ ଯିବା ଏବଂ ଫେରିବା ବେଳେ ସୁରକ୍ଷା ଦେବା ନିମନ୍ତେ ପୋଲିସ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଏହି ନିର୍ଦ୍ଦେଶ ପରେ ମଧ୍ୟ ଆନ୍ଦୋଳନ ଚାଲୁ ରହିବା ଏବଂ ସମ୍ବଲପୁର ଜିଲା କୋର୍ଟରେ ଭଙ୍ଗାରୁଜା ହେଇଥିବା ଖଣ୍ଡପୀଠ ଜାଣିବାକୁ ପାଇଥିଲେ। ଜଷ୍ଟିସ୍ କୌଲ ଗଭୀର ଅସନ୍ତୋଷ ପ୍ରକାଶ କରି ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି ଯେ, କୋର୍ଟ କାର୍ଯ୍ୟରେ ବାଧା ଦେଉଥିବା ଆନ୍ଦୋଳନକାରୀଙ୍କ ସହ ବିନମ୍ର ଆଲୋଚନା ନ କରି ସେମାନଙ୍କୁ ଗିରଫ କରାଯାଉ। ଯଦି ହଜାରେ ଲୋକଙ୍କୁ ଗିରଫ କରିବାକୁ ଆବଶ୍ୟକ ହୁଏ, ତାହା କରାଯାଉ। ଓଡ଼ିଶା ପୋଲିସ ଯଦି ନ ପାରୁଛି ଆମକୁ ଜଣାନ୍ତୁ। ଆମେ ସେଣ୍ଟ୍ରାଲ ଫୋର୍ସ ମୁତୟନ କରିବୁ। ସେହିପରି ଆନ୍ଦୋଳନକାରୀ ଆଇନଜୀବୀଙ୍କ ଲାଇସେନ୍ସ ରଦ୍ଦ ସମ୍ପର୍କରେ କ'ଣ ପଦକ୍ଷେପ ନିଆଯାଇଛି ତାହା ଆସନ୍ତା ବୁଧବାର ଶୁଣାଣି ବେଳେ ଜଣାଇବାକୁ ଖଣ୍ଡପୀଠ ବିସିଆଇକୁ ନିର୍ଦ୍ଦେଶ ଦେଇଛନ୍ତି।

## ପୂର୍ବତନ ଏମ୍‌ପି ମୋହନ...

ତାଙ୍କ ମୃତ୍ୟୁ ଖବର ପାଇବା ପରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଯେ, 'ମୋହନଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଜନପ୍ରତିନିଧି ଭାବେ ଲୋକଙ୍କ କଲ୍ୟାଣ ପାଇଁ ସେ କରିଯାଇଥିବା କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ। ଏପରି ଦୁଃଖଦ ସମୟରେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି।' ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଯାଜପୁର ବିଧାୟକ ତଥା ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ସଭା ଏମ୍‌ପି ମାନସ ମଙ୍ଗରାଜ, ସୁଜିତ୍ କୁମାର, ବିଜେଡି ନେତ୍ରୀ ଲୋପାମୁଦ୍ରା ବକ୍ସିପାତ୍ର, ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଟୁଇଟ୍ କରି ଶୋକ ପ୍ରକାଶ କରିଛନ୍ତି।

## ମାଟ୍ରିକ ଢାଞ୍ଚାରେ...

ଦିଆଯାଇଛି। ଏଥିପାଇଁ ଏକ ୮ଜଣିଆ କମିଟି ଗଠନ କରାଯିବ। ଏହି ନୂଆ ବ୍ୟବସ୍ଥା ସମ୍ପର୍କରେ ଗଣଶିକ୍ଷା ବିଭାଗର ଜଣେ ଅଧିକାରୀ କହିଛନ୍ତି, ଅଷ୍ଟମରୁ ଏପରି ଅଭିନବ ପ୍ରୟାସ ଲାଗୁ କରିବା ପରେ ରାଜ୍ୟରେ ଜିରୋ ରେଜଲ୍ଟ ମିଶନ ଏକ ପ୍ରକାର ସଫଳ ହେବ। ତେବେ ସରକାରୀ ସ୍କୁଲ ସମେତ ସରକାରୀ ସ୍ୱୀକୃତିପ୍ରାପ୍ତ ସ୍କୁଲଗୁଡିକରେ ମଧ୍ୟ ଏହି ଢାଞ୍ଚା ଲାଗୁ କରିବାକୁ ବିଭାଗ ଲକ୍ଷ୍ୟ ରଖିଛି। ଶ୍ରେଣୀ ପାଠପଢ଼ା ସହ ପିଲାଙ୍କ ଦକ୍ଷତା ବୃଦ୍ଧି, ପ୍ରତିଯୋଗିତାମୂଳକ ମନୋଭାବ ଜାଗ୍ରତ କରିବା, ବିଜ୍ଞାନ ପ୍ରତି ଆକୃଷ୍ଟ ହେବା, ବିଷୟଭିତ୍ତିକ ପାଠ୍ୟକ୍ରମରେ ସବୁ ବର୍ଗର ପିଲାଙ୍କ ଦକ୍ଷତା ବଢ଼ାଇବା ଦିଗରେ ଗଣଶିକ୍ଷା ମନ୍ତ୍ରୀ ଓ ସଚିବ ଗୁରୁତ୍ୱ ଦେଉଛନ୍ତି। ଏଥିସହ ବିଭାଗର ବରିଷ୍ଠ ଅଧିକାରୀ ଜିଲାୱାରୀ ଗସ୍ତ କରି ସ୍କୁଲ ଯାଞ୍ଚ କରୁଛନ୍ତି। ଗତ ୨ଦିନ ପୂର୍ବରୁ ମନ୍ତ୍ରୀ ଓ ସଚିବ ଜଗତ୍‌ସିଂହପୁର ଜିଲା ଗସ୍ତ କରି ଶିକ୍ଷା ବ୍ୟବସ୍ଥାର ସ୍ଥିତି ଓ ପିଲାଙ୍କ ଦକ୍ଷତା ସମ୍ପର୍କରେ ଯାଞ୍ଚ କରିଥିଲେ। ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ଯେପରି ସମଗ୍ର ଦେଶରେ ଏକ ରୋଲ୍ ମଡେଲ ସାଜିବ ସେଥିଲାଗି ସବୁସ୍ତରରେ ଗୁରୁତ୍ୱ ଦିଆଯାଉଛି।

ଉଲ୍ଲେଖଯୋଗ୍ୟ, ରାଜ୍ୟରେ ଥିବା ସରକାରୀ ସ୍କୁଲଗୁଡ଼ିକରେ ଦୁର୍ବଳ ପିଲାଙ୍କ ଦକ୍ଷତା ବୃଦ୍ଧି ଲାଗି ଉତ୍କଳ-ଉତ୍ଥାନ ଭଳି ସ୍ୱତନ୍ତ୍ର ଶିକ୍ଷାଦାନ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ଏହାବ୍ୟତୀତ ଗଣିତ, ବିଜ୍ଞାନ, ଇଂଲିଶ ଏବଂ ସାହିତ୍ୟ ବିଷୟରେ ପିଲାଙ୍କ ଦକ୍ଷତା-ଜ୍ଞାନ ବୃଦ୍ଧି ଲାଗି ଅତିରିକ୍ତ ଶିକ୍ଷାଦାନର ବ୍ୟବସ୍ଥା କରଯାଇଛି।

# ମୁଖ୍ୟ ଅଭିଯୁକ୍ତଙ୍କ ସ୍ତ୍ରୀ ଖୋଲିଲେ ଗୁମର

## ପରକୀୟାରୁ ଯୁବକଙ୍କୁ ହତ୍ୟା

- ସାଙ୍ଗ ଦେଖାଇଲେ ପ୍ରମାଣ ନଷ୍ଟର ଡେମୋ
- ପୋଖରୀ, ପାଳ ପାଉଁଶ ଗଦାରୁ ଅସ୍ଥି ଜବତ

ନୟାଗଡ଼ ଅଫିସ/ନୂଆଗାଁ, ୧୨।୧୨(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ଥାନା ମହିପୁର ଫାଣ୍ଡି ଅନ୍ତର୍ଗତ ପଥରପାଟଣା ଗାଁରେ ଘଟିଥିବା ହତ୍ୟାକାଣ୍ଡର ଗୁମର ଫିଟିଛି। ପରକୀୟାରୁ କଟକ ଜିଲା ଲାଲବାଗ୍ ଥାନା ସତୀଚଉରା ମହାନ୍ତିପଡ଼ାର ଶୈଳେନ୍ଦ୍ରନାଥ ଜେନାଙ୍କୁ ଅପହରଣ କରାଯାଇ ହତ୍ୟା କରାଯାଇଥିବା ପ୍ରମାଣ ମିଳିଛି। ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ପଥରପାଟଣା ଗାଁର ଦୀପୁ ସାହୁ ଓ ତାଙ୍କ ବାପା ତଥା ଅନ୍ୟତମ ଅଭିଯୁକ୍ତ ଭାବ ସାହୁ ଫେରାର ହୋଇଯାଇଛନ୍ତି। ପୋଲିସ ହତ୍ୟା ଓ ପ୍ରମାଣ ନଷ୍ଟ ଅଭିଯୋଗରେ ଦୀପୁଙ୍କ ସ୍ତ୍ରୀ ସୁନୀତା ସାହୁ ଏବଂ ସାଙ୍ଗ ସୁରିଆ ସାହୁଙ୍କୁ ଗିରଫ କରିଛି। ପୋଲିସ ସୁନୀତାଙ୍କଠାରୁ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରିଥିବାବେଳେ ସହଯୋଗୀ ସୁରିଆଙ୍କୁ ନେଇ ସିନ୍ ରିକ୍ରିଏଟ୍ କରାଇ ପ୍ରମାଣ ନଷ୍ଟର ଗୁମର ପାଇଛି। ନୟାଗଡ଼ ଏସ୍‌ଡିପିଓ ଶୁଭେନ୍ଦୁ ସିହ୍ନା, ଡିଏସ୍‌ପି ଦପସ୍ୱିନୀ କହଁର, ନୂଆଗାଁ ଥାନା ଅଧିକାରୀ ପୁଷ୍ପଲତା ବେହେରା, ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ତଦନ୍ତ କରି ପାଳ ପାଉଁଶ ଗଦା ଓ ପୋଖରୀରୁ ଅନେକ ହାଡ ଜବତ କରିଛନ୍ତି।

ନୟାଗଡ଼ ଏସ୍‌ପି ଅଲେଖ ଚନ୍ଦ୍ର ପହିଙ୍କ ସୂଚନା ମୁତାବକ ମୁଖ୍ୟ ଅଭିଯୁକ୍ତ ଦୀପୁ ସ୍ତ୍ରୀ ସୁନୀତାଙ୍କ ସହ କଟକରେ ରହି ଦହିବରା ବେପାର କରୁଥିଲେ। ଏହି ସମୟରେ ଶୈଳେନ୍ଦ୍ର ଓ ଦୀପୁଙ୍କ ପରିବାର ମଧ୍ୟରେ ବନ୍ଧୁତା ସୃଷ୍ଟି ହୋଇଥିଲା। ଏଣୁ ଶୈଳେନ୍ଦ୍ର ଦୀପୁଙ୍କ ଘରକୁ ଯିବା ଆସିବା କରୁଥିଲେ। ଏହାକୁ ଦୀପୁ ପରକୀୟା ଭାବି ସନ୍ଦେହ କରୁଥିଲେ। ଏ ନେଇ ଦୁଇ ପରିବାର ମଧ୍ୟରେ ଅନେକ ଥର ଝଗଡ଼ା ହେଉଥିଲା। ତେଣୁ ଶୈଳେନ୍ଦ୍ରଙ୍କୁ ଜୀବନରେ ମାରିଦେବା ପାଇଁ ପୂର୍ବରୁ ଦୀପୁ ଯୋଜନା କରିଥିଲେ। ଗତ ୩ ତାରିଖରେ ଶୈଳେନ୍ଦ୍ର ତାଙ୍କ ସାଙ୍ଗ ଜୟପ୍ରକାଶଙ୍କ ସହ ପଥରପାଟଣା ଗାଁକୁ ଆସିଥିଲେ। ଏହି ସମୟରେ ଦୀପୁ ଶୈଳେନ୍ଦ୍ରଙ୍କୁ ଅପହରଣ କରି ନେଇ ଘରେ ହତ୍ୟା କରିଥିଲେ। ଅନ୍ୟପକ୍ଷରେ ଶୈଳେନ୍ଦ୍ର ଫେରିବାରେ ବିଳମ୍ବ କରିବାରୁ ଜୟପ୍ରକାଶ ଅତିଷ୍ଠ ହୋଇ ପଳାଇ ଯାଇଥିଲେ। ଶୈଳେନ୍ଦ୍ର ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ତାଙ୍କ ସ୍ତ୍ରୀ ସଂଘମିତ୍ରା ମୋବାଇଲ ଫୋନକୁ କଲ୍ କରିଥିଲେ। ହେଲେ ଶୈଳେନ୍ଦ୍ରଙ୍କ ଫୋନ୍ ସୁଇଚ୍ ଅଫ୍ ଦର୍ଶାଇଥିଲା। କୌଣସି ଖୋଜ ଖବର ନ ମିଳିବାରୁ ସଂଘମିତ୍ରା ଗତ ୪ ତାରିଖରେ କଟକ ଲାଲବାଗ ଥାନାରେ ଅଭିଯୋଗ କରିଥିଲେ। ତେବେ ଶୈଳେନ୍ଦ୍ରଙ୍କ ଫୋନ ନୟାଗଡ଼ର ମହିପୁର ଅଞ୍ଚଳରେ ସୁଇଚ ଅଫ୍ ହୋଇଥିବା ପୋଲିସ ଫୋନ ଟ୍ରାକିଂ କରି ଜାଣିବାକୁ ପାଇଥିଲା। ଅନ୍ୟପକ୍ଷେ ଜୟପ୍ରକାଶଙ୍କୁ ପଚରାଉଚୁରା ପରେ ସେମାନେ ପଥରପାଟଣା ଗାଁକୁ ଯାଇଥିବା ଜଣାପଡ଼ିଥିଲା। ଫଳରେ ସଂଘମିତ୍ରା ହତ୍ୟା ସନ୍ଦେହ କରି ନୂଆଗାଁ ଥାନାରେ ଗତ ୮ ତାରିଖରେ ଅଭିଯୋଗ କରିଥିଲେ। ନୂଆଗାଁ ପୋଲିସ ପ୍ରଥମେ ଦୀପୁଙ୍କ ସ୍ତ୍ରୀ ସୁନୀତା ଏବଂ ସାଙ୍ଗ ସୁରିଆଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ଏହି ସମୟରେ ଉଭୟେ ହତ୍ୟା ଘଟଣାକୁ ସ୍ୱୀକାର କରିଥିଲେ। ୩ ତାରିଖ ରାତିରେ ତାଙ୍କ ପାଖକୁ ଆସିଥିବା ଶୈଳେନ୍ଦ୍ରଙ୍କୁ ଦୀପୁ ପିଟି ପିଟି ମାରିଦେଇଥିବା କଥା ସୁନୀତା ପୋଲିସ ଆଗରେ କହିଥିଲେ। ହତ୍ୟାକାଣ୍ଡକୁ ଲୁଚାଇବା ପାଇଁ ମୃତଦେହକୁ ଦୀପୁ, ସୁରିଆ ଓ ଭାବ ସାହୁ ମିଶି ପୋଡ଼ି ଦେଇଥିଲେ। କିଭଳି ଏବଂ କେଉଁଠାରେ ମୃତଦେହକୁ ପୋଡ଼ାଯାଇଥିଲା, ତାହା ସୁରିଆ ସିନ୍ ରିକ୍ରିଏସନ ସମୟରେ ଦେଖାଇଥିଲେ। ସୁରିଆଙ୍କ କହିବା ମୁତାବକ ଶୈଳେନ୍ଦ୍ରଙ୍କୁ ମାରିଦେବା ପରେ ଘର ପଛ ପାଖେ ପୋତିଦେବାର ଯୋଜନା କରାଯାଇଥିଲା। ତେବେ ଘର ନିକଟରେ ପୋତିଲେ ଧରାପଡ଼ିବା ଭୟରେ ସେମାନେ ମୃତଦେହକୁ ବାହାରେ ନଷ୍ଟ କରିବାକୁ ଯୋଜନା କରିଥିଲେ। ତଦନୁଯାୟୀ ନଦୀ ନିକଟ ହରିଡ଼ା ବନ୍ଧ ଗହୀରରେ ଥିବା ପାଳ ଗଦାରେ ମୃତଦେହକୁ ସେମାନେ ପୋଡ଼ି ଦେଇଥିଲେ। ପ୍ରମାଣ ନଷ୍ଟ କରିବା ପାଇଁ ସେମାନେ ଅଧାପୋଡ଼ା ହାଡ଼କୁ ଗୁଣ୍ଡ କରି ହରିଡାବନ୍ଧ ପୋଖରୀରେ ଫୋପାଡି ଦେଇଥିଲେ ବୋଲି ସୁରିଆ କହିଥିବା ଏସ୍‌ପି କହିଛନ୍ତି। ୨୦୨/୨୨ନମ୍ବରରେ ମାମଲା ରୁଜୁ ହୋଇ ୨ ଜଣଙ୍କୁ ଗିରଫ କରାଯାଇଛି। ମୁଖ୍ୟ ଅଭିଯୁକ୍ତ ଗିରଫ ପରେ ପୁଣି ତାଙ୍କୁ ପୋଲିସ ସିନ୍ ରିକ୍ରିଏସନ କରିବ ବୋଲି ଏସ୍‌ପି କହିଛନ୍ତି।

# ପିପିସିପି ମଡେଲ୍‌ରେ କମିପାରିବ ହାତୀ-ମଣିଷ ବିବାଦ




ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)

ହାତୀ-ମନୁଷ୍ୟ ବିବାଦ ଦିନକୁ ଦିନ ବଢ଼ିବାରେ ଲାଗିଛି। ରାଜ୍ୟରେ କେତେକ ସ୍ଥାନରେ ଏହା ମୁଣ୍ଡବ୍ୟଥାର କାରଣ ହୋଇଛି। ଏହି ବିବାଦ ମଧ୍ୟରେ ବି ଆମକୁ ମନେ ରଖିବାକୁ ପଡ଼ିବ ଯେ ପରସ୍ପର ସହ ସଂଶ୍ଳିଷ୍ଟ ଜୈବ ମଣ୍ଡଳ, ସମାଜ ଓ ପରିବେଶ ସନ୍ତୁଳନରେ ହାତୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଡାଇନୋସର ପରେ ବର୍ତ୍ତମାନ ହାତୀ ସ୍ଥଳଭାଗର ସବୁଠାରୁ ବଡ଼ ପ୍ରାଣୀ। ଯଦି ହାତୀମାନେ ନ ରୁହନ୍ତି ତା'ହେଲେ ଜୈବମଣ୍ଡଳରେ ତାଙ୍କ ସ୍ଥାନ ଅନ୍ୟ କେହି ନେଇପାରିବେ ନାହିଁ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କହିଛନ୍ତି। ସୋମବାର ସୂଚନା ଭବନଠାରେ ସେଭ୍ ଏଲିଫାଣ୍ଟ ଫାଉଣ୍ଡେସନ ଟ୍ରଷ୍ଟର ଏକାଦଶ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଲେ, ରାଜ୍ୟ ସରକାର ହାତୀ-ମନୁଷ୍ୟଙ୍କ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ସରକାରୀ-ଘରୋଇ-ଗୋଷ୍ଠୀ-ଭାଗୀଦାରି ବା ପବ୍ଲିକ୍-ପ୍ରାଇଭେଟ୍-କମ୍ୟୁନିଟି-ପାର୍ଟନରସିପ(ପିପିସିପି) ମଡେଲରେ କାର୍ଯ୍ୟ କରାଗଲେ ହାତୀ-ମନୁଷ୍ୟ ବିବାଦରେ ଅନେକ ଉପଶମ ମିଳିପାରିବ ବୋଲି ମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ ଓ ସୁଶୀଲ କୁମାର ପୋପଲି ଉପସ୍ଥିତ ରହି ହାତୀ ଏବଂ ମଣିଷ ବିବାଦର ସ୍ଥିତି ତଥା ସମାଧାନ ସଂକ୍ରାନ୍ତରେ କହିଥିଲେ। ପ୍ରୋଜେକ୍ଟ ଏଲିଫାଣ୍ଟର ଆଇଜିଏଫ୍ ତଥା ନିର୍ଦ୍ଦେଶକ ରମେଶ କୁମାର ପଣ୍ଡା, ଲୋକାୟୁକ୍ତ ସଦସ୍ୟ ଦେବବ୍ରତ ସ୍ୱାଇଁ, ଟ୍ରଷ୍ଟି ଜିତ୍‌ଶତ୍ରୁ ମହାନ୍ତି, ଟ୍ରଷ୍ଟ ଉପଦେଷ୍ଟା ସରୋଜ କୁମାର ପଟ୍ଟନାୟକ, ବି.କେ. ଲୀନା ପ୍ରମୁଖ ଜୈବମଣ୍ଡଳ ତଥା ପରିବେଶର ସନ୍ତୁଳନ ପାଇଁ ହାତୀର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଏକ ଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯିବା ସହ ବନ କର୍ମଚାରୀ ଓ ହାତୀ-ସାଥୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟ୍ରଷ୍ଟର ଅଧ୍ୟକ୍ଷ ଡ. ରଜନୀକାନ୍ତ ଜେନା ସ୍ୱାଗତ ଭାଷଣ ଦେଇଥିବାବେଳେ ମ୍ୟାନେଜିଂ ଟ୍ରଷ୍ଟି ଡ. ପ୍ରକାଶ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ରାଇସ୍ ମିଲ୍ ଭିତରେ ଆତ୍ମାହୁତି ଉଦ୍ୟମ

## ପ୍ରଦୂଷଣର ପ୍ରତିକାର କଲେନି ମିଲ୍ ମାଲିକ

ସରଣ୍ଡା(ଡି.ଏନ.ଏ)୧୨।୧୨

ବରଗଡ଼ ଜିଲା ଗୋଡ଼ଭଗା ନିକଟ କର୍ଣ୍ଣପାଲି ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ବାରମ୍ବାର ଗୁହାରି ସତ୍ତ୍ୱେ ଜଣେ ମିଲ୍ ମାଲିକ ପ୍ରଦୂଷଣ ପ୍ରତିକାର ଦିଗରେ କୌଣସି ପଦକ୍ଷେପ ନେଇ ନ ଥିଲେ। ଏହାର ପ୍ରତିବାଦରେ ଗୁଣମଣି ଅମାତ(୪୫) ନାମକ ଜଣେ ଯୁବକ ରାଇସ୍ ମିଲ ପରିସରରେ ନିଜ ଶରୀରରେ କିରୋସିନ ଢ଼ାଳିବା ସହିତ ଅଗ୍ନି ସଂଯୋଗ କରି ଆତ୍ମାହୁତି ଉଦ୍ୟମ କରିଛନ୍ତି। ଏ ନେଇ ଗୁଣମଣିଙ୍କ ପୁତୁରା ବିଘ୍ନରାଜ ବୁର୍ଲା ଥାନାରେ ଏତଲା ଦେଇଛନ୍ତି। ତାଙ୍କ ଏତଲାକୁ ଭିତ୍ତି କରି ବୁର୍ଲା ଥାନା ପୋଲିସ ଦଫା ୩୦୯ କ୍ରମେ ଏକ ମାମଲା (ନଂ.୬୩୭/୨୨) ରୁଜୁ କରିଛି। ଏ ନେଇ ଅଧିକ ତଦନ୍ତ ଚାଲିଛି ବୋଲି ବୁର୍ଲା ଥାନା ଆଇଆଇସି ସୁଶାନ୍ତ କୁମାର ଦାଶ କହିଛନ୍ତି।

ସୂଚନାନୁସାରେ, ଗୁଣମଣିଙ୍କ ଘର ପାଖରେ ଏକ ରାଇସ୍ ମିଲ ଅଛି। ସେହି ରାଇସ୍ ମିଲ୍‌ରୁ ନିର୍ଗତ ପାଉଁଶ ଗୁଣ୍ଡ ତାଙ୍କ ଘରକୁ ଆସୁଥିଲା। ଫଳରେ ଘର ପରିବେଶ ପ୍ରଦୂଷିତ ହେବା ସହିତ ପରିବାର ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ତାହା କ୍ଷତିକାରକ ହେଲା। ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଗୁଣମଣି ବାରମ୍ବାର ସମ୍ପୃକ୍ତ ମିଲ୍ ମାଲିକଙ୍କୁ କହିଆସୁଥିଲେ। ମାତ୍ର ସମ୍ପୃକ୍ତ ମିଲ୍ ମାଲିକ କିଛି ପଦକ୍ଷେପ ନେଇ ନ ଥିବା ଅଭିଯୋଗ ହୋଇଛି। ସୋମବାର ଗୁଣମଣି ମିଲ୍ ମାଲିକଙ୍କ ପାଖକୁ ଯାଇ ନେହୁରା ହୋଇଥିଲେ। ଏହାସତ୍ତ୍ୱେ ମିଲ୍ ମାଲିକ ପ୍ରଦୂଷଣ ପ୍ରତିକାର ଦିଗରେ ପଦକ୍ଷେପ ନେବାକୁ କୌଣସି ପ୍ରତିଶ୍ରୁତି ଦେଇ ନ ଥିଲେ। ଏହାର ପ୍ରତିବାଦ କରି ସେ ଅପରାହ୍ନ ପ୍ରାୟ ୨ଟା ସମୟରେ ନିଜ ଶରୀରରେ କିରୋସିନ ଢ଼ାଳି ନିଆଁ ଲଗାଇ ଦେଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବୁର୍ଲା ଏବଂ ସେଠାରୁ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

# ୨୦୨୩ରେ ୭୨ଟି ଛୁଟି

## ଡିଗ୍ରୀ କଲେଜ ପାଇଁ ଏକକ ଛୁଟି ତାଲିକା

ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)

୨୦୨୩ କ୍ୟାଲେଣ୍ଡର ବର୍ଷରେ ଡିଗ୍ରୀ କଲେଜ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକକ ଛୁଟି ତାଲିକା ପ୍ରକାଶ ପାଇଛି। ରବିବାରକୁ ବାଦ୍ ଦେଇ ମୋଟ ୭୨ଟି ଛୁଟି ଦିବସ ରହିବ। ସ୍ଥାନୀୟ ଛୁଟି ସମ୍ପୃକ୍ତ ଅଧ୍ୟକ୍ଷମାନେ ଘୋଷଣା କରିପାରିବେ। ଏଥିସହ ଅପ୍ସନାଲ ଛୁଟି ତାଲିକା ମଧ୍ୟ ପ୍ରକାଶ ପାଇଛି। ୫ଟି ମଧ୍ୟରୁ ଗୋଟିଏ ଅପ୍ସନାଲ ଛୁଟି ଡିଗ୍ରୀ କଲେଜ କର୍ମଚାରୀ ନେଇପାରିବେ। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସବୁ ଡିଗ୍ରୀ କଲେଜ ୨୦୨୩ କ୍ୟାଲେଣ୍ଡର ବର୍ଷରେ ଏକକ ଛୁଟି ତାଲିକାର କଡ଼ାକଡ଼ି ଅନୁପାଳନ କରିବେ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏ ନେଇ ସମସ୍ତ ସରକାରୀ/ବେସରକାରୀ ଡିଗ୍ରୀ କଲେଜ ଅଧ୍ୟକ୍ଷ ଏବଂ ସମସ୍ତ ସରକାରୀ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## କୂଅରେ ଖସିପଡ଼ିଲା କାର୍...

ସପନଙ୍କ ସମେତ ଅନ୍ୟ ସମ୍ପର୍କୀୟମାନେ ମଧ୍ୟ ଆଉ ଦୁଇଟି କାର୍‌ରେ ଭୋଜିରୁ କଣ୍ଡାଗାଁ ଫେରୁଥିଲେ। ହେଲେ ଅନ୍ୟ ଦୁଇ କାର୍ ରାତିରେ କଣ୍ଡାଗାଁରେ ପହଞ୍ଚିଥିଲେ ମଧ୍ୟ ସପନ ପହଞ୍ଚି ନ ଥିଲେ। ପରିବାର ଲୋକେ ସପନଙ୍କ ସମେତ ତାଙ୍କ ଗାଡ଼ିରେ ଥିବା ଅନ୍ୟ ୩ ଜଣଙ୍କ ମୋବାଇଲକୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ସପନଙ୍କ ପୁଅ ନବୋଜିତ ଖବର ପାଇ ରବିବାର କଣ୍ଡାଗାଁ ଯାଇ ସମ୍ପର୍କୀୟଙ୍କ ଶହ ମିଶି ଖୋଜାଖୋଜି କରିଥିଲେ। କୌଣସି ସନ୍ଧାନ ନ ମିଳିବାରୁ ସେମାନଙ୍କୁ ମାଓବାଦୀ ଅପହରଣ କରି ନେଇଥିବା ସନ୍ଦେହ କରିଥିଲେ। ସମ୍ପର୍କୀୟ ରୀନା ଦତ୍ତ କାଙ୍କେର ଥାନାରେ ନିଖୋଜ ନେଇ ଏତଲା ଦେଇଥିଲେ। କାଙ୍କେର ପୋଲିସ ମୋବାଇଲ ଟ୍ରାକ୍ କରିବାରୁ ଜାତୀୟ ରାଜପଥ ପାର୍ଶ୍ୱ ପେଟ୍ରୋଲ ପମ୍ପଠାରୁ ୫ କି.ମି. ପରେ କାର୍‌ରେ ଥିବା ସମସ୍ତଙ୍କ ମୋବାଇଲ ବନ୍ଦ ହୋଇଥିବା ଜାଣିବାକୁ ପାଇଥିଲା। ଉକ୍ତ ସ୍ଥାନକୁ ଯାଇ ତଦନ୍ତବେଳେ ରାସ୍ତାପାର୍ଶ୍ୱ ଜମିରେ ଥିବା ପରିତ୍ୟକ୍ତ କୂଅରେ ସପନଙ୍କ କାର୍ ଖସି ପଡ଼ିଥିବା ଦେଖିଥିଲେ। ସୋମବାର ଛତିଶଗଡ଼ ଅଗ୍ନିଶମ ବାହିନୀ ଏବଂ ପୋଲିସର ମିଳିତ ଉଦ୍ୟମରେ ସମ୍ପର୍କୀୟଙ୍କ ଉପସ୍ଥିତିରେ କ୍ରେନ୍ ସହାୟତାରେ କୂଅରୁ କାର୍‌ଟିକୁ ବାହାର କରାଯାଇଥିଲା। ବନ୍ଦ କାର୍ ମଧ୍ୟରେ ବସିଥିବା ଅବସ୍ଥାରେ ସମସ୍ତଙ୍କ ମୃତ୍ୟୁ ଘଟିଥିବା ଦେଖିବାକୁ ମିଳିଥିଲା। ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ କାଙ୍କେର ପଠାଯାଇଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି। କାଙ୍କେର ସ୍ଥିତ ପେଟ୍ରୋଲ ପମ୍ପରେ ସେମାନେ ପେଟ୍ରୋଲ ପକାଇ ଫେରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିବା ପୋଲିସ ଅନୁମାନ କରୁଛି। ତେବେ ଦୁର୍ଘଟଣା କିପରି ଘଟିଲା ସେ ନେଇ ତଦନ୍ତ ଚାଲିଥିବା କାଙ୍କେର ଥାନା ଅଧିକାରୀ ସରହଦ ଦୁବେ କହିଛନ୍ତି। କାର୍ ଟାୟାର ଫାଟିଯିବାରୁ ଗାଡ଼ି ଭାରସାମ୍ୟ ହରାଇ କୂଅ ମଧ୍ୟକୁ ଖସି ପଡ଼ିଥିଲା ନା ଏହା ପଛରେ ଅନ୍ୟ କିଛି କାରଣ ରହିଛି ତାହାର ତଦନ୍ତ ଚାଲିଥିବା ସେ ପ୍ରକାଶ କରିଛନ୍ତି।

### ଜାତୀୟ ରାଜପଥ ବିଭାଗର ଅବହେଳାରୁ ୪ ଜୀବନ ଗଲା

ବ୍ୟସ୍ତବହୁଳ ଜାତୀୟ ରାଜପଥରେ ପ୍ରତ୍ୟେକ ଦିନ ହଜାରରୁ ଊର୍ଦ୍ଧ୍ୱ ଗାଡ଼ି ଯାତାୟାତ କରୁଛି। ହେଲେ ଏହାପାର୍ଶ୍ୱରେ ଏକ ବିରାଟ କୂଅ ଅବ୍ୟବହୃତ ଅବସ୍ଥାରେ ମୁକୁଳା ପଡ଼ିଥିଲେ ମଧ୍ୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରିଛନ୍ତି। ଫଳରେ ଅତି ଦୟନୀୟ ଅବସ୍ଥାରେ ୪ ଜଣଙ୍କ ଜୀବନ ଚାଲିଯାଇଛି। ଅବ୍ୟବହୃତ କୂଅଟିକୁ ବନ୍ଦ କରାଯାଇଥିଲେ ଏଭଳି ଘଟଣା ଘଟି ନ ଥାନ୍ତା ବୋଲି ଜନସାଧାରଣ ଏବଂ ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଅନେକାଂଶରେ ଅନୁକୂଳତା ପ୍ରାପ୍ତ ହେବ। ତଥାପି ସାମୟିକ ଦ୍ୱନ୍ଦ୍ୱ ଓ ତର୍କବିତର୍କ କ୍ଷେତ୍ରରେ ସମୟ ଅତିବାହିତ ହୋଇପାରେ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ କେତେକାଂଶରେ ଅନୁକୂଳ ଫଳ ପାଇବେ। ବନ୍ଧୁଙ୍କ ଅନୁରୋଧବଶତଃ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବୃଷ** - ନୂତନ ଯୋଜନା ପାଇଁ ପରିବାରରୁ ଆବଶ୍ୟକ ସହଯୋଗ ପ୍ରାପ୍ତ ହେବେ। ପିଲାମାନଙ୍କ ବିବାହ ସମ୍ପର୍କିତ ଚିନ୍ତାରେ ବ୍ୟସ୍ତତା ପରିଲକ୍ଷିତ ହେବ। ମଧ୍ୟାହ୍ନରେ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିପାରନ୍ତି। ଆଗାମୀ ମାଙ୍ଗଳିକ କାମ ସକାଶେ ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି।

**ମିଥୁନ** - ଆଜି ଆପଣ ମନେ ମନେ ଭାବୁଥିବେ ଗୋଟିଏ କଥା କିନ୍ତୁ କଲା ବେଳକୁ ଆଉ ଗୋଟିଏ କାମ କରିବାକୁ ବାଧ ହେବେ। ସହକର୍ମୀଙ୍କ ସହଯୋଗରୁ କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ। ମେଶିନାରି ଜିନିଷ ତଥା ଯାନବାହନ ଚାଳନାରେ ସତର୍କ ରହିବା ଭଲ। ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି।

**କର୍କଟ** - ଆଜି ଆପଣ ଦ୍ୱନ୍ଦ୍ୱରେ ପଡ଼ି କ'ଣ କରିବେ କିମ୍ବା ନ କରିବା ଉଚିତ ହେବ ତାହା ଠିକ୍ କରିପାରିବେ ନାହିଁ। ତଥାପି ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ପ୍ରତ୍ୟୁଷ ଯାତ୍ରା ଓ ମାଙ୍ଗଳିକ କାମରୁ ଖୁସି ରହିବେ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**ସିଂହ** - ଆଲୋଚନା ପରିସରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ବହୁଦିନରୁ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ, ଫଳରେ ଆନନ୍ଦର ସୀମା ଲଙ୍ଘନ କରିବ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ। ବ୍ୟବସାୟ ଓ ପରିବହନରେ ହଠାତ୍ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**କନ୍ୟା** - ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଅନୁଭବ କରିବେ, କିନ୍ତୁ କୌଣସି କାମ ଅଟକିବ ନାହିଁ। ଅପୂରଣୀୟ ଆଶା ପୂରଣ କ୍ଷେତ୍ରରେ ବନ୍ଧୁମାନଙ୍କ ସାହାଯ୍ୟ ଓ ସହେଯାଗରୁ ଉତ୍ସାହିତ ହେବେ। କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବା ସମ୍ଭାବନା ରହିଛି। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି।

**ତୁଳା** - ବନ୍ଧୁଙ୍କ ସମ୍ମୁଖରେ ନିଜର ମନର ଭାବକୁ ପ୍ରକାଶ କରିବାରେ ପଛେଇଯାଇପାରନ୍ତି। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଶିଳ୍ପ, ବାଣିଜ୍ୟ ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ। ଆଜି ଦିନଟି କାର୍ଯ୍ୟବ୍ୟସ୍ତତାର ସମୟ କହିଲେ ଅତ୍ୟୁକ୍ତି ହେବନାହିଁ।

**ବିଛା** - ବିଭିନ୍ନ ପ୍ରକାର ସମସ୍ୟା ଚିନ୍ତାକରି ମନ ଭାରାକାନ୍ତ ରହିବ। କିନ୍ତୁ କଥାରେ କଥାରେ ବାକ୍‌ବିଳାସର ଶ୍ରୁତିରୋଚକତା ପରିବେଶକୁ ଆହ୍ଲାଦିତ କରିବ। କିନ୍ତୁ ଅପରିହାର୍ଯ୍ୟ ଆବଶ୍ୟକତା ଉପଲବ୍ଧିକରି ବନ୍ଧୁଙ୍କୁ ଅନୁନୟ ବିନୟ ପୂର୍ବକ ଧାର ମାଗିପାରନ୍ତି। କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** - କଠୋର କଥା କହିବା କାରଣରୁ ପରିବାରରେ କଳହ ଲାଗିପାରେ। ଅଫିସ୍ କାମରେ ସବୁକଥାକୁ ହାଲୁକା ଭାବେ ଗ୍ରହଣକଲେ କ୍ଷତିରେ ପଡ଼ିବେ। ସଙ୍ଗଠନ, ନିର୍ମାଣ, ସଭାସମିତି ତଥା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବିବାଦୀୟ ଘଟଣା କିମ୍ବା ମାଲିମକଦ୍ଦମାରେ ଆପୋସ ସମାଧାନ ଘଟିବ।

**ମକର** - କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖାଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ଅଫିସ୍ କାମରେ ବିଭିନ୍ନ ସମସ୍ୟା ନିରାକରଣ ପାଇଁ ଚେଷ୍ଟିତ ହେବେ। ଯାତ୍ରା, ମାଙ୍ଗଳିକ କାମ ଓ ଗଠନ ମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କରି ଅନୁତାପ କରିପାରନ୍ତି।

**କୁମ୍ଭ** - ଆଜି ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହେବାରେ ବନ୍ଧୁବର୍ଗ ସାହାଯ୍ୟ, ସହଯୋଗ କରିବେ। ଆତ୍ମୀୟଙ୍କ ନକାରାତ୍ମକ ଚିନ୍ତାଧାରା ମନକୁ ସାମୟିକ ବିବ୍ରତ କରିପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟିହେବା ଅନୁମେୟ।

**ମୀନ** - ସକାଳୁ ସକାଳୁ ଦୂରଯାତ୍ରା ସକାଶେ ପ୍ରସ୍ତୁତିପର୍ବ ଶେଷ କରିବେ। କୌଣସି ବନ୍ଧୁଙ୍କର ଆସିବାର ବିଳମ୍ବତାକୁ ଲକ୍ଷ୍ୟକରି ବିଚଳିତବୋଧ କରିପାରନ୍ତି। ଏଣେ ଜମା ଭଲ ପଡୁ ନ ଥିବା ପାଖ ପଡ଼ୋଶୀଙ୍କ ଟୀକାଟିପ୍ପଣୀ ମନକୁ ଦ୍ୱିଧାଗ୍ରସ୍ତ କରିପାରେ। ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହୋଇପାରନ୍ତି।

ଆଜି ଡିସେମ୍ବର ୧୩ ତାରିଖ, ପୌଷ କୃଷ୍ଣ ପଞ୍ଚମୀ ମଙ୍ଗଳବାର, ରାଶି ନକ୍ଷତ୍ର-ଅଶ୍ଳେଷା କର୍କଟ, ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୧୫ ଗତେ, ଘ.୦୬। ୫୯ ମଧ୍ୟେ, ଘ. ୦୮।୫୮ ଗତେ, ଘ.୧୧।୧୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୨୩ ଗତେ, ଘ.୦୩।୪୪ ମଧ୍ୟେ ରାହୁକାଳ।

# ଉପକୃତ ହେବେ ୩୦ ଜିଲାର କୋର୍ଟ

■ ଭର୍ଚୁଆଲରେ ଉଦ୍‌ଘାଟନ କଲେ ପ୍ରଧାନ ବିଚାରପତି

■ ଓଡ଼ିଶା ହାଇକୋର୍ଟର ଡିଜିଟାଇଜେଶନ କାର୍ଯ୍ୟ ଦେଶ ପାଇଁ ରୋଲ ମଡେଲ

କଟକ ଅଫିସ, ୧୨।୧୨

ସମଗ୍ର ରାଜ୍ୟରେ ଜିଲାକୋର୍ଟଗୁଡ଼ିକର ରେକର୍ଡ ଡିଜିଟାଇଜେଶନ ନିମନ୍ତେ ୧୦ଟି ଜିଲା କୋର୍ଟ ଡିଜିଟାଇଜେଶନ ହବ୍ କାର୍ଯ୍ୟାରମ୍ଭ କରିଛି। ହବ୍‌ଗୁଡ଼ିକ ଅନୁଗୋଳ, ଭଦ୍ରକ, ଝାରସୁଗୁଡ଼ା, କଳାହାଣ୍ଡି, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନୟାଗଡ଼ ଓ ସୁବର୍ଣ୍ଣପୁର ପୁର ଜିଲାରେ ସ୍ଥାପିତ ହୋଇଛି। ଏହି ହବ୍‌ଗୁଡ଼ିକରେ ନିଜ ଜିଲାକୋର୍ଟ ସମେତ ନିକଟବର୍ତ୍ତୀ ଜିଲାକୋର୍ଟର ରେକର୍ଡ ମଧ୍ୟ ଡିଜିଟାଇଜଡ୍ କରାଯିବ। ଏହି ବ୍ୟବସ୍ଥା ଦ୍ୱାରା ଓଡ଼ିଶାର ୩୦ ଜିଲାରେ ଥିବା ଜିଲାକୋର୍ଟକୁ ସୋମବାର ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଡ. ଡି. ୱାଇ. ଚନ୍ଦ୍ରଚୂଡ଼ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି।

ସୂଚନା ଅନୁସାରେ, ଓଡ଼ିଶା ହାଇକୋର୍ଟ ପକ୍ଷରୁ ରେକର୍ଡ ଡିଜିଟାଇଜେଶନ କାର୍ଯ୍ୟ ହାଇକୋର୍ଟ ସମେତ ଜିଲା କୋର୍ଟଗୁଡ଼ିକରେ କରାଯାଉଛି। ପ୍ରାଥମିକ ପର୍ଯ୍ୟାୟରେ ପାଇଲଟ ପ୍ରକଳ୍ପ ଭିତ୍ତିରେ କଟକ, ଗଞ୍ଜାମ, ସମ୍ବଲପୁର ଓ ବାଲେଶ୍ୱରଠାରେ ୪ଟି ଜିଲା କୋର୍ଟ ଡିଜିଟାଇଜେଶନ ସେଣ୍ଟର ୨୦୨୧ ଏପ୍ରିଲ ୩୦ରେ ସ୍ଥାପନ କରାଯାଇଥିଲା। ଏହି ୪ଟି ଜିଲାକୋର୍ଟର ୫,୯୪,୨୩୭ଟି ରେକର୍ଡକୁ ୨୦୨୨ ନଭେମ୍ବର ୩୦ ସୁଦ୍ଧା ଡିଜିଟାଇଜେଶନ କରାଯାଇଛି, ଯେଉଁଥିରେ ୫,୫୮,୧୩,୭୭୧ଟି ପୃଷ୍ଠା ସାମିଲ ହୋଇଛି। ପାଇଲଟ୍ ପ୍ରକଳ୍ପରୁ ଉତ୍ସାହଜନକ ଫଳ ମିଳିଥିବାରୁ ହାଇକୋର୍ଟ ଏହି ସେଣ୍ଟରଗୁଡ଼ିକୁ ହବ୍‌ରେ ପରିଣତ କରିଥିଲେ। ଏଥିସହ ସୋମବାର ଆଉ ୧୦ଟି ନୂତନ ହବ୍ ଉଦ୍‌ଘାଟନ ହେବା ପରେ ସାରା ରାଜ୍ୟର ନ୍ୟାୟିକ ବ୍ୟବସ୍ଥାର ରେକର୍ଡଗୁଡ଼ିକ ଡିଜିଟାଇଜେଶନ ହେବା ପ୍ରକ୍ରିୟା ତ୍ୱରାନ୍ୱିତ ହେବ।

ପ୍ରଧାନ ବିଚାରପତି ଡି. ୱାଇ ଚନ୍ଦ୍ରଚୂଡ଼ ଉଦ୍‌ଘାଟନୀ ଭାଷଣରେ କହିଛନ୍ତି, ଓଡ଼ିଶା ହାଇକୋର୍ଟର ଡିଜିଟାଇଜେଶନ କାର୍ଯ୍ୟ ସମଗ୍ର ଦେଶ ପାଇଁ ରୋଲ ମଡେଲ ପାଲଟିଛି। ନ୍ୟାୟିକ ବ୍ୟବସ୍ଥାର ଆଧୁନିକୀକରଣ ଦିଗରେ ଡିଜିଟାଇଜେଶନ ପ୍ରକ୍ରିୟା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଖୁବଶୀଘ୍ର ସମଗ୍ର ଦେଶର କୋର୍ଟ ଡିଜିଜାଇଜେଶନ କାର୍ଯ୍ୟରେ ଓଡ଼ିଶା ହାଇକୋର୍ଟ ପ୍ରମୁଖ ଭୂମିକା ନିଭାଇବ। ସେହିପରି ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର କହିଛନ୍ତି, ସାରା ରାଜ୍ୟରେ କାଗଜବିହୀନ କୋର୍ଟ ପାଇଁ ହାଇକୋର୍ଟ ନିଷ୍ପତ୍ତି ନେଇଛନ୍ତି। ତାହାକୁ କାର୍ଯ୍ୟରେ ପରିଣତ କରିବା ଲାଗି ସମସ୍ତ ବିଚାର ବିଭାଗୀୟ ଅଧିକାରୀଙ୍କୁ ସ୍କ୍ରିନ ଟଚ୍ ଲାପଟପ୍ ପ୍ରଦାନ କରାଯିବ ବୋଲି ସେ କହିଥିଲେ। ଓଡ଼ିଶା ହାଇକୋର୍ଟର ଭିଡିଓ କନଫରେନ୍ସ ହଲ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବିଚାରପତି ଡ. ଏସ୍ ମୁରଲୀଧର, ରେକର୍ଡ ରୁମ୍ ଡିଜିଟାଇଜେଶନ ସେଣ୍ଟର କମିଟି ଅଧ୍ୟକ୍ଷ ବିଚାରପତି ଡି. ଦାଶ ଏବଂ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ଏଥିସହ ଜିଲା ଜଜ୍, ବିଚାର ବିଭାଗୀୟ ଅଧିକାରୀ, ବାର୍ ଆସୋସିଏଶନ କର୍ମକର୍ତ୍ତା ଏବଂ ଜିଲା ପ୍ରଶାସନର ଅଧିକାରୀମାନେ ବିଭିନ୍ନ ଜିଲାରୁ ଭର୍ଚୁଆଲରେ କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିଲେ।




ଭର୍ଚୁଆଲ ମାଧ୍ୟମରେ ପ୍ରଧାନ ବିଚାରପତି ଡ. ଡି. ୱାଇ. ଚନ୍ଦ୍ରଚୂଡ଼ ଜିଲା କୋର୍ଟ ଡିଜିଟାଇଜେଶନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦୁପତ୍ର ତୋଳାଳି



ନବୀନ ନିବାସରେ ସୋମବାର କେନ୍ଦୁପତ୍ର ତୋଳାଳି ଏବଂ ବନ୍ଧାଳିମାନେ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଉଛନ୍ତି।

## ପ୍ୟାକେଜ୍ ପାଇଁ ଜଣାଇଲେ କୃତଜ୍ଞତା

ଭୁବନେଶ୍ୱର, ୧୨।୧୨ (ବ୍ୟୁରୋ)

ରାଜ୍ୟର କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳିମାନଙ୍କର ଅସ୍ଥାୟୀ କେନ୍ଦୁପତ୍ର କର୍ମଚାରୀ ସଂଘ ସୋମବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି କୃତଜ୍ଞତା ଜଣାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର ତୋଳାଳିମାନଙ୍କୁ ସ୍ୱାଗତ କରିବା ସହ କହିଛନ୍ତି ଯେ, ମୁଁ ସବୁବେଳେ ଆପଣମାନଙ୍କ ସାଥିରେ ରହିଛି। ଆଗାମୀ ଦିନରେ ଆପଣମାନଙ୍କ ଭଲ ପାଇଁ ବହୁତ ବହୁତ କାମ କରିବି। ଏହି ସମୟରେ ସେଠାରେ ଉପସ୍ଥିତ କେନ୍ଦୁପତ୍ର କର୍ମଚାରୀମାନେ ନବୀନ ପଟ୍ଟନାୟକ ଜିନ୍ଦାବାଦ୍ ଧ୍ୱନି ଦେଇ ପରିବେଶ କମ୍ପାଇ ଦେଇଥିଲେ।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ନିକଟରେ କେନ୍ଦୁପତ୍ର ତୋଳାଳି ଓ ଶ୍ରମିକଙ୍କ ପାଇଁ ପ୍ୟାକେଜ୍ ଘୋଷଣା କରିଥିଲେ। ବିଭିନ୍ନ ଦାବି ଉପରେ କେନ୍ଦୁପତ୍ର ତୋଳାଳି ସଂଘ ସହ ମୁଖ୍ୟମନ୍ତ୍ରୀ ଗତ ନଭେମ୍ବର ୧୬ରେ ଆଲୋଚନା କରିଥିଲେ। ଆଲୋଚନାର ସପ୍ତାହକ ମଧ୍ୟରେ ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର ତୋଳାଳିଙ୍କୁ ୧୦୦୦ ଏବଂ ବନ୍ଧାଳି ଓ ଅନ୍ୟ କର୍ମଚାରୀଙ୍କ ଲାଗି ୧୫ଶହ ଟଙ୍କା ବୋନସ୍ ପ୍ରଦାନ କରିଛନ୍ତି। ସେହିଭଳି ତୋଳାଳି ଓ ବନ୍ଧାଳି ଏବଂ ଅସ୍ଥାୟୀ କର୍ମଚାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରାଯାଇଛି।

# କମିଲା ଶୀତ: ୮ ଜିଲାରେ କୁହୁଡ଼ି ସମ୍ଭାବନା

ଭୁବନେଶ୍ୱର, ୧୨।୧୨ (ବ୍ୟୁରୋ)

ରାଜ୍ୟରେ ଶୀତର ପ୍ରକୋପ ହ୍ରାସ ପାଇଛି। ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇଛି। ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କେନ୍ଦୁଝରରେ ସର୍ବନିମ୍ନ ତାପମାତ୍ରା ୧୩.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସୁନ୍ଦରଗଡ଼ ୧୩.୨, ଝାରସୁଗୁଡ଼ାରେ ୧୩.୫ ଡିଗ୍ରୀ ସେଲ୍‌ସିୟସ ଥିବା ଜଣାଯାଇଛି। ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି। ବାତ୍ୟା ମାଣ୍ଡୋସ ଯୋଗୁ ବାୟୁମଣ୍ଡଳରେ ଜଳୀୟବାଷ୍ପ ଭରି ରହିଛି। ଏଥିଯୋଗୁ ସର୍ବନିମ୍ନ ତାପମାତ୍ରା ବୃଦ୍ଧି ପାଇଛି। ଏହି ଜଳୀୟବାଷ୍ପ ବାଷ୍ପୀଭୂତ ହେବାକୁ ଆହୁରି ସପ୍ତାହେ ଲାଗିବ। ଆସନ୍ତା ୨୧ ତାରିଖରୁ ପୁଣି ଶୀତ ବଢ଼ିବା ନେଇ ପୂର୍ବାନୁମାନ କରାଯାଇଛି। ଆସନ୍ତା ସପ୍ତାହେ ଯାଏ ପାଗରେ ବିଶେଷ କିଛି ପରିବର୍ତ୍ତନ ହେବନାହିଁ। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ସୋନପୁର, ବଲାଙ୍ଗୀର, ଅନୁଗୋଳ, ଢେଙ୍କାନାଳ ଓ କଟକ ଜିଲାର କେତେକ ସ୍ଥାନରେ କୁହୁଡ଼ି ହେବାର ସମ୍ଭାବନା ରହିଛି।

# ଡାକ୍ତରୀ ପାଠପଢ଼ା ପାଇଁ ବୈକୁଣ୍ଠଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା

## ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ

**ଭୁବନେଶ୍ୱର, ୧୨।୧୨ (ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ଗରିବ ଛାତ୍ରଙ୍କୁ ଡାକ୍ତରୀ ପଢ଼ିବା ପାଇଁ ସହଯୋଗର ହାତ ବଢ଼ାଇଛନ୍ତି। ଡାକ୍ତରୀ ପଢ଼ିବା ପାଇଁ ଅର୍ଥ ବାଧକ ସାଜିଥିଲା। ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବା ପରେ ପୁରୀ ଜିଲାର ବୈକୁଣ୍ଠ ସେଠୀଙ୍କୁ ରାଜ୍ୟ ସରକାର ସହଯୋଗର ହାତ ବଢ଼ାଇଛନ୍ତି। ପାଠପଢ଼ା ପାଇଁ ସମସ୍ତ ଅର୍ଥ ରାଜ୍ୟ ସରକାର ବହନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ ଧନ୍ୟବାଦ ଦେଇଛନ୍ତି ବୈକୁଣ୍ଠ।

ପୁରୀ ଜିଲା କଣାସ ବ୍ଲକ ତେଲଙ୍ଗାପଡ଼ାର ବୈକୁଣ୍ଠ ସେଠୀ ଏନ୍‌ଇଇଟି ଉତ୍ତୀର୍ଣ୍ଣ ହେବା ପରେ ଫକୀର ମୋହନ ମେଡିକାଲ କଲେଜରେ ନାମ ଲେଖାଇବା ପାଇଁ ସୂଚନା ଆସିଥିଲା। ଦିନମଜୁରିଆ ପରିବାରର ବୈକୁଣ୍ଠ ବହୁକଷ୍ଟରେ ନାମ ଲେଖାଇଥିଲେ ମଧ୍ୟ ପଢ଼ା ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ରେ ସକ୍ଷମ ହୋଇ ନ ଥିଲେ। ଏଥିପାଇଁ ସେ ସୋସିଆଲ ମିଡିଆରେ ସହଯୋଗ ଲୋଡ଼ିଥିଲେ। ଘଟଣାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ ଗୁରୁତର ସହ ନେଇ ପଦକ୍ଷେପ ନେବାକୁ ଏସ୍‌ସି/ଏସ୍‌ଟି ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗ ପକ୍ଷରୁ ବୈକୁଣ୍ଠଙ୍କୁ ଯୋଗାଯୋଗ କରାଯାଇ ସରକାରଙ୍କ ତରଫରୁ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।




# କୃତଜ୍ଞତା ଜଣାଇଲେ ମିଶନ ଶକ୍ତି ସଦସ୍ୟା

**ଭୁବନେଶ୍ୱର, ୧୨।୧୨ (ବ୍ୟୁରୋ):** ରାଜ୍ୟର ବିଭିନ୍ନ ଜିଲାର ମିଶନ ଶକ୍ତି ସଦସ୍ୟାମାନେ ସୋମବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ମହିଳାମାନଙ୍କୁ ସଶକ୍ତ କରିବାକୁ ନବୀନ ନେଇଥିବା ପଦକ୍ଷେପକୁ ପ୍ରଶଂସା କରିବା ସହିତ ସେମାନଙ୍କୁ ସ୍ୱାବଲମ୍ବୀ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସଦସ୍ୟାମାନେ କୃତଜ୍ଞତା ଜଣାଇଛନ୍ତି। ହୁଳହୁଳି ପକାଇ ନବୀନଙ୍କୁ ଧନ୍ୟବାଦ ଦେଇଛନ୍ତି। ମହିଳାମାନଙ୍କ ସହିତ ମଧ୍ୟ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି। ପରେ ସମସ୍ତଙ୍କ ସହ ଫଟୋ ଉଠାଇବା ସହିତ ଆଗାମୀ ଦିନରେ ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

# ଚର୍ଚ୍ଚିତ ମିଶ୍ରଙ୍କୁ ଇଡିର ୨ ଘଣ୍ଟା ଜେରା

## ଅଭୟକାନ୍ତଙ୍କ ବିଏମଡବ୍ଲ୍ୟୁ କିଣା ଲିଙ୍କ୍

**ଭୁବନେଶ୍ୱର, ୧୨।୧୨ (ବ୍ୟୁରୋ):** ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍ (ଓଏସ୍‌ଏଲ୍)ର ନିର୍ଦ୍ଦେଶକ ତଥା ଶିଳ୍ପପତି ମହିମାନନ୍ଦ ମିଶ୍ରଙ୍କ ପୁଅ ଚର୍ଚ୍ଚିତ ମିଶ୍ର ସୋମବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରେ ହାଜର ହୋଇଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଗିରଫ ହୋଇ ଜେଲ ଯାଇଥିବା ଆଇଏଫ୍‌ଏସ୍ ଅଫିସର ଅଭୟକାନ୍ତ ପାଠକଙ୍କ ବିଏମଡବ୍ଲ୍ୟୁ କିଣା ଲିଙ୍କ୍‌ରେ ଚର୍ଚ୍ଚିତଙ୍କୁ ଇଡି ପୂର୍ବରୁ ନୋଟିସ କରିଥିଲା। ତେବେ ସେ ଓକିଲଙ୍କ ସହ ନିର୍ଦ୍ଧାରିତ ସମୟରେ ଇଡି କାର୍ଯ୍ୟାଳୟରେ ପହଞ୍ଚିବା ପରେ ଅଧିକାରୀମାନେ ତାଙ୍କୁ ୨ ଘଣ୍ଟାରୁ ଅଧିକ ସମୟ ଜେରା କରିଥିଲେ। ଚାକିରିରୁ ବହିଷ୍କୃତ ଆଇଏଫ୍‌ଏସ୍ ଅଧିକାରୀ ଅଭୟଙ୍କ ବେଆଇନ ଟଙ୍କା କାରବାର ତଦନ୍ତ କରୁଛି ଇଡି। ଅଭୟଙ୍କ ଦାମି ଗାଡି ବିଏମ୍‌ଡବ୍ଲ୍ୟୁ ଚର୍ଚ୍ଚିତଙ୍କ ଶୋ'ରୁମ୍‌ରୁ କିଣାଯାଇଥିଲା ବୋଲି ଇଡି ସୁରାକ ପାଇଥିଲା। ଗାଡି କିଣା ବାବଦ ଟଙ୍କାକୁ ନେଇ ଇଡି ଖୋଳତାଡ଼ କରୁଥିବାବେଳେ ଏ ସଂକ୍ରାନ୍ତରେ ଇଡି ଅଧିକାରୀମାନେ ଚର୍ଚ୍ଚିତଙ୍କୁ ପଚରାଉଚରା କରିଛନ୍ତି। ତେବେ ଚର୍ଚ୍ଚିତ ବାହାରିବା ପରେ ସମସ୍ତ ଡକ୍ୟୁମେଣ୍ଟ ଇଡି ପାଖରେ ଦାଖଲ କରିବା ସହ ତଦନ୍ତରେ ସହଯୋଗ କରିଥିବା କହିଛନ୍ତି।









ଯେତେଦିନ ପର୍ଯ୍ୟନ୍ତ ଦୁଃସ୍ଥ ଓ ଦୁର୍ଗତମାନେ ତୁମ ଚାରିପଟେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କର। କିନ୍ତୁ ବୁଝି ଦେଖ– ତୁମକୁ ଚେଷ୍ଟା କରିବାକୁ ହେବ– ଯାହା ଫଳରେ କି ତୁମ ଚାରିପଟେ ଯେପରି ଗୋଟିଏ ସୁଦ୍ଧା ଦୁଃସ୍ଥ ମଣିଷ ତୁମ ସାହାଯ୍ୟ ପାଇବାକୁ ନ ଥାଏ। –ଶ୍ରୀଅରବିନ୍ଦ



# ଭୋଟ ପାଇଁ ଭୋକ

ଭୂପେନ୍ଦ୍ର ପଟେଲ ୧୨ ଡିସେମ୍ବର ୨୦୨୨ରେ ଗୁଜରାଟର ୧୮ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଭାରତୀୟ ଜନତା ପାର୍ଟି (ଭାଜପା) ଗୁଜରାଟ ବିଧାନସଭା ନିର୍ବାଚନରେ ନିରଙ୍କୁଶ ଆସନ ଜିତି ୭ମ ଥର ପାଇଁ ରେକର୍ଡ ସୃଷ୍ଟି କରି କ୍ଷମତାସୀନ ହୋଇପାରିଛି। ଦୀର୍ଘ ବର୍ଷ ଧରି ଗୋଟିଏ ରାଜନୈତିକ ଦଳ ହାତରେ କ୍ଷମତା ରହିବା ସେଠାକାର ରାଜ୍ୟବାସୀଙ୍କୁ ବ୍ୟଥିତ କରିନାହିଁ ବୋଲି ସଦ୍ୟସମାପ୍ତ ଫଳାଫଳରୁ ସ୍ପଷ୍ଟ ହୋଇଛି। ୧୮୨ ଆସନ ବିଶିଷ୍ଟ ବିଧାନସଭାରେ ଭାଜପା ୧୫୬ ଆସନ ପାଇଥିବା ବେଳେ କଂଗ୍ରେସ ୧୭ ଓ ଆମ୍ ଆଦ୍‌ମୀ ପାର୍ଟି(ଏଏପି) ୫ ସିଟ୍ ହାସଲ କରିଛନ୍ତି। ୨୦୧୭ରେ ଭାଜପା ୯୯ ଆସନ ପାଇଥିବା ବେଳେ କଂଗ୍ରେସ ୭୮ ସିଟ୍ ପାଇଥିଲା। ଚଳିତ ଥର ଦେଶବ୍ୟାପୀ ଲୋକେ ଅନାଇ ରହିଥିଲେ ଗୁଜରାଟ ନିର୍ବାଚନର ଫଳାଫଳ କ'ଣ ହେବ। ଅନେକ ରାଜନୈତିକ ବିଶେଷଜ୍ଞ ଆକଳନ କରିଥିଲେ ସରକାର ବିରୋଧୀ ପବନ ବହିବ ଓ ସେଥିରେ ଭାଜପା ଉଡ଼ିଯିବ। ଆଉ କିଛି ଭାବିଥିଲେ ପଞ୍ଜାବରେ ଏଏପି ଯେଭଳି ସମସ୍ତଙ୍କୁ ଆଚମ୍ବିତ କରି କ୍ଷମତାକୁ ଆସିଥିଲା, ସେହିଭଳି କିଛି ଗୋଟେ ହୋଇପାରେ। ଏଥିସହିତ କଂଗ୍ରେସ ପୂର୍ବାପେକ୍ଷା ଅଧିକ ଆସନ ପାଇପାରେ ବୋଲି ଗଣନା କରାଯାଉଥିଲା। ହେଲେ ଭାଜପା ସେହିସବୁ ଅନୁମାନ ସମୀକରଣକୁ ଭୁଲ୍ ପ୍ରମାଣିତ କରି ପୂର୍ବାପେକ୍ଷା ସେଠାରେ ଅଧିକ ଦୃଢ଼ ହୋଇଯାଇଛି। ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରୁ ମିଳିଥିବା ତଥ୍ୟ ଅନୁଯାୟୀ ଗୁଜରାଟ ନିର୍ବାଚନରେ ଭାଜପାର ଭୋଟ ପ୍ରତିଶତ ୫୨.୫୦ ରହିଥିବା ବେଳେ କଂଗ୍ରେସର ୨୭.୨୮ ପ୍ରତିଶତ ଓ ଏଏପି ଭାଗରେ ୧୨.୯୨ ପ୍ରତିଶତ ଭୋଟ ପଡ଼ିଛି। ଏଏପି ଓ କଂଗ୍ରେସର ଭୋଟ ପ୍ରତିଶତକୁ ମିଶାଇ ଦେଲେ ୪୦.୨୦ ପ୍ରତିଶତ ରହୁଥିବା ବେଳେ ତାହାଠାରୁ ଭାଜପା ୧୨.୩୦ ପ୍ରତିଶତ ଅଧିକ ରହୁଛି। କୁହାଯାଉଛି ଏଏପି ସେଠାରେ ନିର୍ବାଚନ ଲଢ଼ି ନ ଥିଲେ କଂଗ୍ରେସର ଭୋଟ ମାର୍ଜିନ୍ ବଢ଼ିଥାଆନ୍ତା। ଯାହା କୁହାଯାଉଥିଲା ଯେ ଏଏପିର ଗୁଜରାଟ ପ୍ରବେଶ ଭାଜପା ପାଇଁ କାଳ ହେବ, ବରଂ ତାହା ନ ହୋଇ ଗୈରିକ ଦଳ ସକାଶେ ଆଶୀର୍ବାଦ ପାଲଟିଲା। ଏଥିସହିତ ଆସାଦୁଦ୍ଦିନ୍ ଓୱାଇସିଙ୍କ ଏଆଇଏମ୍ଆଇଏମ୍ ଗୁଜରାଟରୁ ଶୂନ ଦଶମିକ ୨୯ ପ୍ରତିଶତ ଭୋଟ ନେଇ କଂଗ୍ରେସ ଭୋଟକୁ ମଧ୍ୟ ମାଇନସ୍ କରିଥିବା ଜଣାପଡ଼ିଛି। ଅନୁମାନ କରାଯାଉଥିଲା ବିଲ୍‌କିସ୍ ବାନୋ ମାମଲାରେ ଯେଭଳି ଭାବେ ଅଭିଯୁକ୍ତମାନଙ୍କୁ ଛାଡ଼ି ଦିଆଯାଇଥିଲା, ତାହା ଏକ ପ୍ରସଙ୍ଗ ପାଲଟି ଭାଜପା ଭୋଟକୁ ଭାଗ କରିପାରେ। ତାହା ମଧ୍ୟ ବିଫଳ ହେଲା।

ଉପରଲିଖିତ ବିଷୟକୁ ଆଲୋଚନା କଲେ ପ୍ରଶ୍ନ ଉଠୁଛି ଭାଜପା କେଉଁ ରଣକୌଶଳ ପ୍ରୟୋଗ କରି ଏଭଳି ସଫଳତା ପାଇପାରିଛି। ଦଳୀୟ ନିର୍ବାଚନ ପରିଚାଳନାରେ ଅତି ସୂକ୍ଷ୍ମ ବୁଦ୍ଧି ଖଟାଇ ଭାଜପା ସୁବିଧା ହାତେଇଛି। ଧର୍ମଭିତ୍ତିକ ରାଜନୀତି କରିବାରେ ଏହି ଦଳର ଅତୀତ ଅତ୍ୟନ୍ତ ଶକ୍ତିଶାଳୀ। ଏହାର ଦୃଷ୍ଟାନ୍ତ ଉତ୍ତରପ୍ରଦେଶଠାରୁ ଆରମ୍ଭକରି ଗୁଜରାଟ ଯାଏ ଦେଖିବାକୁ ମିଳିଛି। କିନ୍ତୁ ଯେଉଁଠାରେ ଜାତିଭିତ୍ତିକ ପ୍ରସଙ୍ଗକୁ ନେଇ ଲଢ଼େଇ ହୋଇଛି ସେଠାରେ ଭାଜପା ପଛରେ ରହିଛି। ବିହାର ଏହାର ପ୍ରକୃଷ୍ଟ ଦୃଷ୍ଟାନ୍ତ। ସେଥିପାଇଁ ବିହାରରେ ଦଳ ଆଶାନୁରୂପ ସଫଳତା ପାଇପାରୁ ନାହିଁ। ରାମ ମନ୍ଦିର ପ୍ରତିଷ୍ଠା କଥା କହି ଭାଜପା ଉତ୍ତରପ୍ରଦେଶ ସମେତ ଉତ୍ତର ଭାରତ ରାଜ୍ୟଗୁଡ଼ିକରେ ନିର୍ବାଚନ ଜିତିବା ସହିତ ଦେଶବ୍ୟାପୀ ଏକ ହିନ୍ଦୁ ଧର୍ମୀୟ ଭାବନା ଜାଗରଣ କରିପାରିଥିବାରୁ ତାହାର ପ୍ରଭାବ ଗୁଜରାଟ ନିର୍ବାଚନ ଉପରେ ପଡ଼ିଛି ବୋଲି କୁହାଯାଉଛି। ଅନ୍ୟପକ୍ଷରେ ହିମାଚଳ ପ୍ରଦେଶ ସର୍ବଦା ବ୍ୟତିକ୍ରମ ସୃଷ୍ଟି କରିଆସିଛି। ସେଠାକାର ଭୋଟର ଅତ୍ୟନ୍ତ ସଚେତନ ଓ କୌଣସି ନିର୍ଦ୍ଦିଷ୍ଟ ଦଳ ଉପରେ ସମ୍ପୂର୍ଣ୍ଣ ଭରସା ନ କରି ପ୍ରତି ୫ ବର୍ଷରେ ଥରେ ପଟ ପରିବର୍ତ୍ତନ କରିବାରେ ଲାଗିଛନ୍ତି। କର୍ନାଟକକୁ ଛାଡ଼ିଦେଲେ ଦକ୍ଷିଣ ଭାରତରେ ଲୋକଙ୍କ ପାଇଁ ସ୍ଥାନୀୟ ପ୍ରସଙ୍ଗ ମୁଖ୍ୟ ବିଷୟ ପାଲଟିଥାଏ। ସମ୍ଭବତଃ ସେଥିଲାଗି ଆଞ୍ଚଳିକ ଦଳଗୁଡ଼ିକ ଦକ୍ଷିଣ ଭାରତରେ ଶାସନ କରୁଛନ୍ତି। ଓଡ଼ିଶା କଥା ଦେଖିଲେ ଜାତୀୟ ଦଳ ଭାଜପା ଓ କଂଗ୍ରେସ ଅପେକ୍ଷା ବିଜୁ ଜନତା ଦଳ(ବିଜେଡି) ବହୁ ଆଗରେ ରହିଛି। ଯଦି ଏଠାରେ ଅନ୍ୟ କୌଣସି ଆଞ୍ଚଳିକ ଦଳର ଆବିର୍ଭାବ ଘଟେ, ହୁଏତ ତାହା ବିଜେଡି ପ୍ରତି ଆହ୍ୱାନ ସୃଷ୍ଟି କରିପାରେ। ଅପରପକ୍ଷରେ ମଧ୍ୟପ୍ରଦେଶ ଭଳି କେନ୍ଦ୍ରୀୟ ଭାରତରେ ଭାଜପା ଧର୍ମକୁ ନେଇ ରାଜନୀତି କରିପାରୁଥିବା ବେଳେ ପଶ୍ଚିମ ଭାରତ ବିଶେଷକରି ମହାରାଷ୍ଟ୍ର ଓ ଗୋଆରେ ତାହାର ଉପସ୍ଥିତି କମୁଥିବା ଲକ୍ଷ୍ୟ କରାଯାଉଛି। ଏଥିରୁ ଏହା ମଧ୍ୟ ବୁଝାଯାଇପାରେ ଯେ, ଯେଉଁସବୁ ଜାଗାରେ ମୁସଲମାନ ସମ୍ପ୍ରଦାୟର ଜନସଂଖ୍ୟା ଅଧିକ ରହୁ ନାହିଁ, ସେଠାରେ ଧର୍ମଭିତ୍ତିକ ଉତ୍ତେଜନା ବୃଦ୍ଧି ପାଉନାହିଁ। ଯେଉଁଠାରେ ଉତ୍ତେଜନା ନାହିଁ ସେଠାରେ ଭାଜପାର ଭୋଟ କମିଯାଉଛି।

୨୦୨୪ ସାଧାରଣ ନିର୍ବାଚନ ଲାଗି ସବୁ ରାଜନୈତିକ ଦଳ ଏବେଠାରୁ ଅଙ୍କ କଷିବା ଆରମ୍ଭ କଲେଣି। କିନ୍ତୁ ଦେଖାଯାଉଛି ଭାଜପାର ନିର୍ବାଚନ ପରିଚାଳନା ରଣନୀତି ଆଗରେ ରହୁଛି। ଗୁଜରାଟ କଥା ଦେଖିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଟୁ ସମାଲୋଚନା କରୁଥିବା ହାର୍ଦ୍ଦିକ୍ ପଟେଲ ଓ ଅଳ୍ପେଶ ଠାକୁରଙ୍କୁ ଭାଜପା ନିଜ ଆଡ଼କୁ ଆଣିବାରେ ସକ୍ଷମ ହୋଇଥିଲା। ଫଳରେ ଏହା ଦଳକୁ ଲାଭ ପହଞ୍ଚାଇଲା। କିନ୍ତୁ ସମାଲୋଚନାକାରୀଙ୍କ କଥାକୁ ଠିକ୍ ଭାବେ ତର୍ଜମା ନ କରି କଂଗ୍ରେସ ତତ୍‌କ୍ଷଣାତ୍ ତାହାର ନେତାଙ୍କୁ ତଡ଼ି ଦେଉଥିବାରୁ ଦଳ ପାଇଁ କ୍ଷତି ଘଟୁଛି। ଗତ କିଛି ବର୍ଷ ହେବ କଂଗ୍ରେସ ନେତାମାନେ ନରମ ହିନ୍ଦୁତ୍ୱ ପ୍ରଦର୍ଶନ କରି ମନ୍ଦିର ଯାଇ ପୂଜା କରୁଛନ୍ତି କିମ୍ବା ପଇତା ପ୍ରଦର୍ଶନ କରି ନିଜ ସକାଶେ ହାସ୍ୟାସ୍ପଦ ସ୍ଥିତି ସୃଷ୍ଟି କରୁଛନ୍ତି। ଦିଲ୍ଲୀ ଓ ପଞ୍ଜାବକୁ ଛାଡ଼ିଦେଲେ ସମାନ ଅବସ୍ଥା ଏଏପି କ୍ଷେତ୍ରରେ ଦେଖିବାକୁ ମିଳୁଛି। ତେଣୁ ଗଣତାନ୍ତ୍ରିକ ନିର୍ବାଚନ ବ୍ୟବସ୍ଥାରେ ଭୋଟ ହାସଲ କରି ଯିଏ ଶାସନ କ୍ଷମତାରେ ବସିପାରିଲେ ସେ ସର୍ବଶକ୍ତିଶାଳୀ ହୋଇପାରିଲେ। ଭାଜପା ପାଇଁ ନିର୍ବାଚନ ଭୋକ ପାଲଟି ଯାଇଥିବାରୁ ତାହାକୁ ମେଣ୍ଟାଇବା ସକାଶେ ତୃଣମୂଳ ସ୍ତରରୁ ଉଦ୍ୟମ ହେଉଛି। ୫ ବର୍ଷ ଅର୍ଥନୀତିକୁ ଜଗାଯାଉ ନାହିଁ କିମ୍ବା ପଡ଼ୋଶୀ ଦେଶ ସହ ସୁସମ୍ପର୍କ ସ୍ଥାପନ କରାଯାଇପାରୁ ନାହିଁ। ଯାହାଫଳରେ ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ ସହିତ ଚାଇନାର ଆକ୍ରମଣ ଅବ୍ୟାହତ ରହିଛି। ଏହାର ମୁଖ୍ୟ କାରଣ ହେଉଛି ଶାସକ ଭାଜପା କେବଳ ନିର୍ବାଚନ ପାଇଁ ସର୍ବଦା ପ୍ରସ୍ତୁତି ଚଳାଇଚାଲିଛି। ସମ୍ଭବତଃ 'ଭୋଟ ପାଇଁ ଭୋକ' ଅଭିମୁଖ୍ୟ ରଖି ଭାଜପା ଆଗଉଥିବାରୁ ଅନ୍ୟ ରାଜନୈତିକ ଦଳଗୁଡ଼ିକ ପଛରେ ପଡ଼ିଯାଉଛନ୍ତି। ଗଣତନ୍ତ୍ର ପାଇଁ ଏହାର ଦୀର୍ଘମିଆଦୀ କୁପ୍ରଭାବ ଥିଲେ ମଧ୍ୟ ବର୍ତ୍ତମାନ ସ୍ଥିତିରେ ଯିଏ ଜିତିଲେ ସେ ସିକନ୍ଦର ହୋଇ ଯାଉଛନ୍ତି।

# ଡ୍ୟୁଟି ନ କଲେ ବି ଦରମା ମିଳୁଛି



ସହଦେବ ସାହୁ

ଏବେ ପ୍ରତି ନାଗରିକଙ୍କ ମନରେ ସନ୍ଦେହ ଉଠିଲାଣି 'ଆମ ଏମ୍‌ପିମାନଙ୍କୁ ଦିଆଯାଉଥିବା ପଇସାର ମୂଲ୍ୟ ମିଳୁଛି ତ ?' (ସମାନ ସନ୍ଦେହ ଓ ପ୍ରଶ୍ନ ଆମ ଏମ୍‌ଏଲ୍‌ଏମାନଙ୍କ ପ୍ରତି ଲାଗୁ ହେବ।) ସମସ୍ତେ ଚାହାନ୍ତି ଜିନିଷପତ୍ରର ମୂଲ୍ୟ ବଢ଼ିବା (ମୁଦ୍ରାସ୍ଫୀତି ହାର ବଢ଼ିବା) ସଙ୍ଗେ ସଙ୍ଗେ ସେମାନଙ୍କର ଦରମା ବା ମଜୁରି ବଢୁ। କିନ୍ତୁ ବଢ଼ାଇବା ସେମାନଙ୍କ ହାତରେ ନ ଥାଏ। ଏପରି ନିୟମ କରିଥିବା ଲୋକେ, ଏମ୍‌ପି ଓ ଏମ୍‌ଏଲ୍‌ଏମାନେ, ନିଆରା: ସେମାନେ ନିଜେ ଦରମା ବଢ଼ାଇପାରିବେ। ସେମାନେ ଏମିତି ଗୋଟିଏ ଏକଚାଟିଆ କ୍ଲବର ସଭ୍ୟ ଯେ ସେହି କ୍ଲବ୍ ତାହାର ସଭ୍ୟମାନଙ୍କୁ ବଡ଼ ଉଦାର ଚିତ୍ତରେ ଦେଖେ। ଗତଥରର ଦରମା, ଭତ୍ତା ଆଦି ବୃଦ୍ଧିର ୪ବର୍ଷ ନ ପୂରୁଣୁ ସେମାନେ ସଂସଦରେ ପୁନର୍ବାର ଦରମା ଆଦି ବୃଦ୍ଧି ଦାବିକଲେ। ସମ୍ବିଧାନର ଧାରା ୧୦୬ ଅନୁଯାୟୀ ସେମାନେ ନିଜେ ଦରମା ବଢ଼ାଇ ଆସୁଥିଲେ, କେନ୍ଦ୍ରରେ ଭାଜପା ସରକାର ଆସିଲା ପରେ ଏମ୍‌ପିମାନଙ୍କ ଗୋଟିଏ କମିଟି ଦରମା ନିର୍ଣ୍ଣୟ କରୁଛି, ଭତ୍ତା ଆଦି କେନ୍ଦ୍ର ସରକାର ନିର୍ଦ୍ଧାରଣ କରୁଛନ୍ତି। ଏମ୍‌ପିମାନଙ୍କ କମିଟି ସୁପାରିସ କଲା ଦରମା ୨ଗୁଣ କରିଦିଅ ଓ ପେନ୍‌ସନକୁ ଶତକଡ଼ା ୭୫ ଭାଗ ବଢାଇଦିଅ। ଅବଶ୍ୟ ସର୍ବଭାରତୀୟ ସେବା ଅଧିକାରୀ ତଥା କମ୍ପାନୀ କର୍ମଚାରୀମାନଙ୍କ ଦରମା ସହ ତୁଳନାକଲେ ଏହା କମ୍ ଜଣାଯିବ, କିନ୍ତୁ ଏମ୍‌ପିମାନଙ୍କ କ୍ଷେତ୍ରରେ ଦରମା ତ ମୂଳଦୁଆ, ତା' ଉପରେ ଅଛି ବହୁତ ରକମର ପ୍ରିଭିଲେଜ୍ ଓ ପର୍କ୍ୟୁଜାଇଟସ୍ (ସ୍ୱାଧିକାର ଏବଂ ଉପୁରି)। ମାସିକ ନିର୍ବାଚନମଣ୍ଡଳୀ ଭତ୍ତା ୫୦ ହଜାର ଟଙ୍କା ମିଳେ। ଦିଲ୍ଲୀରେ ଘର ମାଗଣା। ଘରଖର୍ଚ୍ଚ, ଫୋନ୍, ବିଜୁଳି, ପାଣି, ଓ ମ୍ୟୁନିସିପାଲିଟି ସେବା – ସବୁ ସରକାର ଭରନ୍ତି ; ପୁଣି ସବୁଗୁଡ଼ାକ ଆୟକରମୁକ୍ତ। ସେମାନେ ତ ଆଇନ ତିଆରିକରିବା ଲୋକ, ଏମିତି ଆଇନ କରିନେଇଛନ୍ତି। ସେମାନଙ୍କ ଟଙ୍କାଟା ଆମମାନଙ୍କର ଟଙ୍କେ ତିରିଶ ପଇସାରୁ ଅଧିକ। କାମ ଏମିତିକା ଯେ ନିଯୁକ୍ତିପତ୍ର ପାଇଲା ପରଠୁ ଦରମା ମିଳେ, କାମ କର କି ନ କର ; ସଂସଦର ଉପସ୍ଥାନ ଖାତାରେ ଦସ୍ତଖତ କରିଦେଲେ ସଂସଦର ଅଧିବେଶନରେ ଯୋଗଦେଉଛ ବୋଲି ଧରାଯିବ, ତା' ପରେ ଯାହା କରୁଛ କି ଯୁଆଡେ ଯାଉଛ ଯାଅ ; ଦସ୍ତଖତ ଦିନ ଦିନକୁ ୨୦୦୦ ଟଙ୍କା ଭତ୍ତା। ଏମ୍‌ପି କାର୍ଯ୍ୟକାଳ ସରିଗଲେ (ଲୋକସଭା ଦିନଟିଏ ବସିଥିଲେ ବି) ସେ ପେନ୍‌ସନ ପାଇବ, ପୁନଃ ନିର୍ବାଚିତ ହେଲେ ପୁନଃ ପେନ୍‌ସନ ପାଇବ – ତାହା ପୁରୁଣା ପେନ୍‌ସନ ସାଙ୍ଗେ ମିଶିଯାଉଥିବ, ପୁଣି ଇହଧାମ ତ୍ୟାଗ କଲେ ପରିବାରକୁ ପେନ୍‌ସନ ମିଳିବ। ତା' ଅନୁକରଣରେ ବିଧାନସଭା ମେମ୍ବର ବି ଏମିତି ସୁବିଧା ପାଆନ୍ତି। ବେଶିଥର ସାଂସଦ ବା ଏମ୍‌ଏଲ୍‌ଏ ହେଲେ ପେନ୍‌ସନ ଦରମାଠାରୁ ବେଶି! ଆଶ୍ଚର୍ଯ୍ୟ ଲାଗୁଛି କି? ୬ ଥର ଏମ୍‌ଏଲ୍‌ଏ ହୋଇଥିବା ହରିୟାଣାର କ୍ୟାପ୍ଟେନ୍ ଅଜୟ ସିଂ ଯାଦବ ମାସକୁ ୨ଲକ୍ଷ ୩୮ହଜାର ୫୦ ଟଙ୍କା ପେନ୍‌ସନ ପାଉଛନ୍ତି।



ଔଚିତ୍ୟ ପାଣିରେ ପଡ଼ିଯାଇଛି, ଥରେ ଥରେ ମନେହେଉଛି ସରକାରୀ ତହବିଲଟା ଦଳୀୟ ପାଣ୍ଠି!

ଲୋକ ପ୍ରତିନିଧିମାନଙ୍କ ସଭାଗୃହ ହେଉଛି ଲୋକ ସଭା, ରାଜ୍ୟ ପ୍ରତିନିଧିମାନଙ୍କ ସଭାଗୃହ ରାଜ୍ୟ ସଭା। ଆଲୋଚନା ବ୍ୟତୀତ କୌଣସି ଜରୁରୀ ବିଷୟ ନଜରକୁ ଆସିଲେ ସେଥିପ୍ରତି ସରକାରଙ୍କ ଧ୍ୟାନ ଆକର୍ଷଣ କରିବା ଓ ପ୍ରଶାସନ(ସରକାର)ର କୈଫିୟତ୍ ମାଗିବାକୁ ମୁଲତବୀ ପ୍ରସ୍ତାବ (ଆଡଜର୍ନମେଣ୍ଟ ମୋସନ) ଆଣିବା। ଅମାନିଆ ହେଲେ ସରକାରକୁ ହଟାଇବା ଲାଗି ଅନାସ୍ଥା ପ୍ରସ୍ତାବ ଆଣିବା – ଏପରି ୫ଥର ଆସିଛି ୧୯୭୯,୧୯୯୦,୧୯୯୬,୧୯୯୭ ଓ୧୯୯୯ ରେ ; ତା' ପରେ ଗୋଟିଏ ହେଲେ ନାହିଁ, କାରଣ ୨୦୦୩ ରେ ସମ୍ବିଧାନ ସଂଶୋଧନ କରି ସେତେବେଳର କଂଗ୍ରେସ ପରିଚାଳିତ କ୍ୟାବିନେଟ୍ ଏମ୍‌ପିମାନଙ୍କୁ ଦଳର ପ୍ରତିନିଧି କରିଦେଲେ, ନାମକୁ ମାତ୍ର ଲୋକପ୍ରତିନିଧି। ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ଦଳପତି ନିର୍ବାଚନ ଅଧିକାରୀଙ୍କୁ ଯାହାର ନାମ ପଠାଇବେ ସେହି ଲୋକ ହିଁ ଏମ୍‌ପି ବା ଏମ୍‌ଏଲ୍‌ଏ ପ୍ରାର୍ଥୀ ହୋଇପାରିବ, ତାଙ୍କ ଜିତିବାରେ ଦଳ କୋଟି କୋଟି ଟଙ୍କା ଖର୍ଚ୍ଚ କଲେ ବି ତାହା ସମ୍ପୃକ୍ତ ପ୍ରାର୍ଥୀଙ୍କର ଖର୍ଚ୍ଚସୀମାରେ ଗଣାହେବ ନାହିଁ। ଜବାହରଲାଲ ନେହେରୁଙ୍କ କାଳରେ ଯେପରି ଯଶସ୍ୱୀ ବ୍ୟକ୍ତିମାନେ ଏମ୍‌ପି ହୋଇପାରୁଥିଲେ ତା' ଏବେ ଅସମ୍ଭବ। ଏଣିକି ସମସ୍ତେ ଦଳନେତାଙ୍କ ଗୋଡ଼ାଣିଆ, ନିର୍ବାଚନ ଫଳ ଆଉ ଜନାଦେଶ ହେବ ନାହିଁ, ତା' ଦଳାଦେଶ ହେବ। ଏହାର ଫଳ ଗତ ଦେଢ଼ ଦଶନ୍ଧିରେ ମିଳିଗଲାଣି। ଏମ୍‌ପିମାନେ (ସେହିଭଳି ଏମ୍‌ଏଲ୍‌ଏମାନେ) ଆଉ ଲୋକ ପ୍ରତିନିଧି ଭଳି କାମ କରୁନାହାନ୍ତି। ବଜେଟ ବିନା ଆଲୋଚନାରେ ପାସ୍ ହେଉଛି, ଲୋକ ସଭା ବର୍ଷକରେ ୧୦୦ ଦିନ ବି ବସୁନାହିଁ। ବର୍ଷକରେ ୩ଟି ଅଧିବେଶନ ବସୁଛି, କାରଣ ସମ୍ବିଧାନ କହୁଛି ଯେ ଦୁଇଟି ଅଧିବେଶନ ଭିତରେ ୬ ମାସରୁ ବେଶି ବ୍ୟବଧାନ ରହିବ ନାହିଁ। ଏ ପ୍ରାବଧାନ ନ ଥିଲେ ଲୋକ ସଭା ଶାସକଦଳର ଦଳପତିଙ୍କ ମର୍ଜିରେ ବସନ୍ତା। ଯେହେତୁ ପ୍ରତିନିଧିମାନେ ବଜେଟ ପାସ୍ କଲେ ହିଁ ସରକାର ଖର୍ଚ୍ଚ କରିପାରିବେ। ତେଣୁ ବଜେଟ ସେସନ ଡକାହେବ। ୧୯୫୨ରୁ୧୯୭୦ ମଧ୍ୟରେ ଲୋକ ସଭା ବର୍ଷକୁ ୧୨୧ ଦିନ ବସୁଥିଲା ତ ୨୦୦୦ ରେ ମାତ୍ର ୬୮ ଦିନ ବସିଛି। ଏବେ ବର୍ଷଯାକ ୧୦୦ ଦିନ ବି ବସୁନାହିଁ। ମୁଲତବୀ ପ୍ରସ୍ତାବ ପ୍ରାୟ ଆସୁନାହିଁ। ତେଣୁ ଜରୁରୀ ବିଷୟ ସଙ୍ଗେ ସଙ୍ଗେ ଲୋକ ସଭା ବା ବିଧାନସଭାରେ ଆଲୋଚିତ ହେଉନାହିଁ।

ରାଜ୍ୟଗୁଡ଼ିକର ବିଧାନସଭା ବି ସେହିପରି। ଓଡ଼ିଶା ବିଧାନସଭା କଥା ଦେଖନ୍ତୁ, ଗତ ୮୩ ବର୍ଷରେ ମାତ୍ର ୧୨ ଥର ବର୍ଷକୁ ୬୦ ଦିନିଆ ଅଧିବେଶନ ହୋଇଛି: ସପ୍ତାହକୁ ଦିନେ ପାଖାପାଖି। ଦିନକ ଅଧିବେଶନ ପାଇଁ ସିକ୍ୟୁରିଟି ଓ ଅନ୍ୟ ବନ୍ଦୋବସ୍ତ ଉପରେ ପ୍ରାୟ ୨ କୋଟି ଟଙ୍କା ଖର୍ଚ୍ଚ ହୁଏ। ୧୯୫୨ରୁ ୧୯୭୦ ଭିତରେ ବର୍ଷକୁ ହାରାହାରି ୧୨୧ ଦିନ ଆସେମ୍ବ୍ଲି ବସୁଥିଲା ବେଳେ ଏବେ ବର୍ଷକୁ ପ୍ରାୟ ୬୮ ଦିନ ବସୁଛି। ଲୋକଙ୍କ ସମସ୍ୟା ଆଲୋଚନା ପାଇଁ ବିଧାୟକମାନେ ସିରିଅସ୍ ନୁହନ୍ତି, ବିଧାନସଭା ଚଳାଇବାରେ ରାଜନୈତିକ ଦଳଗୁଡ଼ିକ ସିରିଅସ୍ ନୁହନ୍ତି। ଆଲୋଚନା, ବିତର୍କ ଓ ବିଧାୟକଙ୍କ ଦାୟିତ୍ୱ ନିଭାଇବା ସେମାନେ ଚାହୁଁନାହାନ୍ତି। ସରକାରୀ କର୍ମଚାରୀମାନେ ସପ୍ତାହରେ ଦିନେ କାମ କରି ବର୍ଷକର (୫୨ ସପ୍ତାହର) ଦରମା ପାଇବେ କି? ନୋ ୱାର୍କ ନୋ ପେ, 'କାମ କରୁନାହଁ ତ ଦରମା ନାହିଁ' – ଏ ନିୟମ ତ ବିଧାୟକ ଓ ସାଂସଦମାନେ ତିଆରି କରିଛନ୍ତି, ନିଜ ପ୍ରତି କାହିଁକି ଲାଗୁ କରୁନାହାନ୍ତି?

୨୦୦୩ର ସମ୍ବିଧାନ ସଂଶୋଧନ ପରଠାରୁ ଦଳପତି ଯାହାଙ୍କ ନାଁ ନିର୍ବାଚନ ଅଧିକାରୀଙ୍କୁ ଲେଖି ଦେବେ ସେ ହିଁ ନିର୍ବାଚନରେ ପ୍ରାର୍ଥୀ ହୋଇପାରିବେ, ସେ ନିର୍ବାଚନମଣ୍ଡଳୀର ଭୋଟର ନ ହୋଇଥିଲେ ବି। ପ୍ରତିନିଧିଙ୍କ ଅଯୋଗ୍ୟତାରେ ଯୋଡ଼ାଗଲା ଦଳର ନିର୍ଦ୍ଦେଶ (ହ୍ୱିପ୍)କୁ ନ ମାନିବା। ତେଣୁ ଏବେ ଏମ୍‌ଏଲ୍‌ଏ ଓ ଏମ୍‌ପିମାନେ 'ଲୋକ'ପ୍ରତିନିଧି ନୁହନ୍ତି, 'ଦଳ'ପ୍ରତିନିଧି ହୋଇଗଲେଣି ; ଭୋଟଫଳ 'ଜନାଦେଶ' ନୁହେଁ 'ଦଳାଦେଶ' ହେଉଛି। ତେଣୁ ନିର୍ବାଚନକୁ ନିୟନ୍ତ୍ରଣ କରୁଥିବା ଆଇନକୁ ଲୋକ ପ୍ରତିନିଧି ଆଇନ (ଆର୍‌ପିଏ) ନ କହି ରାଜନୈତିକ ଦଳ ପ୍ରତିନିଧି ଆକ୍ଟ (ଗୋଟିଏ ଅଧିକା 'ପି' ଯୋଡ଼ି ରିପ୍ରେଜେଣ୍ଟେଶନ ଅଫ୍ ପଲିଟିକାଲ୍ ପାର୍ଟିଜ୍ ଆକ୍ଟ, 'ଆର୍‌ପିପିଏ' କହିଲେ ଠିକ୍ ଅର୍ଥ ବୁଝାଇବ।

sahadevas@yahoo.com

# ଜଳବାୟୁ ପରିବର୍ତ୍ତନ ଓ ସ୍ୱାସ୍ଥ୍ୟ ସମସ୍ୟା



ଡା. ସମ୍ରାଟ୍ କର

ଗତ କିଛି ଦଶନ୍ଧିରେ ବିଶ୍ୱସ୍ତରରେ ଜଳବାୟୁ ଦ୍ୱାରା ସୃଷ୍ଟି ହେଉଥିବା ବିପର୍ଯ୍ୟୟ ମାନବ ଜୀବନ ଓ ଏହାର ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଉତ୍ତରପ୍ରଦେଶ, ତାମିଲନାଡୁ, ବିହାର, ଆସାମ, ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟରେ ଦେଖାଦେଉଥିବା ବନ୍ୟା ସ୍ଥିତି ହେଉଛି ଜଳବାୟୁ ପରିବର୍ତ୍ତନର କାରଣ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଡବ୍ଲ୍ୟୁଏଚ୍‌ଓ ଅନୁସାରେ ୨୦୩୦ ଓ ୨୦୫୦ ମଧ୍ୟରେ ଜଳବାୟୁ ପରିବର୍ତ୍ତନ କାରଣରୁ କୁପୋଷଣ, ମ୍ୟାଲେରିଆ, ଡାଇରିଆ, ଲୁ' ଆଦି ଯୋଗୁ ବର୍ଷକୁ ଅଢ଼େଇ ଲକ୍ଷ ଲୋକଙ୍କ ଅକାଳ ବିୟୋଗ ଘଟିବ। ବିଶେଷକରି ଯୁବପିଢ଼ି ଓ ବରିଷ୍ଠ ନାଗରିକ ଏଭଳି ଏକ ଦୁଷ୍ପରିଣାମକୁ ସାମ୍ନା କରିବେ।

ବାୟୁ ମଣ୍ଡଳରେ ଉତ୍ତାପ ବୃଦ୍ଧି ଯୋଗୁ ଲୋକେ ନୂଆ ନୂଆ ରୋଗରେ ଆକ୍ରାନ୍ତ ହେଉଛନ୍ତି ; ଯାହାର ନିରାକରଣ ପାଇଁ ଏ ପର୍ଯ୍ୟନ୍ତ କୌଣସି ଔଷଧ ତିଆରି ହୋଇନାହିଁ। ଯଦି ତାପମାତ୍ରା ବୃଦ୍ଧି ନିୟନ୍ତ୍ରିତ ନ ହୁଏ, ତେବେ ଆଗାମୀ ଦିନରେ ଅର୍ଥାତ୍ ୧୦–୨୦ ବର୍ଷ ମଧ୍ୟରେ ଭୟଙ୍କର ବିନାଶ ଘଟିପାରେ। ସେହିପରି ଶରୀରର ଟିସୁ ଠିକ୍ ଭାବେ କାମ କରିବ ନାହିଁ। ମୁଖ୍ୟତଃ ଶୀତଦିନେ ଅତ୍ୟଧିକ ଗରମ ହେଉଥିବାରୁ ମଶାସଂଖ୍ୟା ବୃଦ୍ଧି ପାଉଛି। ଫଳରେ ଲୋକେ ମ୍ୟାଲେରିଆ, ଡେଙ୍ଗୁ, ଜିକା ଭାଇରସ୍ ଭଳି ରୋଗରେ ଆକ୍ରାନ୍ତ ହେଉଛନ୍ତି। ବଡ଼ କଥା ହେଉଛି, କ୍ୟାନ୍‌ସର ଆଶଙ୍କା ମଧ୍ୟ ବଢ଼ିବ। କ୍ୟାନ୍‌ସର ଭଳି ମାରାତ୍ମକ ରୋଗ ପାଇଁ ଜଳବାୟୁ ପରିବର୍ତ୍ତନ ଅନ୍ୟତମ କାରଣ। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏନ୍‌ଭାଇରନ୍‌ମେଣ୍ଟାଲ ହେଲ୍‌ଥ ସାଇନ୍ସରେ ଏ ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି। ଅତ୍ୟଧିକ ଗରମ କାରଣରୁ ରସାୟନ କଣିକା ପବନରେ ରହିଥାଏ ଯଦ୍ୱାରା ଶ୍ୱାସକ୍ରିୟା ସମୟରେ ଏହା ଶରୀରକୁ ଯାଇ ଫୁସ୍‌ଫୁସ୍‌କୁ ପ୍ରଭାବିତ କରିଥାଏ। ସେହିପରି ବାୟୁ ପ୍ରଦୂଷଣର ପ୍ରଭାବ ମଧ୍ୟ କ୍ୟାନ୍‌ସରର ଅନ୍ୟତମ କାରଣ। ଅତ୍ୟଧିକ ପ୍ରଦୂଷଣ ଯୋଗୁ ଓଜୋନ ସ୍ତରରେ ଛେଦ ସୃଷ୍ଟି ହୁଏ। ଫଳରେ ଅତିବାଇଗଣୀ ରଶ୍ମି ଚର୍ମକୁ କର୍କଟର କାରଣ ହୋଇଥାଏ। ସେହିପରି ଶ୍ୱାସରୋଗୀଙ୍କ ସଂଖ୍ୟା ବଢ଼ିବ। ଅନ୍ୟପଟେ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧିପାଇଲେ ବାୟୁପ୍ରଦୂଷଣ ବଢ଼ିବ। ଏହାଦ୍ୱାରା ଶ୍ୱାସକ୍ରିୟାରେ ସମସ୍ୟା ଉପୁଜିବା ସହ ଫୁସ୍‌ଫୁସ୍ ସମ୍ବନ୍ଧୀୟ ସମସ୍ୟା ଦେଖାଦେବ। କେବଳ ଏତିକି ନୁହେଁ, ଶ୍ୱାସରୋଗୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ। ଏପରି କି ହୃଦ୍‌ଘାତ, ଜଳ ଶୁଷ୍କତା ଓ ଚିଡ଼ିଚିଡ଼ାପଣ ଆଦି ଦେଖାଦେବ। ଅନ୍ୟପଟେ ଏହିସବୁ ସମସ୍ୟା ପିଲାଙ୍କ ମସ୍ତିଷ୍କ ବିକାଶକୁ ପ୍ରଭାବିତ କରିବ।

ପରିବେଶର ବାତାବରଣ ଅନୁସାରେ ମଣିଷ ନିଜକୁ ଖାପଖୁଆଇ ଚଳିଲେ ସୁଦ୍ଧା ଶରୀର ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପଡୁଛି। ସମୁଦ୍ର ଜଳସ୍ତର ବୃଦ୍ଧି ହେଉଛି । ଏଭଳି ହେଲେ ବିଶୁଦ୍ଧ ଜଳ ସଙ୍କଟ ଦେଖାଦେବ, ଯଦ୍ଦ୍ୱାରା ଦୂଷିତ ଜଳରୁ



ଉତ୍ପନ୍ନ ବିଭିନ୍ନ ପ୍ରକାରର ରୋଗ ସୃଷ୍ଟି ହେବ। ଏହିସବୁ ରୋଗ ମହାମାରୀର ରୂପ ନେଇପାରନ୍ତି ଏବଂ ମାନସିକ ରୋଗ ବଢ଼ିବାର ସମ୍ଭାବନା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଦେଖାଦେଉଥିବା ରୋଗ ମଧ୍ୟରେ ସବୁଠୁ ଆଗରେ ଅଛି ମାନସିକ ରୋଗ। ଏହା ସହ ପିଲାମାନେ ଜଳବାୟୁ ପରିବର୍ତ୍ତନର ଶିକାର ହେଉଛନ୍ତି। ମନୋବିଜ୍ଞାନୀଙ୍କ ମତାନୁସାରେ, ଛୋଟ ପିଲାଙ୍କଠାରେ ଚିନ୍ତା, ଅବସାଦ, ଦୁଃଖ ଆଦି ସମସ୍ୟା ଦେଖିବାକୁ ମିଳୁଛି। ସେହିପରି ପିଲାଙ୍କଠାରେ ଦେଖାଦେଉଥିବା ଏଭଳି ସମସ୍ୟାକୁ ମନୋବିଜ୍ଞାନୀ ଇକୋ ଆନ୍‌ଜାଇଟି ବୋଲି କହିଥାନ୍ତି। ଅନ୍ୟପଟେ ପିଲାଙ୍କ ବ୍ୟବହାରରେ ଆସୁଥିବା ପରିବର୍ତ୍ତନ ପାଇଁ ଅନେକାଂଶରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ରହିଛି। ତେବେ ଦୁଃଖର ବିଷୟ , କେବଳ ବୟସ୍କ ଲୋକ ନୁହନ୍ତି ବରଂ ଛୋଟ ଛୋଟ ପିଲାମାନଙ୍କଠାରେ ହଠାତ୍ କୌଣସି ବିଷୟକୁ ନେଇ ରାଗିଯିବା, ଚିଡ଼ିଯିବା, ହତାଶ ହେବା, ଦୁଃଖ କରିବା ଆଦି ଲକ୍ଷଣ ଦେଖାଦେଉଛି ; ଯାହାକି ମାନସିକ ରୋଗକୁ ଇଙ୍ଗିତ କରୁଛି।

ଜଳବାୟୁ ପରିବର୍ତ୍ତନର ପ୍ରଭାବରୁ ସମ୍ପ୍ରତି ନୂଆ ରୋଗ ଉଭା ହୋଇଛି। ଏହାଦ୍ୱାରା ପାଖାପାଖି ସବୁ ଦେଶ ପ୍ରଭାବିତ ହେଲେଣି। ଏହି କ୍ରମରେ ନିକଟରେ କାନାଡ଼ାରେ ଜଣେ ୭୦ ବର୍ଷୀୟା ମହିଳା ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପୀଡ଼ିତ ହୋଇଛନ୍ତି। ତା' ସହ ଏହା ହେଉଛି ବିଶ୍ୱର ଜଳବାୟୁ ପରିବର୍ତ୍ତନଜନିତ ପ୍ରଥମ ମାମଲା। ଅବଶ୍ୟ ମହିଳାଙ୍କ ନାଁ ଏବେ ସାମ୍ନାକୁ ଆସିନାହିଁ। ସମ୍ପୃକ୍ତା ମହିଳାଙ୍କର ଶ୍ୱାସକ୍ରିୟା ସମ୍ବନ୍ଧୀୟ ସମସ୍ୟା ଥିବା ନେଇ ସେ କାନାଡ଼ାର କୁଟନି ଲେକ୍ ହସ୍ପିଟାଲର ଡାକ୍ତର କାଇଲ ମେରିଟ୍‌ଙ୍କ ପାଖକୁ ଚିକିତ୍ସିତ ହେବାକୁ ଆସିଥିଲେ। କାଇଲ ତାଙ୍କର ଚିକିତ୍ସା କରିବା ପରେ ଜଳବାୟୁ ପରିବର୍ତ୍ତନ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥିବା କହିଥିଲେ। ସାଧାରଣତଃ କାନାଡ଼ାକୁ ସବୁଠୁ ଥଣ୍ଡା ଦେଶ ବୋଲି କୁହାଯାଏ। ଏଠାରେ ତୁଷାରପାତ ହେବା ସହ ତାପମାତ୍ରା ମାଇନସ୍ ଡିଗ୍ରୀକୁ ଚାଲିଯାଏ। ମାତ୍ର ଏଥର ଜୁନ–ଜୁଲାଇରେ ଦେଖାଦେଇଥିବା ହିଟ୍ ୱେଭ ଯୋଗୁ କାନାଡ଼ା ପ୍ରଭାବିତ ହୋଇଛି। ହିଟ୍ ୱେଭ ଯୋଗୁ କାନାଡ଼ାର ତାପମାତ୍ରା ଥିଲା ୪୯.୬ ଡିଗ୍ରୀ ସେଲ୍‌ସିୟସ, ଯାହା କାନାଡ଼ା ଇତିହାସରେ ସର୍ବାଧିକ ତାପମାତ୍ରା। ହିଟ୍‌ୱେଭ ଯୋଗୁ ଜଙ୍ଗଲରେ ନିଆଁ ଲାଗିବା ଓ ଧୂଆଁ ଯୋଗୁ ପବନର ଗୁଣ ମଧ୍ୟ ଖରାପ ହେଲା। ଯେଉଁଥିପାଇଁ ମହିଳାଙ୍କଠାରେ ଏଭଳି ଏକ ସମସ୍ୟା ଦେଖିବାକୁ ମିଳିଛି ଓ ଏବେ ସୁଦ୍ଧା ଏଥିରୁ କାନାଡ଼ାରେ ୫୦୦ ଜଣ ପ୍ରାଣ ହରାଇଛନ୍ତି। ଯଦିଓ ମହିଳା ଜଣକ ହାଇଡ୍ରେଟ୍ ରହିବା ପାଇଁ ଚେଷ୍ଟା କରୁଛନ୍ତି, ତଥାପି ଲୁ' ତାଙ୍କ ଶରୀରକୁ ଅତ୍ୟଧିକ ମାତ୍ରାରେ ପ୍ରଭାବିତ କରିଛି। ସେହିପରି ଜଳବାୟୁ ପରିବର୍ତ୍ତନର ପ୍ରଭାବ ସ୍ୱାସ୍ଥ୍ୟ ଉପରେ କିଭଳି ପ୍ରଭାବ ପକାଇବ, ତାହା ମଧ୍ୟ ଏଥିରୁ ବିଶେଷଜ୍ଞମାନେ ସ୍ପଷ୍ଟ ଭାବେ ବୁଝିପାରୁଥିବା ସେ କହିଛନ୍ତି। ଆଗାମୀ ଦିନରେ ଜଳବାୟୁ ପରିବର୍ତ୍ତନ ଯୋଗୁ ଲୋକମାନେ ଘରଛାଡ଼ି ପଳାୟନ କରିବାକୁ ବାଧ୍ୟ ହେବେ। ବିଶେଷଜ୍ଞଙ୍କ ଅନୁସାରେ ୨୦୫୦ ସୁଦ୍ଧା ପ୍ରାୟ ୨୦ କୋଟି ଲୋକ ଏହା ଯୋଗୁ ନିଜ ଭିଟାମାଟି ଛାଡ଼ିବେ।

ମାନସିକ ରୋଗ ବିଶେଷଜ୍ଞ,
ଦି' ବ୍ରେନ୍, ପୁରୀଘାଟ ରୋଡ, କଟକ
ମୋ: ୯୧୩୨୪୩୩୩୩୩

## ଏଇ ଭାରତରେ

ବନ ସଂରକ୍ଷଣରେ ବ୍ରତୀ ମଣିପୁରର ମୋଇରଙ୍ଗଥେମ ଲୋଇଆଙ୍କ ଜୀବନ ଅତ୍ୟନ୍ତ ପ୍ରେରଣାଦାୟକ। ସେ ଚାକିରି ଛାଡ଼ି ଦୀର୍ଘ ୨୦ ବର୍ଷ ହେଲା ୩୦୦ ଏକର ପାହାଡ଼ି ଜମିରେ ଜଙ୍ଗଲ ସୃଷ୍ଟିକରି ତାହାର ଯତ୍ନ ନେଉଛନ୍ତି। ଜଙ୍ଗଲରେ ସେ ୧୦୦ରୁ ଊର୍ଦ୍ଧ୍ୱ କିସମର ଗଛ ଲଗାଇଛନ୍ତି। ଏବେ ସେଥିରେ ପ୍ରାୟ ୨୫ ପ୍ରଜାତିର ଜୀବ ରହୁଛନ୍ତି। ଲୋଇଆ ରହନ୍ତି ପଶ୍ଚିମ ଇମ୍ଫାଲରେ। ବିଶ୍ୱତାପନ ରୋକିବାରେ ଲୋଇଆଙ୍କ ୨ ଦଶକ ବ୍ୟାପୀ ସଂଘର୍ଷର ସ୍ୱାକ୍ଷର ବହନ କରୁଥିବା ଏହି ଜଙ୍ଗଲକୁ ବହୁ ପର୍ଯ୍ୟଟକ ମଧ୍ୟ ଆସିଥାନ୍ତି। ୨୦୦୦ରେ ସେ ଚେନ୍ନାଇରେ ପଢ଼ା ଶେଷକରି ଚାକିରି କରିଥିଲେ ଓ ତାହା ଛାଡ଼ି ଇମ୍ଫାଲ ଫେରିବା ପରେ ସହରର ବାହାର ଭାଗରେ ଥିବା ପାହାଡ଼ରେ ଜଙ୍ଗଲ କଟା ଦୃଶ୍ୟ ତାଙ୍କୁ ବ୍ୟଥିତ କରିଥିଲା। ଫଳରେ ସେ ସେଠାରେ ଏକ କୁଡ଼ିଆ ଘରେ ରହି ଗଛ ଲଗାଇବା ଆରମ୍ଭ କରିଥିଲେ। ଏଥିରେ ତାଙ୍କ ସାଙ୍ଗମାନେ ସାମିଲ ହେବା ପରେ ସେ 'ୱାଇଲ୍ଡ ଲାଇଫ୍ ଆଣ୍ଡ ହାବିଟାଟ ପ୍ରୋଟେକ୍‌ସନ ସୋସାଇଟି'ଗଠନ କରି ବୃକ୍ଷରୋପଣ କାର୍ଯ୍ୟକୁ ବ୍ୟାପକ କରିଥିଲେ। ଜଙ୍ଗଲ ସୃଷ୍ଟି କରିବା ସହ ଆଖପାଖ ଜଙ୍ଗଲର ସଂରକ୍ଷଣ ଓ ଅବୈଧ ପଶୁ ଶିକାରକୁ ରୋକିବାରେ ବି ସକ୍ଷମ ହୋଇଛନ୍ତି ୪୭ ବର୍ଷୀୟ ଲୋଇଆ।

## ୨୫ ବର୍ଷ ତଳର ଧରିତ୍ରୀ

**୧୩ ଡିସେମ୍ବର ୧୯୯୭**

- ରୁଆଣ୍ଡାର ଉତ୍ତର–ପଶ୍ଚିମାଞ୍ଚଳ ମୃତେଣ୍ଡେ ଶିବିର ଉପରେ ସନ୍ଦିଗ୍ଧ ହୁଟୁ ବିଦ୍ରୋହୀଙ୍କ ଅତର୍କିତ ଆକ୍ରମଣରେ ୨୦୦ ଟୁଟ୍‌ସୀ ଶରଣାର୍ଥୀ ମୃତ।
- ଜାତୀୟ ରାଜନୈତିକ ଦଳର ମର୍ଯ୍ୟାଦା ବଜାୟ ରଖିବା ପାଇଁ ମୋଟ ମତଦାନର ଶତକଡ଼ା ୬ ଭାଗ ଭୋଟ ହାସଲ କରିବାକୁ ପଡ଼ିବ ବୋଲି ନିର୍ବାଚନ କମିଶନଙ୍କ ନିଷ୍ପତ୍ତି।
- ୮ ଶହ କୋଟି ଟଙ୍କା ବ୍ୟୟରେ ହୀରାକୁଦସ୍ଥିତ ଇଣ୍ଡଲ ଆଲୁମିନିୟମ କାରଖାନାର ସଂପ୍ରସାରଣ ପାଇଁ ରାଜିନାମା ସ୍ୱାକ୍ଷରିତ।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 7 | | 9 | 8 | | |
| | | | | | | 6 | | |
| | 7 | 4 | | 3 | | | | |
| 8 | | | | | 7 | | | 4 |
| | 2 | 9 | 4 | | 8 | | | |
| | | | | | 5 | | | 9 |
| | 4 | | | | 6 | | | |
| 9 | | 2 | | | | 7 | | 5 |
| | | | | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 3 | 7 | 6 | 9 | 5 | 4 | 2 | 8 |
| 6 | 2 | 4 | 8 | 1 | 7 | 3 | 5 | 9 |
| 9 | 5 | 8 | 4 | 2 | 3 | 6 | 7 | 1 |
| 7 | 4 | 3 | 1 | 6 | 2 | 8 | 9 | 5 |
| 2 | 9 | 6 | 3 | 5 | 8 | 7 | 1 | 4 |
| 5 | 8 | 1 | 9 | 7 | 4 | 2 | 3 | 6 |
| 3 | 1 | 2 | 5 | 4 | 6 | 9 | 8 | 7 |
| 8 | 6 | 9 | 7 | 3 | 1 | 5 | 4 | 2 |
| 4 | 7 | 5 | 2 | 8 | 9 | 1 | 6 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କାରଗିଲ ରାସ୍ତା ଚଉଡ଼ା କରାଯାଉ

ମହାଶୟ,

ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ଥିବା ୬୨ନଂ. ୱାର୍ଡର ପୋଖରୀପୁଟ ଗୋଲେଇ ଛକରୁ ପଳାଶପଲ୍ଲୀ ପର୍ଯ୍ୟନ୍ତ ଦୁଇ କିମି ରାସ୍ତା ଦିନକୁ ଦିନ ସଂକୀର୍ଣ୍ଣ ହୋଇ ପଡ଼ିଲାଣି। ଫଳରେ ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ସ୍ଥାନୀୟ ଅଧିବାସୀ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାରଗିଲ ବସ୍ତି ବାସିନ୍ଦାଙ୍କ ଚଳପ୍ରଚଳ ସହ ଲିଙ୍ଗରାଜ ବିହାର ଓ ପୋଖରୀପୁଟ ଜନସାଧାରଣଙ୍କ ଗାଡ଼ିମୋଟର ଚଳାଚଳରେ ବ୍ୟାଘାତ ସୃଷ୍ଟି ହେଉଛି। ଏହା ବ୍ୟତୀତ ବିଏମ୍‌ସି ପକ୍ଷରୁ ଆଲୋକୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ରାତିରେ ଚଳପ୍ରଚଳ ହେବାକୁ ଜନସାଧାରଣ ନିରାପଦ ମଣୁନାହାନ୍ତି। ବିଳମ୍ବିତ ରାତିରେ ଅସାମାଜିକ ବ୍ୟକ୍ତି ଉକ୍ତ ରାସ୍ତାରେ ନିଶା ପାନ କରି ସମସ୍ୟା ସୃଷ୍ଟି କରୁଛନ୍ତି। ଉକ୍ତ ରାସ୍ତାରୁ ଜବରଦଖଲ ହଟାଇବା ସଙ୍ଗେ ସଙ୍ଗେ ପ୍ରଶସ୍ତୀକରଣ, ଆଲୋକୀକରଣ ଓ ବୁଲା ଗୋରୁ ଓ କୁକୁରଙ୍କ ପ୍ରତି ବିଏମ୍‌ସି କର୍ତ୍ତୃପକ୍ଷ ଦୃଷ୍ଟି ଦେଲେ ଦୁର୍ଘଟଣାମାନ ହ୍ରାସ ପାଇବ। ଗମନାଗମନରେ ଅସୁବିଧା ହେବ ନାହିଁ।

–ନିର୍ମଳ ଚନ୍ଦ୍ର ସାମଲ, ବିଦ୍ୟାଧରପୁର, ଭୁବନେଶ୍ୱର

## ଚିରନ୍ତନୀ

ଏତିକି ଖାଲି ରହିଛି ଆସ
ତୁମେ ଯେ ମୋର ଜୀବନେ ରାସ!
ହତାଶ ଗାଥା ଶୁଣାଇବାକୁ
କବିର ତୁମେ ଚିର ନିବାସ।
–(କବିର ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଦକ୍ଷତା ବିକାଶ ଶିକ୍ଷାକୁ ଗୁରୁତ୍ୱ

## ଅଷ୍ଟ୍ରେଲିଆ ପ୍ରତିନିଧିଙ୍କ ସହ ରାଜ୍ୟ ସରକାରଙ୍କ ଆଲୋଚନା



ଆଲୋଚନାବେଳେ ଅଷ୍ଟ୍ରେଲିଆ ପ୍ରତିନିଧିଙ୍କ ସହ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଓ ଅନ୍ୟମାନେ।

ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)

ରାଜ୍ୟରେ ଥିବା ସରକାରୀ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ପାଇଁ ଉଚ୍ଚଶିକ୍ଷା ବିଭାଗ ଗୁରୁତ୍ୱାରୋପ କରିଛି। ଏଥିନିମନ୍ତେ ବିଭିନ୍ନ ପଦକ୍ଷେପ ଓ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସୋମବାର ରାଜ୍ୟ ସରକାର ଓ ଅଷ୍ଟ୍ରେଲିଆନ ବିଶ୍ୱବିଦ୍ୟାଳୟଗୁଡ଼ିକର ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ହୋଇଛି। ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାରେ ଅଷ୍ଟ୍ରେଲିଆ ମିନିଷ୍ଟର କାଉନ୍ସିଲ୍(ଶିକ୍ଷା ଓ ଗବେଷଣା)ର ମି. ମାଥ୍ୟୁ ଜନ୍ଷ୍ଟନ, ଡାଇକିନ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ର. ଇୟାନ୍ ମାର୍ଟିନ୍, କୋଲକାତାସ୍ଥିତ ଅଷ୍ଟ୍ରେଲିଆନ୍ କନ୍ସୁଲେଟ୍ ଜେନେରାଲ୍ଙ୍କୁ ନେଇ ଗଠିତ ମିଳିତ ପ୍ରତିନିଧି ମଣ୍ଡଳୀ ଅଂଶଗ୍ରହଣ କରିଥିଲେ। ଏଥିସହ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦକ୍ଷତା ଓ ସୃଜନଶୀଳତାର ବିକାଶ ନିମନ୍ତେ ସହଯୋଗର ନକ୍ସା ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି ଉପସ୍ଥାପିତ କରିଥିଲେ। ଅଷ୍ଟ୍ରେଲିଆର ବିଭିନ୍ନ ବିଶ୍ୱବିଦ୍ୟାଳୟଗୁଡ଼ିକର ଉଚ୍ଚଶିକ୍ଷାର ସମ୍ପୂର୍ଣ୍ଣ ଚିତ୍ର ତଥା ବିଶ୍ୱରେ ଗବେଷଣା କ୍ଷେତ୍ରରେ ଉପଲବ୍ଧି କରିଥିବା ତଥ୍ୟ ସଂକ୍ରାନ୍ତରେ ଶିକ୍ଷାବିତ୍ମାନେ ଅବଗତ ହୋଇଥିଲେ।

ମନ୍ତ୍ରୀ ପୂଜାରୀ କହିଲେ, ଛାତ୍ରୀଛାତ୍ର ଦକ୍ଷ ହେବା ଜରୁରୀ। ସେମାନେ ଚାକିରି ନ ଖୋଜି କିପରି ଚାକିରୀ ପ୍ରଦାନକାରୀ ହୋଇପାରିବେ ତାହାକୁ ଗୁରୁତ୍ୱ ଦିଆଯାଉଛି। ସହଯୋଗଭିତ୍ତିକ ଶିକ୍ଷା ପ୍ରଦାନରେ ଓଡ଼ିଶାର ଛାତ୍ରୀଛାତ୍ର ପରିବର୍ତ୍ତନଶୀଳ ଶିକ୍ଷା ବ୍ୟବସ୍ଥାରେ ସମ୍ବଳ ବନିପାରିବା ସହ ଆନ୍ତର୍ଜାତିକ ସ୍ତରର ଗବେଷଣାରେ ପ୍ରସିଦ୍ଧି ଲାଭ କରିପାରିବେ ବୋଲି ମନ୍ତ୍ରୀ ମତପ୍ରକାଶ କରିଥିଲେ। ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ବିଶ୍ୱବିଦ୍ୟାଳୟ ଶିକ୍ଷାରେ ରୂପାନ୍ତରୀକରଣ ପ୍ରକ୍ରିୟା ସମ୍ବନ୍ଧରେ ବିଶେଷ ତଥ୍ୟ ଉପସ୍ଥାପିତ କରିଥିଲେ। ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା କାଉନ୍ସିଲ (ଓଏସ୍ଏଚ୍ଇସି) ଉପାଧ୍ୟକ୍ଷ ପ୍ରଫେସର ଅଶୋକ ଦାସ ଦକ୍ଷତା ବିକାଶ ଓ ଗବେଷଣା କ୍ଷେତ୍ରରେ ସହଯୋଗର ବିଭିନ୍ନ ଦିଗ ସମ୍ବନ୍ଧରେ ଆଲୋଚନା କରିଥିଲେ। ବିଭାଗର ଅତିରିକ୍ତ ଶାସନ ସଚିବ ବୀରେନ୍ଦ୍ର କରକରା ଧନ୍ୟବାଦ ଅର୍ପଣ କରିଥିଲେ। ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଅଧ୍ୟକ୍ଷ ମୁକ୍ତିକାନ୍ତ ମିଶ୍ର ଉପସ୍ଥିତ ଥିଲେ।

# ସନ୍ତାନ ନ ହେବାରୁ ସ୍ତ୍ରୀକୁ ପିଟି ହତ୍ୟା

## ସ୍ୱାମୀ ଗିରଫ

ବାରିପଦା ଅଫିସ,୧୨।୧୨: ବାରିପଦା ସଦର ଥାନା ବୁଢ଼ୀଆଶୋଳ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ବିବାହର ଦୀର୍ଘବର୍ଷ ପରେ ପିଲା ନ ହେବାରୁ ସ୍ୱାମୀ ଠେଙ୍ଗାରେ ସ୍ତ୍ରୀକୁ ପିଟି ହତ୍ୟା କରିଛନ୍ତି। ଏ ନେଇ ମୃତ ମହିଳାଙ୍କ ଭାଇ ସାଗରାମ ମୁର୍ମୁଙ୍କ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ରସିକ ମାରାଣ୍ଡି। ପୋଲିସ ସୂଚନା ମୁତାବକ, ବାହାଘରର ଦୀର୍ଘ ବର୍ଷ ପରେ ମଧ୍ୟ ପିଲା ନ ହେବାରୁ ସ୍ତ୍ରୀ ବାଙ୍ଗୀଙ୍କୁ ରସିକ ନିର୍ଯାତନା ଦେଇଆସୁଥିଲେ। ଦୁହିଁଙ୍କ ମଧ୍ୟରେ ଅନେକ ସମୟରେ ଝଗଡ଼ା ମଧ୍ୟ ହେଉଥିଲା। ଶନିବାର ରସିକ ମଦ୍ୟପାନ କରି ଘରକୁ ଆସି ଏକ ବାଉଁଶ ଠେଙ୍ଗାରେ ତାଙ୍କ ମୁଣ୍ଡକୁ ଶକ୍ତ ପ୍ରହାର କରିଥିଲେ। ବାଙ୍ଗୀ ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ପଡ଼ିଥିବା ବେଳେ ପଡ଼ୋଶୀ ତାଙ୍କୁ ଉଦ୍ଧାରକରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ହତ୍ୟା ମାମଲା (ନଂ. ୨୩୮/୨୨)ରେ ରୁଜୁକରି ଅଭିଯୁକ୍ତ ସ୍ୱାମୀଙ୍କୁ କୋର୍ଟଚାଲାଣ କରିଛି।

# ମହିଳାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଜବତ

## ପ୍ରାଥମିକ ତଦନ୍ତରୁ ପଥରରେ ଛେଚି ହତ୍ୟା

ଟେନ୍ସା,୧୨।୧୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୋଇଡ଼ା ଥାନା ଅନ୍ତର୍ଗତ ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ପଛ ଶଗଡ଼ଭଙ୍ଗା ଜଙ୍ଗଲ ରାସ୍ତା ପାର୍ଶ୍ୱରେ ଥିବା ଏକ ନାଳରୁ ସୋମବାର ପୂର୍ବାହ୍ନରେ ପୋଲିସ ଜଣେ ମହିଳାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଜବତ କରିଛି। ମହିଳାଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମୃତା ମହିଳାଙ୍କ ପରିଚୟ ମିଳିପାରିନାହିଁ। ଘଟଣାସ୍ଥଳରୁ ପୋଲିସ ରକ୍ତ ଲାଗିଥିବା ପଥର, ଟର୍ଚ୍ଚ ଓ ଶାର୍ଟ ଜବତ କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ସକାଳେ ସ୍ଥାନୀୟ ଲୋକେ ନାଳରେ ଜଣେ ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ମୃତଦେହ ନିକଟରେ ରକ୍ତଛିଟା ପଡ଼ିଥିବା ବେଳେ ରକ୍ତ ଲାଗିଥିବା ଏକ ପଥର ପଡ଼ିଥିବା ଦେଖିବାକୁ ପାଇଥିଲେ। କେହି ଦୁର୍ବୃତ୍ତ ପଥର ସାହାଯ୍ୟରେ ମହିଳାଙ୍କ ମୁହଁ ,କାନ ଓ ନାକକୁ ଛେଚି ହତ୍ୟା କରିଛି। ମୁହଁକୁ ଏତେ ବିକୃତ କରି ଛେଚାଯାଇଛି ଯେ ତାଙ୍କୁ ଚିହ୍ନଟ କରାଯାଇ ପାରିନାହିଁ। ପୋଲିସ ଓ ରାଉରକେଲାର ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କୋଇଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ପୋଲିସ ଘଟଣାର ତଦନ୍ତ ଚଳାଉଛି। ଖୁବ୍ଶୀଘ୍ର ଏହା ଉପରୁ ପରଦା ଉଠିବ ବୋଲି କୋଇଡ଼ା ଥାନା ଅଧିକାରୀ ଲୋକେଶ୍ୱର ସାହୁ ପ୍ରକାଶ କରିଛନ୍ତି।


Forest Department Odisha
**OFFICE OF THE DIVISIONAL FOREST OFFICER**
**JHARSUGUDA FOREST DIVISION**
Email- dfo.jharsuguda@gov.in, Ph - 06645 - 295040

**TENDER CALL NOTICE**

**Tender Call Notice No. 212** **Dated. 10.12.2022**

**Sub: - Tender Call Notice for Procurement & Installation of Community Aromatic Oil Extraction Unit (304 SS Type) during 2022-23 under District Mineral Foundation (DMF) during 2022-23 raised in Jharsuguda Forest Division.**

Sealed tenders are invited from reputed Dealer / Manufacturer / Individuals for Procurement & Installation of Community Aromatic Oil Extraction Unit (304 SS Type) as required in Jharsuguda Forest Division during the year 2022-23 so as to reach in the O/o the Divisional Forest Officer, Jharsuguda Forest Division on or before **29.12.2022 up to 05.00 PM.**

The application form of Tender containing Technical Bid & Financial Bid information and terms and conditions for Procurement & Installation of Community Aromatic Oil Extraction Unit (SS Type) will be available from 13.12.2022 to 29.12.2022 in the website www.dfojharsuguda.org on deposit of **Rs.4000/- (Rupees Four Thousand only) in shape of Non-Refundable Demand Draft from any State Bank of India in favour of "Divisional Forest Officer, Jharsuguda Forest Division"** towards Tender Paper Cost in the sealed bid document should be submitted, failing which the bidding in tender process is liable for rejection.

The last date of submission of sealed tender by the Registered / Speed Post / Courier Service / by hand on **29.12.2022 upto 05.00 PM.** The **Technical bids will be opened on 30.12.2022 at 11.00 AM & Financial Bid will be opened on 31.12.2022 at 11.00 AM** in presence of the bidder or his authorized representatives in the office of the undersigned. The financial bids shall be opened after evaluation of the technical bids by the Tender Selection Committee. Final selection of the bidder shall be done on LI basis based on cost of the Procurement & Installation of Community Aromatic Oil Extraction Unit (304 SS Type). The undersigned reserves the right to reject any or all tender without assigning any reason thereof.

**Sd./- Divisional Forest Officer,**
**Jharsuguda Forest Division**



**ODISHA PUBLIC SERVICE COMMISSION, CUTTACK**

**NOTICE**

**No.11079/PSC, Dt.12.12.22**
**(DR-IV) (2PW-01-2022-23)**

**No.D-243:** It is for information of all provisionally qualified candidates relating to recruitment to the post of **Geologist**, pursuant to Advertisement No. 13 of 2021 -22 that the document verification and Viva Voce Test will be conducted from **19.12.2022 to 22.12.2022** as per the following programme.

The candidates are required to reach the office of OPSC at 19, Dr. P. K. Parija Road, Cuttack -753001, **30 minutes before** the commencement of document verification as per the scheduled programme.

**PROGRAMME FOR VERIFICATION OF ORIGINAL CERTIFICATES/DOCUMENTS etc.**

| Date of | Time of Verification | Time of Viva Voce Test | Roll Nos. of Candidates to be verified |
|---|---|---|---|
| 19.12.2022 | 09.00 A.M. | 10.45 A.M. | 100004, 100016, 100019, 100031, 100057, 100063, 100097, 100116, 100120, 100137, 100139, 100142 = **12 Candidates** |
| | 01.00 P.M. | 03.00 P.M. | 100148, 100178, 100198, 100202, 100235, 100238, 100258, 100261, 100267, 100269 = **10 Candidates** |
| 20.12.2022 | 09.00 A.M. | 10.45 A.M. | 100287, 100299, 100369, 100378, 100386, 100394, 100396, 100402, 100435, 100436, 100462, 100495 = **12 Candidates** |
| | 01.00 P.M. | 03.00 P.M. | 100499, 100500, 100506, 100515, 100525, 100527, 100548, 100556, 100571, 100583, = **10 Candidates** |
| 21.12.2022 | 09.00 A.M. | 10.45 A.M. | 100589, 100594, 100600, 100603, 100604, 100612, 100668, 100701, 100730, 100733, 100757, 100761 = **12 Candidates** |
| | 01.00 P.M. | 03.00 P.M. | 100771, 100814, 100818, 100884, 100891, 100894, 100897, 100903, 100905, 100906 = **10 Candidates** |
| 22.12.2022 | 09.00 A.M. | 10.45 A.M. | 100913, 100925, 100928, 100934, 100942, 101019, 101036, 101091, 101106, 101138, 101142, 101161= **12 Candidates** |
| | 01.00 P.M. | 03.00 P.M. | 101165, 101167, 101176, 101177, 101186, 101193, 101261, 101274, 101348 = **9 Candidates** |

**N.B.:-** The documents of the concerned candidates shall be verified on the same day before commencement of Viva Voce Test as per the schedule. The candidates those having V.V. Test in morning session are to report in the Office of the Commission at 08.00 A.M. and those having V.V. Test in the afternoon session are to report at 12.30 P.M. positively.

It is also made clear that the candidature of these candidates for the above recruitment is purely provisional. The candidature is liable to rejection in the event of inadequacy/deficiency found at any stage before or after the verification of original certificates/documents and is subject to fulfilment to terms & conditions laid down in the Advertisement.

**THE CANDIDATES ARE REQUIRED TO SUBMIT THE FOLLOWING ORIGINAL CERTIFICATES ALONG WITH SELF ATTESTED PHOTO COPY OF THE FOLLOWING DOCUMENTS AT THE TIME OF VERIFICATION:-**

1. Hard copy of online application form **mentioning Roll No. at the Top Right Hand corner**. Application Forms are available in the website of the Commission. The candidates are required to download the same using their respective user name/mobile number/e-mail and password /OTP through admin login Section of the OPSC website
2. Four **(04) passport size photographs tagged** to the Application Form.
3. H.S.C. or Equivalent Certificate in support of declaration of age.
4. Master's Degree Certificate in Geology or Applied Geology or Earth Science from any recognized University in India.
5. Required Odia Test Pass Certificate issued within 29.10.2021
6. **Caste Certificate by birth** in Support of claim as SCs/ STs/S.E.B.Cs (Please see and refer Note- 1 of the Advertisement).
7. Recent SEBC Certificate (issued within 28.10.2018 to 29.10.2021), wherever applicable;
8. No Objection Certificate issued by the Competent Authority in case of in-service candidates; wherever applicable.
9. Any proof of photo Identity.
10. **Attestation Form duly filled-in (to be downloaded from the website of the Commission).**
11. The candidates are required to mention **"Submitted by me" on each Xerox copy** of documents and put their **full signature and date** on the day of verification.
12. Bio-data form (to be downloaded and duly filled in with passport size photo affixed).
13. Any other documents as per Para-9 of the Advertisement.

It is also made clear that the candidature of these candidates at the time of verification is purely provisional. The candidature is liable for rejection in the event of inadequacy/deficiency found at any stage before or after the verification of original certificates / documents and is subject to fulfilment of terms & conditions laid down in the Advertisement.

**OIPR-12002/11/0219/2223** **Sd./- Secretary (I/C)**


# ୪ବର୍ଷିଆ ୟୁଜି ପାଠ୍ୟକ୍ରମ ନେଇ ବିଜ୍ଞପ୍ତି

ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)

ସ୍ନାତକରେ ଅନର୍ସ ଡିଗ୍ରୀ ପାଇଁ ୪ବର୍ଷ ପାଠ ପଢ଼ିବାକୁ ହେବ। ଏ ନେଇ ପୂର୍ବରୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ପକ୍ଷରୁ ଘୋଷଣା କରାଯାଇଛି। ଜାତୀୟ ଶିକ୍ଷାନୀତି ଅନୁସାରେ ପୂର୍ବରୁ ୟୁଜିସି ଏ ନେଇ ଚିଠା ପ୍ରସ୍ତାବ ପ୍ରସ୍ତୁତ କରିଥିଲା। ସୋମବାର ଏନେଇ ୟୁଜିସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏଥିସହିତ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ଡିମ୍ଡ୍ ୟୁନିଭର୍ସିଟି ଏବଂ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇ ଦିଆଯାଇଛି। ସ୍ନାତକ ପାଇଁ ପ୍ରସ୍ତୁତ ହୋଇଥିବା କରିକୁଲମ ଆଣ୍ଡ୍ କ୍ରେଡିଟ୍ ଫ୍ରେମ୍ୱର୍କକୁ ଲାଗୁ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ କୁହାଯାଇଛି।

ଏହି ନୂତନ ନିୟମାନୁସାରେ,ଏଣିକି ୩ ବର୍ଷ ପରିବର୍ତ୍ତେ ୪ ବର୍ଷ ଅଣ୍ଡରଗ୍ରାଜୁଏଶନ (ୟୁଜି) ପାଠ୍ୟକ୍ରମ ଶେଷ କରିବା ପରେ ଛାତ୍ରୀଛାତ୍ର ଅନର୍ସ ଡିଗ୍ରୀ ସାର୍ଟିଫିକେଟ ପାଇପାରିବେ। ତେବେ ସ୍ନାତକ ଡିଗ୍ରୀ ସାର୍ଟିଫିକେଟ୍ ପାଇବା ପାଇଁ ପୂର୍ବପରି ତିନିବର୍ଷ ପଢ଼ିବାକୁ ପଡ଼ିବ। କିନ୍ତୁ ସ୍ନାତକ ଅନର୍ସ ଡିଗ୍ରୀ ପାଇଁ ୪ବର୍ଷ ରଖାଯାଇଛି। ସେହିଭଳି ଯେଉଁ ଛାତ୍ରୀଛାତ୍ର ପ୍ରାରମ୍ଭିକ ୬ଟି ସେମିଷ୍ଟରରେ ୭୫ ପ୍ରତିଶତରୁ ଅଧିକ ନମ୍ବର ରଖିବେ ଏବଂ ଗ୍ରାଜୁଏଶନ ସ୍ତରରେ ରିସର୍ଚ୍ଚ କରିବାକୁ ଚାହିଁବେ, ସେମାନଙ୍କୁ ଚତୁର୍ଥ ବର୍ଷରେ ରିସର୍ଚ୍ଚ ବିଷୟ ବାଛିବା ପାଇଁ ସୁଯୋଗ ଦିଆଯିବ। ଆଉ ଏହା ପରେ ତାଙ୍କୁ ରିସର୍ଚ୍ଚ ସହିତ ଅନର୍ସ ଡିଗ୍ରୀ ପ୍ରଦାନ କରାଯିବ। ଯେଉଁମାନେ ଏବେ ସ୍ନାତକରେ ନାମ ଲେଖାଇ ସାରିଛନ୍ତି ଏକବର୍ଷ ସମ୍ପୂର୍ଣ୍ଣ ହେବା ପରେ ସେମାନଙ୍କୁ ବର୍ଷକିଆ ସାର୍ଟିଫିକେଟ୍ ମିଳିବ। ଦୁଇବର୍ଷ ପରେ ଡିପ୍ଲୋମା ଓ ତିନି ବର୍ଷ ପରେ ସ୍ନାତକ ସାର୍ଟିଫିକେଟ୍ ଦିଆଯିବ। ତିନି ବର୍ଷିଆ ସ୍ନାତକ ଡିଗ୍ରୀ ଛାତ୍ରୀଛାତ୍ରଙ୍କ ପାଇଁ ଦୁଇ ବର୍ଷିଆ ପିଜି ପାଠ୍ୟକ୍ରମ ଓ ୪ବର୍ଷିଆ ସ୍ନାତକ ଅନର୍ସ ଡିଗ୍ରୀଧାରୀଙ୍କ ଲାଗି ବର୍ଷକିଆ ପିଜି ପାଠ୍ୟକ୍ରମ ରହିବ।

# ଶିକାରୀ ଗୁଳିରେ ଶିକାରୀ ମୃତ

ଜମନକିରା, ୧୨।୧୨(ଡି.ଏନ.ଏ.)

ଶିକାରୀ ଗୁଳିରେ ଅନ୍ୟଜଣେ ଶିକାରୀଙ୍କ ମୃତ୍ୟୁ ଘଟିଛି। ସମ୍ବଲପୁର ଜିଲା ଜମନକିରା ଥାନା ଗୌଡପାଲି ଫାଣ୍ଡି ଅନ୍ତର୍ଗତ ମେଣ୍ଢାବହାଲ ଗାଁରେ ଏଭଳି ଘଟଣା ଘଟିଛି। ମୃତ ଯୁବକ ହେଲେ କୁଚିଣ୍ଡା ଥାନା ଶିରିଡ଼ି ଗ୍ରାମର ରାଜେନ୍ଦ୍ର କିଷାନ (୩୦)।

ସୂଚନା ଅନୁସାରେ, ଜମନକିରା ବ୍ଲକ ଶିରିଡ଼ି ଗାଁର ରାଜେନ୍ଦ୍ର ଲକ୍ଷ୍ମୀଯାତ୍ରା ଦେଖିବାକୁ ଶ୍ୱଶୁର ଘର ମେଣ୍ଢାବହାଲ ଗ୍ରାମକୁ ଯାଇଥିଲେ। ରବିବାର ରାତିରେ ଅନ୍ୟ ୪ଜଣ ଯୁବକଙ୍କ ସହ ମିଶି ସେ ଜନ୍ତୁ ଶିକାର ପାଇଁ ଜଙ୍ଗଲ ମଧ୍ୟକୁ ଯାଇଥିଲେ। ୫ଜଣ ଯାକ ଚାରିଆଡୁ ଜନ୍ତୁଙ୍କୁ ଘେରି ରଖିଥିଲେ। ଏହି ସମୟରେ ବନ୍ଧୁକ ଧରିଥିବା ସାଙ୍ଗ ଜଣକ ଦୂରରେ ଥିବା ରାଜେନ୍ଦ୍ରଙ୍କୁ ଜନ୍ତୁ ଭାବି ଗୁଳି ମାରିଥିଲେ। ଫଳରେ ଘଟଣାସ୍ଥଳରେ ସେ ଟଳି ପଡ଼ିଥିଲେ। ସୋମବାର ସକାଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି। ପୋଲିସ ୪ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ତେବେ ତଦନ୍ତରେ ବାଧା ଉପୁଜିବା ଭାବି ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିନାହିଁ।

# କକାକୁ ପଥରରେ ଛେଚି ହତ୍ୟାକଲେ ପୁତୁରା

## ପଥରହୁଡ଼ି ବିବାଦ

**ପାଟଣା/ଢେଙ୍କିକୋଟ୍,୧୨।୧୨(ସ୍ୱ.ପ୍ର./ଡି.ଏନ୍.ଏ):** କେନ୍ଦୁଝର ଜିଲା ପାଟଣା ବ୍ଲକ୍ କେତାଙ୍ଗ ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ପଥର ହୁଡ଼ି ବିବାଦକୁ ନେଇ ସୋମବାର କକାକୁ ପଥରରେ ଛେଚି ପୁତୁରା ହତ୍ୟା କରିଛନ୍ତି। ମୃତକ ଜଣକ ହେଲେ ଉକ୍ତ ଗ୍ରାମର ନିରଞ୍ଜନ ଗିରି (୭୨)। ତାଙ୍କ ପୁଅ ସଞ୍ଜୟ ଗିରି ଘଟଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ନିରଞ୍ଜନଙ୍କ ପଡ଼ିଆ ଭାଗରେ ପଡ଼ିଥିବା ପଥର ହୁଡ଼ିରୁ ପୁତୁରା କରୁଣାକର ଗିରି ପଥର ବିକ୍ରି କରୁଥିବାର ଜାଣି ସେ ବାରଣ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଗଣ୍ଡଗୋଳ ସୋମବାର ଉଗ୍ରରୂପ ଧାରଣ କରିଥିଲା। ପୁତୁରା ଉତ୍କ୍ଷିପ୍ତ ହୋଇ ନିରଞ୍ଜନଙ୍କ ଘରେ ପଶି ପଥରରେ ତାଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ନିରଞ୍ଜନଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ସୂଚନା ଦେଇଛନ୍ତି। ଅଭିଯୋଗ ଆଧାରରେ ନଂ. ୨୬୦/୨୨ରେ ମାମଲା ରୁଜୁହୋଇ ତଦନ୍ତ ଚାଲିଥିବା ଘଟଗାଁ ଥାନା ଅଧିକାରୀ ପ୍ରତିଭା ସାହୁ କହିଛନ୍ତି। ଘଟଣା ପରେ କରୁଣାକର ଫେରାର ହୋଇ ଯାଇଥିବା ଜଣାପଡ଼ିଛି।


**CAPITAL HOSPITAL, BHUBANESWAR**
UNIT - 6, BHUBANESWAR - 751001
Advt.: 11028 Dt.08.12.2022

**TENDER CALL NOTICE**

No. E-719: Sealed tenders are invited from registered Manufacturers/Authorized Distributor/Wholesalers/ Authorised Farms for supply of **Printing of Hospital Forms, Registers & IEC Items etc. for Capital Hospital, Bhubaneswar.** For details visit our website **www. capitalhospital.nic.in** and download the same. The tender documents should reach the office of the undersigned by 04.01.2023 before 11.30 A.M. through Courier Service/Speed Post/Registered Post only along with all relevant documents and EMD. The tender will be opened on 06.01.2023 at 12.30 P.M. in the presence of tenderer or their authorised representatives. The undersigned reserves the right to reject or cancel any or all the tender without any reason thereof.

**Sd./- Director**
**Capital Hospital, Bhubaneswar**
**OIPR-10078/11/0011/2223**



**DIRECTORATE OF GROUND WATER DEVELOPMENT, ODISHA**
**OFFICE OF THE DEPUTY DIRECTOR, GEOLOGY, GWD DIVISION, BOLANGIR**
At: Laltikra, P.O.: Rajendra College, Bolangir, Dist.: Bolangir, PIN - 767002
[e-mail: srgeologistbolangir@gmail.com]

**INVITATION FOR BIDS (IFB)**

**e-Procurement Notice: 612** **Date: 12.12.2022**
**Bid Identification No. 01/GWBLG/ARUA/2022-23**
**(Single Envelope Bidding Process)**

No. A-843: Deputy Director, Geology, GWD Division, Bolangir, At: Laltikra, P.O.: Rajendra College, Bolanigr, Dist.: Bolangir, PIN - 767002 on behalf of Governor of Odisha invites bids from bidders Class "C" and above registered with the State Governments and bidders of equivalent Grade/Class registered with Central Government/MES/Railways for the construction of works following work.

Bids must be submitted online on or before **26.12.2022 at 14.00 hrs.** IST (System server time). Proposals will be opened online on **26.12.2022, at 15.00 hours**. In the event of the date specified for proposal opening being declared as a closed holiday for the purchaser's office, the due date for opening of bid will be the following working day at the appointed time. Details of the tender will be available in the procurement portal **'www.tendersodisha.gov.in'**.

| Sl. No. | Description | Details |
|---|---|---|
| 1 | Name of the Work | Construction of 08 Nos. RRHS in Urban Bolangir, Titlagarh, Sonepur and Tarava of Bolangir and Subarnapur District. |
| 2 | Start Date of availability of bid document Online (bid download) | 14.12.2022 from 11.00 hrs. |
| 3 | Last date of availability of bid document online (bid download) | 26.12.2022 upto 14.00 hrs. |
| 4 | Last date and time for receipt of bid document (Bid submission end date & time) | 26.12.2022 at 14.00 hrs. |
| 5 | Date & time of opening of bid document (bid opening date) | 26.12.2022 at 15.00 hrs. |

**Sd./- Deputy Director, Geology**
**GWD Division, Bolangir**
**OIPR-32471/11/0005/2223**



ବ୍ୟାଙ୍କ ଅଫ୍ ବରୋଦା Bank of Baroda
ବିଜୟା VIJAYA ଦେନା DENA

**ଆଞ୍ଚଳିକ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ**
ପ୍ଲଟ୍ ନଂ.: ସିଏମ୍-୨ବି, ପ୍ରଥମ ମହଲା, ସେକ୍ଟର-୭, ମର୍କତ ନଗର ପୋଲିସ୍ ଷ୍ଟେସନ୍ ନିକଟ, ସିଡ଼ିଏ, କଟକ - ୭୫୩୦୧୪, ଓଡ଼ିଶା, ଭାରତ
ଫୋନ୍ ନଂ.: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩, ୯୮୬୬୫୨୧୯୭୧୮
E-mail:armcut@bankofbaroda.com

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ଆପେଣ୍ଡିକ୍ସ-୪-ଏ (ରୁଲ୍ସ ୬(୨) ଏବଂ ୮(୬) ଅନୁଯାୟୀ ପ୍ରଦତ୍ତ) ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ନୋଟିସ**
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ନିୟମ ୮(୬)ଅନୁଯାୟୀ ସ୍ଥାବର ଏବଂ ୬(୨) ଅନୁଯାୟୀ ଅସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା (ବନ୍ଧକଦାତା) ଏବଂ ଜାମିନ୍ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ବ୍ୟାଙ୍କ ଅଫ୍ ବରୋଦା** ର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା) ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମ ରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି। **ଋଣଗ୍ରହୀତା, ବନ୍ଧକଦାତା, ଜାମିନ୍ଦାର, ସୁରକ୍ଷିତ ସମ୍ପତ୍ତି, ଦେୟ, ସଂରକ୍ଷିତ ମୂଲ୍ୟ, ଅମାନତ ରାଶି, ବିଡ୍ ବର୍ଦ୍ଧିତ ରାଶି, ଇ-ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ।**

| କ୍ର ନଂ. | ଋଣଗ୍ରହୀତା/ଜାମିନ୍ଦାର ଏବଂ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ/ବକେୟା ଦେୟ (ସୁରକ୍ଷିତ ଋଣ) | ଇ-ନିଲାମ ତାରିଖ ଓ ସମୟ | ଦଖଲ ସମ୍ପତ୍ତିର ସ୍ଥିତି (ସାଙ୍କେତିକ/ ଭୌତିକ) | ସମ୍ପତ୍ତି ନିରୀକ୍ଷଣ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD(ରାଶି) / ବିଡ୍ ବର୍ଦ୍ଧିତ ରାଶି |
|---|---|---|---|---|---|---|---|
| ୦୧. | ଋଣଗ୍ରହୀତାମାନେ: (୧) ମେସର୍ସ ଜୟ ଦୁର୍ଗା ଏଞ୍ଜାଇମାଟିକ୍ ପ୍ରା. ଲିଃ., ଠିକଣା ୧: ପ୍ଲଟ୍ ନଂ.: ୪୧, ନିୟୁ ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ, ଜଗତପୁର, କଟକ-୭୫୪୦୦୧, ଠିକଣା ୨: ରାଜେନ୍ଦ୍ର ନଗର, ମଧୁପାଟଣା, କଟକ-୭୫୩୦୧୦, (୨) ଶ୍ରୀ ଦୀପକ କୁମାର ପୃଷ୍ଟି, (୩) ଶ୍ରୀ କୈଳାସ ଚନ୍ଦ୍ର ପୃଷ୍ଟି, (୪) ଶ୍ରୀ ଦିନେଶ କୁମାର ପୃଷ୍ଟି, (୫) ଶ୍ରୀମତୀ ମଞ୍ଜୁଲତା ପୃଷ୍ଟି, ସମସ୍ତଙ୍କ ଠିକଣା ୧: ଶ୍ରୀରାମ ନଗର, କାଜିଡିଅ, ମଧୁପାଟଣା, କଟକ-୭୫୪୦୨୧, ଠିକଣା ୨: ରାଜେନ୍ଦ୍ର ନଗର, ମଧୁପାଟଣା, କଟକ-୭୫୩୦୧୦ | **ସମ୍ପତ୍ତି ୧: ମେସର୍ସ ଜୟ ଦୁର୍ଗା** ଏଞ୍ଜାଇମାଟିକ୍ ପ୍ରାଇଭେଟ୍ ଲିମିଟେଡ୍ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ରେଭିନ୍ୟୁ ପ୍ଲଟ୍ ନଂ.: ୨୩୪୦/୨୪୭୭ (ଅଂଶ), ୨୩୪୧ (ଅଂଶ), ଏବଂ ୨୩୪୨ (ଅଂଶ), ଖାତା ନଂ.: ୨୮୦ ଏବଂ ୫୫୨, ଅନୁରୂପ ପ୍ଲଟ୍ ନଂ.: ୪୧, ରେଭିନ୍ୟୁ ମୌଜା: ତରୋଳ, ଜଗତପୁର (ନୂଆ) ଇଡ୍କୋର ଇଣ୍ଡଷ୍ଟ୍ରିଆଲ କମ୍ପ୍ଲେକ୍ସ ଠାରେ କ୍ଷେତ୍ର: ଏକର ୦.୨୫୦ ଡିସିମିଲି, ତରୋଳ ଗ୍ରାମ ସୀମା ଭିତରେ, ଏସ୍ଆରଓ: ଜଗତପୁର, ଥାନା: ଜଗତପୁର, ତହସିଲ: ଟାଙ୍ଗୀ ଚୌଦ୍ୱାର, ଜିଲ୍ଲା: କଟକ | ୨୩.୦୯.୨୦୨୧ / ୦୮.୧୨.୨୦୨୧ / ଟ.୬,୦୦,୩୨,୫୭୨.୮୫ + ୨୩.୦୯.୨୦୨୧ ଠାରୁ ଡିମାଣ୍ଡ ନୋଟିସ୍ ଅନୁଯାୟୀ ଚୁକ୍ତି ଅନୁସାରେ ସୁଧ ଏବଂ ଅନ୍ୟାନ୍ୟ ଦେୟ (ବିଯୁକ୍ତ ହୋଇଥିବା ରାଶି ଯଦି ଥାଏ) ଏବଂ ୦୬.୧୨.୨୦୨୨ ସୁଦ୍ଧା ଟ.୮,୩୨,୫୫,୦୬୧.୪୨ ଚୁକ୍ତିଭିତ୍ତିକ ଦେୟ ଯୁକ୍ତ ଭିବିଷ୍ୟତର ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୨୮.୧୨.୨୦୨୨ ଅପରାହ୍ନ ୨ ଘଟିକାରୁ ସନ୍ଧ୍ୟା ୬ ଘଟିକା | ସାଙ୍କେତିକ | ୨୬.୧୨.୨୦୨୨ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ଟ.୧,୪୬,୯୦,୦୦୦/- / ଟ.୧୪,୬୯,୦୦୦/- / ଟ.୧୦,୦୦୦/- |
| | | **ସମ୍ପତ୍ତି ୨: ଶ୍ରୀ କୈଳାସ ଚନ୍ଦ୍ର ପୃଷ୍ଟିଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୩୪୯/୧୪୫୬, ଖାତା ନଂ.: ୧୪୬, ମୌଜା: କଟକ ଟାଉନ ୟୁନିଟ୍: ୩୨, ଥାନା: ମଧୁପାଟଣା-୦୭, ତହସିଲ: କଟକ-୨୩୧, ଜିଲ୍ଲା: କଟକ, କ୍ଷେତ୍ର: ଏକର ୦.୦୬୦ ଡିସିମିଲି | | | | | ଟ.୧,୨୧,୫୮,୫୦୦/- / ଟ.୧୨,୧୫,୮୫୦/- / ଟ.୧୦,୦୦୦/- |
| | | **ସମ୍ପତ୍ତି ୩: ଶ୍ରୀମତୀ ମଞ୍ଜୁଲତା ପୃଷ୍ଟିଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୩୧୪, ଖାତା ନଂ.: ୨୪୫, ମୌଜା: କଟକ ଟାଉନ ୟୁନିଟ୍: ୩୨, ଥାନା: ମଧୁପାଟଣା-୦୭, ତହସିଲ: କଟକ-୨୩୧, ଜିଲ୍ଲା: କଟକ, କ୍ଷେତ୍ର: ଏକର ୦.୦୮୩ ଡିସିମିଲି | | | | | ଟ.୧,୨୪,୬୪,୦୦୦/- / ଟ.୧୨,୪୬,୪୦୦/- / ଟ.୧୦,୦୦୦/- |
| ୦୨. | ଋଣଗ୍ରହୀତାମାନେ: (୧) ମେସର୍ସ ଶୁଭ୍ରା ମିନେରାଲ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ବିବେକ ଧର, (୨) ଶ୍ରୀ ବିବେକ ଧର, (୩) ଶ୍ରୀ ନିଗମ ଧର, (୪) ଶ୍ରୀ ଅଶୋକ ଧର, (୫) ଶ୍ରୀ ଦେବ ଧର, ସମସ୍ତଙ୍କ ପିତା: ସ୍ୱ ନିଳମଣୀ ଧର, (୬) ଶ୍ରୀମତୀ ସଞ୍ଜୁକ୍ତା ଧର, ସ୍ୱା: ଶ୍ରୀ ବିବେକ ଧର, ସମସ୍ତଙ୍କ ଠିକଣା: ପ୍ଲଟ୍ ନଂ.: ୧୮୧/୧୮୨, ଏକାମ୍ର ମାର୍ଗ, ୟୁନିଟ୍-୬, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୧୦୦୧ | ସ୍ୱ ନିଳମଣୀ ଧରଙ୍କ ନାମରେ ଥିବା ବାସପୋଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୮୧ ଏବଂ ୧୮୨, ଖାତା ନଂ.: ୨୩୮, ମୌଜା: ଭୀମପୁର, ୟୁନିଟ୍ ନ.: ୨୨, ଥାନା: ଭୁବନେଶ୍ୱର, କ୍ଷେତ୍ର: ଏକର ୦.୧୧୮ ଡିସିମିଲି | ୧୯.୦୪.୨୦୧୪ / ୧୨.୦୮.୨୦୧୪ / ଟ.୩,୧୬,୫୭,୯୩୨/- + ୦୧.୦୪.୨୦୧୪ ଠାରୁ ଡିମାଣ୍ଡ ନୋଟିସ୍ ଅନୁଯାୟୀ ଚୁକ୍ତି ଅନୁସାରେ ସୁଧ ଏବଂ ଅନ୍ୟାନ୍ୟ ଦେୟ (ବିଯୁକ୍ତ ହୋଇଥିବା ରାଶି ଯଦି ଥାଏ) ଏବଂ ୦୬.୧୨.୨୦୨୨ ସୁଦ୍ଧା ଟ.୯,୭୧,୪୮,୩୮୪.୬୮ ଚୁକ୍ତିଭିତ୍ତିକ ଦେୟ ଯୁକ୍ତ ଭିବିଷ୍ୟତର ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୨୮.୧୨.୨୦୨୨ ଅପରାହ୍ନ ୨ ଘଟିକାରୁ ସନ୍ଧ୍ୟା ୬ ଘଟିକା | ସାଙ୍କେତିକ | ୨୬.୧୨.୨୦୨୨ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ଟ.୧,୪୭,୦୦,୦୦୦/- / ଟ.୧୪,୭୦,୦୦୦/- / ଟ.୧୦,୦୦୦/- |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ପ୍ରଦତ୍ତ ଲିଙ୍କ୍:
https://www.bankofbaroda.com/e-auction.htm ଏବଂ https://ibapi.in ଦେଖନ୍ତୁ । ସମସ୍ତ ସମ୍ଭାବ୍ୟ ବିଡରମାନେ ମଧ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଫୋନ୍ ନଂ.: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩, ୯୮୬୬୫୨୧୯୭୧୮ ରେ ଯୋଗାଯୋଗ କରିପାରିବେ ଏବଂ ନିମ୍ନଲିଖିତ ବିଷୟପ୍ରତି ଦୃଷ୍ଟି ଦେବେ ।

୧) କ୍ଷମତାପ୍ରାପ୍ତ ଅଧିକାରୀ / ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ କୌଣସି ପ୍ରାକ୍ ବିଜ୍ଞପ୍ତି ବିନା କୌଣସି ବିଡ୍କୁ ଗ୍ରହଣ କିମ୍ବା ପ୍ରତ୍ୟାଖାନ କିମ୍ବା ବିକ୍ରୟକୁ ସ୍ଥଗିତ / ବାତିଲ୍ / ନାକଚ / ବିକ୍ରୟର ନିଲାମ ଓ ସର୍ତ୍ତାବଳୀର ସଂଶୋଧନ ସହିତ ପୂର୍ବ ନିଲାମଧାରୀ ଅକୃତକାର୍ଯ୍ୟ ହେବା କାରଣରୁ ପରବର୍ତ୍ତୀ ସର୍ବାଧିକ ନିଲାମଧାରୀଙ୍କୁ ଡକାଇବାର ସମ୍ପୂର୍ଣ୍ଣ ଅଧିକାର ସଂରକ୍ଷିତ ରଖିଛନ୍ତି ।

୨) କ୍ରେତା ଯଦି ନିଲାମ ତାରିଖର ଠିକ୍ ୨ ଦିନ ପୂର୍ବରୁ କେୱାଇସି କାଗଜପତ୍ର ଦାଖଲ କରିଥାନ୍ତି ତେବେ କ୍ଷମତାପ୍ରାପ୍ତ ଅଧିକାରୀ / ବ୍ୟାଙ୍କ / ଇ-ନିଲାମ ସେବା ପ୍ରଦାନକାରୀଙ୍କର କେୱାଇସି ଯାଞ୍ଚ ସମ୍ପୂର୍ଣ୍ଣ କରିବା ଏବଂ ଅମାନତ ରାଶି ଗ୍ରହଣ କରିବାର ସମ୍ପୂର୍ଣ୍ଣ ସ୍ୱାଧିନତା ରହିଛି । ଏଭଳି ସ୍ଥିତିରେ କ୍ଷମତାପ୍ରାପ୍ତ ଅଧିକାରୀ / ବ୍ୟାଙ୍କ / ଇ-ନିଲାମ୍ ସେବା ପ୍ରଦାନକାରୀ କେୱାଇସି କାଗଜପତ୍ର ଯାଞ୍ଚ କରିବାରେ ବିଳମ୍ବତା / ବିଫଳତା ଏବଂ ଇଏମ୍‌ଡି ୱାଲେଟ୍କୁ ଟ୍ରାନ୍ସଫର ବିଫଳତା ପାଇଁ ଦାୟୀ ରହିବେ ନାହିଁ । ନିଲାମ ତାରିଖ ଓ ସମୟରେ ବିଡର୍ଙ୍କ ଗ୍ଲୋବାଲ ୱାଲେଟ୍ରେ ପର୍ଯ୍ୟାପ୍ତ ବାଲାନ୍ସ (>=ଇଏମ୍‌ଡି ରାଶି) ଥିଲେ ଇଚ୍ଛୁକ ନିଲାମଧାରୀ ନିଲାମ୍ ତାରିଖରେ ବିଡ୍ ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ ।

ଅଧିକ ବିବରଣୀ ନିମନ୍ତେ ଏହି କୋଡ୍କୁ ସ୍କାନ୍ କରନ୍ତୁ ।

ସରଫେଶୀ ଆକ୍ଟ, ୨୦୦୨ର ସଂଶୋଧନର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା / ଜାମିନ୍ଦାରମାନଙ୍କୁ ପରବର୍ତ୍ତୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ ଅଟେ

ସ୍ଥାନ : କଟକ, ତାରିଖ : ୧୨.୧୨.୨୦୨୨ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

## ୧୮ରେ ଆନ୍ତଃ ଜିଲା କବାଡି ଚୟନ ଶିବିର

**ବଲାଙ୍ଗୀର ଅଫିସ:** ବଲାଙ୍ଗୀର ଜିଲା କ୍ରୀଡା ସଂସଦର ଆନୁକୂଲ୍ୟରେ ଆସନ୍ତା ୧୮ ତାରିଖ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ବରିଷ୍ଠ ବିଭାଗ ବର୍ଗର ଉଭୟ ପୁରୁଷ ଓ ମହିଳା ଖେଳାଳୀମାନଙ୍କ ଚୟନ ଶିବିର ଅନୁଷ୍ଠିତ ହେବ। ଏହି ଆନ୍ତଃ ଜିଲା କବାଡି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଇଚ୍ଛୁକ ପ୍ରତିଯୋଗୀମାନେ ଡିସେମ୍ବର ୧୮ ତାରିଖ ପୂର୍ବାହ୍ନ ୯ଟା ସୁଦ୍ଧା ଜିଲା କ୍ରୀଡା ସଂସଦର କବାଡି ସମ୍ପାଦକ ବିଭୂତି ଭୂଷଣ ପଣ୍ଡାଙ୍କ ଠାରେ ଯୋଗଯୋଗ କରିବାକୁ ଅନୁରୋଧ କରାଯାଇଛି।

## ସଂକ୍ଷେପରେ

### କୋର୍ଟ ଆଗରେ ଓକିଲ ସଂଘର ସତ୍ୟାଗ୍ରହ

**ଲୋଇସିଂହା,୧୨।୧୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଜେଏମଏଫସି କୋର୍ଟ ଆଗରେ ସ୍ଥାନୀୟ ଓକିଲ ସଂଘ ସଭାପତି ଦିଲୀପ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ସତ୍ୟାଗ୍ରହ କାର୍ଯ୍ୟକ୍ରମ ସୋମବାର କରାଯାଇଥିଲା। ସଂଘ ସଦସ୍ୟମାନେ ଏଥିରେ ସାମିଲ ହୋଇ ଧାରଣାରେ ବସିଥିଲେ। ଫଳରେ କୋର୍ଟକୁ ଆସିଥିବା ବିଚାରପତି ଓ କର୍ମଚାରୀଙ୍କୁ ଫେରିଯିବାକୁ ପଡିଥିଲା। କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହୋଇପଡିଥିଲା। ସମ୍ବଲପୁରଠାରେ ଆନ୍ଦୋଳନ ବେଳେ ଓକିଲଙ୍କ ପ୍ରତି ପୋଲିସର ଅତ୍ୟାଚାର ପ୍ରତିବାଦରେ ସତ୍ୟାଗ୍ରହ କରାଯାଇଥିଲା।

### ଉତ୍କଳ କରାଟେ ସ୍କୁଲରେ ବେଲ୍ଟ ପରୀକ୍ଷା

**ଟିଟିଲାଗଡ, ୧୨।୧୨(ଡି.ଏନ.ଏ.):** ଉତ୍କଳ କରାଟେ ସ୍କୁଲ ଟିଟିଲାଗଡ଼ ଶାଖା ଦ୍ୱାରା ମାଉସୀ ମା' ମନ୍ଦିର ପ୍ରାଙ୍ଗଣରେ ବାଳିକା ବାଳକ କରାଟେକାମାନଙ୍କ ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାରେ ୪୫ଜଣ କରାଟେକା ଅଂଶଗ୍ରହଣ କରି ପ୍ରତିଭା ପ୍ରଦର୍ଶନ କରିଥିଲେ। ଟିଟିଲାଗଡ ଶାଖା ମୁଖ୍ୟ ପ୍ରଶିକ୍ଷକ ସଂସାଇ ସୁରେଶ ଜାଲ ଯାଦବ ବ୍ଲାକବେଲ୍ଟ ୫ମ ଡନ, କରାଟେକା ମାନଙ୍କୁ ପରୀକ୍ଷା କରାଇଥିଲେ। ଶ୍ରଦ୍ଧାଞ୍ଜଳି ଜାଲ, କ୍ଷୀରୋଦ ସୁନା, ମୁକେଶ ସାହୁ, ପ୍ରହ୍ଲାଦ ସାହୁ ଓ ରାହୁଲ ଜାଲ ପରୀକ୍ଷାରେ ସହଯୋଗ କରିଥିଲେ। ପରେ କୃତୀ ପରୀକ୍ଷାର୍ଥୀମାନଙ୍କୁ ସଂଘ ସଭାପତି ଆଇନଜୀବୀ ମନୋଜ କୁମାର ହାତୀ, ଉପସଭାପତି ସତ୍ୟବ୍ରତ ପଣ୍ଡା ବେଲ୍ଟ ଓ ମାନପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ବୃହସ୍ପତି ଖରସେଲ ଓ ଗୋପାଳକୃଷ୍ଣ ସାହୁ ସହଯୋଗ କରିଥିଲେ।

# ଧାନ କଟ୍‌ନିଛଟ୍‌ନି ବନ୍ଦ କର

- ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କଲେ ଚାଷୀ
- ପ୍ରଶାସନିକ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ
- ଚାଷୀଙ୍କ ପ୍ରତି ହାଲୁକା ମନୋଭାବ ଆଗକୁ ଅଡୁଆ ପରିସ୍ଥିତି କରିବ




ସୋନପୁର ୫୭ ନମ୍ବର ଜାତୀୟ ରାଜପଥକୁ ଚାଷୀମାନେ ଅବରୋଧ କରି ରଖିଛନ୍ତି।

**ବଲାଙ୍ଗୀର ଅଫିସ, ୧୨।୧୨**

ଧାନକ୍ରୟ ନାଁରେ ଚାଷୀଙ୍କୁ ଶୋଷଣ ଚାଲିଛି। ଚାଷୀଙ୍କ ଧାନକୁ ନେଇ ପ୍ରଶାସନିକ ଅଧିକାରୀ, ପାକ୍ସ କର୍ମଚାରୀ ଏବଂ ମିଲର୍ସ ଖେଳୁଛନ୍ତି। କଟନି ଛଟନି ନାଁରେ ହଜାର ହଜାର କୁଇଣ୍ଟାଲ ଧାନ ଲୁଟ୍ କରାଯାଉଛି। ଏହା ବିରୋଧରେ ଚାଷୀ କଥା ପଦେ କହିଲେ ନାଲି ଆଖି ଦେଖାଉଛନ୍ତି। ଆଗକୁ ଏହା ଆଉ ବରଦାସ୍ତ କରାଯିବ ନାହିଁ। କଟନି ଛଟନି ତୁରନ୍ତ ବନ୍ଦ ନକଲେ ଆଗକୁ ମହାଆନ୍ଦୋଳନ କରାଯିବ। ସୋମବାର ଜାତୀୟ ରାଜପଥ ଅବରୋଧ କରି ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ୍‌ର ଚାଷୀମାନେ ନିଜର ସାଙ୍ଗଠନିକ ଶକ୍ତି ଦେଖାଇଛନ୍ତି। ଆଗକୁ ସାରା ଜିଲାର ଚାଷୀଙ୍କୁ ନେଇ ମହାଆନ୍ଦୋଳନ କରାଯିବ ବୋଲି ଚାଷୀମାନେ ଖୋଲାଖୋଲି ଘୋଷଣା କରିଥିଲେ।

ସୋମବାର ସକାଳୁ ପୁଇଁତଲା ବ୍ଲକ ମଲମଣ୍ଡାଠାରେ ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥକୁ ଶତାଧିକ ଚାଷୀ ଦୀର୍ଘ ୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅବରୋଧ କରିଥିଲେ। ଜିଲାର ସବୁମଣ୍ଡିରେ କଟନିଛଟନି ବନ୍ଦ କରିବାକୁ ଦାବି କରିଥିଲେ। ଦୀର୍ଘ ସମୟ ଧରି ରାସ୍ତା ଅବରୋଧ ହେବା ଫଳରେ ବଲାଙ୍ଗୀର-ସୋନପୁର ରାସ୍ତାରେ ଯାତାୟାତ ବ୍ୟାହତ ହୋଇଯାଇଥିଲା। ରାସ୍ତାର ଉଭୟ ପଟରେ ଶହଶହ ଗାଡିମୋଟର ଅଟକି ରହିଥିଲା। ଏହି ଆନ୍ଦୋଳନ ଫଳରେ ଏହି ବ୍ୟସ୍ତବହୁଳ ରାସ୍ତାରେ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚାଷୀମାନେ ରୋକ୍‌ଠୋକ୍ ଶୁଣାଇଥିଲେ। ଚାଷୀଙ୍କ ଆନ୍ଦୋଳନ ପରେ ପୁଇଁତଲା ତହସିଲଦାର, ଏଆରସିଏସ, ଏସିଏସଓ ଘଟଣାସ୍ଥଳକୁ ଆସି ବୁଝାସୁଝା କରିଥିଲେ। ମାତ୍ର ଚାଷୀମାନେ କାହା କଥା ଶୁଣି ନ ଥିଲେ। ଏହାପରେ ଡିଆରସିଏସ ଦମୟନ୍ତୀ ସିଂ ଆସି ଚାଷୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ଚାଷୀମାନେ କଟନି ଛଟନି ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବି କରିଥିଲେ। ଏହାପରେ ବଲାଙ୍ଗୀର ଉପଜିଲାପାଳ କୁମାର ନାଗଭୂଷଣ ଆନ୍ଦୋଳନସ୍ଥଳକୁ ଆସି ଚାଷୀଙ୍କ ସହ ଆଲୋଚନା କରିଥିଲେ। ସୁବର୍ଣ୍ଣପୁର ଜିଲାରେ ଚାଷୀଙ୍କଠାରୁ ଏଫ୍‌ଏକ୍ୟୁ ଧାନ ପାଇଁ କୁଇଣ୍ଟାଲ ପିଛା ୨ କେଜି ଏବଂ ବରଗଡ ଜିଲାରେ କୁଇଣ୍ଟାଲ ପିଛା ୧ କେଜି କଟନି କରାଯାଉଛି। ମାତ୍ର ବଲାଙ୍ଗୀର ଜିଲାରେ କେଉଁ ନିୟମରେ ୫/୭ କେଜି କଟନି କରାଯାଉଛି ବୋଲି ପ୍ରଶ୍ନ କରିଥିଲେ। ଉପଜିଲାପାଳ ନାଗଭୂଷଣ ଚାଷୀଙ୍କୁ ବୁଝାଶୁଝା କରିଥିଲେ। ମଲମଣ୍ଡା ପାକ୍ସକୁ ଯାଇ ଧାନର ମାନ ଦେଖିଥିଲେ। ଚାଷୀମାନେ ଏଫ୍‌ଏକ୍ୟୁ ମାନର ଧାନ ଦେବା ସମ୍ଭବ କି ବୋଲି ପ୍ରଶ୍ନ କରିଥିଲେ। ଧାନର କଟନି ଛଟନି ସମସ୍ୟାର ସମାଧାନ ପାଇଁ ଚାଷୀଙ୍କୁ ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ କୁଇଣ୍ଟାଲ ପିଛା ମାତ୍ର ୨ କେଜି କଟନିକୁ ଗ୍ରହଣ କରାଯିବ ବୋଲି ସହମତି ପ୍ରକାଶ ପାଇଥିଲା। ପ୍ରତ୍ୟକ୍ଷ ରୂପରେ ପ୍ରତିଶ୍ରୁତି ନଦେଲେ ମଧ୍ୟ ପରୋକ୍ଷରେ ଚାଷୀଙ୍କ ଏହି ଦାବିରେ ଉପଜିଲାପାଳ ରାଜି ହୋଇଥିବା ଚାଷୀ ପ୍ରତିନିଧିମାନେ କହିଛନ୍ତି। ଏହାପରେ ଚାଷୀ ରାଜପଥ ଅବରୋଧରୁ ଓହରି ଥିବା ସୂଚନା ଦେଇଛନ୍ତି। ଅପରାହ୍ଣରେ ରାସ୍ତାରୋକୋ ହଟିଥିଲା ଓ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଆନ୍ଦୋଳନ ସ୍ଥଳକୁ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସ୍ୱାରକ ରଞ୍ଜନ ମିଶ୍ର ଯାଇ ଚାଷୀ ଆନ୍ଦୋଳନକୁ ସମର୍ଥନ କରି ଯେଉଁ ହାତରେ ଚାଷୀ ହଳ ଲଙ୍ଗଳ ଧରୁଛି ସେହି ହାତରେ ତଲୱାର ଧରିବାକୁ ଚାଷୀକୁ ବାଧ୍ୟ କରା ନଯାଉ ବୋଲି କହିଥିଲେ। ଆନ୍ଦୋଳନରେ ପଦ୍ମଶ୍ରୀ କୈଳାସ ମେହେର ମଧ୍ୟ ସାମିଲ ହୋଇଥିଲେ। ଏହି ଆନ୍ଦୋଳନରେ ଚାଷୀ ଭରତ ଭୂଷଣ ପ୍ରଧାନ, ସୁଶାନ୍ତ କୁମାର ବରାଡ, ସାନନ୍ଦ ମିଶ୍ର, ସରୋଜ ରଥ, ରମେଶ ଗାଗରିଆ, ଅଜିତ ପଣ୍ଡା, ଦେବୀଲାଲ ମିଶ୍ର, ଅରୁଣ ମେର୍ଲି, ପାଣ୍ଡବ କୁମ୍ଭାର, ବିଭୁଦତ୍ତ ମିଶ୍ର, ଲକ୍ଷ୍ମଣ ପାତ୍ର, ମଧୁସୂଦନ କ୍ଷେତୀଙ୍କ ସହ ଶତାଧିକ ଚାଷୀନେତା ଓ ଚାଷୀ ସାମିଲ ହୋଇଥିଲେ।

# ଜମି ମାପ କଲା ରାଜସ୍ୱ ବିଭାଗ

**କଲେଜ ରାସ୍ତା ଜବରଦଖଲ ଘଟଣା**

**ଲୋଇସିଂହା,୧୨।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା କଲେଜ ରାସ୍ତାର ଥିବା ସରକାରୀ ଜମି ଜବରଦଖଲ ଅଭିଯୋଗ ହୋଇଛି। ସୋମବାର ସ୍ଥାନୀୟ ରାଜସ୍ୱ ବିଭାଗ ପକ୍ଷରୁ ଉକ୍ତ ରାସ୍ତାର ଜମି ମାପ କରିଥିଲା। ରାଜସ୍ୱ ନିରୀକ୍ଷକ ଆରଜୁ ପଟେଲ, ଅମିନ ଓ ଷ୍ଟାଫ କ୍ଷେତ୍ରକୁ ଯାଇ ଜମି ମାପଚୁପ କରିଥିଲେ। ଏନଏଚ୍ କଡରେ ଶହେଫୁଟ ଓ ରାଜସ୍ୱ କାର୍ଯ୍ୟାଳୟ ନିକଟରେ ୬୬ ଫୁଟ ସରକାରୀ ଜମି ଥିବା ଜଣାପଡିଥିଲା। ଉକ୍ତ ସରକାରୀ ଜମି ଜବରଦଖଲକାରୀଙ୍କଠାରୁ ମୁକ୍ତ କରିବା ଏବଂ କଲେଜ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ସଂରକ୍ଷିତ ରଖିବାକୁ କଲେଜ କର୍ତ୍ତୃପକ୍ଷ ଓ ଆଦିବାସୀ ସଂଘ ପକ୍ଷରୁ ରାଜସ୍ୱ ଅଧିକାରୀଙ୍କ ନିକଟରେ ଦାବି ରଖାଯାଇଛି। ଲୋଇସିଂହା କଲେଜ ଗେଟର ଡାହାଣ ପାର୍ଶ୍ୱରେ ଏକ ପଡିଆ ଜମି ଅଛି। ସରକାରୀ ଜମିକୁ ଲାଗି ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜମି ରହିଛି। ଏହି ଜମିରେ ସମ୍ପୃକ୍ତ ବ୍ୟକ୍ତି ଗୃହ ନିର୍ମାଣ କରୁଛନ୍ତି। ହେଲେ ତାଙ୍କ ସଂଲଗ୍ନ ଜମିକୁ ଲାଗି ରହିଥିବା ସରକାରୀ ଜମିକୁ ଅକ୍ତିଆର ପାଇଁ ପାଚେରି ଦେବା ଉଦ୍ଦେଶ୍ୟରେ ଗାତ ଖୋଳିଥିଲେ। ଏହା ହେଲେ ଆଗକୁ କଲେଜ ପିଲାଙ୍କ ପାଇଁ ସମସ୍ୟା ସୃଷ୍ଟି ହେବା ଆଶଙ୍କା କରିଥିଲେ କଲେଜ କର୍ତ୍ତୃପକ୍ଷ। ସରକାରୀ ଜମି ଜବରଦଖଲକୁ ମୁକ୍ତ ପାଇଁ ଡିସେମ୍ବର ୯ ତାରିଖରେ ତହସିଲଦାରଙ୍କୁ ଲିଖିତ ଦୃଷ୍ଟି ଆକର୍ଷଣ କରିଥିଲେ। ସୋମବାର ଆଦିବାସୀ ସଂଘର ଏକ ପ୍ରତିନିଧି ତହସିଲଦାରଙ୍କୁ ଭେଟି ଜଣାଇଥିଲେ।



ଜବରଦଖଲ ଅଭିଯୋଗ ପରେ ଜମି ମାପ କରାଯାଉଛି।

# ମଜୁରି ମାଗିବା ପରେ ଶ୍ରମିକଙ୍କୁ ମାଡ଼ ଅଭିଯୋଗ

- ଶ୍ରମିକଙ୍କ ନାମରେ ପାଲଟା ଅଭିଯୋଗ
- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଝିରେଲ ଡୁଙ୍ଗୁରି କାମ ହୋଇଥିଲା

**ଲାଠୋର, ୧୨।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ପିପଲବାହାଲ ଗ୍ରାମ ନିକଟ ଝିରେଲ ଡୁଙ୍ଗୁରିର ଉନ୍ନତୀକରଣ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ହୋଇଥିଲା। କାମ ଦେଖାଶୁଣା କରୁଥିଲେ ୱାର୍ଡସଭ୍ୟା ଟିନି ମେହେର। ସେପ୍ଟେମ୍ବର ୨୦୨୨ରେ ହୋଇଥିବା ଏହି କାମରେ ଅନ୍ୟମାନଙ୍କ ସହ କାମ କରିଥିଲେ ଧବିର ମେହେର। ମଜୁରି ମିଳିବାରେ ବିଳମ୍ବ ନେଇ ସେ ଅନେକ ଥର ୱାର୍ଡସଭ୍ୟାଙ୍କୁ ଜଣାଇଥିଲେ। ହେଲେ ମଜୁରି ମିଳି ନ ଥିଲା। ରବିବାର ସନ୍ଧ୍ୟାରେ ୱାର୍ଡସଭ୍ୟା ଓ ତାଙ୍କ ଶଶୁର ଉଦ୍ଧବ ମେହେର ରବିବାର ସନ୍ଧ୍ୟାରେ ତାଙ୍କ ଘରକୁ ଆସି ଗାଳିଗୁଲଜ କରିଥିଲେ। ପରେ ଅଧିକ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ଜୋତାରେ ମାଡ ମାରିଥିଲେ। ତାଙ୍କ ବୃଦ୍ଧା ମା' ଏହାର ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ସେମାନେ ମାଡ଼ ମାରିଥିଲେ। ଫଳରେ ମା' ଅଚେତ ହୋଇ ପଡ଼ିଥିଲେ। ଏହି ଘଟଣାରେ ଗ୍ରାମର ଗୋବିନ୍ଦ ମେହେର ସେମାନଙ୍କୁ ସହଯୋଗ କରିଥିବା ଧବୀର ଲାଠୋର ଥାନାରେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଅପରପକ୍ଷରେ ୱାର୍ଡସଭ୍ୟଙ୍କ ଶଶୁର ଧବୀରଙ୍କ ବିରୋଧରେ ତାଙ୍କୁ ଗାଳିଗୁଲଜ ଓ ମାରପିଟ କରିଥିବା ନେଇ ଥାନାରେ ପାଲଟା ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଝିରେଲ ଡୁଙ୍ଗୁରିରେ ଧବିର ଏନଆରଇଜିଏସ ଯୋଜନାରେ ୩୩ଦିନ ଗାତଖୋଳା କାମ କରିଥିଲେ। ସେଥିମଧ୍ୟରୁ ୨୯ ଦିନର ମଜୁରି ବାବଦକୁ ୯୩୯୬ ଟଙ୍କା ପାଇଥିବା ବେଳେ ୪ ଦିନର ମଜୁରି ବାବଦକୁ ୧୨୯୬ ଟଙ୍କା ବକେୟା ରହିଛି। ଗାଁସାଥୀ ସୁଦର୍ଶନ ସେଠ ବକେୟା ମଜୁରି ନେଇ ସମୟ ଗଡ଼େଇ ଶେଷରେ ୱାର୍ଡ଼ସଭ୍ୟା ବୁଝିବେ ବୋଲି କହିଥିଲେ। ଏନେଇ ଲାଠୋର ଥାନା ଅଧିକାରୀ ଝସକେତନ ଭୋଇଙ୍କୁ ପଚାରିବାରୁ ଉଭୟ ପକ୍ଷରୁ ଅଭିଯୋଗ ହୋଇଛି। ଘଟଣାର ତଦନ୍ତ ପରେ ମାମଲା ରୁଜୁ ହେବ ବୋଲି କହିଛନ୍ତି।

# ପ୍ରଶାସନର ଦ୍ୱାରସ୍ଥ ହେଲେ ଅଭିଯୋଗକାରୀ

**ପ୍ରଧାନମନ୍ତ୍ରୀ ଆବାସ ଚୋରି ଘଟଣା**

**ଲୋଇସିଂହା,୧୨।୧୨(ଡି.ଏନ.ଏ)**

୨୦୧୯-୨୦ ଆର୍ଥିକ ବର୍ଷରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ଗ୍ରାମର ଭକ୍ତ ସାହୁଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ମଞ୍ଜୁର ହୋଇଥିଲା। ହେଲେ ସେ ଘର ନ ପାଇ ଅନ୍ୟ କେହି ଜଣେ ତାଙ୍କ ନାମରେ ନିର୍ମାଣ କରି ଅନୁଦାନ ହଡ଼ପ କରିଥିବା ସୋସିଆଲ ଅଡିଟ ବେଳେ ଜଣାପଡିଥିଲା। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସୋମବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ଭକ୍ତ। ଜିଲାପାଳଙ୍କ ଅନୁପସ୍ଥିତରେ ଏଡିଏମ ଲମ୍ବୋଦର ଧରୁଆଙ୍କୁ ଫେରାଦ ହୋଇଥିଲେ।

ଅଭିଯୋଗ ଅନୁଯାୟୀ, ବୁର୍ଡା ପଞ୍ଚାୟତ ସଦର ଗାଁର ଭକ୍ତ ସାହୁଙ୍କ ନାମରେ ୨୦୧୯ ସେପ୍ଟେମ୍ବର ୧୮ରେ ପ୍ରଧାନମନ୍ତ୍ରୀ ଆବାସ ମଞ୍ଜୁର ହୋଇଥିଲା। ହେଲେ ସେତେବେଳେ ଭକ୍ତଙ୍କ ପୁଅ ସେନାବାହିନୀରେ ଯୋଗଦେଇଥିବାରୁ ଆବାସ କାର୍ଯ୍ୟାଦେଶ ନେବାକୁ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ସେ ମନା କରିଥିଲେ। ହେଲେ ୩ ବର୍ଷ ପରେ ଗତ ନଭେମ୍ବର ମାସରେ ପଞ୍ଚାୟତ ଅଞ୍ଚଳରେ ହୋଇଥିବା ଉନ୍ନୟନ କାମ ଉପରେ ସୋସିଆଲ ଅଡିଟ୍ କରାଯାଇଥିଲା। ୩ ଜଣିଆ ଭିଲେଜ ରିସୋର୍ସ ପରର୍ସନ ଭକ୍ତଙ୍କ ଘରକୁ ଯାଇ ତଦନ୍ତ କରିଥିଲେ। ୨୦୧୯ ମସିହାରେ ପ୍ରଧାନମନ୍ତ୍ରୀ ଆବାସ ଘର ଦିଆଯାଇଛି ଏବଂ ୪ଟି ପର୍ଯ୍ୟାୟରେ ୧ଲକ୍ଷ ୩୦ ହଜାର ଟଙ୍କା ଉଠାଯାଇଥିବା ଭକ୍ତଙ୍କୁ ଅଧିକାରୀମାନେ କହିଥିଲେ। ନିର୍ମାଣାଧୀନ ଘର ଦେଖାଇବାକୁ ତଦନ୍ତକାରୀ ଅଡିଟ ଟିମ ତାଙ୍କ ପରିବାର ସଦସ୍ୟଙ୍କୁ କହିଥିଲେ। ପୁଅ ଚାକିରି ପାଇଯିବାରୁ କାର୍ଯ୍ୟାଦେଶ ନେଇ ନ ଥିବା ଅଡିଟ ଟିମ୍‌ଙ୍କୁ ସେମାନେ ଜଣାଇଥିଲେ। ଏଥିରେ ଅଡିଟ ଟିମ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ। ଘଟଣାର ତଦନ୍ତ ପାଇଁ ନଭେମ୍ବର ୨୧ ତାରିଖରେ ଭକ୍ତ ଏବିଡିଓ ବିଜୟ କୁମାର ହୋତାଙ୍କୁ ଜଣାଇଥିଲେ। ଇତି ମଧ୍ୟରେ ୨୦ ଦିନ ବିତିଯାଇଥିଲେ ବି ତଦନ୍ତ କରାଯାଇନାହିଁ। ଜିଲା ପ୍ରଶାସନ ନିରପେକ୍ଷ ତଦନ୍ତ କରି ସତ୍ୟତା ଲୋକଲୋଚନକୁ ଆଣିବା ପାଇଁ ଭକ୍ତ ଦାବି କରିଛନ୍ତି।

# ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର



ଅତିରିକ୍ତ ଜିଲାପାଳ ଲୋକନାଥ ଧରୁଆ ଶିବିରରେ ଲାଗିଥିବା ଷ୍ଟଲ ବୁଲି ଦେଖୁଛନ୍ତି।

**କଣ୍ଟାବାଞ୍ଜି, ୧୨।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର ମହଖଣ୍ଡ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବ୍ଲକ ଅନ୍ତର୍ଗତ ୧୯ପଞ୍ଚାୟତର ବହୁ ଲୋକେ ଉପସ୍ଥିତ ରହି ନିଜ ଅଞ୍ଚଳର ସମସ୍ୟା ଉପସ୍ଥିତ ଅତିରିକ୍ତ ଜିଲାପାଳ ଲୋକନାଥ ଧରୁଆଙ୍କ ନିକଟରେ ଅଭିଯୋଗ ଜଣାଇଥିଲେ। ଶିବିରରେ ବିଭିନ୍ନ ବିଭାଗର ୧୨ଟି ଷ୍ଟଲ ଲାଗିଥିଲା। ୧୬୨ ଅଭିଯୋଗ ଉପରେ ଅତିରିକ୍ତ ଜିଲାପାଳ ଧରୁଆ ଶୁଣାଣି କରିଥିଲେ। ଶିବିରରେ ନିର୍ମାଣ ଶ୍ରମିକ ଓ ଦାଦନ ଖଟିବାକୁ ଯାଇ ମୃତ୍ୟୁମୁଖରେ ପଡିଥିବା ଶ୍ରମିକମାନଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରାଯାଇଥିଲା। ଏପରିକି ସ୍ୱାବଲମ୍ବୀ ହୋଇଥିବା କେତେକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୦ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଏଫିକୋର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ଲାଗିଥିବା ଷ୍ଟଲରେ ବାଲ୍ୟ ବିବାହ, ସ୍ୱାସ୍ଥ୍ୟସେବା ରେ ସୁଧାର ଜନିତ ସମସ୍ୟା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏପରିକି ମାତୃ ଓ ଶିଶୁ ମୃତ୍ୟୁ ହାର କିପରି ରୋକାଯାଇ ପାରିବ ତାହା ଉପରେ ସଚେତନତା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କଣ୍ଟାବାଞ୍ଜି ତହସିଲଦାର ସମୀର ରଞ୍ଜନ ବେହେରା, ବିଡିଓ ଦେବାଶିଷ ସାମଲ ତଥା ଜିଲା ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ଶିବିରରେ ଉପସ୍ଥିତ ଥଇଲେ।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ନୂଆଁଖାଇ ଭେଟ୍‌ଘାଟ୍

**ବଲାଙ୍ଗୀର ଅଫିସ, ୧୨।୧୨**

ବଲାଙ୍ଗୀର ଅମଲା ଭବନରେ ଓଡିଶା ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ ଗୋବିନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ମଲିଆ ଗଡୁଆ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ନୂଆଁଖାଇ ତିହାର ସମ୍ପର୍କରେ ଧର୍ମବ୍ରତ ରଥ, ମନୋରଞ୍ଜନ ମିଶ୍ର, ପ୍ରଭାକର ମିଶ୍ର, ବିରଞ୍ଚି ହୋତା, ସୁରେନ୍ଦ୍ର କୁମାର ନେଗୀ, ଗୋପାଳ ଚନ୍ଦ୍ର ନାୟକ, କୃଷ୍ଣଚନ୍ଦ୍ର ନାଥ, ଦୁର୍ଗା ପ୍ରସାଦ ହୋତା, ବିରଞ୍ଚି ବହିଦାର, ମଧୁସୂଦନ ନାୟକ, ଉପଦେଷ୍ଟା ପ୍ରସନ୍ନ କୁମାର ମିଶ୍ର ବକ୍ତବ୍ୟ ରଖିଥିଲେ। ପୁରୁଷୋତ୍ତମ ପଣ୍ଡା, ଯୁଗ୍ମ ସମ୍ପାଦକ ପର୍ଶୁରାମ ନାୟକ, ଗୋପବନ୍ଧୁ ପୁରୋହିତ ଉପସ୍ଥିତ ଥିଲେ। ସାମାଜିକ କାର୍ଯ୍ୟକ୍ରମ, ତଥା ଅବସରପ୍ରାପ୍ତ କର୍ମଚାରୀଙ୍କ ଅବସରକାଳୀନ ପାଉଣା କିପରି ଠିକ୍ ସମୟରେ ପାଇବେ ସେଥିପାଇଁ ସଭାପତି ମିଶ୍ର ଓ ସମ୍ପାଦକ ଗଡୁଆ କହିଥିଲେ। କୃଷ୍ଣଚନ୍ଦ୍ର ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।

# ସେମିଫାଇନାଲରେ ନକଟାସର

**ଅଷ୍ଟମ ତାରକା ସ୍ମାରକୀ ଫୁଟବଲ**

**ମୁରିବାହାଲ, ୧୨।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ସଦର ପଞ୍ଚାୟତ ବନବହାଲ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଯୁବକ ଆନୁକୂଲ୍ୟରେ ୧୪ତମ ଅଷ୍ଟମ ତାରକା ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ସୋମବାର ଥିଲା ଦ୍ୱିତୀୟ ଦିବସ। ଏହିଦିନ କଣ୍ଟାବାଞ୍ଜି ଓ ନକଟାସର ମଧ୍ୟରେ ମ୍ୟାଚ ହୋଇଥିଲା। ଏଥିରେ ନକଟାସର ଦଳ କଣ୍ଟାବାଞ୍ଜିକୁ ଟାଇବ୍ରେକର ୪-୩ ଗୋଲରେ ହରାଇ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମୁଖ୍ୟ ଅତିଥି ଭାବେ ମୁରିବାହାଲ ବ୍ଲକ ସରପଞ୍ଚ ସଂଘ ସଭାପତି ବିଶ୍ୱବିହାରି ଯୋଶୀ, ସମ୍ମାନୀତ ଅତିଥି ଲଖନା ସରପଞ୍ଚ ସଦାନନ୍ଦ ଦୀପ, ବିଶିଷ୍ଟ କ୍ରୀଡ଼ାବିତ ନେତ୍ରମଣି ଭୋଇ, ଶିକ୍ଷାବିତ୍ ଭାଗତ ନାଗ ପ୍ରମୁଖ ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚକୁ ଶ୍ରୀବତ୍ସ ବେହେରା, ଆଶୀର୍ବାଦ ସା, ଅଶ୍ୱିନି ଭୁକ୍ତା, ପ୍ରତାପ ଭୁକ୍ତା ପରିଚାଳନା କରିଥିଲେ। ଧାରାବିବରଣୀ ପ୍ରଦାନ କରିଥିଲେ ଭାରତ ମଲ୍ଲିକ ଓ ମନୋଜ କୁମାର ଖମାରି।



ଉଭୟ ଦଳର ଖେଳାଳିମାନଙ୍କ ସହ ଅତିଥି ଓ ରେଫେରିମାନେ।

# ଅନିୟମିତତା ଅଭିଯୋଗ ଆଣିଲେ କଳାକାର

- ଖପ୍ରାଖୋଲ ବ୍ଲକରେ କଳାକାର ଭତ୍ତା ପ୍ରସଙ୍ଗ
- ବିଡିଓଙ୍କୁ ଦେଲେ ଦାବିପତ୍ର

**ଖପ୍ରାଖୋଲ, ୧୨।୧୨(ଡି.ଏନ.ଏ.)**




ବାଦ୍ ପଡିଥିବା କଳାକାରମାନେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକରେ କଳାକାର ଭତ୍ତା ପାଇଁ ହିତାଧିକାରୀ ଚୟନରେ ଅନିୟମିତତା ହୋଇଛି। ଏଥିରୁ ବାଦ୍ ପଡ଼ିଥିବା କଳାକାରମାନେ ସୋମବାର ବିଡିଓ ରଶ୍ମିରଞ୍ଜନ ରାଉତଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ଅକ୍ଟୋବର ୨୭ ତାରିଖରେ କଳାକାର ଭତ୍ତା ପାଇଁ ଆବେଦନ କରିଥିବା କଳାକାରଙ୍କୁ ନେଇ ବ୍ଲକ ପରିସରରେ ଅଡିସନ ହୋଇଥିଲା। ଏହି ଅବସରରେ ଉନ୍ନତ କଳା ପ୍ରଦର୍ଶନ କରିଥିବା କଳାକାରଙ୍କୁ ବାଦ୍ ଦିଆଯାଇଥିବା ବେଳେ କେତେକ ନବାଗତଙ୍କୁ ଭତ୍ତା ପାଇଁ ଚୟନ କରାଯାଇଥିବା ଅଭିଯୋଗ ହୋଇଛି। ତୁରନ୍ତ ପ୍ରକାଶ ପାଇଥିବା ଯୋଗ୍ୟ ତାଲିକାକୁ ରଦ୍ଦ କରି ସର୍ବସାଧାରଣରେ ଅଡିସନ କରି ହିତାଧିକାରୀ ଚୟନ କରିବାକୁ ସେମାନେ ଦାବି କରିଛନ୍ତି। ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ ସମୟରେ ବରିଷ୍ଠ ନାଟ୍ୟ କଳାକାର ମଧୁସୂଦନ ସାହୁ, ପଞ୍ଚାନନ ସାହୁ, ସୁବାସ ଚନ୍ଦ୍ର ପାଣିଗ୍ରାହୀ, ପବିତ୍ର ପଟେଲ, ଟେକରାମ ବାରିକ, ସମ୍ପଦ ସାହୁ, ବେଦବର ପୁଟେଲ, ଶରତ ମିଶ୍ର, ଥୟକାନ୍ତ ମହାପାତ୍ର, ଅନାଦି ସାହୁ, ସମରେନ୍ଦ୍ର ପୁରୋହିତ, କପୂର୍ଚ୍ଚନ ଦାଶ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ବାଦ ପଡ଼ିଥିବା କଳାକାର ଉପସ୍ଥିତ ଥିଲେ। ଏନେଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କାନିଷ୍କ ବିଭାରଙ୍କୁ ପଚାରିବାରୁ ଚୟନ ପ୍ରକ୍ରିୟା ଠିକରେ ହୋଇଛି। ବ୍ଲକ ପାଇଁ ଯେତେ ଜଣ କଳାକାର ଚୟନ ହେବାକଥା ସେତିକି ଚୟନ ହୋଇଛନ୍ତି ବୋଲି କହିଛନ୍ତି। ଏ ନେଇ ବିଡିଓ ରାଉତଙ୍କୁ ପଚାରିବାରୁ କେତେକ କଳାକାର ଚୟନରୁ ବାଦ୍ ପଡ଼ିଥିବା ନେଇ ଜଣାଇଛନ୍ତି। ଅଧିକ କଳାକାର ଅଡିସନ ଦେଇଥିବା ବେଳେ ବିଚାରକ ମଣ୍ଡଳୀ ଚୟନ କରିଥିବା କଳାକାରଙ୍କୁ ପ୍ରାଧାନ୍ୟ ଦିଆଯାଇଛି ବୋଲି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଜିଲାପାଳଙ୍କ ଜନଶୁଣାଣି ଶିବିର

ବୌଦ୍ଧ/କଣ୍ଟାମାଲ,୧୨।୧୨ (ସ୍ୱ.ପ୍ର./ ଡି.ଏନ.ଏ.): ସୋମବାର ବୌଦ୍ଧ ଜିଲାର କଣ୍ଟାମାଲ ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସତ୍ୟରଞ୍ଜନ ସାହୁଙ୍କ ଉପସ୍ଥିତିରେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ହୋଇଥିଲା। ଏହି ଶିବିରରେ ସମୁଦାୟ ୪୪ ଆପତ୍ତି ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ୩୩ଟି ବ୍ୟକ୍ତିଗତ ମାମଲା ଓ ୧୧ ଗୋଟି ବିଭିନ୍ନ ଗ୍ରାମର ସାମୁହିକ ମାମଲା ରହିଥିଲା। ସେଥିମଧ୍ୟରୁ ୧୦ ଜଣଙ୍କୁ ଜିଲା ରେଡକ୍ରସ ପାଣ୍ଠିରୁ ୩୪ ହଜାର ଟଙ୍କା ଓ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ହଜାର ଟଙ୍କା ସହାୟତା ଯୋଗାଇ ଦିଆଯାଇଥିଲା। ଶିବିରରେ ୨୨ ଗୋଟି ଅଭିଯୋଗର ତତ୍କାଳ ସାମଧାନ କରାଯାଇଥିଲା। ଶିବିରରେ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମିନା, ଜିଲା ପରିଷଦ କାର୍ଯ୍ୟନିବାହୀ ଅଧିକାରୀ ଅଶ୍ୱନୀ କୁମାର ମେହେର, ଉପଜିଲାପାଳ ରବିନ୍ଦ୍ର କୁମାର କହଁର, କଣ୍ଟାମାଲ ବିଡିଓ କଳାକୃଷ୍ଣ ପ୍ରଧାନ, ତହସଲଦାର କର୍ଣ୍ଣ ମଲିକଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ବିଳାସପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପଦରପଡାର କଲ୍ୟାଣ ବେହେରା, ଖଟଖଟିଆ ପଞ୍ଚାୟତ ଶଙ୍କରପୁର ଗ୍ରାମର ଗୌରୀ କ୍ଷେତୀ ଓ ଖୁଣ୍ଟିଗୋରା ପଞ୍ଚାୟତ ମସିଣାଗୋରା ଗ୍ରାମର ଦୁର୍ଜନ ଭେସ୍ରାଙ୍କୁ ତିନିଚକିଆ ସାଇକେଲ ପ୍ରଦାନ କରାଯାଇଥିଲା। ଜନଶୁଣାଣି ଶିବିର ପରେ ଜିଲାପାଳ ସାହୁ ଅଇଁଲାଚୁଆଠାରେ ଥିବା ଆଦର୍ଶ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ସେ ସମସ୍ତ ଶ୍ରେଣୀଗୃହ ବୁଲି ଦେଖିବା ସହ ସୁବିଧା ଓ ଅସୁବିଧା ପଚାରି ବୁଝିଥିଲେ। ଏହାପରେ ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଦେଖିବା ସହ ସ୍ୱାସ୍ଥ୍ୟକେନ୍ଦ୍ର ପରିଷ୍କାର ରଖିବା ପାଇଁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।ପରିଦର୍ଶନ ସମୟରେ ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତକାନ୍ତି ବଳିଆରସିଂହ ଉପସ୍ଥିତ ଥିଲେ।

### ମଞ୍ଚସ୍ଥ ହେଲା ନାଟକ ମଥୁରାର କଳାଚାନ୍ଦ ଗୋପରେ ବଢୁଛି

ବୌଦ୍ଧ,୧୨।୧୨(ସ୍ୱ.ପ୍ର.): ବୌଦ୍ଧ ଭୈରବୀ ପଡିଆଠାରେ ସହରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମଦନ ମୋହନ ନାଟ୍ୟ କଳା ପରିଷଦ ପକ୍ଷରୁ ଗତ ଶନିବାରଠାରୁ ଆରମ୍ଭ ହୋଇଥିବା ଧନୁଯାତ୍ରା ନାଟୋତ୍ସବର ସୋମବାର ଥିଲା ତୃତୀୟ ସନ୍ଧ୍ୟା। ପ୍ରାରମ୍ଭରେ ନୃତ୍ୟ ନାଟିକା ଭକ୍ତ ପ୍ରହଲ୍ଲାଦ ପରିବେଷିତ ହୋଇଥିଲା। ଏହାପରେ ନାଟକ 'ମଥୁରାର କଳାଚାନ୍ଦ ଗୋପରେ ବଢୁଛି' ମଞ୍ଚସ୍ଥ ହୋଇଥିଲା। ଏହି ନାଟକରେ କୃଷ୍ଣ ବଳରାମଙ୍କ ବାଲ୍ୟଲୀଳା , ବିଶ୍ୱରୂପ ଦର୍ଶନ, ବକାସୁର, ଅଘାସୁର ଓ ଧେନୁକାସୁର ବଧ,ନଟୁ ଚୋରି, ଦହିଚୋରି ପରିବେଷିତ ହୋଇଥିଲା। ବୌଦ୍ଧ ଜିଲାର ଜଣାଶୁଣା ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ଦ୍ୱାରା ନାଟକ ରଚିତ ହୋଇଥିବା ବେଳେ ଦେବାଙ୍ଗନ ମେହେର ନିର୍ଦ୍ଦେଶନା ଦେଇଛନ୍ତି। ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳାକୁ ପ୍ରତିଦିନ ପରିବେଷଣ ହେଉଛି। ପ୍ରତିଦିନ ନାଟକ ଦେଖିବା ପାଇଁ ଲୋକଙ୍କ ଗହଳି ହେଉଥିବା ଦେଖିବାକୁ ମିଳିଛି। ନାଟୋତ୍ସବର ସଭାପତି ଆଦିତ୍ୟ ପୂଜାହାରୀ ଓ ସଂପାଦକ ପଙ୍କଜ ମେହେରଙ୍କ ତତ୍ତ୍ୱାବଧାନରେ ଏହି ଯାତ୍ରା ପରିଚାଳନା ହେଉଛି। ଚତୁର୍ଥ ରଜନୀରେ ନାଟକ 'ମଥୁରାର ବଂଶୀ ବିଳାପିଲା ଯମୁନା ତଟେ' ମଞ୍ଚସ୍ଥ ହେବ ବୋଲି ଅନୁଷ୍ଠାନର ସଂପାଦକ ପଙ୍କଜ ମେହେର ପ୍ରକାଶ କରିଛନ୍ତି।

# ହାଇକୋର୍ଟ ବେଞ୍ଚ ଦାବି: ଓକିଲ ସଂଘର ସତ୍ୟାଗ୍ରହ

ସୋନପୁର,୧୨।୧୨(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ପକ୍ଷରୁ ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟ ପରିସରରେ ସୋମବାର ସତ୍ୟାଗ୍ରହ କରାଯାଇଛି। ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବିକୁ ନେଇ ବହୁ ବର୍ଷ ହେଲା ପଶ୍ଚିମ ଓଡିଶା ଓକିଲମାନଙ୍କ ତରଫରୁ ଆନ୍ଦୋଳନ ଜାରି ରହିଛି। ଏହି ଦାବି ପୂରଣ ପାଇଁ ଓକିଲମାନେ ଅନେକ ସମୟରେ କୋର୍ଟ କାର୍ଯ୍ୟରୁ ନିବୃତ ରହିବା ସହିତ କୋର୍ଟ କଚେରି ବର୍ଜନ କରି ଆସୁଛନ୍ତି। ଏହାକୁ ନେଇ ସୁପ୍ରିମକୋର୍ଟ ଓକିଲଙ୍କ ଲାଇସେନ୍ସ ରଦ୍ଦ କରିବା ପାଇଁ ଆଦେଶନାମା ଜାରି କରିଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ଆଦେଶନାମା ପ୍ରତିବାଦରେ ଜିଲାର ଓକିଲମାନେ ସତ୍ୟାଗ୍ରହ କରିଛନ୍ତି। ସୁପ୍ରିମକୋର୍ଟଙ୍କ ଆଦେଶନାମା ଅଗଣତାନ୍ତ୍ରିକ ଓ ଏହା ଓକିଲମାନଙ୍କ ସମ୍ମାନ ପ୍ରତି ଆଘାତ ସୃଷ୍ଟି କରିଛି ବୋଲି ସୁବର୍ଣ୍ଣପୁର ଜିଲା ଓକିଲ ସଂଘର ସଭାପତି ବିଧାନ ଚନ୍ଦ୍ର ପାଣିଗ୍ରାହୀ କହିଛନ୍ତି। ଆନ୍ଦୋଳନରେ ସଂଘ ସମ୍ପାଦକ ଗଦାଧର ନେଗୀ, ବରିଷ୍ଠ ଓକିଲ ଆଦିକନ୍ଦ ପାଣିଗ୍ରାହୀ, ଦଶରଥ ମହାନା, ବ୍ୟୋମକେଶ ଦାଶ, ମଧୁସୂଦନ ପ୍ରଧାନ, ବାବୁଲାଲ ଦାଶ, ସନ୍ତୋଷ ମେହେର, ତ୍ରିବିକ୍ରମ ମିଶ୍ର, ପ୍ରଦୀପ ପୁରୋହିତ, ଦାସଦୀପ୍ତ ମହାପାତ୍ର, ମନୋଜ ବିଶି, ଜିତେନ୍ଦ୍ର ପଟ୍ଟନାୟକ, ପ୍ରଫୁଲ୍ଲ ସାହୁ ଓ ନିମାଇଁ ପାଣିଗ୍ରାହୀ ସାମିଲ ହୋଇଥିଲେ।



ସୁବର୍ଣ୍ଣପୁର ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟ ସମ୍ମୁଖରେ ଓକିଲମାନେ ଧାରଣାରେ ବସିଛନ୍ତି ।

### ବିନିକା ଓକିଲ ସଂଘର ସତ୍ୟାଗ୍ରହ ଆନ୍ଦୋଳନ

ବିନିକା, ୧୨।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଓକିଲ ସଂଘ ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ନିର୍ଦ୍ଦେଶ ପ୍ରତିବାଦରେ ସୋମବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲା। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଘଣ୍ଟା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବା ଫଳରେ କୋର୍ଟକୁ ଆସିଥିବା ଜନସାଧାରଣ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ମୌଳିକ ଅଧିକାରର ସୁରକ୍ଷା ଦାବିନେଇ ଏହି ଆନ୍ଦୋଳନ କରିବାକୁ ବାଧ୍ୟ ହୋଇଥିବା ସଂଘ ସଭାପତି ସୁଧାଂଶୁ ଶେଖର ଦାଶ କହିଛନ୍ତି।

### ଅବସରପ୍ରାପ୍ତ କର୍ମଚାରୀ ସଂଘର ନୂଆଁଖାଇ ଭେଟ୍‌ଘାଟ୍

ବଲାଙ୍ଗୀର ଅଫିସ, ୧୨।୧୨

ବଲାଙ୍ଗୀର ଅମଲା ଭବନରେ ଓଡିଶା ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ ଗୋବିନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ମଲିଆ ଗଡୁଆ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ନୂଆଁଖାଇ ତିହାର ସମ୍ପର୍କରେ ଧର୍ମବ୍ରତ ରଥ, ମନୋରଞ୍ଜନ ମିଶ୍ର, ପ୍ରଭାକର ମିଶ୍ର, ବିରଞ୍ଚି ହୋତା, ସୁରେନ୍ଦ୍ର କୁମାର ନେଗୀ, ଗୋପାଳ ଚନ୍ଦ୍ର ନାୟକ, କୃଷ୍ଣଚନ୍ଦ୍ର ନାଥ, ଦୁର୍ଗା ପ୍ରସାଦ ହୋତା, ବିରଞ୍ଚି ବହିଦାର, ମଧୁସୂଦନ ନାୟକ, ଉପଦେଷ୍ଟା ପ୍ରସନ୍ନ କୁମାର ମିଶ୍ର ବକ୍ତବ୍ୟ ରଖିଥିଲେ। ପୁରୁଷୋତ୍ତମ ପଣ୍ଡା, ଯୁଗ୍ମ ସମ୍ପାଦକ ପର୍ଶୁରାମ ନାୟକ, ଗୋପବନ୍ଧୁ ପୁରୋହିତ ଉପସ୍ଥିତ ଥିଲେ। ସାମାଜିକ କାର୍ଯ୍ୟକ୍ରମ, ତଥା ଅବସରପ୍ରାପ୍ତ କର୍ମଚାରୀଙ୍କ ଅବସରକାଳୀନ ପାଉଣା କିପରି ଠିକ୍ ସମୟରେ ପାଇବେ ସେଥିପାଇଁ ସଭାପତି ମିଶ୍ର ଓ ସମ୍ପାଦକ ଗଡୁଆ କହିଥିଲେ। କୃଷ୍ଣଚନ୍ଦ୍ର ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।

# କାର୍ଯ୍ୟବନ୍ଦ କରି କୋର୍ଟ ସମ୍ମୁଖରେ ବସିଲେ ଆଇନଜୀବୀ

ଅମରପାଲି,୧୨।୧୨(ଡି.ଏନ.ଏ.)

ସୁପ୍ରିମକୋର୍ଟ ଆଇନଜୀବୀଙ୍କ ବିରୋଧରେ ଦେଇଥିବା ରାୟକୁ ପ୍ରତ୍ୟାହାର ଦାବିରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆଇନଜୀବୀମାନେ ଆନ୍ଦୋଳନ ଓ ସତ୍ୟାଗ୍ରହ କରିଛନ୍ତି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଓକିଲ ସଂଘ ତରଫରୁ ନ୍ୟାୟାଳୟ ସମ୍ମୁଖରେ ସତ୍ୟାଗ୍ରହ ଆନ୍ଦୋଳନ କରିଛନ୍ତି। ସଂଘ ସଭାପତି ଜତିନ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ସଂଘର ସମସ୍ତ ଆଇନଜୀବୀ ସୋମବାର କାର୍ଯ୍ୟବନ୍ଦ କରି କୋର୍ଟ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ଆଇନଜୀବୀମାନଙ୍କ ଦ୍ୱାରା ବିଭିନ୍ନ ସମୟରେ ଆନ୍ଦୋଳନ ଯୋଗୁଁ ଦେଶ, ରାଜ୍ୟରେ ବହୁ ମକଦମା ପଡି ରହିବା ସହ କୋର୍ଟ କାମ ବଢିଯାଉଥିବା ଯୋଗୁଁ ସୁପ୍ରିମ କୋର୍ଟଙ୍କ ଦ୍ୱାରା ଆଇନଜୀବୀମାନଙ୍କ ବିରୋଧରେ ଦେଇଥିବା ରାୟକୁ ଆଇନଜୀବୀ ମାରଣନୀତି ଅଭିଯୋଗ କରି ସତ୍ୟାଗ୍ରହରେ ବସିଥିଲେ। ବରିଷ୍ଠ ଆଇନଜୀବୀ ଶ୍ରୀଧର ଦାସ, ବିଷ୍ଣୁଚରଣ ପଣ୍ଡା, ଶ୍ରୀନିବାସ ଚାନ୍ଦ, ସୁରେନ୍ଦ୍ର ତ୍ରିପାଠୀ, ସୁବ୍ରତ ମିଶ୍ର, ସଞ୍ଜିବ ଦେହେରି, ଛବିଳ କର୍ଣ୍ଣ, ଚିତ୍ତରଞ୍ଜନ ସେଠୀ, ସୁଶୀଲ ପାଣିଗ୍ରାହୀ, ଉମା ପଣ୍ଡ ପ୍ରମୁଖଙ୍କ ସମେତ ବହୁ ଆଇନଜୀବୀ ସାମିଲ ହୋଇଥିଲେ।



କୋର୍ଟ ସମ୍ମୁଖରେ ଆଇନଜୀବୀମାନେ।

### ଓଡିଶା କୃଷି ଶିଳ୍ପ ନିଗମର ଉପାଧକ୍ଷଙ୍କ ସୁବର୍ଣ୍ଣପୁର ଗସ୍ତ

## ଚାଷୀଙ୍କୁ କୃଷି ଯନ୍ତ୍ରାଂଶ ବଣ୍ଟନ

ସୋନପୁର,୧୨।୧୨(ନି. ପ୍ର )

ଓଡିଶା କୃଷି ଶିଳ୍ପ ନିଗମର ଉପାଧ୍ୟକ୍ଷ ଡ.ସନ୍ତୋଷ କୁମାର ବେଜ ସୋମବାର ସୁବର୍ଣ୍ଣପୁର ଜିଲା ଗ୍ରସ୍ତରେ ଆସିଥିଲେ। ସକାଳେ ଜିଲା କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ଜନନିଧି-୨ ଯୋଜନାରେ ହିତାଧିକାରି ଚାଷୀମାନଙ୍କୁ କ୍ଷୁଦ୍ର ଉଠା ଜଳସେଚନ ପ୍ରକଳ୍ପ ପାଇଁ ବିଭିନ୍ନ ଯନ୍ତ୍ରାଂଶ ବଣ୍ଟନ କରିଥିଲେ। ସରକାରଙ୍କ କୃଷି ଯାନ୍ତ୍ରାଂଶ ରିହାତି ଯୋଜନାରେ ଜଣେ ହିତାଧିକାରୀଙ୍କୁ ଡ଼ ବେଜ ଟ୍ରାକ୍ଟର ବଣ୍ଟନ କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ କେମିତି ଅଧିକରୁ ଅଧିକ ଚାଷୀ ଉପକୃତ ହେବେ ସେ ନେଇ ଡ.ବେଜ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ସୁବର୍ଣ୍ଣପୁର ଏକ କୃଷି ପ୍ରଦାନ ଜିଲା ହୋଇଥିବାରୁ କିପରି ଉନ୍ନତ ମାନର କୃଷି ଉପକରଣ ଓ ଉଠା ଜଳସେଚନ ମାଧ୍ୟମରେ ଚାଷୀ ଅଧିକ ଅମଳ କରିପରିବେ ସେ ନେଇ ଗୁରୁତ୍ୱାରୋପ କରିଥିଲେ। ପରେ ଉପାଧ୍ୟକ୍ଷ ସୋନପୁର ବ୍ଲକ ରୁଗୁଡ଼ିପାଲିରେ ଗ୍ରାମରେ ଏକ ଉଠାଜଳ ସେଚନ ପ୍ରକଳ୍ପକୁ ଉଦ୍‌ଘାଟନ କରଥିଲେ। କାର୍ଯ୍ୟକ୍ରମକୁ ସୁବର୍ଣ୍ଣପୁର କୃଷି ଶିଳ୍ପ ନିଗମ ପରିଚାଳକ ଇଂ. ରମ୍ୟରଞ୍ଜନ ମିଶ୍ର ପରିଚାଳନା କରିଥିଲେ। କନିଷ୍ଠ ଯନ୍ତ୍ରୀ ସୁମନ ପାତ୍ର, ପର୍ଶୁରାମ ସ୍ୱାଇଁ, ସତ୍ୟ ନନ୍ଦ, ନବିନ ବିଶି ଓ ପ୍ରଶାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ସାର୍ବଜନୀନ ସ୍ୱାସ୍ଥ୍ୟ ଦିବସ ପାଳିତ



ସାର୍ବଜନୀନ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ବାହାରିଥିବା ରାଲି।

ଡୁଙ୍ଗୁରିପାଲି, ୧୨।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ କ୍ଲଷ୍ଟର ସୁଲେଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସାର୍ବଜନୀନ ସ୍ୱାସ୍ଥ୍ୟ ଦିବସ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ରଣାଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜନସ୍ୱାସ୍ଥ୍ୟ ଅଧିକାରୀ ସୁଜାତା ମହାନ୍ତି ଯୋଗଦେଇ ସୁସ୍ଥ ସମାଜ ଗଠନ ଦିଗରେ ଛାତ୍ରୀଛାତ୍ରମାନେ ଆଗଭର ହେବା ଉଚିତ ବୋଲି କହିଥିଲେ। ସମ୍ମାନୀତ ଅତିଥିଭାବେ ଅନ୍ଧାରିବାଞ୍ଜି ଉପକେନ୍ଦ୍ର ଏଏନଏମ ସଞ୍ଜୁଲତା ବୁଡ଼େକ, ସିଆରସିସି ନରେନ୍ଦ୍ର ପୁରୋହିତ ଯୋଗଦେଇ ସୁଷମ ଖାଦ୍ୟ ଓ ବ୍ୟାୟାମ ଶିଶୁ ବିକାଶର ଚାବିକାଠି ବୋଲି କହିଥିଲେ। ଶୌଚାଳୟ ବ୍ୟବହାର ଓ ହାତ ଧୋଇବା ଅଭ୍ୟାସ ବଢାଇବାକୁ ଛାତ୍ରୀଛାତ୍ରଙ୍କୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ସୁଲେଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨୬ ଛାତ୍ରୀଛାତ୍ରଙ୍କ ହିମୋଗ୍ଲୋବିନ ପରୀକ୍ଷାରୁ ୧୦ ଜଣଙ୍କ ରକ୍ତହୀନତା ଥିବା ଜଣାପଡିଥିଲା। ସେହିପରି ସୁଲେଇ ପ୍ରାଥମିକ ବିଦ୍ୟାଳୟର ୫୫ ଛାତ୍ରୀଛାତ୍ରଙ୍କ ହିମୋଗ୍ଲୋବିନ ପରୀକ୍ଷାରୁ ୨୩ ଜଣଙ୍କ ରକ୍ତହୀନତା ଦେଖାଯାଇଥିଲା। ପରେ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ସେହିପରି ଡୁଙ୍ଗୁରିପାଲି ସେଞ୍ଚୁରିଆନ ପବ୍ଲିକ ସ୍କୁଲରେ ଅନୁଷ୍ଠିତ ସଚେତନତା ସଭାରେ ସ୍ୱାସ୍ଥ୍ୟସେବା ବିଶେଷଜ୍ଞ ଶେଷଦେବ ଥନାପତି ଦିବସ ପାଳନର ଉଦ୍ଦେଶ୍ୟ ବିଷୟରେ କହିଥିଲେ। ରାଷ୍ଟ୍ରୀୟ ବାଳସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସ୍ୱାସ୍ଥ୍ୟ ଅଧିକାରୀ ଡା.ଆଶିଷ ଗୋୟଲ ଉପସ୍ଥିତ ଥିଲେ। ଶେଷରେ ପୋଷ୍ଟର ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନୁଷ୍କା ଅଗ୍ରୱାଲ ପ୍ରଥମ, ଦିଶା ପ୍ରିୟଦର୍ଶନ ପଧାନ ଦ୍ୱିତୀୟ ଓ ପ୍ରିତୀ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ମମତା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବୌଦ୍ଧରେ ଜିଲା ଓକିଲ ସଂଘର ସତ୍ୟାଗ୍ରହ ଆନ୍ଦୋଳନ



ବୌଦ୍ଧ ଜିଲା ଓକିଲ ସଂଘ ପକ୍ଷରୁ କୋର୍ଟ ଆଗରେ ସତ୍ୟାଗ୍ରହ ଆନ୍ଦୋଳନ।

ବୌଦ୍ଧ,୧୨।୧୨(ସ୍ୱ.ପ୍ର.)

ସାରା ରାଜ୍ୟରେ ସୋମବାର ଦିନ ଜାତୀୟ ଓ ରାଜ୍ୟ ଆଇନଜୀବୀ ପରିଷଦର ମନମୁଖୀ କାର୍ଯ୍ୟକଳାପ ଓ ଓକିଲ ମାରଣ ନୀତି ବିରୋଧରେ ସତ୍ୟାଗ୍ରହ ଆନ୍ଦୋଳନ କରାଯାଇଛି । ଏହି ଆନ୍ଦୋଳନରେ ବୌଦ୍ଧ ଜିଲା ଓକିଲ ସଂଘ ସାମିଲ ହୋଇଥିଲା । ଜିଲା ଓକିଲ ସଂଘର ସଭାପତି ତାରେଣୀ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଜିଲା ଓକିଲ ସଂଘର ସମସ୍ତ ସଦସ୍ୟ ପୂର୍ବାହ୍ନ ୧୦ଟା ଠାରୁ ଜିଲା ନ୍ୟା ୟାଳୟ ସମ୍ମୁଖରେ ଧାରଣା ଦେଇ ସତ୍ୟାଗ୍ରହ ଆନ୍ଦୋଳନ କରିଥିଲେ । ସଂଘର ସମସ୍ତ ସଦସ୍ୟ ଶାନ୍ତିପୂର୍ଣ୍ଣ ଭାବେ ନ୍ୟାୟାଳୟ ଆଗରେ ବସି ରହିବା ସହ କୋର୍ଟ କାର୍ଯ୍ୟରୁ ବିରତି ରହିଥିଲେ । ଜିଲା ନ୍ୟାୟାଳୟର ସମସ୍ତ ବିଚାରପତିଙ୍କୁ ପୋଲିସ କଡା ସୁରକ୍ଷାରେ ଆଣିବା ସହ ସେମାନେ କୋର୍ଟକୁ ଯାଇଥିଲେ । ଆଇନଜୀବୀମାନେ ବିଚାରପତିମାନଙ୍କୁ କୋର୍ଟ ଯିବା ସମୟରେ କୌଣସି ଅବରୋଧ କରି ନ ଥିଲେ । ସତ୍ୟାଗ୍ରହ ଆନ୍ଦୋଳନରେ ସଂଘର ବରିଷ୍ଠ ଆଇନଜୀବୀ ନାରାୟଣ ପ୍ରସାଦ ପରିଜା, ସୁଧୀର କର୍ଣ୍ଣ, ଓମପ୍ରକାଶ ମିଶ୍ର , ନବ କୁମାର ମିଶ୍ର, ଚିତ୍ତରଞ୍ଜନ ପାଣିଗ୍ରାହୀ, ଦେବରଞ୍ଜନ ମହାକୁଲ, ଯୋଗେଶ ପ୍ରସାଦ ନାୟକ, ବିଶ୍ୱଜିତ ମିଶ୍ର, ତାରେଣୀ ଜେନା ,ଶିବପ୍ରସାଦ ପଣ୍ଡା, ବିବେକାନନ୍ଦ ଦେହୁରୀ, ବିଶ୍ୱମୋହନ ଶତପଥୀ, ସଂଘର ସମ୍ପାଦକ ଅଶୋକ କୁମାର ମିଶ୍ର, ଅଶୋକ ସାହୁ, ଜ୍ଞାନରଞ୍ଜନ ପଟ୍ଟନାୟକ, ଦେବରଞ୍ଜନ ବିଶି, ପ୍ରଦୀପ କୁମାର ମହାରଣାଙ୍କ ସମେତ ସଂଘର ସମସ୍ତ ସଦସ୍ୟ ସାମିଲ ଥିଲେ । ସେହିପରି ହରଭଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀଙ୍କ ଅଦାଲତରେ ମଧ ହରଭଙ୍ଗା ବ୍ଲକ ଆଇନଜୀବୀ ଓ କଣ୍ଟାମାଳଠାରେ କଣ୍ଟାମାଳ ଓକିଲ ସଂଘ ପକ୍ଷରୁ ସତ୍ୟାଗ୍ରହ ଆନ୍ଦୋଳନ କରାଯାଇଥିଲା ।

### ଫଲସାଭଦ୍ରିରେ ଘରଭଙ୍ଗାକୁ ନେଇ ହଟ୍ଟଗୋଳ

# ପ୍ରଶାସନ-ପୌର ପରିଷଦ ମୁହାଁମୁହିଁ

ବଲାଙ୍ଗୀର ଅଫିସ, ୧୨।୧୨

ବଲାଙ୍ଗୀର ସହରର ଫଲସାଭଦ୍ରୀଠାରେ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ମ୍ୟୁନିସିପାଲିଟି ଟିମ୍ ସୋମବାର ସକାଳେ ପହଞ୍ଚିଥିଲା। ସେଠାରେ ଘରଭାଙ୍ଗିବା ପାଇଁ ଉପକ୍ରମ ଆରମ୍ଭ କରିବା ପାଇଁ ସଜବାଜ ହେଉଥିବାବେଳେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଥିଲେ। ପ୍ରଶାସନ ପକ୍ଷପାତ ନୀତି ଅବଲମ୍ବନ କରି ଘର ଭାଙ୍ଗୁଛି ବୋଲି ଅଭିଯୋଗ କରିଥିଲେ। ସେଠାକାର ଲୋକେ ବିରୋଧ କରିବାରୁ ଉଚ୍ଛେଦ କାମ ଅଟକି ରହିଥିଲା। ଉପଜିଲାପାଳ କୁମାର ନାଗଭୂଷଣ ଓ ମ୍ୟୁନିସିପାଲିଟି ନିର୍ବାହୀ ସାମିରେଡ୍ଡି ଜୟଶ୍ରୀ ଅଧିକାରୀ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ତେବେ ଏହି ସମୟରେ ପୌରାଧ୍ୟକ୍ଷା ଲିକା ସାହୁ ଓ ବିଜେଡି କାଉନସିଲରମାନେ ସେଠାରେ ପହଞ୍ଚି ପ୍ରଶାସନର ଘର ଭଙ୍ଗା ଉଚ୍ଛେଦ ଅଭିଯାନକୁ ବିରୋଧ କରିଥିଲେ। କାହା ନିର୍ଦ୍ଦେଶରେ ଏଠାରେ ଘର ଭଙ୍ଗା ଅଭିଯାନ ଆରମ୍ଭ କରାଯାଉଛି ବୋଲି ପ୍ରଶ୍ନ କରିଥିଲେ। ପୌରାଧ୍ୟକ୍ଷା ସାହୁ କହିଥିଲେ ଯେ, ଯେପର୍ଯ୍ୟନ୍ତ ଲୋକଙ୍କୁ ଥଇଥାନ କରାଯାଇନାହିଁ ସେମାନଙ୍କୁ ଉଚ୍ଛେଦ କରାଯିବ ନାହିଁ। ପ୍ରଥମେ ଥଇଥାନ କରାଯାଇ ଉଚ୍ଛେଦ କରାଯିବାକୁ ମ୍ୟୁନିସିପାଲିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ଏଣୁ ଏଠାରେ ତୁରନ୍ତ ଘରଭଙ୍ଗା ଅଭିଯାନ ବନ୍ଦ କରାଯାଉ ବୋଲି କହିଥିଲେ। ଏହାକୁ ନେଇ ସେଠାରେ କିଛି ସମୟ ଧରି ତୁତୁ ମେମେ ପରିସ୍ଥିତି ଉପୁଜିଥିଲା। ଏହାପରେ ପ୍ରଶାସନ ସେଠାରୁ ଜେସିବି ମେଶିନ୍ ଫେରାଇ ନେଇଥିବା ଜଣାପଡିଛି। ଏହି ଘଟଣାଟି ସହରରେ ଚର୍ଚ୍ଚାର ବିଷୟ ହୋଇଛି।

# ବେକରେ ମୃତ ସ୍ତ୍ରୀଙ୍କ ଫଟୋ ଓହଳାଇ ଅନଶନ କରିବାକୁ ୩ କିମି ଚାଲି ଚାଲି ଗଲେ ସ୍ୱାମୀ

ବୌଦ୍ଧ,୧୨।୧୨(ସ୍ୱ.ପ୍ର.)

ସୋମବାର ନ୍ୟାୟ ପାଇଁ ଅନଶନ କରିବାକୁ ହରଭଙ୍ଗା ଅଞ୍ଚଳର ଜଣେ ବ୍ୟକ୍ତି ବେକରେ ମୃତ ସ୍ତ୍ରୀଙ୍କ ଫଟୋ ଓହଳାଇ ରାସ୍ତାରେ ପ୍ରାୟ ୩ କି.ମି. ଚାଲି ଚାଲି ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ପ୍ରକାଶ ଯେ, ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅନ୍ତର୍ଗତ ରାମଗଡ ଗ୍ରାମର ଖଗେଶ୍ୱର ଜଗଦଲାଙ୍କ ସ୍ତ୍ରୀ ଜିରା ବର୍ଷକ ତଳେ ବାପ ଘର ପୁରୁଣାକଟକ ଥାନା ଅଧୀନ ପୀତାମ୍ବରପୁର ପଞ୍ଚାୟତ ଅନ୍ତର୍ଗତ ଫୁଲଝରୀ ଗ୍ରାମକୁ ଯାଇ ଆଉ ଫେରି ନ ଥିଲେ। ପରେ ଜିରାଙ୍କ ମୃତଦେହ ବାପ ଘର ନିକଟସ୍ଥ ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଜବତ ହୋଇଥିଲା। ଏନେଇ ପୁରୁଣାକଟକ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ସଂସ୍କାର କରାଯାଇଥିଲା। ତେବେ ସ୍ତ୍ରୀଙ୍କ ମୃତ୍ୟୁ ଖବର ଦିଆ ନ ଯାଇ ପୋଡି ଦିଆଯାଇଥିବାରୁ ତାଙ୍କୁ ଶଶୁର ଘର ଲୋକ ହତ୍ୟା କରିଥିବା ନେଇ ଖଗେଶ୍ୱର ସେ ସମୟରେ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ ତାଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଉ ନ ଥିବା ଖଗେଶ୍ୱର ବାରମ୍ବାର ଅଭିଯୋଗ କରିବା ସହିତ ଜିଲା ଓ ରାଜ୍ୟ ପୋଲିସ, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, କେନ୍ଦ୍ର ଗୃହମନ୍ତ୍ରୀ, ମାନବାଧିକାର କମିଶନ, ମହିଳା କମିଶନରଙ୍କ ସମେତ ବିଭିନ୍ନ ପଦାଧିକାରୀଙ୍କୁ ଲିଖିତ ଭାବେ

### ନ୍ୟାୟ ପାଇଁ ଲଢେଇ

ଜଣାଇଥିଲେ। ଏହାସତ୍ତ୍ୱେ ନ୍ୟାୟ ମିଳି ନ ଥିବାରୁ ସେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ୩ ଥର ଉଦ୍ୟମ କରି ବିଫଳ ହୋଇଥିବା ଅଭିଯୋଗ କରିଛନ୍ତି। ସୋମବାର ଦିନ ଚତୁର୍ଥଥର ପାଇଁ ସେ ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରିବାକୁ ବସ ଯୋଗେ ଆସି ବସଷ୍ଟାଣ୍ଡଠାରୁ ମୃତା ସ୍ତ୍ରୀଙ୍କ ଫଟୋକୁ ବେକରେ ଓହଳାଇ ପ୍ରାୟ ୩ କିଲୋମିଟର ଚାଲି ଚାଲି ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଆରକ୍ଷୀ ଅଧୀକ୍ଷକଙ୍କ ଅନୁପସ୍ଥିତିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରି ତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଥିଲେ। ଏହି ସମୟରେ ତାଙ୍କୁ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟିବା ପାଇଁ ବାହାରେ ଅପେକ୍ଷା କରିବାକୁ କୁହାଯାଇଥିଲା। କିନ୍ତୁ ଏହାର କିଛି ସମୟ ପରେ ପୋଲିସ ଗାଡି ପହଞ୍ଚି ତାଙ୍କୁ ଉଠାଇ ନେଇ ପୁରୁଣାକଟକ ଥାନାରେ କିଛି ସମୟ ରଖିବା ପରେ ଛାଡି ଦିଆଯାଇଥିବା ଖଗେଶ୍ୱର ଅଭିଯୋଗ କରଛନ୍ତି। ଜିଲା ପୋଲିସର ଅଧିକାରୀମାନେ କାହିଁକି ତାଙ୍କୁ ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରିବାର ସୁଯୋଗ ଦେଉନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ନ୍ୟାୟ ନ ମିଳିଲେ ରାଜଧାନୀ ଯାଇ ମୁଖ୍ୟମନ୍ତ୍ରୀଙ୍କ ଘର ସମ୍ମୁଖରେ କିମ୍ବା କଟକ ଉଚ୍ଚ ନ୍ୟାୟାଳୟ ଆଗରେ ଧାରଣା ଦେବେ ବୋଲି ପ୍ରକାଶ କରିଛନ୍ତି। ବାରମ୍ବାର ଜଣେ ଅଭିଯୋଗକାରୀଙ୍କୁ ଜିଲା ପୋଲିସ ମୁଖ୍ୟଙ୍କୁ ସାକ୍ଷାତ କରାଇ ନ ଦେବା ପଛରେ ରହସ୍ୟ କ'ଣ ଏହାର ନିରପେକ୍ଷ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହେଉଛି।

# ମହାନଦୀରେ ବିଦେଶାଗତ ପକ୍ଷୀ

ସୋନପୁର,୧୨।୧୨(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଦେଇ ପ୍ରବାହିତ ମହାନଦୀ ଏବେ ପାଲଟିଯାଇଛି ବିଦେଶାଗତ ପକ୍ଷୀଙ୍କ ତୀର୍ଥସ୍ଥଳ। ଚଳିତ ବର୍ଷ ନଭେମ୍ବରରୁ ବିଦେଶାଗତ ପକ୍ଷୀଙ୍କ ସୁଅ ଆରମ୍ଭ ହୋଇଛି। ଶୀତ ବଢିବା ସହିତ ଦେଶ ତଥା ଦେଶ ବାହାରର ବିଭିନ୍ନ ପ୍ରଜାତିର ରଙ୍ଗବେରଙ୍ଗ ପକ୍ଷୀ ମହାନଦୀର ଶୋଭା ବୃଦ୍ଧି କରୁଛନ୍ତି। ସୋମବାର ସୁବର୍ଣ୍ଣପୁର ସହର ଉପକଣ୍ଠ ମହାନଦୀର ଜଳରାଶିରେ ବିରଳ ପକ୍ଷୀ କମନ ମରଗାନସର (ବୈଜ୍ଞାନିକ ନାମ ମରଗସ ମରଗନସର) ୧୦ଟି ଠାବ ହୋଇଛନ୍ତି। ସୋନପୁରର ପକ୍ଷୀ ବିଶେଷଜ୍ଞ ଜ୍ୟୋତିରାଦିତ୍ୟ ପିନାକି ପଣ୍ଡା ଏହି ପକ୍ଷୀମାନଙ୍କୁ ଠାବ କରିଛନ୍ତି। ଏହି ପକ୍ଷୀ ଉତ୍ତର ଆମେରିକା ଓ ପୂର୍ବ ୟୁରୋପିଆନରେ ପ୍ରାୟତଃ ଦେଖାଯାଆନ୍ତି। ଭାରତର ଉତ୍ତର ପଶ୍ଚିମବଙ୍ଗର ଗଜଲଡବା ସ୍ଥିତ ତିସ୍ତା ବ୍ୟାରେଜ୍ ଓ ଲଦାଖରେ ମଧ୍ୟ ଏହି ପକ୍ଷୀ ଦେଖିବାକୁ ମିଳିଥାନ୍ତି। ୨୦୧୯ ଡିସେମ୍ବର ୨୨ରେ ସୋନପୁର ନିକଟସ୍ଥ ମହାନଦୀରେ କମନ ମରଗାନସର ପ୍ରଥମେ ଠାବ ହୋଇଥିଲେ। ତେବେ ପ୍ରତିବର୍ଷ ଏହି ସମୟରେ ପକ୍ଷୀଙ୍କୁ ଠାବ କରାଯାଉଛି ବୋଲି କୁହନ୍ତି ପକ୍ଷୀ ସମ୍ପର୍କରେ ଗବେଷଣା କରୁଥିବା ସୋନପୁରର ଦୀନେଶ ରଞ୍ଜନ ମିଶ୍ର ଓ ଅଭିଜିତ ମିଶ୍ର।

ସେହିପରି ସହର ନିକଟ ତେଲନଦୀରେ ସୋମବାର ବିଦେଶୀ ପକ୍ଷୀ ବ୍ଲାକ ଷ୍ଟର୍କ ଠାବ କରାଯାଇଛି। ମଙ୍ଗୋଲିଆ ଅଞ୍ଚଳରୁ ଏହି ପକ୍ଷୀ ଏଠାକୁ ଆସିଛନ୍ତି। ରାମେଶ୍ୱର ତଳି ଅଞ୍ଚଳ ନଦୀ


ସୋନପୁର ଠାରେ ମହାନଦୀର ଜଳରାଶିରେ କମନ ମରଗାନସର ବିଚରଣ କରୁଛି ।

### ବିରଳ ପକ୍ଷୀ କମନ ମରଗାନସର ଠାବ

ବାଲିରେ ବହୁ ସଂଖ୍ୟକ ବ୍ଲାକ ବେଲିଡ୍ ଟର୍ଣ୍ଣ ନାମକ ବିଦେଶୀ ପକ୍ଷୀ ଦେଖା ଯାଉଛନ୍ତି। ଅନୁକୂଳ ପରିବେଶ ଓ ଶିକାରୀଙ୍କ ଭୟ ନଥିବାରୁ ମହାନଦୀରେ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ପ୍ରତିବର୍ଷ ବଢିବାରେ ଲାଗିଛି। ବ୍ଲାକ ବେଲିଡ୍ ଟର୍ଣ୍ଣ ନାମକ ପକ୍ଷୀ ବର୍ତ୍ତମାନ ଇଣ୍ଟରନ୍ୟାଶନାଲ ୟୁନିୟନ ଅଫ କନଜରଭେଶନ ଅଫ ନେଚର ଦ୍ୱାରା ଏକ ବିରଳ ପକ୍ଷୀ ଭାବେ ସ୍ଥାନ ପାଇଛି। ସୁବର୍ଣ୍ଣପୁର ଜିଲାରେ ପ୍ରାୟ ୨୮୪ରୁ ଉର୍ଦ୍ଧ୍ୱ ପ୍ରଜାତିର ଦେଶୀ ବିଦେଶୀ ପକ୍ଷୀ ଠାବ ହୋଇଛନ୍ତି। ଏହି ପକ୍ଷୀମାନଙ୍କ ମଧ୍ୟରୁ ୩୦ରୁ ୩୫ ପ୍ରଜାତିର ବିଦେଶୀ ପକ୍ଷୀ ଅଛନ୍ତି । ବିଦେଶାଗତ ପକ୍ଷୀଙ୍କ ଆଗମନକୁ ଦୃଷ୍ଟିରେ ରଖି ଜିଲାକୁ ବାର୍ଡିଂ ହଟସ୍ପଟ୍ ଭାବେ ଘୋଷଣା କରିବାକୁ ପରିବେଶବିତ୍‌ମାନେ ଦାବି କରିଛନ୍ତି।

## ସଂକ୍ଷେପରେ

### ବିଷ ଖାଇ ଯୁବକଙ୍କ ଆତ୍ମହତ୍ୟା

**ରାଉରକେଲା ଅଫିସ,୧୩।୧୨:** ରାଉରକେଲା ଟିକାୟତପାଲି ଥାନା ଅନ୍ତର୍ଗତ ଓରାମବସ୍ତିରେ ଜଣେ ଯୁବକ କୀଟନାଶକ ଖାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ହେଲେ ବାସୁ ଭୂମିଜ(୩୨)। ଏ ନେଇ ରଘୁନାଥପାଲି ପୋଲିସ ଏକ ମାମଲା (ନଂ.୧୪୫।୨୨) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ଅନୁସାରେ, ବାସୁ ଠିକା ଶ୍ରମିକ ଭାବେ କାମ କରି ପରିବାର ପୋଷଣ କରନ୍ତି। ସବୁଦିନ ପରି ସେ ସୋମବାର ସକାଳ ସମୟରେ କାମକୁ ବାହାରୁଥିବାବେଳେ କୌଣସି କଥାକୁ ନେଇ ସ୍ତ୍ରୀଙ୍କ ସହ ପାଟିତୁଣ୍ଡ ହୋଇଥିଲା। ଏହାପରେ ବାସୁ ଘରେ ଥିବା କୀଟନାଶକ ଖାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ଲାଗି ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଆଜି ଏସ୍‌ଏନ୍‌ପି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**ରାଉରକେଲା ଅଫିସ,୧୨।୧୨:** ରିମ୍ସ କଲେଜର ରୋଟାରାଟ କ୍ଲବ ଅଫ୍ ରାଉରକେଲା ଓ ଷ୍ଟିଲସିଟିର ମିଳିତ ଆନୁକୂଲ୍ୟରେ ଏସ୍‌ଏନ୍‌ପି ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ସେକ୍ଟର-୨୦ ସ୍ଥିତ ରାଇଜିଂ ଖେଳ ପଡିଆରେ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ରାଉରକେଲାରେ ୧୦ଟି ସ୍କୁଲ ଓ କଲେଜ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଚାମ୍ପିୟନ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଦଳକୁ ୭ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ଏଥିସହ ଗୋଲଡେନ ବୋଲର ଓ ବ୍ୟାଟ୍ସ ମ୍ୟାନ ଅଫ ଦ ସିରିଜ୍ ପୁରସ୍କାର ପ୍ରଦାନ କରାଯିବ । ଏ ନେଇ ରିମ୍ସର ନିର୍ଦ୍ଦେଶକ କରୁଣାକର ପାତ୍ର ସୋମବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

### ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

**କୁଚିଣ୍ଡା, ୧୨।୧୨(ଡି.ଏନ.ଏ.):** କୁଚିଣ୍ଡା ବ୍ଲକର ବକ୍ସମାଠାରେ ସୋମବାର ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିରଞ୍ଜନ କୁମାର ସା, ତହସିଲଦାର ପ୍ରସନ୍ନ ଟେଟେ, ଏବିଡିଓ ସହଦେବ ନନ୍ଦ, ସରପଞ୍ଚ ସରସ୍ୱତୀ ଠାକୁରଙ୍କ ସମେତ ବିଦ୍ୟୁତ୍, ପାନୀୟ ଜଳ, କୃଷି, ଶିକ୍ଷା ଆଦି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ବକ୍ସମା, ଚନ୍ଦନୀମାଲ, ହାଡ଼ିପାଲି, କୁଟୁରାଛୁଆଁ, କୁଲେଇଗଡ ପଞ୍ଚାୟତରୁ ସର୍ବମୋଟ ୭୫ ଗୋଟି ଅଭିଯୋଗ ଆସିଥିଲା। ତନ୍ମଧ୍ୟରୁ ୨ ଗୋଟି ବ୍ୟକ୍ତିଗତ ରହିଥିଲା। ୨୧ ଗୋଟି ଅଭିଯୋଗର ଶୁଣାଣି କରି ଶିବିର ସ୍ଥାନରେ ହିଁ ସମାଧାନ କରାଯାଇଥିଲା।

### ଜନଶୁଣାଣି ଶିବିରରେ ୪୫ ଅଭିଯୋଗ ପଞ୍ଜୀକୃତ

**ଦେବଗଡ,୧୨।୧୨(ଡି.ଏନ.ଏ.):** ଦେବଗଡ଼ ଜିଲା ବାରକୋଟ ବ୍ଲକ ସମ୍ମିଳନୀ କକ୍ଷରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ୪୫ଟି ଅଭିଯୋଗ ଶୁଣାଣି କରି ଏହା ଉପରେ ଆବଶ୍ୟକ ପଦକ୍ଷେପ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବ୍ୟକ୍ତିଗତ ୩୪ଟି, ୧୧ଟି ସାମୂହିକ ସମସ୍ୟା ଉପରେ ଅଭିଯୋଗ ଆଧାରିତ ଥିଲା। ରାସ୍ତାଘାଟ, ଚାଷ ଜମି କ୍ଷୟକ୍ଷତି, କଳାକାର ଭତ୍ତା, ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଉପରେ ଲୋକେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆରକ୍ଷୀ ଅଧୀକ୍ଷକ ପ୍ରମୋଦ କୁମାର ରଥ, ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସୋ, ଉପ ଜିଲାପାଳ ବ୍ରଜବନ୍ଧୁ ଭୋଇ ଉପସ୍ଥିତ ଥିଲେ।

### ଉତ୍କଳ କରାଟେ ସ୍କୁଲରେ ବେଲ୍ଟ ପରୀକ୍ଷା

**ଟିଟିଲାଗଡ, ୧୨।୧୨(ଡି.ଏନ.ଏ.):** ଉତ୍କଳ କରାଟେ ସ୍କୁଲ ଟିଟିଲାଗଡ଼ ଶାଖା ଦ୍ୱାରା ମାଉସୀ ମା' ମନ୍ଦିର ପ୍ରାଙ୍ଗଣରେ ବାଳିକା ବାଳକ କରାଟେକାମାନଙ୍କ ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାରେ ୪୫ଜଣ କରାଟେକା ଅଂଶଗ୍ରହଣ କରି ପ୍ରତିଭା ପ୍ରଦର୍ଶନ କରିଥିଲେ। ଟିଟିଲାଗଡ ଶାଖା ମୁଖ୍ୟ ପ୍ରଶିକ୍ଷକ ସଂସାଇ ସୁରେଶ ଜାଲ ଯାଦବ ବ୍ଲାକବେଲ୍ଟ ୫ମ ଡନ, କରାଟେକା ମାନଙ୍କୁ ପରୀକ୍ଷା କରାଇଥିଲେ। ଶ୍ରଦ୍ଧାଞ୍ଜଳି ଜାଲ, କ୍ଷୀରୋଦ ସୁନା, ମୁକେଶ ସାହୁ, ପ୍ରହ୍ଲାଦ ସାହୁ ଓ ରାହୁଲ ଜାଲ ପରୀକ୍ଷାରେ ସହଯୋଗ କରିଥିଲେ। ପରେ କୃତୀ ପରୀକ୍ଷାର୍ଥୀମାନଙ୍କୁ ସଂଘ ସଭାପତି ଆଇନଜୀବୀ ମନୋଜ କୁମାର ହାତୀ, ଉପସଭାପତି ସତ୍ୟବ୍ରତ ପଣ୍ଡା ବେଲ୍ଟ ଓ ମାନପତ୍ର ପ୍ରଦାନ କରିଥିଲେ।

# ନିଯୁକ୍ତି ନ ଦେଲେ ରାସ୍ତା ବନ୍ଦ

**ରାଉରକେଲା ଅଫିସ,୧୨।୧୨**

ନିଜର ହକ୍ ପାଇଁ ୩୨ ମୌଜା ବିସ୍ଥାପିତ ସଂଘ ଉଦିତନଗର ସ୍ଥିତ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଜିକୁ ୮ ଦିନ ଧରି ଧାରଣା ଦେବା ପରେ ସୋମବାର ସନ୍ଧ୍ୟାରେ ଆରଏମ୍‌ସି କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ଆର୍‌ଏମ୍‌ସି କମିଶନର ତଥା ଏଡିଏମ୍ ଡ. ଶୁଭଙ୍କର ମହାପାତ୍ର ପ୍ରତିଶ୍ରୁତି ଦେବା ପରେ ସଂଘର କର୍ମକର୍ତ୍ତା ପୁନଃ ଧାରଣାସ୍ଥଳକୁ ଫେରିଥିଲେ। ଅନ୍ୟପଟେ ସ୍ଥାନୀୟ ପ୍ରଶାସନ ଯଦି ଆମର କୌଣସି କଥା ନ ଶୁଣନ୍ତି ତେବେ ରେ ଆସନ୍ତା ୧୪ ତାରିଖରେ ଆର୍‌ଏସ୍‌ପିର କଞ୍ଚାମାଲ୍ ଯାଉଥିବା ରାସ୍ତା ତଥା ଦେଓଗାଁ ସ୍ଥିତ ଆର୍‌ଏସ୍‌ପି ମୁଖ୍ୟ ଫାଟକ ସମ୍ମୁଖକୁ ଅବରୋଧ କରାଯିବ ବୋଲି ସଂଘ ପକ୍ଷରୁ ଏସ୍‌ପି ଓ ଆର୍‌ଏସ୍‌ପି ସିଇଓଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଥିବା ସାଧାରଣ ସମ୍ପାଦକ ମହେଶ୍ୱର ଟପ୍ପୋ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ଆଧୁନିକୀକରଣ ସମୟରେ ୩୨ ମୌଜା ଅଧିବାସୀଙ୍କର ୧୯ ହଜାର


ବିସ୍ଥାପିତ ଅଞ୍ଚଳବାସୀ ଧାରଣାରେ ବସିଛନ୍ତି।

୭ଶହ ୫୨ ଏକର ଜମି ଯାଇଥିଲା। ସେହିପରି ୧୯୯୭ରେ ମନ୍ଦିରା ଡ୍ୟାମ୍ ନିର୍ମାଣ ସମୟରେ କାରଖାନା କର୍ତ୍ତୃପକ୍ଷ ୩୨ ମୌଜା ଅଞ୍ଚଳବାସୀଙ୍କର ୧୧ ହଜାର ଏକର ଜମି ନେଇଥିଲେ। ସେହି ସମୟରୁ ଉକ୍ତ ମୌଜାରେ ବସବାସ କରୁଥିବା କିଛି ବିସ୍ଥାପିତଙ୍କୁ ଆରଏସ୍‌ପିରେ ଚାକିରି ମିଳିଥିବାବେଳେ ଅନ୍ୟ କିଛି ବିସ୍ଥାପିତ ନିଯୁକ୍ତିରୁ ବଞ୍ଚିତ ହୋଇଥିଲେ। ଏହାକୁ ନେଇ ୩୨ ମୌଜା ମନ୍ଦିରା ଡ୍ୟାମ୍ ଅଞ୍ଚଳରେ ବାସ କରୁଥିବା

**ଚେତାବନୀ ଦେଲା ବିସ୍ଥାପିତ ସଂଘ**

ବିସ୍ଥାପିତମାନେ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ହାଇକୋର୍ଟ ଏହି ମାମଲାର ଶୁଣାଣି କରି ଗତ ମାର୍ଚ୍ଚ ୨୩ ତାରିଖରେ ୧୧ଶହ ବିସ୍ଥାପିତ ଦକ୍ଷତାପୂର୍ଣ୍ଣ ବିଦ୍ୟାର୍ଥୀଙ୍କୁ ଆର୍‌ଏସ୍‌ପିରେ ନିଯୁକ୍ତି ପାଇଁ ସୁନ୍ଦରଗଡ ଜିଲାପାଳଙ୍କୁ ନୋଟିସ ଜାରି କରିଥିଲେ। ଏହି କ୍ରମରେ ୩୨ ମୌଜାର ୧୧ଶହ ପିଲାଙ୍କର ଚାକିରି ନିମନ୍ତେ କାଗଜପତ୍ର ଯାଞ୍ଚ କାମ ଗତ ଜୁଲାଇ ୭ ତାରିଖରେ ଶେଷ ହୋଇଥିଲା। ତେବେ ନିଯୁକ୍ତ ପାଇଁ ଆଜିଯାଏ ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିବାରୁ ସଂଘର କର୍ମକର୍ତ୍ତାମାନେ ଗତ ୫ରୁ ଧାରଣାରେ ବସିଛନ୍ତି। କାର୍ଯ୍ୟକ୍ରମରେ ସଂଘର ଉପସଭାପତି ସାଜନ ଅନସାରୀ, ସାଧାରଣ ସମ୍ପାଦକ ମହେଶ୍ୱର ଟପ୍ପୋ, ସମ୍ପାଦକ ଦିଲୀପ ସିଂ, ସହ ସମ୍ପାଦକ ବାବୁଲା ଷଣ୍ଢ, ବିଜୟ ବିସି, ମୁରଲିଧର ଦେହୁରୀଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଶୀଘ୍ର ବିମାନ ସେବା ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ପତ୍ର

**ରାଉରକେଲା ଅଫିସ,୧୨।୧୨**

ରାଉରକେଲା ବିମାନ ବନ୍ଦରରୁ ଯଥାଶୀଘ୍ର ବିମାନ ଉଡ଼ାଣ ପାଇଁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ସୋମବାର ଏମ୍‌ପି ଜୁଏଲ ଓରାମ ସାକ୍ଷାତ କରି ଏକ ପତ୍ର ପ୍ରଦାନ କରିଛନ୍ତି। ଉକ୍ତ ପତ୍ରରେ ସେ ଦର୍ଶାଇଛନ୍ତି ଯେ, ଉଡାନ ଯୋଜନାରେ ଓଡିଶାର ଝାରସୁଗୁଡା, ରାଉରକେଲା ଓ ଜୟପୁର ସହରକୁ ସାମିଲ କରାଯାଇଥିବା ବେଳେ ଏକମାତ୍ର ଝାରସୁଗୁଡା ବିମାନବନ୍ଦର କାର୍ଯ୍ୟକାରୀ ହୋଇପାରିଛି। ବିଭିନ୍ନ ଉଚ୍ଚଶିକ୍ଷା କେନ୍ଦ୍ର ଓ ବ୍ୟବସାୟିକ କେନ୍ଦ୍ର ରାଉରକେଲାରେ ଥିବାରୁ ବିମାନ ସେବା ଅପରିହାର୍ଯ୍ୟ। ରାଉରକେଲାରେ ବିମାନସେବା ନ ଥିବାରୁ ବ୍ୟବସାୟୀ ଓ ଶିକ୍ଷା କ୍ଷେତ୍ରରେ କ୍ୟାମ୍ପସ ସିଲେକ୍‌ଶନ ପାଇଁ ପ୍ରତିକୂଳ ପ୍ରଭାବ ପକାଉଛି। ଆବଶ୍ୟକ ୩ ମାସ କ୍ୟାଟାଗୋରୀ ବ୍ୟବସାୟିକ ବିମାନ ଚଳାଚଳ ପାଇଁ ବିମାନ ବନ୍ଦରର ସମସ୍ତ ବୈଷୟିକ କାମ ଓ ଟର୍ମିନାଲ ବିଲ୍ଡିଂ, ବର୍ଦ୍ଧିତ ରନୱେ ସହ ବିମାନବନ୍ଦରର ପାର୍ଶ୍ୱବର୍ତ୍ତୀ ସ୍ଥାନମାନଙ୍କର ବିକାଶ କାମ ଚାଲିଛି। ଅନ୍ୟପକ୍ଷେ ବିଶ୍ୱକପ୍ ହକି ହେବାକୁ ଥିବାରୁ ବାହାର ଦର୍ଶକଙ୍କ ପାଇଁ ବିମାନ ଚଳାଚଳ ଅଧିକ ଗୁରୁତ୍ୱ ବହନ କରେ। ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ବିମାନବନ୍ଦରର ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ସହ ଯଥାଶୀଘ୍ର ବିମାନ ଉଡ଼ାଣ କରାଯିବା ପାଇଁ ଏମ୍‌ପି ଓରାମ କେନ୍ଦ୍ର ମନ୍ତ୍ରୀ ସିନ୍ଧିଆଙ୍କୁ ଅନୁରୋଧ କରିଛନ୍ତି ବୋଲି ଭାଜପା ମୁଖପାତ୍ର ଭଗବାନ ରାଉତ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

# ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ୭ ବାଇକ୍, କାର୍ ଚୂରମାର

**ରାଉରକେଲା ଅଫିସ,୧୨।୧୨**

ଛେଣ୍ଡ୍ ଥାନା ଅନ୍ତର୍ଗତ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ଏକ ପିକ୍‌ଅପ୍ ଭ୍ୟାନ୍ (ନ.ଓଡି୦୨ସିଏ/୪୯୦୪) ଧକ୍କା ଦେବାରୁ ୭ଟି ବାଇକ୍ ଓ ଏକ କାର୍ ଚୂରମାର ହୋଇଯାଇଛି। ଗାଡି ଚାଳକ ମନୋରଞ୍ଜନ ହରୋଙ୍କୁ ପୋଲିସ ଗିରଫ କରି ଘଟଣାର ତଦନ୍ତ ଜାରି ରଖିଛି।

ପୋଲିସ ସୂଚନା ଅନୁସାରେ, ବେଦବ୍ୟାସ ଭାଟାଟୋଲାର ମନୋରଞ୍ଜନ ଗାଡି ଚାଳକ ଭାବେ କାମ କରନ୍ତି। ସୋମବାର ଅପରାହ୍ଣ ସାଢେ ୪ଟାରେ ସେ ଏକ ପିକ୍‌ଅପ୍ ଭ୍ୟାନକୁ ନେଇ ଛେଣ୍ଡ ମୁଖ୍ୟ ମାର୍ଗରେ ଯାଇଥିଲେ। ଗାଡି ଚାଳକ ପ୍ରଚୁର ମଦ୍ୟପାନ କରି ଗାଡିକୁ ଦ୍ରୁତଗତିରେ ଚଳାଉଥିବାବେଳେ ଛେଣ୍ଡ ମୁଖ୍ୟ ମାର୍ଗରେ ଥିବା ଏସ୍‌ବିଆଇ ବ୍ୟାଙ୍କ ସମ୍ମୁଖ ରାସ୍ତା କଡ଼ ଗାଡ଼ି ପାର୍କିଂ ସ୍ଥାନକୁ ଧକ୍କା ଦେଇଥିଲେ। ଫଳରେ ଉକ୍ତ ସ୍ଥାନରେ ଥିବା ୭ଟି ବାଇକ ସହ ଏକ କାର୍ ଭାଙ୍ଗି ଯାଇଥିଲା। ଦୁର୍ଘଟଣା ପରେ ମନୋରଞ୍ଜନ ଘଟଣାସ୍ଥଳରୁ ଫେରାର ହେଉଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ନେଇ ପୋଲିସ ଜିମା ଦେଇଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୨୪୭।୨୨) ରୁଜୁ କରି ତଦନ୍ତ ଚଳାଇଛି।

# ଇନ୍‌ଫୋସିଟି ଥାନାରେ ବୀରେନ୍ଦ୍ର ଲାକ୍ରାଙ୍କୁ ଜେରା

**ଭୁବନେଶ୍ୱର, ୧୨।୧୨ (ବ୍ୟୁରୋ)**

**ଆନନ୍ଦ ଟପ୍ପୋ ହତ୍ୟା ମାମଲା**
- ୨୫ ଜଣଙ୍କୁ ନୋଟିସ୍ କରିଛି ପୋଲିସ
- ବାନ୍ଧବୀ ଓ ଅନ୍ୟମାନଙ୍କୁ ହେବ ଜେରା

ବହୁଚର୍ଚ୍ଚିତ ଆନନ୍ଦ ଟପ୍ପୋ ହତ୍ୟା ମାମଲାରେ ଭୁବନେଶ୍ୱର ଇନ୍‌ଫୋସିଟି ଥାନାରେ ସୋମବାର ସନ୍ଧ୍ୟାରେ ହାଜର ହୋଇଛନ୍ତି ଆନ୍ତର୍ଜାତିକ ହକି ଖେଳାଳି ବୀରେନ୍ଦ୍ର ଲାକ୍ରା। ତଦନ୍ତକାରୀ ଅଧିକାରୀ, ଜୋନ୍ ଏସିପି ରମେଶ ଚନ୍ଦ୍ର ବିଶୋଇ ଓ ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲ ମାମଲା ସଂକ୍ରାନ୍ତରେ ବୀରେନ୍ଦ୍ରଙ୍କୁ ପଚରାଉଚରା କରିଛନ୍ତି। ଘଟଣାଦିନ କ'ଣ ହୋଇଥିଲା, କେଉଁମାନେ ଉକ୍ତ ଫ୍ଲାଟ୍‌ରେ ଥିଲେ, ଆନନ୍ଦଙ୍କ ସହ କିପରି ବନ୍ଧୁତା ଥିଲା, ଫ୍ଲାଟ୍‌ରେ ଥିବା ବୀରେନ୍ଦ୍ରଙ୍କ ବାନ୍ଧବୀଙ୍କ ଭୂମିକା କ'ଣ ଥିଲା, ଏଭଳି ବିଭିନ୍ନ ଦିଗକୁ ନେଇ ତାଙ୍କୁ ପ୍ରଶ୍ନ କରାଯାଇଛି। ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲ କହିଛନ୍ତି, ଏହି ମାମଲାରେ ଆନନ୍ଦଙ୍କ ବ୍ୟବଚ୍ଛେଦ ରିପୋର୍ଟରେ ଆତ୍ମହତ୍ୟା ଆସିଥିବାବେଳେ ଅଧିକ ପରୀକ୍ଷା ପାଇଁ ଭିସେରା ରିପୋର୍ଟକୁ ଅପେକ୍ଷା କରାଯାଇଛି। ଘଟଣା ସଂକ୍ରାନ୍ତରେ ଜାଣିଥିବା ୨୫ ଜଣଙ୍କୁ ନୋଟିସ୍ କରାଯାଇଛି। ପର୍ଯ୍ୟାୟକ୍ରମେ ବାନ୍ଧବୀଙ୍କ ସହ ସମସ୍ତଙ୍କୁ ଜେରା କରାଯିବ ବୋଲି ସେ କହିଛନ୍ତି। ତେବେ ରାତି ପ୍ରାୟ ୧୦ଟାରେ ବୀରେନ୍ଦ୍ର ଥାନାରୁ ବାହାରିଥିଲେ। ଏହି ସମୟରେ ସେ ଗଣମାଧ୍ୟମକୁ କହିଛନ୍ତି, ମୋତେ ଯାହା ପଚରାଯାଇଥିଲା ତାହାର ଉତ୍ତର ଦେଇଛି। ପୋଲିସ ତଦନ୍ତରେ ପୂର୍ଣ୍ଣ ସହଯୋଗ କରିବେ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ, ବୀରେନ୍ଦ୍ର ଲାକ୍ରା ହେଉଛନ୍ତି ଆନନ୍ଦଙ୍କ ପିଲାଦିନର ସାଙ୍ଗ। ସ୍ତ୍ରୀଙ୍କ ସହ ବିବାଦ ଦେଖାଦେବାରୁ ବିବାହର ମାତ୍ର ୧୦ଦିନରେ ଆନନ୍ଦ ଭୁବନେଶ୍ୱର ଚାଲିଆସି ଇନ୍‌ଫୋସିଟି ଅଞ୍ଚଳର ଏକ ଫ୍ଲାଟ୍‌ରେ ରହୁଥିବା ବୀରେନ୍ଦ୍ରଙ୍କ ସହ ରହି ଚାକିରି ଖୋଜୁଥିଲେ। ଗତ ଫେବୃୟାରୀ ୨୮ ସକାଳ ୭ଟାରେ ସେ ରାଉରକେଲାରୁ ଫେରି ଉକ୍ତ ଫ୍ଲାଟ୍‌କୁ ଆସିଥିଲେ। ପୂର୍ବାହ୍ଣ ସାଢ଼େ ୧୦ଟାରେ ତାଙ୍କର ମୃତ୍ୟୁ ହୋଇଥିବା ଖବର ମିଳିଥିଲା। ବେକରେ ଶାଢ଼ି ବାନ୍ଧି ଆନନ୍ଦ ଆତ୍ମହତ୍ୟା କରିଥିବା ନେଇ ବୀରେନ୍ଦ୍ର ତାଙ୍କ ବାପାଙ୍କୁ ଜଣାଇଥିଲେ। ଏଥିସହ ଆନନ୍ଦଙ୍କୁ ସେ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ ମଧ୍ୟ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଏନେଇ ବୀରେନ୍ଦ୍ର ଓ ତାଙ୍କ ବାନ୍ଧବୀ ମାନ୍‌ଜିତ ଟେଟେଙ୍କ ନାଁରେ ହତ୍ୟା ଅଭିଯୋଗ ଆଣିଥିଲେ ଆନନ୍ଦଙ୍କ ବାପା। ହେଲେ ଥାନାଧିକାରିଣୀ ସମିତା ମିଶ୍ର ଅଭିଯୋଗ ଗ୍ରହଣ ନ କରିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗତ ନଭେମ୍ବର ୨୪ରେ ପୋଲିସ ଏକ ହତ୍ୟା ମାମଲା (ନଂ.୩୩୬/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏଥିସହ ଅଭିଯୋଗ ଗ୍ରହଣ ନ କରିବା ଅଭିଯୋଗରେ ହାଇକୋର୍ଟ ଡିସେମ୍ବର ୬ ତାରିଖ ଶୁଣାଣିରେ ସମ୍ପୃକ୍ତ ଆଇଆଇସିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଭୁବନେଶ୍ୱର ଡିସିପିଙ୍କୁ ୩ ମାସ ମଧ୍ୟରେ ତଦନ୍ତ ରିପୋର୍ଟ ଦେବାକୁ କହିବା ସହ ଆଇଆଇସି ସମିତାଙ୍କୁ ବର୍ଷେ ଫିଲ୍ଡ ପୋଷ୍ଟିଂ ମନା କରିଛନ୍ତି।

# ଲୁଟ୍ କ୍ୟାମେରା ଜବତ, ମୁଖ୍ୟ ଅଭିଯୁକ୍ତ ଗିରଫ

**ରାଉରକେଲା ଅଫିସ,୧୨।୧୨**

ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ବିଶ୍ରା ଛକ ରେଲୱେ ଓଭରବ୍ରିଜ ଉପରେ କ୍ୟାମେରା ଛଡାଇ ନେଇ ଫେରାର ଥିବା ଅଭିଯୁକ୍ତଙ୍କୁ ପୋଲିସ ସୋମବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୋପବନ୍ଧୁପାଲି ଅଞ୍ଚଳର ଏମ୍‌ଡି ଜାଭେଦ ଖାନ(୨୦)। ତାଙ୍କଠାରୁ ଲୁଟ୍ କ୍ୟାମେରାକୁ ଜବତ କରାଯାଇଛି। ପୋଲିସ ଏ ନେଇ ଏକ ମାମଲା (ନଂ.୪୮୪।୨୨) ରୁଜୁ କରି ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ନୟାବଜାର ଅଞ୍ଚଳର ଛୋଟଲାଲ ପ୍ରଧାନ ଶନିବାର ସାଢ଼େ ୩ଟାରେ ବିଶ୍ରା ଛକ ରେଲୱେ ଓଭରବ୍ରିଜ ଉପରେ ଏକ କ୍ୟାମେରା ନେଇ କିଛି ବନ୍ଧୁଙ୍କ ସହ ଫଟୋ ଉଠାଇବାକୁ ଯାଇଥିଲେ। ଏହି ସମୟରେ ୩ଜଣ ଯୁବକ ପଛପଟୁ ଆସି ତାଙ୍କ କ୍ୟାମେରା ଛଡାଇ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରି ରବିବାର ଗୋପବନ୍ଧୁପାଲିରୁ ୨ଜଣଙ୍କୁ ଗିରଫ କରିଥିଲା। ସୋମବାର ମୁଖ୍ୟ ଅଭିଯୁକ୍ତ ଜାଭେଦଙ୍କୁ ଗିରଫ କରାଯାଇଛି।

# କଖଗ ଆୟୋଜିତ ନାଟ୍ୟୋତ୍ସବ ଉଦ୍‌ଯାପିତ


ଆରଣ୍ୟକ ମଞ୍ଚଠାରେ ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

**ସମ୍ବଲପୁର,୧୨।୧୨(ବ୍ୟୁରୋ)**

କଖଗ ଆୟୋଜିତ ନାଟ୍ୟସୋବ-୨୦୨୨ ସମ୍ବଲପୁର ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ରଜନୀରେ ବ୍ରଜେନ୍ଦ୍ର ନାୟକଙ୍କ ରଚିତ ଓ ନିର୍ଦ୍ଦେଶିତ ହାସ୍ୟ ରସାତ୍ମକ ନାଟକ 'ମରିଗଲେ ସରିଗଲା' ମଞ୍ଚସ୍ଥ ହୋଇଥିଲା। କଖଗ ନାଟ୍ୟାନୁଷ୍ଠାନର କଳାକାରଙ୍କ ଅଭିନୟରେ ଦର୍ଶକ ବିମୋହିତ ହୋଇଥିଲେ। ବିଭିନ୍ନ ଭୂମିକାରେ ମନୋଜ ବେହେରା, ସନ୍ତୋଷ ମିଶ୍ର, ସୌମେନ୍ଦ୍ର ପୂଜାରୀ, ସୁଶୀଳ ଦାସ, ଡ. ଶ୍ୟାମସୁନ୍ଦର ଧର, ସିଦ୍ଧାର୍ଥ ହୋତା, ରବୀନ୍ଦ୍ର ପଣ୍ଡା, ରାଜୁ ବାଗ, କାହ୍ନା ହୋତା, ସଂଯୁକ୍ତା ପଣ୍ଡା, ମୀନାକ୍ଷୀ ସୂପକାର, ମମତା ସାହୁ, ପ୍ରୀତିନନ୍ଦା ମିଶ୍ର, ପ୍ରକୃତି ପଣ୍ଡା ଅଭିନୟ କରିଥିଲେ।

# ନାଟକ ବହି, ଗୁଟେ ରାତିର କଥା ମଞ୍ଚସ୍ଥ

**ଦେବଗଡ,୧୨।୧୨(ଡି.ଏନ.ଏ.)**

ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ପକ୍ଷରୁ ଦେବଗଡ଼ ଟାଉନ ହଲଠାରେ ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବର ସୋମବାର ଥିଲା ଚତୁର୍ଥ ସନ୍ଧ୍ୟା। ଏହି ସନ୍ଧ୍ୟାରେ ଅନୁଷ୍ଠାନର ସଭାପତି ଅଶୋକ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବିଧାୟକ ସଞ୍ଜୀବ ପ୍ରଧାନ ଯୋଗ ଦେଇଥିଲେ। ସମ୍ପାଦକ ସୁଜିତ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଜନ୍ମେଜୟ ନାୟକ ମଞ୍ଚ ପରିଚାଳନା


ମହୋତ୍ସବର ଚତୁର୍ଥ ରଜନୀରେ ନାଟକ ମଞ୍ଚସ୍ଥ କରାଯାଉଛି।

କରିଥିଲେ। ଅନୁଷ୍ଠାନର ଉପସଭାପତି ପ୍ରକାଶ ଚନ୍ଦ୍ର ଦେବତା ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ପ୍ରଥମ ନାଟକ ସୋହେଲାର ଡ୍ରାମା ଚେତନା ଅନୁଷ୍ଠାନର ଅଶୋକ ବହିହାରଙ୍କ ରଚିତ ଓ ଡ. ତୁଷାରକାନ୍ତ ସାହୁଙ୍କ ନିର୍ଦ୍ଦେଶିତ ସମ୍ବଲପୁରୀ

**ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟା**

ନାଟକ 'ବହି' ମଞ୍ଚସ୍ଥ ହୋଇଥିଲା। ଦ୍ୱିତୀୟ ନାଟକ ସୋନପୁର ଜିଲା ବଡକର୍ଲେ ବୀଣାପାଣି ସାହିତ୍ୟ କଳା ସଂସଦର ସୁମନ୍ତ ଭୋଇଙ୍କ ରଚିତ ଏବଂ ନିର୍ଦ୍ଦେଶିତ ନାଟକ 'ଗୁଟେ ରାତିର କଥା' ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଚିତ୍ତରଞ୍ଜନ ଦାସ, ବଂଶୀଧର ସାହୁ, ଶିବାଶିଷ ଝାଙ୍କର, ମଙ୍ଗଳ ମହାକୁଳ, ରାକେଶ ଶତପଥି, ଶ୍ରବଣ ନାଏକଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ଦେହରେ ନିଆଁ ଲଗାଇ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**ସମ୍ବଲପୁର,୧୨।୧୨(ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲା ଥାନା ଗୋସାଳା ନିକଟରେ ଥିବା ଶ୍ରୀରାମ ରାଇସ୍ ମିଲ ନିକଟରେ ସୋମବାର ଜଣେ ଯୁବକ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ଗୁଣମଣି ଅମାତ। କୌଣସି କାରଣକୁ ନେଇ ଗୁଣମଣି କିରୋସିନ ଢାଳି ଦେହରେ ନିଆଁ ଲଗାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ଭିମ୍‌ସାରରେ ଭର୍ତ୍ତି କରାଯାଇଛି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଟ୍ରକ୍ ଚାପାରେ ଯୁବତୀ ମୃତ

**ରିଆମାଳ,୧୨।୧୨(ଡି.ଏନ.ଏ.)**

ଦେବଗଡ ଜିଲା ରିଆମାଳ ଥାନା ଅଧୀନ ଦେବଗଡ଼-ଅନୁଗୁଳ ଜାତୀୟ ରାଜପଥର ବିଲେଇଘଟିଠାରେ ଏକ ଟ୍ରକ୍ ଚାପାରେ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି। ମୃତା ଯୁବତୀ ଜଣଙ୍କ ହେଲେ ସମ୍ବଲପୁର ଜିଲା ନାକଟିଦେଉଳ ଥାନା କଣ୍ଢେଳ ଗ୍ରାମର ପ୍ରିୟଙ୍କା ବାର୍ଲା (୨୦)। ଏହି ଦୁର୍ଘଟଣାରେ ମୃତା ଯୁବତୀଙ୍କ ମାମୁ ସେହି ଗ୍ରାମର ସୁରେଶ କୁଜୁର (୨୭) ଏବଂ ଅନ୍ୟ ଜଣେ ବାଇକ୍ ଚାଳକ (ପରିଚୟ ମିଳିନାହିଁ) ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଦେବଗଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ କ୍ଷତିପୂରଣ ଦାବିରେ ସ୍ଥାନୀୟ ବାସିନ୍ଦା ଓ ମୃତକଙ୍କ ପରିବାର ଲୋକେ ଜାତୀୟ ରାଜପଥରେ ମୃତଦେହ ରଖି ୨ଘଣ୍ଟା ରାସ୍ତାରୋକୋ କରିଥିଲେ। ଖବର ପାଇ ରିଆମାଳ ଥାନାଧିକାରୀ ଲଳିତା ପ୍ରଧାନ ସଦଳବଳ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ସନ୍ଧ୍ୟା ୭ଟାରେ ରାସ୍ତାରୋକୋ ହଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହେବଗଡ଼ ମେଡିକାଲକୁ ପଠାଇଥିଲା।

ପୋଲିସ ସୂଚନା ଅନୁସାରେ, ଉଭୟ ସୁରେଶ ଓ ପ୍ରିୟଙ୍କା ଏକ ବାଇକ୍ ଯୋଗେ ରିଆମାଳ ଥାନା ଅନ୍ତର୍ଗତ ବସନ୍ତପୁର ଗ୍ରାମକୁ ଆସିଥିଲେ। ଫେରିବା ବେଳେ ବିଲେଇଘଟିଠାରେ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ସେମାନେ ଆଗରେ ଥିବା ଏକ ବାଇକ୍ ସହ ଧକ୍କା ହୋଇଥିଲେ। ତେଲିମୁଣ୍ଡା ଛକଠାରେ ପୋଲିସ ଉକ୍ତ ଟ୍ରକ୍‌କୁ ପିଛା କରି ଅଟକାଇଥିଲା। ଟ୍ରକ୍ ଚାଳକ ଗଞ୍ଜାମ ଜିଲା ଭଞ୍ଜନଗର ଥାନା କୁଲାଡ ଗ୍ରାମର ମଙ୍ଗୁଲୁ ଚରଣ ମହାରଣା(୨୭) ଓ ହେଲପର ଗଞ୍ଜାମ ଜିଲା କରଡ଼ାବାଡି ଗ୍ରାମର ସାଗର ଡାଙ୍ଗୁଆ(୨୪)ଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି।

# ଏଡିଏମ୍‌ଙ୍କୁ ସ୍ମାରକପତ୍ର ପ୍ରଦାନ

**ରାଉରକେଲା ଅଫିସ,୧୨।୧୨**

ଆଗକୁ ହକି ବିଶ୍ୱକପ୍ ଥିବାରୁ ରାଉରକେଲା ମହାନଗର ନିଗମ ପକ୍ଷରୁ ସହରର ବିଭିନ୍ନ କାନ୍ଥବାଡ଼ରେ ହିନ୍ଦୁ ଦେବାଦେବୀଙ୍କ ଚିତ୍ର ଅଙ୍କାଯାଉଛି। ଏହି ଚିତ୍ର ଉପରେ ମଳମୂତ୍ର ତ୍ୟାଗ, ଛେପ ଖଙ୍କାର ତଥା ବିଧର୍ମୀ ତତ୍ତ୍ୱଙ୍କ ଦ୍ୱାରା ଏହାର ଅନାଦାର କରାଯାଉଥିବାରୁ ଏହାକୁ ନେଇ ରାଉରକେଲା ବଜରଙ୍ଗ ସେବା ଦଳ ପକ୍ଷରୁ ସୋମବାର ଆରଏମ୍‌ସି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ବିକ୍ଷୋଭରେ ରାଉରକେଲା ବଜରଙ୍ଗ ସେବା ଦଳ ପକ୍ଷରୁ ଟ୍ରଷ୍ଟି ରାଜେଶ କୁମାର ସିଂ ଅଧ୍ୟକ୍ଷତା କରିଥିଲେ।

ଆଗକୁ ବିଶ୍ୱକପ୍ ହକି ମ୍ୟାଚ୍ ହେବାକୁ ଥିବାବେଳେ ସହରର କାନ୍ଥବାଡ଼ରେ ଓଡିଶାର ସଂସ୍କୃତି ଓ

**ମନ୍ଦିର କାନ୍ଥରେ ଦେବଦେବୀଙ୍କ ଚିତ୍ରକୁ ବିରୋଧ**


ବଜରଙ୍ଗ ସେବା ଦଳର କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ପରମ୍ପରା ଠାରୁ ଆରମ୍ଭ କରି ବିଭିନ୍ନ ଦେବାଦେବୀଙ୍କ ଚିତ୍ର ଅଙ୍କାଯାଇଛି। ହିନ୍ଦୁ ଧର୍ମର ଦେବାଦେବୀଙ୍କୁ କାନ୍ଥରେ ଅଙ୍କାଯାଇଥିବା ବେଳେ ତାହା ଉପରେ ଅସାମାଜିକ ତତ୍ତ୍ୱ ମଳ, ମୂତ୍ର, ଛେପ, ଖଙ୍କାର ପକାଇବା ପରିଲକ୍ଷିତ ହୋଇଛି। ଏହାଦ୍ୱାରା ହିନ୍ଦୁ ଧର୍ମର ଆସ୍ଥା ଓ ବିଶ୍ୱାସକୁ କଠୋର ଆଘାତ ଦେଇଥିବା ଦଳ ପକ୍ଷରୁ କୁହାଯାଇଛି। ଏ ନେଇ ସ୍ଥାନୀୟ ଏଡିଏମ୍‌ଙ୍କୁ ଅବଗତ କରାଇଲା ପରେ ବି ଖାଲି ଆଶ୍ୱାସନା ମିଳିବା ଛଡା ଆଉ କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ଏ ନେଇ ରାଉରକେଲା ବଜରଙ୍ଗ ସେବା ଦଳ ପକ୍ଷରୁ ରାଉରକେଲା ଆରଏମ୍‌ସି କମିଶନର ତଥା ଏଡିଏମ୍ ଡ. ଶୁଭଙ୍କର ମହାପାତ୍ରଙ୍କ ଜରିଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କ ସହ ଆରକ୍ଷୀ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଖୋଲା କାନ୍ଥବାଡରେ ଚିତ୍ରିତ ହୋଇଥିବା ବ ଦେବଦେବୀଙ୍କ ଫଟୋକୁ ହଟା ନ ଯାଏ ତେବେ ଦଳ ପକ୍ଷରୁ କଡା ବିରୋଧ ପ୍ରଦର୍ଶନ କରାଯିବ ବୋଲି ବଜରଙ୍ଗ ଦଳର ଟ୍ରଷ୍ଟି ସିଂ ସୂଚନା ଦେଇଛନ୍ତି। ଏହି ବିକ୍ଷୋଭରେ ବଜରଙ୍ଗ ସେବା ଦଳର ସୁରଜ ପଣ୍ଡିତ, ବିକାଶ କଚ୍ଛୁଆ, ବିନୋଦ ପ୍ରଜାପତି, ରାଜେଶ ସାହୁ, ସୋନୁ ସିଂ, ସୋନୁ ବଡାଇକ, ଜଗଦୀଶ ଜସୱାଲ, ଆକାଶ ଓରମା, ସୋନୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ରୌପ୍ୟ ସଙ୍ଗଠନ ପକ୍ଷରୁ ରୋଗୀଙ୍କୁ ଫଳ ବଣ୍ଟନ

**କେସିଙ୍ଗା,(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ରୌପ୍ୟ ସଙ୍ଗଠନ ପକ୍ଷରୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ସୋମବାର ଫଳ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡ଼ିକାଲ ଅଫିସର ଡା. ସୁବାଷ ଚନ୍ଦ୍ର ବେହେରା, ରୌପ୍ୟ ସଙ୍ଗଠନ ସଭାପତି କୃଷ୍ଣକୁମାର ସାହା, ଉପସଭାପତି କୁନା ପ୍ରଧାନ, ସାଧାରଣ ସମ୍ପାଦକ ମଧୁ ସିନ୍ଦୁର, ସହସମ୍ପାଦକ ପ୍ରଶନ୍ନ ଭୋଇ, ପୁରନ୍ଦର ସାହା, ହେମେନ୍ଦ୍ର ମାଝି, ଚୈତନ୍ୟ ଆଡକୁଏଡ଼, ଭଗବାନ ଗଉଡ଼, ମୋହନ ବାଗ, ମନୋଜ ବେହେରାଙ୍କ ସମେତ ହସ୍ପିଟାଲର ସମସ୍ତ ଷ୍ଟାପ ଉପସ୍ଥିତ ଥିଲେ।

### ସଂକ୍ଷେପରେ

## ଗଞ୍ଜେଇ ଜବତ, ୨ ଯୁବକ ଗିରଫ

**ନୂଆପଡ଼ା ଅଫିସ,୧୨।୧୨:** ନୂଆପଡା ଜିଲା ୩୫୩ ନଂ. ଜାତୀୟ ରାଜପଥରେ ଅବକାରୀ ବିଭାଗ ଚଢ଼ାଉ କରି ୫ କିଲୋଗ୍ରାମ ଗଞ୍ଜେଇ ଜବତ କରିବା ସହ ୨ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ୨ଜଣ ହେଲେ ଲଖନା ଥାନା ସିଲଭା ପଞ୍ଚାୟତ ଠାକୁରପାଲି ଗାଁର ଡିଗେଶ୍ୱର ଦାସ (୨୨) ଓ ମକରଧ୍ୱଜ ଗଉଡ (୨୦)। ସୋମବାର ସକାଳେ ୩୫୩ ନଂ. ଜାତୀୟ ରାଜପଥରେ ଅବକାରୀ ବିଭାଗ ପାଟ୍ରୋଲିଂ କରୁଥିଲା। ୨ଜଣ ଯୁବକ ଏକ ବାଇକ୍‌ରେ ଯାଉଥିଲେ। ଅବକାରୀ ବିଭାଗ କର୍ମଚାରୀମାନେ ଟାନୱାଟ ଛକଠାରେ ସନ୍ଦେହରେ ଅଟକାଇ ଧରିଥିବା ପ୍ଲାଷ୍ଟିକ ବସ୍ତା ଯାଞ୍ଚ କରିବାରୁ ୫ କିଲୋଗ୍ରାମ ଗଞ୍ଜେଇ ବାହାରି ଥିଲା। ଅବକାରୀ ବିଭାଗ ଗଞ୍ଜେଇ ଓ ବାଇକ୍ ଜବତ କରିବା ସହ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଚଢ଼ାଉରେ ଅବକାରୀ ଓଆଇସି ଗୁପ୍ତେଶ୍ୱର ପଟେଲ, ଏସଆଇ ହିରାବତି ଥାଟି, ସ୍ୱେତା ବେଗ, ସଞ୍ଜୀବ ବେହେରା, ରାମଚନ୍ଦ୍ର ଜାନି, ଗିରେନ୍ଦ୍ର କଟା, ପୁରୋହିତ ବନଛୋର, ଦୀପା ଡିୱାରୀ ପ୍ରମୁଖ ସାମିଲ ଥିଲେ।

## ଦିବ୍ୟାଙ୍ଗ ନାବାଳକୁ ଅନୈତିକ କାର୍ଯ୍ୟ ନେଇ ଏତଲା

**ଖଡ଼ିଆଳ,୧୨।୧୨(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ଥାନା ଅଞ୍ଚଳର ଦିବ୍ୟାଙ୍ଗ ନାବାଳକଙ୍କୁ ଜଣେ ବୃଦ୍ଧ ଅନୈତିକ କାର୍ଯ୍ୟ କରିଥିବା ନେଇ ନାବାଳକଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ସୋମବାର ମଧ୍ୟାହ୍ନରେ ଦିବ୍ୟାଙ୍ଗ ନାବାଳକ ବହୁ ସମୟ ଧରି ଘରକୁ ନ ଫେରିବାରୁ ମା' ଓ ଭଉଣୀ ଖୋଜାଖୋଜି କରିଥିଲେ। ଏହି ସମୟରେ ଖଡ଼ିଆଳ ଦୁରିଆପଡାର ସୁଶୀଲ କୁମାର (୬୦)ଙ୍କ ଘରେ ନାବାଳକଙ୍କ ସହ ଉଭୟଙ୍କୁ ଅସଂଯତ ଅବସ୍ଥାରେ ଦେଖିବାକୁ ପାଇଥିଲେ। ସେଠାରୁ ନାବାଳକଙ୍କୁ ଘରକୁ ଆଣି ପଚରାଉଚରା ପରେ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗକୁ ଭିତ୍ତିକରି ଏକ ମାମଲା (ନଂ.୫୨୧/୨୨) ରୁଜୁ କରି ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ଶ୍ରୀଅରବିନ୍ଦ ଶିକ୍ଷା କେନ୍ଦ୍ର ରୌପ୍ୟ ଜୟନ୍ତୀ ପ୍ରସ୍ତୁତି

**ଖଡ଼ିଆଳ,୧୨।୧୨(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ସହରରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ରୌପ୍ୟ ଜୟନ୍ତୀ ୨୦୨୨-୨୩ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ସହିତ ଦେହାଂଶ ମନ୍ଦିର ପ୍ରତିଷ୍ଠା ଦିବସ ପାଳନ କରାଯିବ। ଏହି କାର୍ଯ୍ୟକ୍ରମ ଡିସେମ୍ବର ୧୬ ତାରିଖରେ ଅନୁଷ୍ଠିତ ହେବ। ବୈଠକରେ ଆନୁଷ୍ଠାନ ସଭାପତି ମେଜର ଡ. ରାମଚନ୍ଦ୍ର ମିଶ୍ର, ଉପସଭାପତି ଶ୍ରୀବତ୍ସ ବାରିକ, ସମ୍ପାଦକ ସବିତା ବେହେରା, ନବୀନ କିଶୋର ପାଢ଼ୀ, ଗୌରାଙ୍ଗ ସାହୁ, ରୁଦ୍ରାକ୍ଷ ବିଶି, ସତିସ ପଟ୍ଟନାୟକ, ଶ୍ରୀମନ୍ତ ହୋତା, ମାଧୁରୀ ସାହୁ, ଗୋବର୍ଦ୍ଧନ ସାହୁ, ଲକ୍ଷ୍ମୀ ନାରାୟଣ ପଣ୍ଡା, ଅଧକ୍ଷ ବେଣୁଧର ବାଗ, ସୁନିତି ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।

# ବହୁମୁଖୀ ମହିଳା, ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କ ବିକ୍ଷୋଭ


ଭବାନୀପାଟଣାରେ ଦାବିପତ୍ର ଦେବାକୁ ଆସିଥିବା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ/ପରିଦର୍ଶିକା ।

- ଜିଲାପାଳ, ସିଡିଏମଓଙ୍କୁ ୫ଦଫା ଦାବିପତ୍ର
- ଦାବି ପୂରଣ ନ ହେଲେ ୧୪ରୁ ଅସହଯୋଗ ଆନ୍ଦୋଳନ

**ଭବାନୀପାଟଣା/ନୂଆପଡ଼ା ଅଫିସ,୧୨।୧୨(ସ୍ୱ.ପ୍ର.)**

ଓଡିଶା ପୁରୁଷ ଓ ମହିଳା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ/ପରିଦର୍ଶିକା ମିଳିତ ମହାସଂଘ ପକ୍ଷରୁ ସୋମବାର ୫ଦଫା ଦାବି ନେଇ ଭବାନୀପାଟଣାରେ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମଓ)ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ବିଭିନ୍ନ ବିଭାଗ ଅଧୀନ ଥିବା ସମସ୍ତ କର୍ମଚାରୀ ଭଳି ବହୁମୁଖୀ ସ୍ୱାସ୍ଥ୍ୟକର୍ମୀଙ୍କ କ୍ୟାଡର ପୁର୍ନଗଠନ କରି ବହୁମୁଖୀ ସ୍ୱାସ୍ଥ୍ୟକର୍ମୀମାନଙ୍କ ଚାକିରି କାଳରେ ସର୍ବନିମ୍ନ ୪ଟି ପଦୋନ୍ନତି ଦିଆଯିବା, ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ୩।୧୧।୨୦୨୦ରେ ପ୍ରକାଶ ବିଜ୍ଞପ୍ତି ପ୍ରତ୍ୟାହାର କରି ଅର୍ଥ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଗ୍ରେଡ ୪୨୦୦/ ୪୬୦୦/ ୪୮୦୦/ ଆରଏସପି ଆକାଉଣ୍ଟରେ ପ୍ରଦାନ, ଠିକା ବ୍ୟବସ୍ଥାକୁ ଉଚ୍ଛେଦ୍ ଓ ଠିକା ଚାକିରୀ କାର୍ଯ୍ୟକାଳକୁ ମୂଳ ଚାକିରୀରେ ଗଣନା କରି ୬ଟି ନୋଷ୍ଟାଲ ଇନକ୍ରିମେଣ୍ଟ ଦିଆଯାଇ ଦରମା ବୃଦ୍ଧି କରାଯାଉ, ପଦବୀର ନାମ ପରିବର୍ତ୍ତନ ଓ ପୋଷାକ ଭତ୍ତା ଆକାରରେ ବାର୍ଷିକ ୫ ହଜାର ଟଙ୍କା ପ୍ରଦାନ କରାଯାଉ ଆଦି ଦାବି କରାଯାଇଛି। ଉପରୋକ୍ତ ୫ଦଫା ଦାବି ଯଦି ସରକାର ନ ଶୁଣନ୍ତି ତାହାହେଲେ ଆସନ୍ତା ୧୪ ତାରିଖଠୁ ଅସହଯୋଗ ଆନ୍ଦୋଳନ କରିବୁ ବୋଲି ଚେତାବନୀ ଦେଇଛନ୍ତି। ଜିଲା ସଭାପତି ନମିତା ସାହୁଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା।

ସେହିପରି ନୂଆପଡା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବହୁମୁଖୀ ମହିଳା, ପୁରୁଷ ସ୍ୱାସ୍ଥ୍ୟକର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଚୌଧୁରୀ ସୋଭାରାଣୀ ମିଶ୍ର ଓ ଜିଲାପାଳ ହେମାକାନ୍ତ ସାଏଙ୍କ ଜରିଆରେ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ନୂଆପଡା ଜଳଛାୟା ସମ୍ମିଳନୀ କକ୍ଷରେ ଖବରଦାତା ସମ୍ମିଳନୀରେ ଜିଲା ସ୍ୱାସ୍ଥ୍ୟ କର୍ମୀ ମହାସଂଘ ସଭାପତି ଅକ୍ଷୟ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ସ୍ୱାସ୍ଥ୍ୟକର୍ମୀ ସଂଘ ଜିଲା ସାଧାରଣ ସମ୍ପାଦକ ମଧୁସୁଦନ ହୋତା, ରାଜ୍ୟ ମହିଳା ସ୍ୱାସ୍ଥ୍ୟ କର୍ମୀ ମହାସଂଘ ସଭାନେତ୍ରୀ ଗୌରୀ ବେହେରା, ପୁରୁଷ ସ୍ୱାସ୍ଥ୍ୟ କର୍ମୀ ସଂଘ ଜିଲା ସଭାପତି ବିକାଶ କୁମାର ଠାକୁର, ଜିଲା ମେଡିଆ ପ୍ରଭାରୀ ସମ୍ପାଦକ ଶ୍ରୀନିବାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିକ୍ଷୋଭରେ ମଳୟ ଖମାରୀ, ଅଞ୍ଜନା ଅହିର, ରୁଷି ମୋହନ ଶବର, ମନୋହର ଶବର, ଗୌରାଙ୍ଗ ଶବର, ସ୍ୱର୍ଣ୍ଣଲତା ସତପଥୀ, ପୀତାମ୍ବର ମାଝି, ଇମରାନ ମହମ୍ମଦ ପ୍ରମୁଖ ସାମିଲ ଥିଲେ।

## ପରୀକ୍ଷାରୁ ବଞ୍ଚିତ ୧୫ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର



କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ।

### କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ଭବାନୀପାଟଣା,୧୨।୧୨(ସ୍ୱ.ପ୍ର.)**

କଳାହାଣ୍ଡି ବିଶ୍ୱ ବିଦ୍ୟାଳୟର ଏମ୍‌ବିଏ ଛାତ୍ରୀଛାତ୍ରମାନେ ସୋମବାର ସ୍ଥାନୀୟ ବିଶ୍ୱ ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଏମବିଏ ଛାତ୍ରୀଛାତ୍ରଙ୍କ ସୋମବାର ଶେଷ ସେମିଷ୍ଟାର ପରୀକ୍ଷା ଥିବା ବେଳେ ୧୫ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ପରୀକ୍ଷାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ପୂର୍ବରୁ କଲେଜ କର୍ତ୍ତୃପକ୍ଷ ଫି' ପୈଠ ପାଇଁ କୌଣସି ସୂଚନା ଦେଇ ନ ଥିବା ବେଳେ ହଠାତ ୧୮ ହଜାର ଟଙ୍କା ଲେଖାଏଁ ପୈଠ କରିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ। ହେଲେ ୧୫ରୁ ଉର୍ଦ୍ଧ୍ୱ ଜଣ ଛାତ୍ରୀଛାତ୍ର ଫି' ପୈଠ କରିବା ପାଇଁ ଅସମର୍ଥ ହୋଇଥିଲେ। ଫଳରେ କଲେଜ କର୍ତ୍ତୃପକ୍ଷଙ୍କୁ ଫି' ଜମା ନ କରିବାରୁ ପରୀକ୍ଷାରୁ ବଞ୍ଚିତ ହୋଇଥିବା ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି। ଏ ନେଇ କଲେଜ କର୍ତ୍ତୃପକ୍ଷଙ୍କୁ ପଚାରୁବାରୁ ପୂର୍ବରୁ ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ଫି' ପୈଠ କରିବା ପାଇଁ ନୋଟିସ ଦିଆଯାଇଥିବା ବେଳେ ସେମାନେ ପୈଠ କରି ନ ଥିଲେ। ଫଳରେ ସେମାନେ ପରୀକ୍ଷା ଦେବାରୁ ବଞ୍ଚିତ ରହିଥିବା ସୂଚନା ଦେଇଛନ୍ତି।

# ମାଙ୍କଡ଼ଙ୍କ ଜୀବନ ରକ୍ଷା ପାଇଁ ଜିଲାପାଳଙ୍କୁ ଛାତ୍ରୀଛାତ୍ରଙ୍କ ଅନୁରୋଧ


ଜିଲାପାଳଙ୍କୁ ଛାତ୍ରୀଛାତ୍ର ସାକ୍ଷାତ କରୁଛନ୍ତି।

**ଭବାନୀପାଟଣା,୧୨।୧୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସୋମବାର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କୁ ସାକ୍ଷାତ କରି ଭବାନୀପାଟଣାରୁ ରାୟଗଡ଼ା ମଧରେ ଲାଞ୍ଜିଗଡ଼ ଜଙ୍ଗଲ ଅଧୀନ ରାସ୍ତାରେ ରହୁଥିବା ମାଙ୍କଡଙ୍କ ଜୀବନ ରକ୍ଷା ପାଇଁ ଅଭିନବ ଅନୁରୋଧ କରିଛନ୍ତି। ଏପରି କି ଏହି ବିଷୟକୁ ନେଇ ଚିତ୍ର ଅଙ୍କନ କରି ସଚେତନତା ସୃଷ୍ଟି କରିଛନ୍ତି। ଚତୁର୍ଥରୁ ସପ୍ତମ ଶ୍ରେଣୀ ପାଠ ପଢୁଥିବା ଛାତ୍ରୀଛାତ୍ରମାନେ ନିଜ ପ୍ରତ୍ୟକ୍ଷ ଅନୁଭୂତି ଜିଲାପାଳଙ୍କୁ ଜଣାଇଥିଲେ। ପୋଖରୀବନ୍ଧ ନିକଟ ଲାଞ୍ଜିଗଡ଼ ରାସ୍ତାରେ ପ୍ରତ୍ୟହ କିଭଳି ମାଙ୍କଡଙ୍କ ଜୀବନହାନୀ ଘଟୁଛି ତା ଉପରେ ସେମାନେ ଜିଲାପାଳଙ୍କୁ ଜଣାଇଥିଲେ। ଅନେକ ଯାତ୍ରୀ ମାଙ୍କଡଙ୍କୁ ସେହି ରାସ୍ତାରେ ଗାଡ଼ିରେ ଯାତ୍ରା କରିବା ସମୟରେ ବିଭିନ୍ନ ଖାଦ୍ୟ ଦେଉଛନ୍ତି ଓ ମାଙ୍କଡମାନେ ସେଥିପାଇଁ ନିଜ ଭିତରେ ସଂଘର୍ଷ କରି ଅକାରଣରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଯେଉଁ ଖାଦ୍ୟ ମାଙ୍କଡଙ୍କ ପାଇଁ ହିତକର ନୁହେଁ ତାହା ଖାଇ ସେମାନେ ରୋଗୀଣା ହେଉଛନ୍ତି। ଏଥିପାଇଁ ସେହି ସ୍ଥାନରେ ସତର୍କତାମୂଳକ ସଚେତନତା ସାଇନ ବୋର୍ଡ ଲଗାଯାଉ ଓ ବନ୍ୟଜନ୍ତୁ ସୁରକ୍ଷା ଆଇନ ସଦୁପଯୋଗ ହେଉ ବୋଲି ଅନୁରୋଧ କରିଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ର ଏ ସମ୍ପର୍କରେ ସମ୍ବେଦନଶୀଳ ହୋଇ ଦରଖାସ୍ତ ସହିତ ଜିଲାପାଳଙ୍କୁ ଯଥାଶୀଘ୍ର ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଆସନ୍ତା ୧୪ ତାରିଖରେ ବିଶ୍ୱ ମାଙ୍କଡ ଦିବସ ଥିବାରୁ ଏ ବାବଦରେ ସମସ୍ତେ ସଚେତନ ହେବାକୁ ଛାତ୍ରୀଛାତ୍ରମାନେ ଆହ୍ୱାନ ଦେଇଛନ୍ତି।

## ନୂଆପଡ଼ାକୁ ରାଜସ୍ୱ ଗ୍ରାମର ମାନ୍ୟତା

**କୋକସରା,୧୨।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ତହସିଲ ଅଧୀନ ଟେମରା ପଞ୍ଚାୟତ ନୂଆପଡା ଗ୍ରାମକୁ ଦୀର୍ଘବର୍ଷ ପରେ ରାଜସ୍ୱ ଗ୍ରାମର ମାନ୍ୟତା ମିଳିଛି। ଗ୍ରାମବାସୀ ଦୀଘ ବର୍ଷରୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ପାଇଁ ଦାବି କରି ଆସୁଥିଲେ। ରାଜ୍ୟ ରାଜସ୍ୱ ବିଭାଗ ନୂଆପଡା ଗ୍ରାମକୁ ନୂତନ ରାଜସ୍ୱ ଗ୍ରାମ ବିବେଚିତ କରିଛନ୍ତି। ସୋମବାର ତହସିଲଦାର ଓ କର୍ମଚାରୀ ନୂଆପଡା ଗ୍ରାମକୁ ଆସିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ତହସିଲଦାର ଦେବବ୍ରତ କରାଟି, ସରପଞ୍ଚ କ୍ଷିତିରାମ ପାତ୍ର ଓ ରାଜସ୍ୱ ନିରୀକ୍ଷିକା ଖମ୍ବିରାଣି ଦିଶାରୀ, ସୁପରଭାଇଜର ଅଜୟରାଜ ଶିଖା ଓ ବିଭାଗୀୟ କର୍ମଚାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ତହସିଲଦାର ଗ୍ରାମବାସୀଙ୍କ ସହିତ ବୈଠକରେ ନୂଆପଡାକୁ ରାଜସ୍ୱ ବିଭାଗ ପକ୍ଷରୁ ରାଜସ୍ୱ ଗ୍ରାମ ଘୋଷଣ କରିଥିବା ସୂଚନା ଦେଇଛନ୍ତି। ଏହି ଅବସରରେ ୱାର୍ଡ଼ ସଭ୍ୟା ପୁଷ୍ପାଞ୍ଜଳି ବାଗ, ଅଭିମନ୍ୟୁ ବାଗ, ଦୁଷ୍ମନ୍ତ କୁମାର ପାତ୍ର, ଚନ୍ଦ୍ରଶେଖର ଦିଶାରୀ, କମଳ ଦିଶାରୀ, କୃଷ୍ଣଚନ୍ଦ୍ର ବାଗ, ଯଦୁମଣି ବାଗ, ରାଜକିଶୋର ପାତ୍ର, ଲୋକନାଥ ପାତ୍ର, ତ୍ରିନାଥ ବାଗ, କ୍ଷୀରସିନ୍ଧୁ ବାଗ, ହେମନ୍ତ ବାଣୁଆ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ରହିଥିଲେ। ଏହି ଅବସରରେ ତହସିଲଦାର ଗାଁ ସ୍କୁଲକୁ ମୋ ସ୍କୁଲ ଅଭିଯାନକୁ ୧୦ ହଜାର ଟଙ୍କାର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କୁ ଦାବିପତ୍ର

**ନୂଆପଡ଼ା ଅଫିସ,୧୨।୧୨**

ନୂଆପଡା ଜିଲା କୋମନା ବ୍ଲକଠାରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଠାରେ ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ଆବାହକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଚାଷୀମାନେ ଜିଲାପାଳ ହେମକାନ୍ତ ସାଏଙ୍କୁ ସାକ୍ଷାତ କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୩ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦୨୧ରେ ଖରିଫ ଋତୁରେ ଜିଲାରେ ଆସନ୍ନ ଗଜାମରୁଡିରୁ ବର୍ତ୍ତି ଯାଇଥିଲେ ମଧ୍ୟ ସ୍ୱଳ୍ପ ବୃଷ୍ଟିପାତରେ ପ୍ରାୟ ୨୫ଟି ପଞ୍ଚାୟତର ୧୦ ହଜାର ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଥିଲା। ଯାହାର ରିପୋର୍ଟ ଜିଲା ପ୍ରଶାସନ ସରକାରଙ୍କୁ ଦେଇଥିଲେ। କିନ୍ତୁ ୨ ବର୍ଷ ପରେ ମୁଖ୍ୟମନ୍ତ୍ରୀ ଇନପୁଟ ସବସିଡି ଘୋଷଣା କରିଛନ୍ତି। ବର୍ତ୍ତମାନ ସୁଦ୍ଧା ମରୁଡି ଘୋଷଣା କରି ନ ଥିବାରୁ ବୀମା କିମ୍ବା ଅନ୍ୟାନ୍ୟ ସୁବିଧା ଚାଷୀ ପାଇ ପାରବେ ନାହିଁ। ଶୀଘ୍ର ମରୁଡି ଘୋଷଣା କରାଯାଇ ବୀମା ସହାୟତା ରାଶି ପ୍ରଦାନ କରାଯାଉ। ଚଳିତ ଖରିଫ ଧାନ ମଣ୍ଡିରେ ବିଭିନ୍ନ ସ୍ଥାନରେ ମିଲର୍ସ ଓ ପାକ୍ସ କର୍ମଚାରୀଙ୍କ ମିଳିତ ଯୋଜନାରେ ୨ କିଗ୍ରା ରୁ ୭ କିଗ୍ରା ପର୍ଯ୍ୟନ୍ତ କଟନୀ ଛଟନୀ ଚାଲିଛି। ଗତ ଡିଏଲପିସି ବୈଠକରେ ଚାଷୀଙ୍କୁ ବସ୍ତା ଦେବା ନିଷ୍ପତ୍ତି ହୋଇଥିଲା। ବର୍ତ୍ତମାନ ସୁଦ୍ଧା କୌଣସି ମଣ୍ଡିରେ କାର୍ଯ୍ୟକାରୀ ହୋଇନାହିଁ। ରବି ଧାନ ମଣ୍ଡିରେ ସାରାବଙ୍ଗ, ମୋହରାଡିହି, ଖୁଟମନଭେରା, ଧରମବନ୍ଧା ଆଦି ମଣ୍ଡିରୁ ମିଲକୁ ଚାଷୀ ଧାନ ପରିବହନ କରି ନାହିଁ ନ ଥିବା ଶୋଷଣ ହେଲେ। ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଚଳିତଖରିଫ ମଣ୍ଡି ସୁଚାରୁ ରୂପେ ଚାଳିବା ନେଇ ଚାଷୀ ଆଶଙ୍କାରେ ଅଛନ୍ତି। କପା ଚାଷୀଙ୍କ ପାଇଁ ଜିଲାରେ ମଣ୍ଡି ଖୋଲି ନ ଥିଲେ ମଧ୍ୟ ବ୍ୟବସାୟୀଠାରୁ ନିୟନ୍ତ୍ରିତ ବଜାର କମିଟି କର ଆଦାୟ କରାଯାଉଥିବାରୁ ପଡୋଶୀ ଜିଲାକୁ କପା ନେବା ପାଇଁ ବ୍ୟବସାୟୀମାନେ ବାଧ୍ୟ ହେଉଛନ୍ତି। ଜିଲା ପ୍ରଶାସନ ଶୀଘ୍ର ଏହି କର ଆଦାୟକୁ ବନ୍ଦ କରୁ। ୨୦ ହଜାର ଟଙ୍କା ପୈଠ କରି ଗଭୀର ନଳକୂପ ଖନନ ପାଇଁ ତିନି ବର୍ଷ ହେଲା ଅପେକ୍ଷା କରି ଥିବା ଚାଷୀଙ୍କ ଜମିରେ ଗଭୀର ନଳକୂପ ଖନନ କରାଯାଉ। ଗଭୀର ନଳକୂପରେ ଚାଷ ପାଇଁ ବ୍ୟବହୃତ ବିଦ୍ୟୁତ ବିଲ ଛାଡ କରାଯିବା ପାଇଁ ଦାବି କରାଯାଇଛି। କଟନୀ ଛଟନୀ ବନ୍ଦ କରି ଅସାଧୁ ମିଲର୍ସମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଚାଷୀଙ୍କୁ ବସ୍ତାର ଦାମ, ଲୋଡିଂ ଓ ଅନଲୋଡିଂ ଦାମ, ପ୍ଲାଷ୍ଟିକ ବସ୍ତା ବ୍ୟବହାର ପାଇଁ ଅନୁମତି ପ୍ରଦାନ କରାଯାଉ ବୋଲି ଦାବି କରିଥିଲେ। ଚାଷୀଙ୍କ ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯିବ ଓ ରାଜ୍ୟସ୍ତରୀୟ ସମାଧାନ ପାଇଁ ଅପେକ୍ଷା ରଖିଥିବା ସମସ୍ୟା ଏବଂ ଦାବିକୁ ଉପଯୁକ୍ତ ଅଧିକାରୀଙ୍କୁ ସମାଧାନ ପାଇଁ ପଠାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ।


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# କଳାହାଣ୍ଡିକୁ ୩ ସ୍ୱର୍ଣ୍ଣ, ୨ଟି ରୌପ୍ୟ, ୨ଟି କାଂସ୍ୟ ପଦକ

### ୪ର୍ଥ ରାଜ୍ୟ ଆଦିବାସୀ ତୀରନ୍ଦାଜ ପ୍ରତିଯୋଗିତା

**ଲାଞ୍ଜିଗଡ,୧୨।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଏସ୍‌ଏସ୍‌ଡି ସ୍କୁଲର ପ୍ରତିଯୋଗୀମାନେ ୪ର୍ଥ ରାଜ୍ୟ ଆଦିବାସୀ ତୀରନ୍ଦାଜ ପ୍ରତିଯୋଗିତାରେ ଭାଗ ନେଇ ୩ ସ୍ୱର୍ଣ୍ଣ,୨ଟି ରୌପ୍ୟ ଓ ୨ଟି କାଂସ୍ୟ ପଦକ ହାସଲ କରିଛନ୍ତି। ଢେଙ୍କାନାଳ ଜିଲା ଷ୍ଟାଡିୟମଠାରେ ଅନୁଷ୍ଠିତ ୪ର୍ଥ ରାଜ୍ୟ ଆଦିବାସୀ ତୀରନ୍ଦାଜ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଏସ୍‌ଏସ୍‌ଡି ସ୍କୁଲର ୧୯ଜଣ ପ୍ରତିଯୋଗୀ ଗସ୍ତ କରିଥିଲେ। ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ଜିଲାର ୨୭୫ ଖେଳାଳି ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀତାରେ ଲାଞ୍ଜିଗଡ଼ ଏସ୍‌ଏସ୍‌ଡି ସ୍କୁଲର ୧୪ବର୍ଷରୁ କମ ବାଳିକା ବିଭାଗରେ ଜୁଲି ମୁଣ୍ଡା ସ୍ୱର୍ଣ୍ଣ ଓ ୧୭ ବର୍ଷରୁ କମ ସବଜୁନିୟର ବର୍ଗରେ ଗୋଟିଏ କାଂସ୍ୟ ପଦକ ହାସଲ କରିଛନ୍ତି। ଜୁନିୟର ବାଳକ ବର୍ଗରେ ସଞ୍ଜୟ ମାଝି ଗୋଟିଏ ସ୍ୱର୍ଣ୍ଣ ପଦକ ଓ ୧୭ ବର୍ଷରୁ କମ ସବଜୁନିୟର ବର୍ଗରେ ଗୋଟିଏ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ୧୪ବର୍ଷରୁ କମ ବାଳକ ବିଭାଗରେ ଦାଶରଥୀ ମାଝି ରୌପ୍ୟ, ସୋନୁ ମାଝି ଗୋଟିଏ ରୌପ୍ୟ ଓ କ୍ରମ ମାଝି ଗୋଟିଏ କାଂସ୍ୟ ପଦକ ହାସଲ କରିଛନ୍ତି। ତୀରନ୍ଦାଜ କୋଚ ସୀମାଞ୍ଚଳ କାଟ୍ରାକାଙ୍କ ନେତୃତ୍ୱରେ ପ୍ରତିଯୋଗୀମାନେ ଭାଗ ନେଇଥିଲେ। ଜିଲା ପାଇଁ ଗୌରବ ଆଣିଥିବାରୁ ଖେଳାଳିଙ୍କୁ ଜିଲା ଆଥଲେଟିକ ଆସୋସିଏଶନ ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ, ବେଦାନ୍ତ ଆଲୁମିନା ଡେପୁଟି ସିଇଓ ଜି.ଜି ପାଲ, ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାଏ, ସିଏସଆ ମୁଖ୍ୟ ବିଭେଦେନ୍ଦୁ ପଣ୍ଡା, ଏସ୍‌ଏସ୍‌ଡି ସ୍କୁଲ ପ୍ରଧାନ ଶିକ୍ଷକ ପାର୍ଥବ ତାଣ୍ଡି ଓ ଶିକ୍ଷକ ଶିକ୍ଷୟିତ୍ରୀ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି।



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର

### ବ୍ଲକସ୍ତରୀୟ, ପଞ୍ଚାୟତରେ ଜନଶୁଣାଣି ଶିବିର

**ଭବାନୀପାଟଣା,୧୨।୧୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ସମ୍ମିଳନୀ କକ୍ଷରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଓ ଏସ୍‌ପି ଅଭିଲାଷ ଜିଙ୍କ ଅଧ୍ୟକ୍ଷତାରେ ସୋମବାର ଯୁଗ୍ମଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ସୁଶାନ୍ତ ପଟେଲ, ଧର୍ମଗଡ଼ ଉପଜିଲାପାଳ ବେଦ ଭୂଷଣ, ବ୍ଲକ ଅଧ୍ୟକ୍ଷା ସବିତା ମେହେର, ବିଡିଓ ଦୁଲାରାମ ମାରାଣ୍ଡି, ତହସିଲଦାର ବେଦବ୍ୟାସ ଭୋଇଙ୍କ ସମେତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। ଜନଶୁଣାଣି ଶିବିରରେ ମୋଟ ୯୮ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୮୨ଟି ବ୍ୟକ୍ତିଗତ ସମସ୍ୟା ଓ ୧୬ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ୮ଟି ଅଭିଯୋଗ ସମାଧାନ ତତକ୍ଷଣା କରାଯାଇଥିଲା।


ଜୁନାଗଡ଼ରେ ଜିଲାପାଳ, ଏସପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର।

### ୭୨୦ ଅଭିଯୋଗ ପଞ୍ଜୀକରଣ, ୧୨୦ ସମାଧାନ

**ଗୋଲାମୁଣ୍ଡା,(ଡି.ଏନ.ଏ.):** ଗୋଲାମୁଣ୍ଡା ବ୍ଲକ ଉଦେଶୃଙ୍ଗ ପଞ୍ଚାୟତରେ ବ୍ଲକସ୍ତରୀୟ ଜନ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉଦେଶୃଙ୍ଗ ଓ ଲେତେର ପଞ୍ଚାୟତ ସମେତ ବ୍ଲକର ଅନ୍ୟ ପଞ୍ଚାୟତରୁ ୭୨୦ଜଣ ପଞ୍ଜୀକରଣ କରିଥିଲେ। ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଲୋକଙ୍କ ଅଭିଯୋଗ ଶୁଣି ବିଭିନ୍ନ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ୧୨୦ଜଣଙ୍କ ଅଭିଯୋଗ ସମାଧାନ କରିଥିଲେ। ବିଡିଓ ଶ୍ରୀଧର ପଣ୍ଡା, ତହସିଲଦାର ଅଶୋକ ପଟ୍ଟନାୟକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମକରଣ ନାଏକ, ଆର୍‌ଆଇ ଆଶିଷ ନାଏକ, ଗ୍ରାମୀଣ ଆବାସ ବିଭାଗ ବିପିସି ମଧୁ ସୁଦନ ସାହୁ, ସାମାଜିକ ସୁରକ୍ଷାର ଚନ୍ଦନ ବିହାରୀ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରମିତ ପ୍ରଧାନ, ଡ.ଦେବେନ୍ଦ୍ର ମାଝି, କୃଷି ଉଦ୍ୟାନ ଅଧିକାରୀ ନିହାରିକା ସାହୁ, ପ୍ରାଣୀ ଚିକିତ୍ସକ ଭୁବନ ସାହୁ ଓ ନେତ୍ର ପ୍ରକାଶ ଭାରତୀ, କେଗାଁ ରେଞ୍ଜ ଅଧିକାରୀ କେଶବ ମାଝି ଓ ଫରେଷ୍ଟର ରମେଶ ପଣ୍ଡା, ଉଦେଶୃଙ୍ଗ ସରପଞ୍ଚ ନାରାୟଣ ଅଗ୍ରିଆ ଓ ସମିତି ସଭ୍ୟ ଚୈତ୍ୟନ୍ୟ ମାଝି, ଲେତେର ସରପଞ୍ଚ ଦମୟନ୍ତି ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଣୀ ଚିକିତ୍ସା, ଜଙ୍ଗଲ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ଉଦ୍ୟାନ ବିଭାଗ, ଯୋଗାଣ ବିଭାଗ ଓ ପୋଲିସ ବିଭାଗ କର୍ମଚାରୀମାନେ ମଧ ଉପସ୍ଥିତ ଥିଲେ।

### ୭୧୦ଟି ଅଭିଯୋଗର ଶୁଣାଣି

**କୋକସରା,(ଡି.ଏନ.ଏ.):** କୋକସରା ବ୍ଲକ ମାଝିଗୁଡା ପଞ୍ଚାୟତରେ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ମାମି ବାଗଙ୍କ ସଭାପତିତ୍ୱରେ ବିଡିଓ ଉତ୍ତମ କୁମାର ବାଗ, ତହସିଲଦାର ଦେବବ୍ରତ କରାଟି, ଜିପିଇଓ ନାରାୟଣ ଭୋଇ, କୃଷି ଅଧିକାରୀ ହେମାନନ୍ଦ ମାଝି, ବିଏସଏସଓ ଦୀପକ କୁମାର ବେହେରା, ସମାଜ ମଙ୍ଗଳ ଅଧିକାରୀ ଦାମୋଦର ବିଶ୍ୱାଳ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୌରଭ ପାଣିଗ୍ରାହୀ, ସରପଞ୍ଚ ମାମି ବାଗ, ନାଏବ ସରପଞ୍ଚ ଧର୍ମେନ୍ଦ୍ର ପୋଢ଼ ଓ ଅନ୍ୟ ବିଭାଗୀୟ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ କରିଛନ୍ତି। ଏଥିରେ ଆବାସ ପାଇଁ ୫୬୫, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ୬୯, ଭତ୍ତା ୮୪, ଆରଡବ୍ଲ୍ୟୁଏସଏସ ୪, ପିଡିଏସ ୨୬, ଓଏଲଏମ ୨ ଏଭଳି ସମୁଦାୟ ୭୧୦ଟି ଅଭିଯୋଗ ହୋଇଥିଲା।

## ସଂକ୍ଷେପରେ

### ଏସ୍‌କଫ୍ ଜବତ, ଜଣେ ଗିରଫ

**ପଦ୍ମପୁର,୧୨।୧୨(ଡି.ଏନ.ଏ.):** ଅମ୍ବାଭୋନା, ଭଟଲି ଅଞ୍ଚଳରେ ବେଆଇନ ନିଶା ବ୍ୟବସାୟ ବେଳେ ଭ୍ରାମ୍ୟମାଣ ଅବକାରୀ ଟିମ୍ ଓ ପଦ୍ମପୁର ଅବକାରୀ ବିଭାଗ କର୍ମଚାରୀ ଚଢ଼ାଉ କରିଛନ୍ତି। ଚଢ଼ାଉ ବେଳେ କପାଶିରା ଗ୍ରାମର ଜଗବନ୍ଧୁ ଜାମଡୁଲିଆଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ୫୧ ବୋତଲ ଏସ୍‌କଫ ସିରପ୍ ଜବତ କରି ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ସେହିପରି ଭଟଲିର ଦୁଇଟି ସ୍ଥାନରେ ଚଢ଼ାଉ କରି ୯.୯୦୦ ବିଏଲ ବିଦେଶୀ ମଦ ଜବତ କରାଯାଇଥିବା ଅବକାରୀ ଏସ୍‌ଆଇ ଏଚ୍. ଜଗାରାଓ ସୂଚନା ଦେଇଛନ୍ତି।

### ଟ୍ରାକ୍ଟର ଓଲଟି ଯୁବକ ମୃତ

**ତରଭା, ୧୨।୧୨(ଡି.ଏନ.ଏ.):** ଜଳଛାୟା ପ୍ରକଳ୍ପରେ ବାର୍ଣ୍ଣି ଖନନ ସମୟରେ ସୋମବାର ଭାରସାମ୍ୟ ହରାଇ ଟ୍ରାକ୍ଟର ଓଲଟି ପଡିବାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଧର୍ମରାମ ମେଗୁୱାଲ (୨୦)। ରାଜସ୍ଥାନର ସୁକାରାମ ଭାଟି ତାଙ୍କ ଟ୍ରାକ୍ଟର ନମ୍ବର ଓଜେ ୪୪ ଆରଏ ୪୫୯୦ରେ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କଳାବତିପୁର ଗ୍ରାମର ସୋମନାଥ କୁଅଁରଙ୍କ ଚାଷଜମିରେ ବାର୍ଣ୍ଣି ଖୋଳୁଥିଲେ। ଟ୍ରାକ୍ଟରରେ ଧର୍ମରାମ ବସିଥିଲେ। ବାର୍ଣ୍ଣି ଖୋଳୁଥିବା ବେଳେ ଟ୍ରାକ୍ଟର ଓଲଟି ପଡିବାରୁ ଧର୍ମରାମ ଏହା ତଳେ ଚାପି ହୋଇଯିବାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ତରଭା ଥାନାରେ ଏକ ମାମଲା ରୁଜୁ କରାଯାଇ ଡ୍ରାଇଭରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

### କାର୍ଯ୍ୟକାରୀ କମିଟିରୁ ୩ ସଭ୍ୟଙ୍କ ଇସ୍ତଫା

**ବରଗଡ଼ ଅଫିସ୍,୧୨।୧୨:** ରଗଡ଼ ଜିଲା ଓକିଲ ସଂଘ କାର୍ଯ୍ୟକାରୀ କମିଟିରୁ ସୋମବାର ୩ ବରିଷ୍ଠ ସଭ୍ୟ ଇସ୍ତଫା ଦେଇଛନ୍ତି। ସେମାନେ ହେଲେ ଶିରୀଶ ବଲ୍ଲଭ ମିଶ୍ର, ହରଦୀପ ସିଂ ଏବଂ ସୁରେଶ ଶତପଥୀ। କାର୍ଯ୍ୟକାରୀ କମିଟିର କେତେକ ପ୍ରସ୍ତାବ ଉପରେ ଅସନ୍ତୋଷ ପ୍ରକାଶ କରି ସେମାନେ ଇସ୍ତଫା ଦେଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଓକିଲ ସଂଘ ସଭାପତି ଚନ୍ଦ୍ରଧ୍ୱଜ ଜାଲଙ୍କୁ ପଚାରିବାରୁ ସେମାନେ ଇସ୍ତଫା ଦେଇଥିବା କହିଛନ୍ତି। ତେବେ ଦିନକରେ କାର୍ଯ୍ୟକାରୀ କମିଟିରୁ ୩ ବରିଷ୍ଠ ସଭ୍ୟଙ୍କ ଇସ୍ତଫା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

### ପଣ୍ଡିତ କାହ୍ନୁ ଚରଣ ପାଢ଼ୀଙ୍କ ପରଲୋକ

**ଅମରପାଲି,୧୨।୧୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରା ପଞ୍ଚାୟତ ଅନ୍ତର୍ଗତ କମିରା ଗାଁର



ବରିଷ୍ଠ ନାଗରିକ ଶତାୟୁ ପଣ୍ଡିତ କାହ୍ନୁ ଚରଣ ପାଢୀଙ୍କ ସୋମବାର ପରଲୋକ ହୋଇଯାଇଛି। ମୃତ୍ୟୁ ସମୟରେ ଏକ ମାତ୍ର ପୁତ୍ର ରାଜ୍ୟ କୃଷକ ସଂଗଠନ ଉପସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ଧରଣୀଧର ପାଢୀ, ପୁତ୍ରବଧୂ ଏବଂ ନାତୁଣୀ ନାତି ଉପସ୍ଥିତ ଥିଲେ । ତାଙ୍କ ଶେଷ ଦର୍ଶନ ପାଇଁ ଆଖପାଖ ଅଞ୍ଚଳ ବହୁ ବ୍ୟକ୍ତି ଆସି ଶେଷ ଦର୍ଶନ କରିଥିଲେ। ସୁରୁବାଲି ଯୋର ଶ୍ମଶାନ ଘାଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ଏକ ମାତ୍ର ପୁତ୍ର ଧରଣୀଧର ପାଢୀ ମୁଖାଗ୍ନି ଦେଇଥିଲେ ।

### ମହାଲକ୍ଷ୍ମୀ ପୂଜା ଉଦ୍‌ଯାପିତ

**ଜାମଟିକ୍ରା,୧୨।୧୨(ଡି.ଏନ.ଏ.):** ଅତାବିରା ବ୍ଲକ ଅନ୍ତର୍ଗତ ଝିଲିମିଣ୍ଡାଠାରେ ୪ଦିନ ଧରି ଚାଲିଥିବା ଛବିଶତମ ମାଣବସା ମହାଲକ୍ଷ୍ମୀ ପୂଜା ରବିବାର ସମ୍ପନ୍ନ ହୋଇଛି। ଏହି ଅବସରରେ ଜଳନ୍ଧରରାଜ୍ କାର୍ଯ୍ୟକ୍ରମ ଚାଲିଥିଲା। ଜଳନ୍ଧର ଭୂମିକାରେ ସୋର୍ଣ୍ଣା ଗ୍ରାମର ସୁଶୀଲ କୁମାର ନାଏକ ଅଭିନୟ କରିଥିଲେ। ପ୍ରଥମ ରଜନୀରେ ଗୌନ୍ତିଆ ତଥା ଗ୍ରାମ କମିଟି ସଭାପତି ଓଁକାରନାଥ ବାବୁଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ଗ୍ରାମର ବୃଦ୍ଧମାନଙ୍କୁ କମ୍ବଳ ଓ ପୁଷ୍ପମାଲ୍ୟ ଦେଇ ସମ୍ମାନିତ କରାଯାଇଥିଲା। ତୃତୀୟ ରଜନୀରେ ସମ୍ବଲପୁର ସମବାୟ ବ୍ୟାଙ୍କ ସଭାପତି ନରେନ୍ଦ୍ର କୁମାର ପ୍ରଧାନ ଏବଂ ଶେଷ ରଜନୀରେ ଦୁର୍ଗା ଛୁରିଆ, ବ୍ଲକ ଉପାଧ୍ୟକ୍ଷ ଅନନ୍ତ ମେହେର, କଳାକାର ବୁଲୁ ସତପଥୀ, ରମାକାନ୍ତ ହରିପାଲ, ଗଣେଶ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ସ୍ଥାନୀୟ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଧର୍ମରାଜ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ପୂଜା କମିଟି ସଭାପତି ଯାଦବ ଭୋଇ, ସମ୍ପାଦକ ସନ୍ତୋଷ କୁମାର ମେହେର, କୋଷାଧ୍ୟକ୍ଷ ଟିକେଶ୍ୱର ପ୍ରଧାନ, ଓମ୍‌ପ୍ରକାଶ ପ୍ରଧାନ, ସବ୍ରଜିତ ମେହେର, ତରୁଣ ପ୍ରଧାନ, ଚତୁର୍ଭୁଜ ମେହେର, ଭବାନୀ ମେହେର ପ୍ରମୁଖ ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ଦିଲ୍ଲୀ ସମାବେଶରେ ଯୋଗଦେବେ ଚାଷୀ

## ଚାଷ, ଚାଷୀ ସମସ୍ୟା ଅସମାହିତ

**ବରଗଡ଼ ଅଫିସ୍,୧୨।୧୨**




ଖବରଦାତା ସମ୍ମିଳନୀରେ ଭାରତୀୟ କିଷାନ ସଂଘର କର୍ମକର୍ତ୍ତାବୃନ୍ଦ ।

ଚାଷ ଏବଂ ଚାଷୀ ସମସ୍ୟା ଅସମାହିତ ହୋଇରହିଛି। ବାରମ୍ବାର ଦାବି ସତ୍ତ୍ୱେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହାର ସମାଧାନ ଦିଗରେ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି କ୍ରମରେ ଆସନ୍ତା ୧୯ତାରିଖରେ ଭାରତୀୟ କିଷାନ ସଂଘ ଦିଲ୍ଲୀ ରାମଲୀଳା ମୈଦାନରେ ଚାଷୀ ସମାବେଶ କରିବାକୁ ନିଷ୍ପତ୍ତି ନେଇଛି । ଏହି ସମାବେଶରେ ସାରାଦେଶରୁ ୨ଲକ୍ଷରୁ ଅଧିକ ଚାଷୀ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବାବେଳେ ଓଡ଼ିଶାର ଚାଷୀମାନେ ମଧ୍ୟ ଏଥିରେ ସାମିଲ ହେବେ। ସୋମବାର ବରଗଡ଼ ସାମ୍ବାଦିକ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାରତୀୟ କିଷାନ ସଂଘର ରାଷ୍ଟ୍ରୀୟ ସଭ୍ୟ କେଦାର ନାଥ ମିଶ୍ର ଏ ସମ୍ପର୍କରେ ସୂଚନା ଦେଇଛନ୍ତି ।

ଖବରଦାତା ସମ୍ମିଳନୀରେ ସେ କହିଥିଲେ, କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ନୁହେଁ, ଉତ୍ପାଦନ ଖର୍ଚ୍ଚ ତୁଳନାରେ ଚାଷୀଙ୍କୁ ଲାଭକାରୀ ମୂଲ୍ୟ ଦିଆଯିବା କଥା। ଫଳରେ ଉତ୍ପାଦନ ଖର୍ଚ୍ଚ ନିର୍ଦ୍ଧାରଣ କରାଯାଇ ତାଠାରୁ ଅଧିକ ୨୦ପ୍ରତିଶତ ଲାଭକାରୀ ମୂଲ୍ୟ ଦିଆଯାଉ ବୋଲି ସେ ଦାବି କରିଛନ୍ତି। ସେହିପରି କିଷାନ ସମ୍ମାନ ନିଧିରେ ଚାଷୀଙ୍କୁ ଦିଆଯାଉଥିବା ସହାୟତା ଦ୍ୱିଗୁଣ କରିବା, କୃଷି ଉପକରଣ କ୍ଷେତ୍ରରେ ଜିଏସ୍‌ଟି ସମ୍ପୂର୍ଣ୍ଣ ଛାଡ଼ ଏବଂ ଜି.ଏମ୍ ଫସଲର ମାନ୍ୟତା ପ୍ରତ୍ୟାହାର କରିବାକୁ ମିଶ୍ର ଦାବି କରିଛନ୍ତି ।

ଭାରତୀୟ କିଷାନ ସଂଘର ରାଜ୍ୟ ସଭାପତି ଶ୍ରୀମୁଖ ପ୍ରଧାନ ବିଭିନ୍ନ ଆଞ୍ଚଳିକ ସମସ୍ୟା ଉପସ୍ଥାପନ କରିଥିଲେ । ଜିଲାର ସମସ୍ତ କୃଷି ତଥା ଉନ୍ନୟନ କମିଟିରେ ଭାରତୀୟ କିଷାନ ସଂଘର ପ୍ରତିନିଧିଙ୍କୁ ମାନ୍ୟତା ପ୍ରଦାନ, ଧାନ କିଣାବିକା ସମସ୍ୟାରେ ସୁଧାର ଅଣାଯିବା, ମଣ୍ଡିଗୁଡ଼ିକୁ ସୁବ୍ୟବସ୍ଥିତ କରିବା, ଟୋକନ କଟକଣା ସମ୍ପୂର୍ଣ୍ଣ ଉଚ୍ଛେଦ କରିବାକୁ ସେ ଦାବି କରିଥିଲେ। ସେହିପରି ଗଙ୍ଗାଧର ଜଳସେଚନ ପ୍ରକଳ୍ପରେ ବିଜେପୁର ବ୍ଲକର ବଞ୍ଚିତ ୬ ପଞ୍ଚାୟତକୁ ସାମିଲ କରିବା, ପଦ୍ମପୁର ଉପନିର୍ବାଚନରେ ଘୋଷଣା ଅନୁଯାୟୀ ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଇନପୁଟ୍ ସବ୍‌ସିଡ଼ି, ଫସଲବୀମା ସହାୟତା ପ୍ରଦାନ କରିବାକୁ ମଧ୍ୟ ପ୍ରଧାନ ଦାବି କରିଥିଲେ । ସେହିପରି ଚାଷକୁ ଶିଳ୍ପ ମାନ୍ୟତା ଦେବା ସହ ବରଗଡ଼ ଚିନିକଳ, ସୂତାକଳର ପୁନରୁଦ୍ଧାର କରିବାକୁ ଭାରତୀୟ କିଷାନ ସଂଘ ଦାବି କରିଛି। ଚିନିକଳ ଏବଂ ସୂତାକଳର ପୁନରୁଦ୍ଧାର ହେଲେ ବରଗଡ଼ ଜିଲାର ଚାଷୀମାନେ ଆଖୁ, କପା ଚାଷ କରିବାର ସୁଯୋଗ ପାଇବେ। ଏହାସହିତ ଅଧିକ ଶ୍ରମଜୀବୀ ନିୟୋଜିତ ହେବେ ଏବଂ ରାଜ୍ୟ ବାହାରକୁ ଆଉ ଦାଦନ ଖଟିବାକୁ ଯିବେ ନାହିଁ ବୋଲି ସେ କହିଥିଲେ। ସେହିପରି ରାଜ୍ୟରେ ଜୈବିକ କୃଷିକୁ ଅଧିକ ଗୁରୁତ୍ୱ ଦିଆଯାଉ ବୋଲି ପ୍ରଧାନ କହିଥିଲେ। ଖବରଦାତା ସମ୍ମିଳନୀରେ ସଂଘର ଉପଦେଷ୍ଟା ରକ୍ଷାକାରୀ ବିଶି, ବୈଜୁ ଅଗ୍ରୱାଲ, ଜିଲା ସଭାପତି ପୀତାମ୍ବର ସାହୁ, ସମ୍ପାଦକ ସୁଶାନ୍ତ କୁମାର ଗଡ଼ତୀୟା ପ୍ରମୁଖ ଉପସ୍ଥିତ ଥିଲେ। ପରେ ସଂଘର ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ଅଫିସକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ଅତାବିରା ଓକିଲ ସଂଘର ସତ୍ୟାଗ୍ରହ

**ଜାମଟିକ୍ରା, ୧୨।୧୨(ଡି.ଏନ.ଏ.)**

ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ସୋମବାର ପୂର୍ବାହ୍ନ ୧୧ଟାରେ ଅତାବିରା ଗ୍ରାମ୍ୟ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକ ଓକିଲ ସଂଘ ପକ୍ଷରୁ ସତ୍ୟାଗ୍ରହ ପାଳନ କରାଯାଇଛି। ବ୍ଲକ ଓକିଲ ସଂଘ ସଭାପତି ସୁଶାନ୍ତ ମିଶ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଶ୍ଚିମ ଓଡିଶା ପ୍ରତି ସରକାର ବୈମାତୃକ ମନୋଭାବ ପୋଷଣ କରୁଛନ୍ତି। ତେଣୁ ଏଠାରେ ସ୍ଥାୟୀ ବେଞ୍ଚ ସ୍ଥାପନ ହୋଇପାରୁ ନାହିଁ ବୋଲି ଓକିଲ ସଂଘର କର୍ମକର୍ତ୍ତାଗଣ ଅଭିଯୋଗ କରିଥିଲେ। ଏହି ସତ୍ୟାଗ୍ରହରେ ଓକିଲ ସଂଘର ବରିଷ୍ଠ ସଦସ୍ୟ ବୀରେନ୍ଦ୍ର ବାଙ୍କା, ତ୍ରିଲୋଚନ ବେହେରା, ଦିବ୍ୟ ମିଶ୍ର, ସମୀର ଦାସ, ଉନ୍ନିକ୍ରିଷ୍ଣା ନାୟାର, ଦେବେନ୍ଦ୍ର ଦାସ ପ୍ରମୁଖ ସାମିଲ ହୋଇଥିଲେ।




ଅତାବିରା ବ୍ଲକ ଓକିଲ ସଂଘ ପକ୍ଷରୁ ସତ୍ୟାଗ୍ରହ କରାଯାଉଛି।

# ଅଭିଯୋଗ ସମାଧାନ ନିର୍ଦ୍ଦେଶ

**ସରଣ୍ଡା/ଜାମଟିକ୍ରା, ୧୨।୧୨(ଡି.ଏନ.ଏ.)**




ଶିବିରରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ।

ବରଗଡ଼ ଜିଲା ଅତାବିରା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସୋମବାର ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ମୋନିଷା ବାନାର୍ଜୀ, ଉପଜିଲାପାଳ ଲଲାଟ କୁମାର ଲୁହା, ଅତିରିକ୍ତ ଜିଲା ଆରକ୍ଷୀ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ମିଶ୍ର, ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାଏକ, ବିଡିଓ ପ୍ରମୋଦ ଚନ୍ଦ୍ର ମେହେର ପ୍ରମୁଖ ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଅଭିଯୋଗଗୁଡିକ ମଧ୍ୟରେ ଭତ୍ତା, ପରିବାର ମଙ୍ଗଳ ଯୋଜନା, ହରିଶ୍ଚନ୍ଦ୍ର ଯୋଜନା, ଚାଷୀଙ୍କ ଟୋକନ, ଜମିବାଡି ଓ ରାସ୍ତାଘାଟ ସମସ୍ୟା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଆଦି ରହିଥିଲା। ବ୍ଲକର ୨୪ଟି

## ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

ପଞ୍ଚାୟତରୁ ଲୋକମାନେ ଅଭିଯୋଗ କରିବାକୁ ଆସିଥିଲେ। ଜିଲାପାଳ ବାନାର୍ଜୀ ଏହି ଅଭିଯୋଗଗୁଡିକର ଶୁଣାଣି କରି ଶୀଘ୍ର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ତହସିଲଦାର ରଞ୍ଜନ ଦାସ, ଥାନାଧିକାରୀ ଅନୀଲ କୁମାର ପଧାନ, ଜଳ ପରିମଳ ବିଭାଗ ଯନ୍ତ୍ରୀ ରଞ୍ଜନ ନାଏକ, ସାଇମନ ଟପ୍ପୋ, ଏବିଡିଓ ଗିରିନ୍ଦ୍ର ସାହୁଙ୍କ ସମେତ ସ୍ୱାସ୍ଥ୍ୟ, ଯୋଗାଣ, ଜଙ୍ଗଲ, ପ୍ରାଣୀ ସମ୍ପଦ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଘୁଚାପାଲି ପ୍ରାଥମିକ ସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟିତ

**ପାଇକମାଳ,୧୨।୧୨(ଡି.ଏନ.ଏ.)**

ବରଗଡ଼ ଜିଲା ପାଇକମାଳ ବ୍ଲକ ଛେତଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଘୁଚାପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ସୋମବାର ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଗିରିଧାରି କଲାରୀ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟନୀ ଦିବସରେ ଅବସରପ୍ରାପ୍ତ ଏବିଇଓ କୁବେର ରଣା ମୁଖ୍ୟଅତିଥି, ଅବସରପ୍ରାପ୍ତ ଏବିଇଓ ପ୍ରେମାନନ୍ଦ ବାରିକ ମୁଖ୍ୟବକ୍ତା, ମହାଦେବ ବେହେରା, ରାଜକୁମାର ସ୍ୱାଇଁ, ନିରଞ୍ଜନ ହରିଜନ, ଯଦୁମଣି ଡନସନା, ଶୁକଦେବ ମହାନନ୍ଦ, ନାରାୟଣ ମେହେର, ପ୍ରଶାନ୍ତ ସାହୁ, ଦୀପକ ରଞ୍ଜନ ନାଗ, କେଦାରନାଥ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଡୋଲାମଣି ମାହାର ମଞ୍ଚ ପରିଚାଳନା ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାସ୍କର ଲୁହାର ବିବରଣୀ ପାଠ କରିଥିଲେ। ହାସ୍ୟ କବି ରଞ୍ଜିତ ପ୍ରଧାନ ଏବଂ ଗୌରଚରଣ ସା ନିଜ କବିତା ଆବୃତ୍ତି ଦ୍ୱାରା କରି ସମସ୍ତଙ୍କ ମନୋରଞ୍ଜନ କରିଥିଲେ। ସହକାରୀ ଶିକ୍ଷକ ସଚ୍ଚିଦାନନ୍ଦ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# କିଶନ ବିର୍ଡିଆ ହେବେ ବଳରାମ

## ବରଗଡ଼ ଧନୁଯାତ୍ରା

**ବରଗଡ଼ ଅଫିସ୍,୧୨।୧୨**

ବରଗଡ଼ ଧନୁଯାତ୍ରା ମହୋତ୍ସବରେ ବଳରାମ ଭୂମିକାରେ ଅଭିନୟ କରିବା ପାଇଁ ଅମ୍ବାପାଲିର କିଶନ ବିର୍ଡିଆ ମନୋନିତ ହୋଇଛନ୍ତି ।



ଅମ୍ବାପାଲି (ଗୋପପୁର)ରେ ସୋମବାର ଅନୁଷ୍ଠିତ ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଭୀମସେନ ବିର୍ଡିଆ ଓ ଭାରତୀଙ୍କ ପୁଅ କିଶନ ଅମ୍ବାପାଲି ସମଲେଶ୍ୱରୀ ନୋଡ଼ାଲ ହାଇସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ର ଅଟନ୍ତି । ସେ ଏହାପୂର୍ବରୁ ଗୋପାଳ ଭୂମିକାରେ ଅଭିନୟ ପାଇଁ ମନୋନିତ ହୋଇଥିଲେ। ମଙ୍ଗଳବାରଠାରୁ କିଶନ ବଳରାମ ଭୂମିକା ପାଇଁ ରିହର୍ସାଲ କରିବେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷେ ଏଥର ବଳରାମ ଭୂମିକାରେ ଅଭିନୟ କରିବା ପାଇଁ ମନୋନିତ ହୋଇଥିବା ଶ୍ରେୟସ ପୂଜାରୀଙ୍କ ଗତ ୯ତାରିଖରେ ଅକାଳ ବିୟୋଗ ହୋଇଥିଲା। ତାଙ୍କ ଦେହାନ୍ତ ପରେ ବଳରାମ ଭୂମିକା ପାଇଁ ପୁଣି କଳାକାର ଚୟନ କରିବାକୁ ପଡ଼ିଥିଲା।

# ଗ୍ରାମାଞ୍ଚଳ କ୍ରିକେଟ, ସୋଢ଼ା ଚାମ୍ପିୟନ



କୃତୀ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରାଯାଉଛି।

**ପାଇକମାଳ,୧୨।୧୨(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଳ ବ୍ଲକ ଟେମରୀ ଗ୍ରାମପଞ୍ଚାୟତସ୍ତରୀୟ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ହାଇସ୍କୁଲ ପଡିଆରେ ସୋମବାର ଅନୁଷ୍ଠିତ ହୋଇଥିଲା। ଖୁର୍ଷାପାଲି, ଟେମରୀ, ସୋଢ଼ା, ଧାନ୍ଦୁପାଲି ଆଦି ଗ୍ରାମକୁ ନେଇ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ହୋଇଥିଲା। ସୋଢ଼ା ଓ ଟେମରୀ ଗ୍ରାମ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇ ସୋଢ଼ା କ୍ରିକେଟ ଟିମ୍ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ବିଜେତାଙ୍କୁ ୱିନର ଟ୍ରଫି ସହ ନଗଦ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ସେହିପରି ରନର୍ସ ଟେମରି କ୍ରିକେଟ ଟିମ୍‌କୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା। ରବି ପଟେଲଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ଓ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ସରପଞ୍ଚ ଦିଲୀପ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସମାରୋହରେ ପ୍ରକୃତି ବନ୍ଧୁ ଧିରେନ ମହାନ୍ତି ମୁଖ୍ୟ ଅତିଥି, ପ୍ରଧାନ ଶିକ୍ଷକ ଡୋଲାମଣି ଭୋଇ ମୁଖ୍ୟବକ୍ତା, ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଆବାହକ ଦୁର୍ଯ୍ୟୋଧନ ପୁଟା, ଦେବାର୍ଚ୍ଚନ ସାହୁ, ବାଳକୃଷ୍ଣ ବନଛୋର, ପ୍ରଦ୍ୟୁମ୍ନ ପାଣିଗ୍ରାହୀ, ବିଶି ରଣା, ସୁରେନ୍ଦ୍ର ପ୍ରଧାନ, ସୌଦାମିନୀ ବନଛୋର, ଲିଙ୍ଗରାଜ ବାରିକ, ଭରତ ରଣା, ସଞ୍ଜୀବ ପଟେଲ ସମ୍ମାନି ଅତିଥି ଭାବେ ଯୋଗ ଦେଇଥିଲେ। କୁବେର ରଣା ଧାରା ବିବରଣୀ ପ୍ରଦାନ କରିଥିବା ବେଳେ କିଶୋର ରଣା ସଭା ପରିଚାଳନା କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ମୁକେଶ ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

# ଆସ୍ଥା ଆବାସିକ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକ କ୍ରୀଡ଼ା




କୃତୀ ପ୍ରତିଯୋଗୀଙ୍କ ସହିତ ଅତିଥି ଓ ଶିକ୍ଷୟିତ୍ରୀ ଶିକ୍ଷକ।

**ଅମରପାଲି, ୧୨।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ଆସ୍ଥା ଆବାସିକ ଶିକ୍ଷା ପ୍ରତିଷ୍ଠାନର ସପ୍ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ରାଧେଶ୍ୟାମ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ପ୍ରତିଷ୍ଠାତା ରାଧାକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ କ୍ରୀଡାକୁ ଅବସରପ୍ରାପ୍ତ ଖେଳ ଶିକ୍ଷକ ଦନମୋହନ ଜଟି ପରିଚାଳନା କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ବର୍ଗରେ ଭାଗକରି ଶହେ ମିଟର ଦୌଡ, ୨ଶହ ମିଟର ଦୌଡ, ଅଖାଦୌଡ, ଲମ୍ଫଡିଆଁ, ଉଚ୍ଚଡିଆଁ, ସର୍ଟପୁଟ ଥ୍ରୋ, ଡିସକସ ଥ୍ରୋ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା କରାଯାଇଥିଲା। ଶିକ୍ଷୟିତ୍ରୀ ସୌଦାମିନୀ ସାହୁ, ସବିତା ରଣା, ଶିକ୍ଷକ ଅଶେଷ ମହାକୁଡ଼ ଖେଳ ପରିଚାଳନା କରିଥିଲେ। ବାଳକ ବିଭାଗରେ ଆକାଶ ପ୍ରଧାନ ଓ ହେମ ସାଗର ସିଂହ ଏବଂ ବାଳିକା ବିଭାଗରେ ସ୍ନେହା ମେହେର ଶ୍ରେଷ୍ଠ ପ୍ରତିଯୋଗୀ ବିବେଚିତ ହୋଇ ଚାମ୍ପିୟନ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ଗଣେଶ ପଣ୍ଡା ଏବଂ କନ୍ଦର୍ପ ଶଙ୍ଖୁଆ ସମ୍ମାନୀତ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ପ୍ରମିଳା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଅସହାୟ ବୃଦ୍ଧାଙ୍କୁ ଉଦ୍ଧାର କଲେ ସ୍ୱେଚ୍ଛାସେବୀ

**ଜାମଟିକ୍ରା, ୧୨।୧୨(ଡି.ଏନ.ଏ.)**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ କାଦୋବାହାଲ ବସ୍‌ଷ୍ଟାଣ୍ଡରେ ଜଣେ ଅସହାୟ ବୃଦ୍ଧା ଗତ ପନ୍ଦର ଦିନ ହେଲା ସୋନପୁର ଜିଲା ତରଭା ଅଞ୍ଚଳରୁ ଆସି ରହୁଥିଲେ। ତାଙ୍କ ନାମ ଫୁଲ ସୁନା। ବୃଦ୍ଧାଙ୍କ ପରିବାରରେ କେହି ନାହାନ୍ତି। ଖବର ପାଇ କାଦୋବାହାଲ ଗ୍ରାମର ଉମାଶଙ୍କର ଭୋସାଗର, ରମଣୀ ଦନ୍ତା ଏବଂ କିଛି ଯୁବକ ମିଶି ସଂକଳ୍ପ ପରିବାରକୁ ଏ ସମ୍ପର୍କରେ ଜଣାଇଥିଲେ। ସୋମବାର ସଂକଳ୍ପ ପରିବାରର ସଦସ୍ୟମାନେ ଉକ୍ତ ବୃଦ୍ଧାଙ୍କୁ ନେଇ ଆଶ୍ରମରେ ଛାଡିଥିଲେ।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ତରଭା, ୧୨।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ତରଭା ବ୍ଲକ ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବୋଲୀ ସୁନିଲ ନରୱଣେ, ଏସ୍‌ପି ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୫୫ଟି ପଞ୍ଜିକୃତ ଅଭିଯୋଗ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ୪୯ ଗୋଟି ଓ ସାମୂହିକ ଦରଖାସ୍ତ ୬ଟି ଥିଲା। ଗ୍ରହଣ କରାଯାଇଥିବା ଦରଖାସ୍ତ ମଧ୍ୟର ୧୭ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଅନ୍ୟାନ୍ୟ ୩୮ ଅଭିଯୋଗକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡିଓ ବିନୟ କୁମାର ପଟେଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶୁଣାଣି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାର ରଞ୍ଜନ କହଁର, ଉପଜିଲାପାଳ ସୋନପୁର ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ତରଭା ତହସିଲଦାର ସୂର୍ଯ୍ୟମଣି ଭୋଇ ଓ ବ୍ଲକସ୍ତରୀୟ କର୍ମଚାରୀ ଯୋଗ ଦେଇଥିଲେ।




ଜିଲାପାଳ ଓ ଏସ୍‌ପି ଜଣେ ବ୍ୟକ୍ତିଙ୍କଠାରୁ ଅଭିଯୋଗ ଗ୍ରହଣ କରୁଛନ୍ତି।

# ସ୍ୱାସ୍ଥ୍ୟକର୍ମୀଙ୍କ ବିକ୍ଷୋଭ ଶୋଭାଯାତ୍ରା

**ବରଗଡ଼ ଅଫିସ୍,୧୨।୧୨**

ସ୍ୱାସ୍ଥ୍ୟ ବିଭାଗ ଅଧିନରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀ, ସ୍ୱାସ୍ଥ୍ୟ ପରିଦର୍ଶକଙ୍କ ପ୍ରତି ସରକାର ଅଣଦେଖା ମନୋଭାବ ପୋଷଣ କରୁଥିବା ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ ନେଇ ସୋମବାର ଓଡ଼ିଶା ରାଜ୍ୟ ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକର୍ମୀ/ସ୍ୱାସ୍ଥ୍ୟ ପରିଦର୍ଶକ ମହାସଂଘ, ବରଗଡ଼ ଜିଲା ଶାଖା ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସେମାନଙ୍କ ଦାବି ପୂରଣ ନ ହେଲେ ଆସନ୍ତା ୧୪ତାରିଖରୁ ଅସହଯୋଗ ଏବଂ ୧୯ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ସ୍ମାରକପତ୍ରରେ ଚେତାବନୀ ଦିଆଯାଇଛି । ବହୁମୁଖୀ ସ୍ୱାସ୍ଥ୍ୟକର୍ମୀଙ୍କ କ୍ୟାଡ଼ର ପୁନର୍ଗଠନ କରି ଚାକିରି କାଳରେ ସର୍ବନିମ୍ନ ୪ଟି ପଦୋନ୍ନତି ପ୍ରଦାନ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗତ ତା–୩।୧୧।୨୦ରିଖରେ ପ୍ରକାଶିତ ବିଜ୍ଞପ୍ତିକୁ ପ୍ରତ୍ୟାହାର କରି ଅର୍ଥ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଗ୍ରେଡ୍ ପେ ଆର୍‌ଏସପି ଆକାରରେ ପ୍ରଦାନ, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ(ମହିଳା/ପୁରୁଷ) ଏବଂ ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ (ମହିଳା/ପୁରୁଷ) ପଦବୀର ନାମ ପରିବର୍ତ୍ତନ ଏବଂ ପୋଷାକ ଭତ୍ତା ଆକାରରେ ବାର୍ଷିକ ୫ହଜାର ଟଙ୍କା ଲେଖାଏ ପ୍ରଦାନ କରିବାକୁ ଦାବି ହୋଇଛି। ମହାସଂଘର ବରଗଡ଼ ଜିଲା ଶାଖା ସଭାପତି ମନୋଜ କୁମାର ସ୍ୱାଇଁ ଏବଂ ଅମିତ କୁମାର ସାହୁଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟକର୍ମୀମାନେ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ ଅଫିସକୁ ଆସିଥିଲେ ।




ବରଗଡ଼ରେ ସ୍ୱାସ୍ଥ୍ୟକର୍ମୀମାନେ ବିକ୍ଷୋଭ ଶୋଭାଯାତ୍ରାରେ ବାହାରିଛନ୍ତି ।

## ସମ୍ବଲପୁରରେ ଓକିଲ ସଂଘ ଆନ୍ଦୋଳନର ଦୃଶ୍ୟ


ସମ୍ବଲପୁର କଚେରି ଛକଠାରେ ପୋଲିସ-ଆନ୍ଦୋଳନକାରୀ ଧସ୍ତାଧସ୍ତି ।


ବିଚାରପତିଙ୍କ ଚାମ୍ବରରେ ଭଙ୍ଗାରୁଜା ।


ଆନ୍ଦୋଳନକାରୀ ଜିଲା କୋର୍ଟ ପରିସରରେ ବିଚାରପତିଙ୍କୁ ଘେରିଛନ୍ତି ।

# କେନ୍ଦ୍ର ସରକାର ପଦକ୍ଷେପ ନେବା ଜରୁରୀ: ବିଜେଡି ଜିଲା ସଭାପତି

**ସମ୍ବଲପୁର,୧୨।୧୨(ବ୍ୟୁରୋ)**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିକୁ ବିଜୁ ଜନତା ଦଳ ସର୍ବାନ୍ତକରଣରେ ସମର୍ଥନ କରେ ବୋଲି ଦଳର ସମ୍ବଲପୁର ଜିଲା ସଭାପତି ଇଂ. ସିଦ୍ଧାର୍ଥ ଦାସ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ଦିଗରେ ନିଜର ସମସ୍ତ ଅଙ୍ଗୀକାର ବଦ୍ଧତାକୁ ସ୍ପଷ୍ଟ କରିଛନ୍ତି। ରାଜ୍ୟ କ୍ୟାବିନେଟ ମଧ୍ୟ ଏ ଦିଗରେ ନିଷ୍ପତ୍ତି ଗ୍ରହଣ କରିଛି। ଏହା ବିଧି ବ୍ୟବସ୍ଥା ମଧ୍ୟରେ ହିଁ ସମ୍ଭବ। ରାଜ୍ୟ ସରକାର ଆବଶ୍ୟକ ଭିତ୍ତିଭୂମିର ବ୍ୟବସ୍ଥା କରିବାକୁ ନୀତିଗତ ନିଷ୍ପତ୍ତି ନେଇଛନ୍ତି । କେନ୍ଦ୍ର ସରକାର ଅବିଳମ୍ବେ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ। ଉଚ୍ଚ ନ୍ୟାୟାଳୟ ମଧ୍ୟ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବା ଆବଶ୍ୟକ। କେନ୍ଦ୍ର ସରକାର ରାଜ୍ୟ ଉଚ୍ଚ ନ୍ୟାୟାଳୟର ନିଷ୍ପତ୍ତିକୁ ଅପେକ୍ଷା ନ କରି ନିଜ ତରଫରୁ ଏ ଦିଗରେ ନିଷ୍ପତ୍ତି ନେଇପାରିବେ। ୧୨ ଡିସେମ୍ବରରେ ସମ୍ବଲପୁରଠାରେ ଅନୁଷ୍ଠିତ ଗଣ ଅଭିଯାନ ଓ ଏହା ସହିତ ଜଡ଼ିତ ଭାବାବେଗ ଏକ ଅନାବଶ୍ୟକ ଆଇନଶୃଙ୍ଖଳା ପରିସ୍ଥିତି ଟାଣିଆଣିଛି। ପଶ୍ଚିମ ଓଡ଼ିଶାର ସମସ୍ତ ଭାଜପା ବିଧାୟକ ଏ ଦିଗରେ ସେମାନଙ୍କର ଉତ୍ତର ଦାୟିତ୍ୱ ନିଭାନ୍ତୁ। ଅନାବଶ୍ୟକ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ନ କରିବାକୁ ବିଜେଡି ଜିଲା ସଭାପତି ଦାସ ବିନମ୍ର ନିବେଦନ କରିଛନ୍ତି।

# ମୃତ ବାଘର କଙ୍କାଳ ଜବତ, ୨ ଗିରଫ

**ରେଢ଼ାଖୋଲ,୧୨।୧୨(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢ଼ାଖୋଲ ବନଖଣ୍ଡର ଶରଧାପୁର ଗ୍ରାମରୁ ରବିବାର ରାତିରେ ବନ ବିଭାଗ ଏକ ମୃତ ବାଘର କଙ୍କାଳ ଜବତ କରିଛି। ଏହି ଘଟଣାରେ ବିଭାଗ ପକ୍ଷରୁ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଅଜିତ ନାଏକ (୨୩) ଓ ଚୈତନ୍ୟ କୁଜୁର (୩୬)। ଏ ନେଇ ରେଢାଖୋଲ ରେଞ୍ଜରେ ଏକ ମାମଲା ରୁଜୁ କରାଯାଇ ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବାଘଟିକୁ ଲଣ୍ଡାକୋର୍ଟ ସଂରକ୍ଷିତ ଜଙ୍ଗଲରେ ଅଭିଯୁକ୍ତମାନେ ବନ୍ଧୁକ ସାହାଯ୍ୟରେ ମାରି ଦେଇଥିବା ସୂଚନା ପାଇ ଡିଏଫ୍‌ଓ ରମାକାନ୍ତ ନାୟକ ଏକ ଟିମ୍ ଗଠନ କରି ଚଢାଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏସିଏଫ୍ ଦେବିପ୍ରସାଦ ରାଉତଙ୍କ ନେତୃତ୍ୱରେ ଗଠିତ ଟିମ୍ ଘଟଣାର ତଦନ୍ତ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିବା ବେଳେ ସେମାନେ ବାଘକୁ ମାରି ଜଙ୍ଗଲରେ ପୋତିଦେଇଥିବା ଜାଣିଥିଲେ। ଅଭିଯୁକ୍ତମାନେ ପୋତାଯାଇଥିବା ସ୍ଥାନ ଚିହ୍ନଟ କରିବା ପରେ ସେହି ସ୍ଥାନରୁ ବାଘର ହାଡ, ମୁଣ୍ଡର ଖପୁରି ଆଦି ବନ ବିଭାଗ ଜବତ କରିଛି। ଏହାକୁ ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ଲାବରେଟୋରିକୁ ପଠାଯାଇଛି। ଘଟଣାରେ ଅନ୍ୟ ୪ଜଣ ସମ୍ପୃକ୍ତ ଥିବା ଗିରଫ ଅଭିଯୁକ୍ତମାନେ ସୂଚନା ଦେବା ପରେ ସେମାନଙ୍କୁ ଗିରଫ କରିବାକୁ ବନବିଭାଗ ତନାଘନା ଚଳାଇଥିବା ଡିଏଫ୍‌ଓ କହିଛନ୍ତି। ତେବେ ବାଘକୁ ମାରିବା ପରେ ଅଭିଯୁକ୍ତମାନେ ତା'ର ଛାଲ, ନଖ, ଦାନ୍ତ ଆଦି ବିକ୍ରି କରି ଶରୀରକୁ ପୋତି ଦେଇଥିବା ସାଧାରଣରେ ଆଲୋଚନା ହେଉଛି। ଅନ୍ୟପକ୍ଷେ ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡିବ ବୋଲି ଡିଏଫ୍‌ଓ ନାୟକ କହିଛନ୍ତି।

# ଜିଲା ଓକିଲ ସଂଘ ପକ୍ଷରୁ ସତ୍ୟାଗ୍ରହ

**ଝାରସୁଗୁଡ଼ା ଅଫିସ,୧୨।୧୨**

ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏକତରଫା ନିର୍ଦ୍ଦେଶନାମା ପ୍ରତିବାଦରେ ସାରା ରାଜ୍ୟରେ ଓକିଲମାନେ ସୋମବାର ଦିନିକିଆ ସତ୍ୟାଗ୍ରହ ଆନ୍ଦୋଳନ ଡାକରା ଦେଇଥିଲେ। ଏହି କ୍ରମରେ ଝାରସୁଗୁଡା ଜିଲା ବାର୍ ଆସୋସିଏଶନ ତରଫରୁ ଜିଲା ଦୌରାଜଜ୍‌ଙ୍କ କୋର୍ଟ ସମ୍ମୁଖରେ ସତ୍ୟାଗ୍ରହ ହୋଇଥିଲା। ଏଥିରେ ଜିଲା ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ ଅଧ୍ୟକ୍ଷତା କରିଥିବାବେଳେ ଶତାଧିକ କର୍ମକର୍ତ୍ତା ଓ ସଦସ୍ୟ ସାମିଲ ହୋଇ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏକତରଫା ନିର୍ଦ୍ଦେଶନାମାକୁ ବିରୋଧ କରିଥିଲେ। ଏହି ନିର୍ଦ୍ଦେଶନାମା ପ୍ରତ୍ୟାହାର ପାଇଁ ସେମାନେ ଦାବି କରିଥିଲେ। ଏହା ନ ହେଲେ ବାର୍‌ର ସମସ୍ତ ସଦସ୍ୟ ନିଜ ଲାଇସେନ୍ସକୁ ସ୍ୱଇଚ୍ଛାରେ ବାର୍ କାଉନସିଲ୍ ନିକଟରେ ଦାଖଲ କରିଦେବେ ବୋଲି ଚେତାବନୀ ଦେଇଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସଂଘ ସମ୍ପାଦକ ତୁଳସୀ ପ୍ରସାଦ ଦାଶ, ରଘୁମଣି ପଟେଲ, ତାପସ ରାୟ ଚୌଧୁରୀ, କିଶୋର ଚନ୍ଦ୍ର ପଟେଲ, ବିଜୟ କୁମାର ଷଡଙ୍ଗୀ, ସନ୍ଦୀପ ଅବସ୍ଥୀ, ସତ୍ୟନାରାୟଣ ବହିଦାର, ପଦ୍ମନାଭ ମାଳୀ, ବି ନାଗେଶ୍ୱରୀ, ଜମାଲି ପଟେଲ ପ୍ରମୁଖ ବହୁ କର୍ମକର୍ତ୍ତା ସାମିଲ ରହିଥିଲେ।



ଜିଲା ଦୌରାଜଜ୍ କୋର୍ଟ ସମ୍ମୁଖରେ ଜିଲା ଓକିଲସଂଘ ସଦସ୍ୟଙ୍କ ଧାରଣା।

# ବ୍ୟବସାୟୀଙ୍କ ଘରେ ଜିଏସ୍‌ଟି ଚଢାଉ

**ସମ୍ବଲପୁର,୧୨।୧୨(ବ୍ୟୁରୋ)**

ସମ୍ବଲପୁର ଜିଲା ଜମନକିରାର ବ୍ୟବସାୟୀ ଶିଶିର କୁମାର ପଟ୍ଟନାୟକଙ୍କ ଘରେ ଜିଏସ୍‌ଟିର ସ୍ୱତନ୍ତ୍ର ସ୍କ୍ୱାଡ୍ ଚଢାଉ କରିଥିଲା। ଜମନକିରାରରେ ଥିବା ଶ୍ରୀକ୍ରିଷ୍ଣା ଟ୍ରେଡରରେ ଏହି ଚଢାଉ ହୋଇଥିଲା। ସମ୍ବଲପୁରର ୨ ଟିମ୍ ଓ ପୋଲିସ ଚଢାଉରେ ସାମିଲ ହୋଇଥିଲେ। ଦୋକାନ ଓ ଅଫିସରେ ବିଭିନ୍ନ କାଗଜପତ୍ର ଯାଞ୍ଚ କରାଯାଇଥିଲା। କେତେ ପରିମାଣ ଜିଏସ୍‌ଟି ଫାଙ୍କିଛନ୍ତି କିମ୍ବା ଆଉ କ'ଣ ତ୍ରୁଟି ରହିଛି ସେ ନେଇ ସ୍ପଷ୍ଟ ଭାବେ ଜଣାପଡି ନାହିଁ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଜିଲା କ୍ରୀଡା ସଂଘ ଆୟୋଜିତ ଜିଲାସ୍ତରୀୟ ୧୯ବର୍ଷରୁ କମ୍ କ୍ରିକେଟ ମ୍ୟାଚ, ହାୱା ମଇଦାନ, ସକାଳ ୮ଟା।
- ଯୁବ ଉଦ୍ୟନ ପକ୍ଷରୁ ବୀର ସୁରେନ୍ଦ୍ର ସାଏ ରାଜ୍ୟସ୍ତରୀୟ ସମ୍ବଲପୁର ନାଟକ ପ୍ରତିଯୋଗିତା ପ୍ରସ୍ତୁତି ବୈଠକ, ଝାଡୁଆପଡା ଯୁବ ଉଦ୍ୟନ କାର୍ଯ୍ୟାଳୟ, ସନ୍ଧ୍ୟା ୭ଟା

## ବାଳିକା ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**କୁଚିଣ୍ଡା,୧୨।୧୨(ଡି.ଏନ.ଏ.):** କୁଚିଣ୍ଡା ବ୍ଲକର ଅର୍ଡାବାହାଲ ସରକାରୀ ବାଳିକା ହାଇସ୍କୁଲ (ଏସଏସଡି)ରେ ସୋମବାର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଅଧିତା ରାଣୀ ଦାସଙ୍କ ସଭାପତିତ୍ୱରେ ହୋଇଥିବା ଉତ୍ସବରେ କୁଚିଣ୍ଡା ସାମ୍ବାଦିକ ସଂଘ ସଭାପତି ବିରଞ୍ଚି ଦର୍ଣ୍ଣା ମୁଖ୍ୟଅତିଥି, ସରପଞ୍ଚ ଶକଳେଶ୍ୱର ମାଝି, ସମିତିସଭ୍ୟା ଚମ୍ପାବତୀ ବେହେରା, ସ୍କୁଲ ଉପଦେଷ୍ଟା ତଥା ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ କାର୍ତ୍ତିକେଶ୍ୱର ପଟେଲ, ସ୍କୁଲ ପରିଚାଳନା କମିଟି ଚେୟାରମ୍ୟାନ ଜଗଦିଶ ଭୟଁଷା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପିଇଟି ଚନ୍ଦନ ମାଝରଙ୍କ ତତ୍ତ୍ୱାବଧାନରେ ସିନିୟର, ଜୁନିୟର ଓ ସବ୍‌ଜୁନିୟର ବର୍ଗ ପାଇଁ ଦୌଡ, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ଡିସ୍‌କସ ଓ ଜାଭେଲିନ ଥ୍ରୋ ଇତ୍ୟାଦି ପ୍ରତିଯୋଗିତା ହୋଇଥିଲା। ସହକାରୀ ଶିକ୍ଷକ ରାଜେନ୍ଦ୍ର ସାହୁ, ହରିହର ନାଏକ, ବୀରେନ୍ଦ୍ର ନାଏକ, ଶିକ୍ଷୟିତ୍ରୀ ଝିଲି ପ୍ରଧାନ, ଶିବାନୀ ମରେଇ ସହଯୋଗ କରିଥିଲେ।

## ପବ୍ଲିକ ଲାଇବ୍ରେରିରେ ଆଲୋଚନା ଚକ୍ର

**ସମ୍ବଲପୁର,୧୨।୧୨(ବ୍ୟୁରୋ):** ସମ୍ବଲପୁର ପବ୍ଲିକ ଲାଇବ୍ରେରିରେ ଆଲୋଚନା ଚକ୍ର ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏତଦବସରରେ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ ଅଧକ୍ଷତା କରିଥିଲେ। ଏହି ଅବସରରେ ଝାଡ଼ଖଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କ୍ଷିତି ଭୂଷଣ ଦାସ, ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ସଂଯୁକ୍ତା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୂତନ ଶିକ୍ଷା ନୀତି ଓ ପବ୍ଲିକ ଲାଇବ୍ରେରିର ଆବଶ୍ୟକତା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ପ୍ରଫେସର କାମଦେବ ସାହୁ ମାନପତ୍ର ପାଠ କରିଥିଲେ।

## ହୀରାକୁଦ କଲେଜ ବାଣିଜ୍ୟ ବିଭାଗରେ ସେମିନାର

**ସମ୍ବଲପୁର,୧୨।୧୨(ବ୍ୟୁରୋ):** ସମ୍ବଲପୁର ହୀରାକୁଦ କଲେଜ ବାଣିଜ୍ୟ ବିଭାଗରେ ସେମିନାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ସୁମିତ୍ରା ପଣ୍ଡା ସଭାପତିତ୍ୱ କରିଥିଲେ। ବକ୍ତା ଭାବେ ପ୍ରଫେସର ୟୁ.ସି. ପଟ୍ଟନାୟକ, ପ୍ରଫେସର ମଳୟ ମହାନ୍ତି, ପ୍ରଫେସର ରଞ୍ଜନ ବଳ ଯୋଗଦେଇଥିଲେ। ବାଣିଜ୍ୟ ବିଭାଗର ଡ. ସିଦ୍ଧାନ୍ତ ମହାନ୍ତି, ସ୍ମୃତିଶିଖା ଗୁରୁ, ଡିଲେଶ୍ୱରୀ ଭୋଇ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ସେମିନାରରେ ଭାଗ ନେଇଥିଲେ।

# ଜିଲାରେ ଖୋଲିଲା ମାର୍କେଟ୍ ୟାର୍ଡ

**ଝାରସୁଗୁଡ଼ା ଅଫିସ,୧୨।୧୨**

ଆର୍‌ଏମ୍‌ସି ତରଫରୁ ଝାରସୁଗୁଡ଼ା ଜିଲାରେ ସୋମବାର ଖରିଫ ଧାନ ମାର୍କେଟ୍ ୟାର୍ଡ ଖୋଲିଛି। ପ୍ରଥମ ଦିନରେ ୭୫ କୁଇଣ୍ଟାଲ ଧାନ କ୍ରୟ ହୋଇଛି। ସରବାହାଲ ମାର୍କେଟ୍ ୟାର୍ଡକୁ ଅତିରିକ୍ତ ଜିଲାପାଳ(ସାଧାରଣ) ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଲଙ୍କେଶ୍ୱର ଅମାତ ଉଦ୍‌ଘାଟନ କରିଥିଲେ। ଏଥିରେ ସିଏସ୍‌ଓ (ଇନ୍‌ଚାର୍ଜ) ବିଦୁର ଚନ୍ଦ୍ର ବଛର,ଏସିଏସ୍‌ଓ ସନ୍ତୋଷିନୀ ପଣ୍ଡା, ଏଆର୍‌ସିଏସ୍ ଶରତ ଚନ୍ଦ୍ର ପାଣିଗ୍ରାହୀ, ଆର୍‌ଏମ୍‌ସି ସମ୍ପାଦକ ରମେଶ ଚନ୍ଦ୍ର ଟପ୍ପୋ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ମାର୍କେଟ୍ ୟାର୍ଡରେ ପବନସୁତ, ମା' କାଳୀ ଓ ଦୁର୍ଗା ଆଗ୍ରୋ ଆଦି ମିଲରମାନେ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଶ୍ରୀପୁରା ସେବା ସମବାୟ ସମିତି ଚାଷୀ ମନୋଜ କୁମାର ବିଶ୍ୱାଳଙ୍କ ନିକଟରୁ ସମୁଦାୟ ୭୫ କୁଇଣ୍ଟାଲ ଧାନ କିଣାଯାଇଛି । ପ୍ରଥମେ କଟ୍‌ନୀଛଟ୍‌ନୀକୁ ନେଇ ମିଲର୍ ଓ ଚାଷୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଚାଷୀଙ୍କ ସହମତିରେ କୁଇଣ୍ଟାଲ ପିଛା ୩ କେଜି କଟ୍‌ନୀ କରାଯାଇ ମିଲର ଧାନ କ୍ରୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁପରଭାଇଜର ଶେଷଦେବ ରଥ, ସୁକାନ୍ତ ବରାଡ, ଶରତ ପଟ୍ଟନାୟକ, ପ୍ରହ୍ଲାଦ ସାହୁ ଓ ଦିଲୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।


ସରବାହାଲ ମାର୍କେଟ୍ ୟାର୍ଡ ଉଦ୍‌ଘାଟନ କରାଯାଉଛି ।

**ପ୍ରଥମ ଦିନରେ ୭୫ କୁଇଣ୍ଟାଲ ଧାନ କ୍ରୟ**

# ଶିମିଳିପାଳରେ ଖୋଲିଲା ଧାନମଣ୍ଡି

**ନାକଟିଦେଉଳ,୧୨।୧୨(ଡ଼ି.ଏନ.ଏ.)**

ଖରିଫ ଧାନ ସଂଗ୍ରହ ପାଇଁ ନାକଟିଦେଉଳ ବ୍ଲକ ଡ଼ଇଁଚା ପ୍ରାଥମିକ କୃଷି ସମବାୟ ସମିତି ଅନ୍ତର୍ଗତ ଶିମିଳିପାଳଠାରେ ସୋମବାର ନୂତନ ଧାନ ମଣ୍ଡି ଆରମ୍ଭ ହୋଇଛି। ଶିମିଳିପାଳ ସରପଞ୍ଚ ସସ୍ମିତାରାଣୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ୬ଜଣ ଚାଷୀଙ୍କଠାରୁ ସମୁଦାୟ ୬୯୩ ବସ୍ତା ଧାନ କିଣାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଡ଼ଇଁଚା ସେବା ସମବାୟ ସମିତି ସଭାପତି ପ୍ରହ୍ଲାଦ ବେହେରା, ସମ୍ପାଦକ ଆର୍ତ୍ତତ୍ରାଣ ରାଉଳ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତ୍ରିନାଥ ମହାକୁଡ଼ଙ୍କ ସମେତ ଆର୍‌ଏମ୍‌ସି କର୍ମଚାରୀ ଯୋଗଦେଇଥିଲେ।


ଧାନମଣ୍ଡି ଉଦ୍‌ଘାଟନ କରାଯାଉଛି।

# ଶିବିରରେ ୧୨୮ ଅଭିଯୋଗ ପଞ୍ଜୀକୃତ

**ଝାରସୁଗୁଡ଼ା ଅଫିସ,୧୨।୧୨**

ଜିଲା ପ୍ରଶାସନ ତରଫରୁ ଲଖନପୁର ବ୍ଲକ୍ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୁଦାୟ ୧୨୮ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିମଧ୍ୟରେ ୨୮ ସାମୂହିକ ଓ ୧ଶହ ବ୍ୟକ୍ତିଗତ ରହିଥିଲା। ଚିକିତ୍ସା ପାଇଁ ଆର୍ଥିକ ସହାୟତା, କୋଇଲା ଖଣି ଦ୍ୱାରା କ୍ଷତିପୂରଣ, ରାସ୍ତା ନିର୍ମାଣ, ଶିକ୍ଷକଙ୍କ ସର୍ଭିସ୍ ବୁକ୍ ମିସିଂ, ବିଦ୍ୟାଳୟରେ ଶିକ୍ଷକ ଅଭାବ, ବିଦ୍ୟୁତ୍ ସଂଯୋଗ, ଧାନବିକ୍ରି ସମସ୍ୟା ଆଦି ରହିଥିଲା। ୮ଜଣଙ୍କୁ ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ୩୧ହଜାର ଟଙ୍କା, ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୨୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଜିଲାପାଳ ସରୋଜ କୁମାର ସାମଲ ଗତ ଅଭିଯୋଗ ଶୁଣାଣିର ସମୀକ୍ଷା କରି ଏହାର କାର୍ଯ୍ୟକାରିତା ନେଇ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଏସ୍‌ପି ରାହୁଲ ଜୈନ, ଉପଜିଲାପାଳ ଦୟାମୟ ପାଢୀ, ସିଡିଏମ୍‌ଓ ଡା. ଡୋଲାମଣି ପଟେଲ, ବ୍ଲକ୍ ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆ, ବିଡିଓ ଜୟନ୍ତ ସାହୁ, ତହସିଲଦାର ବିଶ୍ୱକେଶନ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ ।


ଲୋକେ ନିଜର ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଉଛନ୍ତି।

## କ୍ଲଷ୍ଟରସ୍ତରୀୟ ଅଭିଯୋଗ ଶୁଣାଣି

**ନାକଟିଦେଉଳ,୧୨।୧୨(ଡ଼ି.ଏନ.ଏ.)**

ସମ୍ବଲପୁର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସୋମବାର ନାକଟିଦେଉଳ ବ୍ଲକ କିସିଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ କିସିଣ୍ଡା, ପାଣିମୁରା ଓ ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତର ଜନସାଧାରଣ ଉପସ୍ଥିତ ରହି ଅଭିଯୋଗ ଦାଖଲ କରିଥିଲେ। ପଞ୍ଜୀକୃତ ହୋଇଥିବା ସମସ୍ତ ୯ ଅଭିଯୋଗ ବ୍ୟକ୍ତିଗତ ରହିଥିଲା। ଶିବିର ସ୍ଥଳରେ ୨ଟି ଅଭିଯୋଗର ସମାଧାନ କରାଯାଇଥିଲା। ଶିବିରରେ ରେଢ଼ାଖୋଲ ଉପଜିଲାପାଳ ପବିତ୍ର କୁମାର ବେହେରା, ନାକଟିଦେଉଳ ତହସିଲଦାର ସୁକାନ୍ତ କୁମାର ନାଏକ ଓ ଏବିଡିଓ ବିଦ୍ୟାଧର ରାଉତରାୟ ପ୍ରମୁଖ ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ। କିସିଣ୍ଡା ସରପଞ୍ଚ ରୀନା ନାୟକ, ପାଣିମୁରା ସରପଞ୍ଚ ଜଗବନ୍ଧୁ ସାହୁ, ଗିରିଶ୍ଚନ୍ଦ୍ରପୁର ସରପଞ୍ଚ ଶୁଭେନ୍ଦ୍ର କୁମାର ପ୍ରଧାନଙ୍କ ସମେତ ସମସ୍ତ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ବିଷପିଇ ଚିକିତ୍ସାଧୀନ ଯୁବକଙ୍କ ମୃତ୍ୟୁ

**ଝାରସୁଗୁଡ଼ା ଅଫିସ,୧୨।୧୨**

ଲଖନପୁର ବ୍ଲକ ସରଣ୍ଡାମାଲ ପଞ୍ଚାୟତ ଦର୍ଲିପାଲି ଗ୍ରାମରେ ଜଣେ ଯୁବକ ବିଷପିଇ ଚିକିତ୍ସାଧୀନ ଥିବାବେଳେ ସୋମବାର ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ପ୍ରତାପ ଚୌଧୁରୀ (୨୩)। ସୂଚନା ଅନୁସାରେ କୌଣସି କାରଣରୁ ପ୍ରତାବ ଗତମାସ ୨୫ ତାରିଖରେ ବିଷ ପିଇଦେଇଥିଲେ। ପରିବାର ଲୋକେ ତାଙ୍କୁ ଟିଆର୍‌ଏଲ୍ କ୍ରୋସାକୀ ହସ୍ପିଟାଲରେ ଚିକିତ୍ସା କରାଇଥିଲେ। ଘରକୁ ଫେରିଆସିଥିଲେ ମଧ ସୋମବାର ପୁଣି ସେ ଅସୁସ୍ଥ ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ଟିଆର୍‌ଏଲ୍ କ୍ରୋସାକୀ ହସ୍ପିଟାଲ ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ପ୍ରତାପଙ୍କ ବଡଭାଇ ଶଙ୍କର ଚୌଧୁରୀଙ୍କ ଅଭିଯୋଗକୁ ଭିତ୍ତିକରି ବନହରପାଲି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ୧୫/୨୨) ରୁଜୁ ହୋଇଛି।

# ଗ୍ୟାସ୍ ସିଲିଣ୍ଡର ଫାଟି ପରିବାରର ୪ ଗୁରୁତର

**ଝାରସୁଗୁଡ଼ା ଅଫିସ/ ବେଲପାହାଡ,୧୨।୧୨**

ବେଲପାହାଡ ଥାନା ଜାହାଜପଡାରେ ସୋମବାର ରୋଷେଇ ଗ୍ୟାସ୍ ସିଲିଣ୍ଡର ଫାଟି ଗୋଟିଏ ପରିବାରର ୪ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨ ମହିଳା ଓ ୨ ଶିଶୁ ରହିଛନ୍ତି। ସୂଚନାଯୋଗ୍ୟ ଜାହାଜପଡା ଭଡାଘରେ ରହୁଥିବା ବଳିରାମ ମାରାଣ୍ଡିଙ୍କ ସ୍ତ୍ରୀ ସମୁଲେଇ କୁମାରୀ (୨୮) ସନ୍ଧ୍ୟାରେ ରୋଷେଇ ପାଇଁ ଗ୍ୟାସ୍ ଲଗାଇବା ସମୟରେ ହଠାତ୍ ସିଲିଣ୍ଡରରେ ନିଆଁ ଲାଗି ଫାଟିଯାଇଥିଲା। ଫଳରେ ସମୁଲେଇ ଓ ତାଙ୍କ ୪ବର୍ଷର ପୁଅ ଆୟୁଷ ନିଆଁରେ ପୋଡିହୋଇ ଗୁରୁତର ହୋଇଛନ୍ତି। ଘଟଣା ସମୟରେ ପାଖରେ ଉପସ୍ଥିତ ଥିବା ପଡୋଶୀ ରାଜ ମଙ୍ଗଳ ସିଂଙ୍କ ସ୍ତ୍ରୀ ପୂଜା ସିଂ(୨୭) ଓ ତାଙ୍କ ଶିଶୁ କନ୍ୟା ସ୍ମୃତି (୩) ମଧ ଗୁରୁତର ଆହତ ହୋଇଛନ୍ତି। ଏମାନଙ୍କୁ ସ୍ଥାନୀୟ ଟିଆର୍‌ଏଲ୍ କ୍ରୋସାକୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ପାଇ ବେଲପାହାଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## କାର୍ ଧକ୍କାରେ ଢାବା ମିସ୍ତ୍ରିଙ୍କ ମୃତ୍ୟୁ

**ଝାରସୁଗୁଡ଼ା ଅଫିସ,୧୨।୧୨**

ଝାରସୁଗୁଡା ସଦର ଥାନା ବାଇପାସ୍ ରାସ୍ତା ବିଜୁଏକ୍ସପ୍ରେସ୍ ୱେରେ ସୋମବାର୍ ଏକ କାର୍ ଧକ୍କାରେ ଢାବା ମିସ୍ତ୍ରିଙ୍କ ମୃତ୍ୟୁ ହୋଇଛି। ସେ ହେଲେ କୋଲାବିରା ଥାନା ରଘୁନାଥପାଲି ଗ୍ରାମର ନାରାୟଣ ମହାପାତ୍ର(୬୦)। ପୋଲିସ୍ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ନେଇ ସଦର ଥାନାରେ ଏକ ମାମଲା (ନଂ୨୭୯/୨୨) ରୁଜୁ ହୋଇଛି। ଦୁର୍ଘଟଣା ଘଟାଇଥିବା ଓଡି୧୪ଜେଡ୍-୬୬୬୬ନଂ କାର୍‌କୁ ପୋଲିସ୍ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ କାର୍‌ଟି ଝାରସୁଗୁଡାରୁ ଏୟାରପୋର୍ଟକୁ ଯାଉଥିବାବେଳେ ରାସ୍ତାପାର୍ଶ୍ୱ ଢାବାରୁ ବାହାରି ନାରାୟଣ ରାସ୍ତା ଅତିକ୍ରମ କରୁଥିବାବେଳେ କାର୍ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଆଇନ କଲେଜରେ ମାନବାଧିକାର ଦିବସ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ସମ୍ବଲପୁର,୧୨।୧୨(ବ୍ୟୁରୋ)**

ସମ୍ବଲପୁର ଲଜପତ ରାୟ ଆଇନ କଲେଜରେ ବିଶ୍ୱ ମାନବାଧିକାର ଦିବସ ଓ ଆଲୋଚନା ଚକ୍ର ହୋଇଥିଲା। ମହାବିଦ୍ୟାଳୟ ଅଧକ୍ଷ ଡ. ବିଜୟାନନ୍ଦ ବେହେରା ଅଧକ୍ଷତା କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆଇନ ବିଭାଗ ପ୍ରଫେସର ସୁଧାଂଶୁ ରଞ୍ଜନ ମହାପାତ୍ର ମୁଖ୍ୟବକ୍ତା ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ ମୁଖ୍ୟଅତିଥି ଯୋଗଦେଇ ମାନବାଧିକାର ସୁରକ୍ଷିତ ବିଷୟରେ ଆଲୋକପାତ କରିଥିଲେ। ସହକାରୀ ପ୍ରାଧ୍ୟାପକ ଡ. ଲକ୍ଷ୍ମୀକାନ୍ତ ଦାସ ଅତିଥି ପରିଚୟ ଓ ଅଙ୍କିତ ସୌରବ ସାହୁ ଧନ୍ୟବାଦ ଦେଇଥିଲେ। ପ୍ରଫେସର ଶ୍ରୀକାନ୍ତ କୁମାର ମିଶ୍ର, କିଶୋର ଚନ୍ଦ୍ର ଜେନା, ସ୍ୱାଗତିକା ବିଶ୍ୱାଳ ନିବନ୍ଧ ଉପସ୍ଥାପନ କରିଥିଲେ। ଏହି ଅବସରରେ ପୂର୍ବତନ ଛାତ୍ର ଓଜିଏସ ପାଇଥିବା ଶିଶିର କୁମାର ଭୋଇଙ୍କୁ ସମ୍ମାନିତ କରାଯାଇଥିଲା।

ଧରିତ୍ରୀ
DHARITRI
ମଙ୍ଗଳବାର, ୧୩ ଡିସେମ୍ବର, ୨୦୨୨

**ସଡ଼କ ଦୁର୍ଘଟଣାରେ ୧୧ ମୃତ**

ନେପାଳର ଜାଜରକୋଟ ଜିଲାରେ ସୋମବାର ସଡ଼କ ଦୁର୍ଘଟଣାରେ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ଏକ ବୋଲେରୋ ଜିପ୍ ଚେଡାଗାର୍ଡ ପୌରାଞ୍ଚଳର ଲେଖା ଅଭିମୁଖେ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିବା ପୋଲିସ କହିଛି। ଏହାର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ପୋଲିସ ଘଟଣାର ଯାଞ୍ଚ ଚଳାଉଛି ।



## ସଂକ୍ଷେପରେ

### କାନାଡ଼ାରେ ଆଉ ଜଣେ ଶିଖ୍‌ଙ୍କୁ ହତ୍ୟା

**ଓଟାୱା,୧୨।୧୨:** କାନାଡ଼ାର ଆଲବର୍ଟା ପ୍ରଦେଶରେ ଜଣେ ୨୪ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ଶିଖ୍ ଯୁବକଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଚଳିତ ମାସରେ ସେଠାରେ ୨ ଜଣ ଭାରତୀୟଙ୍କୁ ହତ୍ୟା କରାଗଲାଣି। ସନରାଜ ସିଂ ନାମକ ଏହି ଶିଖ୍ ଯୁବକଙ୍କୁ ଏକ ଗାଡ଼ି ଭିତରେ ଗୁଳି କରାଯାଇଥିଲା। ଗତ ୩ ତାରିଖରେ ପଥ୍ୱନପ୍ରୀତ୍ କୌର ନାମ୍ନୀ ଜଣେ ଶିଖ୍ ଯୁବତୀଙ୍କୁ ଓଣ୍ଟାରିଓ ପ୍ରଦେଶରେ ଗୁଳିକରି ହତ୍ୟା କରାଯାଇଥିଲା। ଏହା ପୂର୍ବରୁ ନଭେମ୍ବର ମାସରେ ଜଣେ ଭାରତୀୟ ଯୁବକ ମେହକପ୍ରୀତ୍ ସେଠୀଙ୍କୁ ବ୍ରିଟିଶ କଲମ୍ବିଆ ପ୍ରଦେଶରେ ଛୁରିଭୁସି ହତ୍ୟା କରାଯାଇଥିଲା।

### ଅନିଲ ଦେଶମୁଖଙ୍କୁ ଜାମିନ



**ମୁମ୍ବାଇ,୧୨।୧୨:** ଦୁର୍ନୀତି ମାମଲାରେ ଗିରଫ ହୋଇ ଜେଲରେ ଥିବା ମହାରାଷ୍ଟ୍ରର ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କୁ ସୋମବାର ବମ୍ବେ ହାଇକୋର୍ଟ ଜାମିନ ମଞ୍ଜୁର କରିଛନ୍ତି। ଗତ ଗୁରୁବାର ଜଷ୍ଟିସ୍ ଏମ୍.ଏସ୍. କାର୍ନିକଙ୍କ ଖଣ୍ଡପୀଠ ଜାମିନ ଆବେଦନର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ତେବେ ଜାମିନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବା ଲାଗି ସିବିଆଇ ଜଣାଇବା ପରେ ଅନିଲଙ୍କୁ ଆଉ ୧୦ ଦିନ ଜେଲରେ ରହିବା ଲାଗି ହାଇକୋର୍ଟ କହିଛନ୍ତି। ସିବିଆଇ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଅନିଲ ସିଂ କହିଥିଲେ, ମନିଲଣ୍ଡରିଂ ମାମଲାରେ ଜାମିନ ଦିଆଯିବା ଅର୍ଥ ସିବିଆଇ ମାମଲାରେ ଜାମିନ ମିଳିଯିବ। ମନିଲଣ୍ଡରିଂ ସମ୍ପୂର୍ଣ୍ଣ ଅଲଗା ଅପରାଧ ଏଥିପାଇଁ ଅଲଗା ବିଚାର କରାଯିବା ଆବଶ୍ୟକ ବୋଲି ସେ ଦର୍ଶାଇଥିଲେ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମାମଲାର ଶୁଣାଣି ବେଳେ ସିବିଆଇ ଚାର୍ଜଶିଟ୍ ଉପରେ ଯୁକ୍ତି ଉପସ୍ଥାପନ କରାଯାଇ ନ ଥିଲା ବୋଲି ସେ କହିଥିଲେ।

### ଅଣଜୀବାଶ୍ମ ଇନ୍ଧନ ବଢ଼ାଇବା ପାଇଁ ପାର୍ଲାମେଣ୍ଟରେ ବିଲ୍ ଗୃହୀତ

**ନୂଆଦିଲ୍ଲୀ,୧୨।୧୨:** ଇଥାନୋଲ, ବାୟୋମାସ୍, ଗ୍ରୀନ୍ ହାଇଡ୍ରୋଜେନ୍ ଆଦି ଅଣଜୀବାଶ୍ମ ଇନ୍ଧନ ବ୍ୟବହାର ବଢ଼ାଇବା ନିମନ୍ତେ ଅଣାଯାଇଥିବା ଶକ୍ତି ସଂରକ୍ଷଣ (ସଂଶୋଧନ) ବିଲ୍, ୨୦୨୨ ସୋମବାର ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିଛି। ଗତ ଅଗଷ୍ଟ ମାସରେ ଲୋକ ସଭାରେ ଉକ୍ତ ବିଲ୍ ଗୃହୀତ ହୋଇଥିବାବେଳେ ସୋମବାର ରାଜ୍ୟ ସଭାରେ ଧ୍ୱନିମତରେ ଗୃହୀତ ହୋଇଛି। ଶିଳ୍ପସଂସ୍ଥାଗୁଡ଼ିକ ଏହାର ଉଲ୍ଲଂଘନ କଲେ ଦଣ୍ଡବିଧାନ ବ୍ୟବସ୍ଥା ରହିଛି। ସେହିପରି ଯାନଗୁଡ଼ିକ ଇନ୍ଧନ ଉପଯୋଗ ନିୟମ ଅନୁପାଳନ କରିବାରେ ବିଫଳ ହେଲେ ଉତ୍ପାଦନକାରୀ ଦଣ୍ଡିତ ହେବେ। ଅକ୍ଷୟ ଶକ୍ତି ଉତ୍ପାଦନ ବୃଦ୍ଧିକୁ ପ୍ରୋତ୍ସାହିତ କରିବା ସହ ଜଳବାୟୁ ପରିବର୍ତ୍ତନ ମୁକାବିଲା ଲାଗି ଘରୋଇ କାର୍ବନ ମାର୍କେଟର ବିକାଶ ସଂଶୋଧିତ ବିଲ୍‌ର ଉଦ୍ଦେଶ୍ୟ। ଜଳବାୟୁ ପରିବର୍ତ୍ତନ ମୁକାବିଲାରେ ଭାରତର ଅନ୍ତର୍ଜାତୀୟ ପ୍ରତିଶ୍ରୁତି ହାସଲ କରିବାରେ ଏହା ସହାୟକ ହେବ।

# ସର୍ବସମ୍ମୁଖରେ ଫାଶୀ ଦେଲା ଇରାନ

## ସରକାରୀ ବିରୋଧୀ ଆନ୍ଦୋଳନରେ ଦ୍ୱିତୀୟ ଫାଶୀଦଣ୍ଡ



ମାଜିଦ୍ରେଜା ରହନାଭାର୍ଡ





**ଦୁବାଇ,୧୨।୧୨**

ଇରାନର ଧର୍ମତନ୍ତ୍ରକୁ ବିରୋଧ କରି ଦେଶବ୍ୟାପୀ ଆନ୍ଦୋଳନ ବେଳେ ଅପରାଧ ଭିଆଇବା ଅଭିଯୋଗରେ ଦ୍ୱିତୀୟ ବନ୍ଦୀଙ୍କୁ ସୋମବାର ସର୍ବସମ୍ମୁଖରେ ଫାଶୀ ଦିଆଯାଇଛି। ଏକ ନିର୍ମାଣ କ୍ରେନ୍‌ରୁ ତାଙ୍କୁ ଝୁଲାଇ ଦିଆଯାଇ ଅନ୍ୟମାନଙ୍କୁ ଚେତାବନୀ ଦିଆଯାଇଛି।

ସୂଚନାଯୋଗ୍ୟ, ସରକାର ବିରୋଧୀ ବିକ୍ଷୋଭ ଲାଗି ଗତ ଗୁରୁବାର ମୋହସେନ୍ ଶେକରିଙ୍କୁ ଫାଶୀ ଦିଆଯାଇଥିଲା। ଏହା ଥିଲା ବିକ୍ଷୋଭରେ ସାମିଲ ବ୍ୟକ୍ତିଙ୍କୁ ପ୍ରଥମ ଫାଶୀ। ତେହରାନରେ ଏକ ରାସ୍ତା ଅବରୋଧ କରିବା ସହ ଜଣେ ସୁରକ୍ଷା କର୍ମୀଙ୍କୁ ଆହତ କରିବା ଅଭିଯୋଗରେ ମୋହସେନ ଶେକରିଙ୍କୁ ରିଭଲ୍ୟୁଶନାରୀ କୋର୍ଟ ଦୋଷୀସାବ୍ୟସ୍ତ କରିଥିଲା। ସେ ଈଶ୍ୱରଙ୍କ ବିରୋଧରେ ଶତ୍ରୁତା କରିଥିବା କୋର୍ଟ ଦର୍ଶାଇଥିଲେ।

ଆନ୍ଦୋଳନକାରୀଙ୍କ ଉପରେ ଇରାନ ସୁରକ୍ଷା କର୍ମୀଙ୍କ ଦମନ ଲୀଳା ଓ ହତ୍ୟା ପ୍ରତିବାଦରେ ଉତ୍କ୍ଷିପ୍ତ ହୋଇ ମାଜିଦ୍ରେଜା ରହନାଭାର୍ଡ ଦୁଇଜଣ ଅର୍ଦ୍ଧସାମରିକ ସୈନ୍ୟଙ୍କୁ ଛୁରିରେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାର ମାସେରୁ କମ୍ ସମୟ ମଧ୍ୟରେ ମାଜିଦ୍ରେଜାଙ୍କୁ ଫାଶୀ ଦିଆଯାଇଛି। ମାଜିଦ୍ରେଜାଙ୍କୁ କ୍ରେନ୍‌ରୁ ଝୁଲାଇଦିଆଯାଇଥିବାର ଏକାଧିକ ଫଟୋ ସେଠାର ମିଜାନ୍ ନ୍ୟୁଜ୍ ଏଜେନ୍ସି ପ୍ରକାଶ କରିଛି। ଅଭିଯୁକ୍ତଙ୍କୁ ହାତଗୋଡ଼ ବାନ୍ଧିଦିଆଯାଇଥିବାବେଳେ ତାଙ୍କ ମୁଣ୍ଡକୁ ଏକ କଳା ବ୍ୟାଗ୍‌ରେ ଘୋଡ଼ାଇ ଦିଆଯାଇଥିବା ଦେଖାଯାଇଛି। ମିଜାନ୍ ରିପୋର୍ଟ ଅନୁଯାୟୀ ମାଜିଦ୍ରେଜା ଗତମାସ ୧୭ରେ ମାଶାଦଠାରେ ଦୁଇଜଣ ସୁରକ୍ଷା ଯବାନଙ୍କୁ ଛୁରିଭୁସି ହତ୍ୟା କରିବା ସହ ଅନ୍ୟ ୪ ଜଣଙ୍କୁ ଆହତ କରିଥିଲେ। ଗିରଫ ହେବା ବେଳେ ସେ ଦେଶ ବାହାରକୁ ଚାଲିଯିବାକୁ ଉଦ୍ୟମ କରିଥିଲେ ବୋଲି ଅଭିଯୋଗ ହୋଇଥିଲା।

ସୂଚନାଯୋଗ୍ୟ, ଇରାନ ମୋରାଲିଟି ପୋଲିସ ଦ୍ୱାରା ଗିରଫ ହୋଇଥିବା ୨୨ ବର୍ଷୀୟା ମହିଳା ମହସା ଅମିନିଙ୍କର ହାଜତରେ ମୃତ୍ୟୁ ଘଟିବା ପରେ ଦେଶବ୍ୟାପୀ ଆନ୍ଦୋଳନ ଆରମ୍ଭ ହୋଇଥିଲା। ସେପ୍ଟେମ୍ବର ମଧ୍ୟଭାଗରୁ ସରକାର ବିରୋଧୀ ଆନ୍ଦୋଳନ ଆରମ୍ଭ ହୋଇଥିବାବେଳେ ଇତିମଧ୍ୟରେ ୪୮୮ ଜଣ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଲାଣି। ୧୮ ହଜାରରୁ ଊର୍ଦ୍ଧ୍ୱ ଆନ୍ଦୋଳନକାରୀଙ୍କୁ ଅଟକ ରଖାଯାଇଛି। ରୁଦ୍ଧଦ୍ୱାର ଶୁଣାଣି କରାଯାଇ ଅନ୍ୟୂନ ୧୨ ଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିବା ମାନବାଧିକାର କର୍ମୀମାନେ ସତର୍କ କରାଇଛନ୍ତି।

ସର୍ବସମ୍ମୁଖରେ କ୍ରେନ୍‌ରେ ଝୁଲାଇ ଫାଶୀ ଦିଆଯିବା ନିକଟ ଅତୀତରେ ବିରଳ ଘଟଣା। ୨୦୦୯ ରାଷ୍ଟ୍ରପତି ନିର୍ବାଚନବେଳେ ହିଂସାକାଣ୍ଡରେ ସମ୍ପୃକ୍ତଙ୍କୁ ଏଭଳି ମୃତ୍ୟୁଦଣ୍ଡ ଦିଆଯାଇଥିଲା। ଏହା ପରେ ଗ୍ରିନ୍ ମୁଭ୍‌ମେଣ୍ଟ ବିକ୍ଷୋଭକାରୀଙ୍କୁ ମଧ୍ୟ ଅନୁରୂପ ଦଣ୍ଡ ଦିଆଯାଇଥିଲା। କ୍ରେନ୍‌ରେ ଝୁଲାଇ ମୃତ୍ୟୁଦଣ୍ଡ ଦେବାକୁ ମାନବାଧିକାର କର୍ମୀମାନେ ନିନ୍ଦା କରିଛନ୍ତି। ୟୁରୋପୀୟ ସଂଘର ବହିର୍ବ୍ୟାପାର ମନ୍ତ୍ରୀମାନେ ଫାଶୀଦଣ୍ଡକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିକ୍ଷୋଭକାରୀମାନଙ୍କ ଉପରେ ଦମନ ଲୀଳା ଚଳାଇଥିବା ଇରାନ ସରକାରଙ୍କ ବିରୋଧରେ ୟୁରୋପୀୟ ସଂଘ କଟକଣା ଲଗାଇବାକୁ ଯାଉଛି। ୟୁକ୍ରେନ୍ ଆକ୍ରମଣ ଲାଗି ଏହି ଦେଶ ରୁଷିଆକୁ ଡ୍ରୋନ୍ ଯୋଗାଇଦେଉଛି। ଇରାନୀୟମାନଙ୍କୁ ଆତଙ୍କିତ କରି ରଖିବା ଲାଗି ସରକାରଙ୍କ ଏହା ଖୋଲାଖୋଲି ଉଦ୍ୟମ ବୋଲି ଜର୍ମାନ ବହିର୍ବ୍ୟାପାର ମନ୍ତ୍ରୀ ଆନ୍ନାଲେନା ବାଏରବକ୍ କହିଛନ୍ତି।

### ମୋଦିଙ୍କୁ ହତ୍ୟା କରିବାକୁ ଆହ୍ୱାନ ଦେଇ ବିବାଦରେ କଂଗ୍ରେସ ନେତା



ରାଜା ପାଟେରିଆ

**ଭୋପାଳ,୧୨।୧୨**

ସମ୍ବିଧାନକୁ ବଞ୍ଚାଇବାକୁ ଚାହୁଁଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ହତ୍ୟା କର ବୋଲି ଏକ ସଭାରେ ଆହ୍ୱାନ ଦେଇ ମଧ୍ୟପ୍ରଦେଶର ବରିଷ୍ଠ କଂଗ୍ରେସ ନେତା ରାଜା ପାଟେରିଆ ବିବାଦ ମଧ୍ୟକୁ ଆସିଛନ୍ତି। ହତ୍ୟା ଅର୍ଥ ମୋଦିଙ୍କୁ ପରାଜିତ କରିବାକୁ ଆହ୍ୱାନ ଦେଇଥିବା ସେ ସଫେଇ ଦେଇଥିଲେ ମଧ୍ୟ ବିବାଦ ଥମିନାହିଁ। ପାଟେରିଆଙ୍କୁ ଗିରଫ କରାଯାଉ ବୋଲି ଭାଜପା ନେତାମାନେ ଦାବି କରିଛନ୍ତି। ପୂର୍ବତନ ମନ୍ତ୍ରୀ ପାଟେରିଆଙ୍କ ବିରୋଧରେ ପୋଲିସ ମାମଲା ଦାଏର ପାଇଁ ମଧ୍ୟପ୍ରଦେଶ ସରକାର ନିର୍ଦ୍ଦେଶ ଦେବା ପରେ ତାଙ୍କ ବିରୋଧରେ ଏତଲା ଦାଏର ହୋଇଛି। ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା ଧମକ ଦେବା ଅକ୍ଷମଣୀୟ ଅପରାଧ ବୋଲି ଜଣେ କେନ୍ଦ୍ରମନ୍ତ୍ରୀ କହିଛନ୍ତି। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରାର ଅସଲ ଉଦ୍ଦେଶ୍ୟ ପଦାକୁ ଆସିଲା ବୋଲି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି।

### ଶପଥ ନେଲେ ଭୂପେନ୍ଦ୍ର ପଟେଲ

**ନୂଆଦିଲ୍ଲୀ,୧୨।୧୨**



ଗୁଜରାଟର ଅଷ୍ଟାଦଶ ମୁଖ୍ୟମନ୍ତ୍ରୀ ଭାବେ ଭୂପେନ୍ଦ୍ର ପଟେଲ ସୋମବାର ଶପଥ ଗ୍ରହଣ କରିଛନ୍ତି। ଏହି ଶପଥଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଭୂପେନ୍ଦ୍ର କ୍ରମାଗତ ଦ୍ୱିତୀୟ ଥର ପାଇଁ ଗୁଜରାଟ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ୨୦୨୧ ସେପ୍ଟେମ୍ବରରେ ଭାଜପା ନେତୃତ୍ୱ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାନିଙ୍କୁ ବଦଳାଇ ଭୂପେନ୍ଦ୍ରଙ୍କୁ ମୁଖ୍ୟମନ୍ତ୍ରୀ କରିଥିଲେ।

ସୋମବାର ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ଅନ୍ୟ ୧୬ ଜଣ ମନ୍ତ୍ରୀ ଭାବେ ଶପଥଗ୍ରହଣ କରିଛନ୍ତି। ୧୭ ଜଣିଆ ମନ୍ତ୍ରିମଣ୍ଡଳରେ ମାତ୍ର ଜଣେ ମହିଳା ସ୍ଥାନ ପାଇଛନ୍ତି। କାନୁ ଦେଶାଇ, ଋଷିକେଶ ପଟେଲ, ରଘବଜୀ ପଟେଲ, ବଳବନ୍ତ ସିଂ ରାଜପୁତ୍, କୁନ୍‌ଭାର୍ଜି ବାଭାଲିୟା, ମୁଳୁ ବେରା, କୁବେର ଦିଣ୍ଡୋର ଏବଂ ଭାନୁବେନ୍ ବାବରିୟାଙ୍କୁ କ୍ୟାବିନେଟ ପାହ୍ୟା ମିଳିଛି। ହର୍ଷ ସାଙ୍ଘଭି ଏବଂ ଜଗଦୀଶ ବିଶ୍ୱକର୍ମାଙ୍କୁ ରାଷ୍ଟ୍ରମନ୍ତ୍ରୀ ସ୍ୱାଧୀନ ଦାୟିତ୍ୱ ଦିଆଯାଇଥିବାବେଳେ ପର୍ଷୋତ୍ତମ ସୋଲାଙ୍କି, ବଚୁ ଖବଡ, ମୁକେଶ ପଟେଲ, ପ୍ରଫୁଲ ପାନ୍‌ଶେରିୟା, କୁଭେର୍ଜି ହାଲପତି ଏବଂ ଭିଖୁସିଂ ପାର୍‌ମାରଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ମିଳିଛି। ନିକଟରେ ଶେଷ ହୋଇଥିବା ଗୁଜରାଟ ବିଧାନସଭା ନିର୍ବାଚନରେ ଭାଜପା ୧୫୬ ଆସନରେ ବିଜୟୀ ହୋଇ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା। ଶନିବାର ଭୂପେନ୍ଦ୍ରଙ୍କୁ ଭାଜପା ବିଧାୟକ ଦଳ ନେତା ନିର୍ବାଚିତ କରାଯାଇଥିଲା।

### ବର୍ଷ ଶେଷ ଖବରଦାତା ସମ୍ମିଳନୀ କରିବେନି ପୁଟିନ୍

**ମସ୍କୋ, ୧୨।୧୨**

ଚଳିତବର୍ଷ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ବର୍ଷ ଶେଷ ଖବରଦାତା ସମ୍ମିଳନୀ କରିବେ ନାହିଁ ବୋଲି କ୍ରେମଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ ସୂଚନା ଦେଇଛନ୍ତି। ବିଦେଶ ଗସ୍ତ ସମୟରେ ଚଳିତବର୍ଷ ପୁଟିନ୍ ଏକାଧିକ ଖବରଦାତା ସମ୍ମିଳନୀରେ ଯୋଗ ଦେଇଛନ୍ତି। ପ୍ରତିବର୍ଷ ଡିସେମ୍ବରରେ ପୁଟିନ୍‌ଙ୍କ ପକ୍ଷରୁ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥାଏ। ଗତବର୍ଷ ପୁଟିନ୍ ୪ ଘଣ୍ଟା ଧରି ଏହି ସମ୍ମିଳନୀରେ ଯୋଗ ଦେଇ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ।



ନାସା ପଠାଇଥିବା ଓରିଅନ୍ ସ୍ପେସ୍ କ୍ୟାପ୍‌ସୁଲ ୨୫ ଦିନ ଚନ୍ଦ୍ର ଚତୁଃପାର୍ଶ୍ୱରେ ଯାତ୍ରା କରିବା ପରେ ରବିବାର ମେକ୍ସିକୋ ଉପକୂଳ ପ୍ରଶାନ୍ତ ମହାସାଗରରେ ଖସିଥିଲା। ଏହାକୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ଲାଗି ଆମେରିକା ନୌସେନାର ବୁଡ଼ାଳିମାନେ କ୍ୟାପ୍‌ସୁଲ୍‌ରେ କେବୁଲ ସଂଯୋଗ କରୁଛନ୍ତି।

### ସିସୋଡିଆଙ୍କ ଆବେଦନ ଖାରଜ

**ନୂଆଦିଲ୍ଲୀ,୧୨।୧୨**

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ବିରୋଧରେ ଦାଏର କରିଥିବା ମାନହାନି ମାମଲା ଖାରଜ କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଏହାକୁ ଖାରଜ କରିବା ଲାଗି ସିସୋଡିଆଙ୍କ ଆବେଦନ ଖାରଜ ପରେ ସେ ପିଟିଶନ ଫେରାଇ ନେଇଛନ୍ତି। ଆବେଦନକାରୀ ଯଥେଷ୍ଟ ପୂର୍ବରୁ ନିଃସର୍ତ୍ତ କ୍ଷମା ମାଗିବା ଆବଶ୍ୟକ ଥିଲା ବୋଲି ଜଷ୍ଟିସ୍ ଏସ୍.କେ. କୌଲ ଏବଂ ଏ.ଏସ୍. ଓକାଙ୍କ ଖଣ୍ଡପୀଠ ସୋମବାର କହିଛନ୍ତି। ସୂଚନାଯୋଗ୍ୟ, କୋଭିଡ୍ ମହାମାରୀ ପ୍ରଥମ ଲହର ବେଳେ ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ପିପିଇ କିଟ୍ ଯୋଗାଣ ଦୁର୍ନୀତିରେ ଆସାମ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ଥିବା ସିସୋଡିଆ ଅଭିଯୋଗ କରିଥିଲେ। ଏନେଇ ବିଶ୍ୱ ଶର୍ମା ସିସୋଡିଆଙ୍କ ବିରୋଧରେ ମାନହାନି ମାମଲା ଦାଏର କରିଥିଲେ।

### ୩ ବର୍ଷ ପରେ ଚେନ୍ନାଇରୁ ଜାଫ୍‌ନା ଉଡ଼ିଲା ବିମାନ

**ଚେନ୍ନାଇ,୧୨।୧୨**

୩ ବର୍ଷ ପରେ ସୋମବାର ଚେନ୍ନାଇରୁ ଶ୍ରୀଲଙ୍କାର ଜାଫ୍‌ନାକୁ ବିମାନ ଉଡ଼ାଣ ଆରମ୍ଭ ହୋଇଛି। କୋଭିଡ୍ କାରଣରୁ ଚେନ୍ନାଇରୁ ଜାଫ୍‌ନା ବିମାନ ଚଳାଚଳ ବନ୍ଦ କରାଯାଇଥିଲା। ସୋମବାର ସକାଳ ପ୍ରାୟ ୧୧ଟା ୨୫ ମିନିଟରେ ଏଲିଆନ୍ସ ଏୟାର ସର୍ଭିସ ଜାଫ୍‌ନା ବିମାନ ବନ୍ଦରରେ ଅବତରଣ କରିଥିଲା। ତେବେ ୧୪ ଜଣ ବଛା ବଛା ବିମାନଯାତ୍ରୀଙ୍କୁ ନେଇ ବିମାନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏକ ୱେଲ୍‌କମ୍ ସେରିମୋନିର ଆୟୋଜନ କରାଯାଇଥିଲା।

### କାବୁଲରେ ହୋଟେଲ ଉପରେ ଆକ୍ରମଣ

**କାବୁଲ,୧୨।୧୨**

**୩ ଆକ୍ରମଣକାରୀ ନିହତ**

ଆଫଗାନିସ୍ତାନ ରାଜଧାନୀ କାବୁଲସ୍ଥିତ ଏକ ହୋଟେଲ ଉପରେ ସୋମବାର ଆକ୍ରମଣ ହୋଇଛି। ଏଥିରେ ଦୁଇଜଣ ବିଦେଶୀ ଆହତ ହୋଇଥିବାବେଳେ ସୁରକ୍ଷା ବଳ କାର୍ଯ୍ୟାନୁଷ୍ଠାନରେ ୩ ଆକ୍ରମଣକାରୀ ନିହତ ହୋଇଛନ୍ତି। ହୋଟେଲ ନିକଟରେ ପ୍ରଚଣ୍ଡ ବିସ୍ଫୋରଣ ହେବା ସହ ଗୁଳିମାଡ଼ ଶବ୍ଦ ଶୁଣାଯାଇଥିଲା। ଉକ୍ତ ହୋଟେଲରେ ବିଦେଶୀମାନେ ରହିଥାନ୍ତି। ଆକ୍ରମଣରେ ଆହତ ହୋଇଥିବା ୨୧ ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଦୀର୍ଘ ସମୟ ପର୍ଯ୍ୟନ୍ତ ଆକ୍ରମଣ ଜାରି ରହିଥିଲା ବୋଲି କାବୁଲ ପୋଲିସ ମୁଖ୍ୟଙ୍କ ମୁଖପାତ୍ର ଖଲିଦ ଜଦ୍ରାନ କହିଛନ୍ତି।

ଗତବର୍ଷ ଅଗଷ୍ଟରୁ ତାଲିବାନ ଆଫଗାନିସ୍ତାନରେ କ୍ଷମତା ଦଖଲ କରିବା ପରେ ଜାତୀୟ ସୁରକ୍ଷା ସ୍ଥିତିରେ ଉନ୍ନତି ଘଟିଥିବା ଦାବି କରିଆସୁଛି। ଅନ୍ୟପକ୍ଷରେ ଇସ୍‌ଲାମିକ୍ ଷ୍ଟେଟ୍ ଗ୍ରୁପ୍‌ର ସ୍ଥାନୀୟ ଆତଙ୍କବାଦୀ ଅନେକ ସମୟରେ ବିସ୍ଫୋରଣ ଓ ଆକ୍ରମଣ ଘଟାଉଥିବା ଦେଖାଯାଇଛି। କାବୁଲର ମୁଖ୍ୟ ବ୍ୟବସାୟିକ ଅଞ୍ଚଳ ଶହର-ଏ-ନାରେ ବିସ୍ଫୋରଣ ଘଟିଥିବାରୁ ଆତଙ୍କବାଦୀମାନେ ବିଦେଶୀ ବ୍ୟବସାୟୀଙ୍କୁ ଟାର୍ଗେଟ କରିଥିବା ଅନୁମାନ କରାଯାଉଛି। ହୋଟେଲ ଭିତରେ କେତେଜଣ ଆକ୍ରମଣକାରୀ ପ୍ରବେଶ କରିଥିଲେ ତାହା ଜଣାପଡ଼ି ନାହିଁ। ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ତାଲିବାନ ପକ୍ଷରୁ କୁହାଯାଇଛି। ଆକ୍ରମଣ ଲାଗି କୌଣସି ସଂଗଠନ ଏପର୍ଯ୍ୟନ୍ତ ନିଜକୁ ଦାୟୀ କରିନାହାନ୍ତି।

### ଜ୍ୟାକ୍‌ଲିନ୍‌ଙ୍କ ନାଁରେ ମାନହାନି ମାମଲା

**ନୂଆଦିଲ୍ଲୀ,୧୨।୧୨**



ନୋରା ଫତେହି | ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ୍

ବଲିଉଡ୍ ଅଭିନେତ୍ରୀ ନୋରା ଫତେହି ଶ୍ରୀଲଙ୍କା ବ୍ୟୁଟି ତଥା ହିନ୍ଦୀ ଚଳଚ୍ଚିତ୍ର ଜଗତର ନାମକରା ନାୟିକା ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ୍‌ଙ୍କ ବିରୋଧରେ ସୋମବାର ଦିଲ୍ଲୀ ପଟିଆଲା ହାଉସ୍ କୋର୍ଟରେ ମାନହାନି ମାମଲା କରିଛନ୍ତି। ନୋରାଙ୍କ ଅଭିଯୋଗ ଅନୁସାରେ, ୨୦୦ କୋଟି ଟଙ୍କା ଠକେଇ ମାମଲାରେ ଜ୍ୟାକଲିନ୍ ଟ୍ରିବ୍ୟୁନାଲ ନିକଟରେ ନୋରାଙ୍କ ନାଁରେ ମିଛ ତଥ୍ୟ ରଖିଛନ୍ତି। ମହାଠକ ସୁକେଶ ଚନ୍ଦ୍ରଶେଖରଙ୍କ ଠାରୁ ବଲିଉଡ୍ ଅଭିନେତ୍ରୀ ନୋରା ଫତେହିଙ୍କ ପରି ଅନେକ ଅଭିନେତ୍ରୀ ବହୁ ଉପହାର ନେଇଥିବା ଜ୍ୟାକ୍‌ଲିନ୍ ଲିଖିତ ଭାବେ କହିଥିବା ନୋରା ନିଜ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଜ୍ୟାକଲିନଙ୍କ ପକ୍ଷରୁ ଏ ପ୍ରକାର ମିଥ୍ୟା ତଥ୍ୟ ରଖାଯିବା ଦ୍ୱାରା ନୋରାଙ୍କ କ୍ୟାରିୟର ନଷ୍ଟ ହେବାର ଆଶଙ୍କା ଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟପକ୍ଷେ ନୋରାଙ୍କ ନାଁରେ ମିଥ୍ୟା ଖବର ପ୍ରସାରଣ ନେଇ ଅନେକ ଗଣମାଧ୍ୟମ ବିରୋଧରେ ମଧ୍ୟ ସେ ଅଭିଯୋଗ ଆଣିଛନ୍ତି। ୨୦୦ କୋଟି ଟଙ୍କା ଠକେଇ ମାମଲାର ଯାଞ୍ଚ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ କରାଯାଉଛି। ଏ ମାମଲାର ମୁଖ୍ୟ ଅଭିଯୁକ୍ତ ମହାଠକ ସୁକେଶ ଚନ୍ଦ୍ରଶେଖର ତିହାର ଜେଲରେ ଥିବାବେଳେ ଏଥିରେ ଜ୍ୟାକ୍‌ଲିନ୍ ଓ ନାରାଙ୍କ ସମ୍ପୃକ୍ତିକୁ ନେଇ ଇଡି ଯାଞ୍ଚ ଚଳାଇଛି। ଦୁଇ ଅଭିନେତ୍ରୀ ଏକାଧିକ ଥର ଇଡି କାର୍ଯ୍ୟାଳୟରେ ହାଜର ହୋଇସାରିଛନ୍ତି।

### ସାବାସ୍ ଶାଳିନି

**ଭୋପାଳ,୧୨।୧୧**

- ଛାତ୍ରୀ ବେଶରେ କଲେଜରେ ୩ ମାସ ରହି ରାଗିଂ ଉପରୁ ପର୍ଦ୍ଦା ହଟାଇଲେ
- ୧୧ ଛାତ୍ର କଲେଜରୁ ନିଲମ୍ବିତ



ଶାଳିନି ଚୌହାନ

ମଧ୍ୟପ୍ରଦେଶର ମହିଳା କନଷ୍ଟେବଳ ଶାଳିନି ଚୌହାନ ଇନ୍ଦୋରର ଗାନ୍ଧୀ ମେମୋରିଆଲ୍ ମେଡିକାଲ କଲେଜରୁ ଏକ ରାଗିଂ ଗ୍ୟାଙ୍ଗ୍ ଉପରୁ ପର୍ଦ୍ଦା ହଟାଇଛନ୍ତି। ଏ ପ୍ରକାର ସ୍ୱତନ୍ତ୍ର ମିଶନରେ ଶାଳିନିଙ୍କ କାର୍ଯ୍ୟକରିବା ପ୍ରଣାଳୀକୁ ଲୋକେ ପସନ୍ଦ କରିବା ସହ ଅନେକେ ତାଙ୍କୁ ପ୍ରଶଂସା କରିବାରେ ଲାଗିଛନ୍ତି। କଲେଜ କ୍ୟାମ୍ପସରେ ଏକାଧିକ ରାଗିଂ ମାମଲା ସାମ୍ନାକୁ ଆସିବା ପରେ ଏ ସମ୍ପର୍କିତ ପ୍ରମାଣ ସଂଗ୍ରହ କରିବା ସକାଶେ ଶାଳିନିଙ୍କୁ ଅଣ୍ଡରକଭର୍ କପ୍ ଭାବେ କଲେଜକୁ ପଠାଯାଇଥିଲା। ୨୪ ବର୍ଷୀୟା ମହିଳା କନଷ୍ଟେବଳ ପାଖାପାଖି ୩ ମାସ ଧରି କଲେଜକୁ ବ୍ୟାଗ୍‌ରେ ବହି, ଖାତା ଧରି ଜଣେ ଛାତ୍ରୀ ଭାବେ ଯାଉଥିଲେ। ଅନ୍ୟ ଷ୍ଟୁଡେଣ୍ଟଙ୍କ ପରି କ୍ଲାସ ସହିତ କ୍ୟାଣ୍ଟିନରେ ଖଟି ମଧ୍ୟ କରୁଥିଲେ। ରାଗିଂ ସମ୍ପର୍କରେ ପ୍ରମାଣ ହାସଲ ପାଇଁ ଶାଳିନି ଅନ୍ୟ ଛାତ୍ରୀଛାତ୍ରଙ୍କ ସହ ପ୍ରଥମେ ଭଲଭାବେ ମିଶି ତାଙ୍କ ବିଶ୍ୱାସଭାଜନ ହେଉଥିଲେ। ୩ ମାସର ଅଣ୍ଡରକଭର ଅପରେଶନ୍‌ରେ ଶାଳିନିଙ୍କ ହାତକୁ ବହୁ ପ୍ରମାଣ ଆସିଥିଲା। କ୍ୟାମ୍ପସ୍‌ରେ ରାଗିଂ କରୁଥିବା ୧୧ ଛାତ୍ରୀଛାତ୍ରଙ୍କୁ ସେ ଚିହ୍ନଟ କରିଥିଲେ। ସେମାନଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ହସ୍ତଗତ ହେବାପରେ ସମ୍ପୃକ୍ତ ଷ୍ଟୁଡେଣ୍ଟଙ୍କୁ କଲେଜ ଓ ହଷ୍ଟେଲରୁ ନିଲମ୍ବନ କରାଯାଇଛି।

ତେବେ ଏହି ଅଣ୍ଡରକଭର ଅପରେଶନ୍ ସମ୍ପର୍କରେ ବରିଷ୍ଠ ଇନ୍‌ସ୍ପେକ୍ଟର ତେହଜିବ କାଜି କହିଛନ୍ତି, କଲେଜ କ୍ୟାମ୍ପସରେ ରାଗିଂ ନେଇ ଥାନାକୁ ଏକାଧିକ ଅଭିଯୋଗ ଆସିଥିଲା। କିନ୍ତୁ ଅଭିଯୋଗ କରୁଥିବା ଷ୍ଟୁଡେଣ୍ଟ ଡରରେ ନିର୍ଦ୍ଦିଷ୍ଟ ଭାବେ କୌଣସି ସିନିୟରଙ୍କ ନାଁ କହୁ ନ ଥିଲେ। ଅନ୍ୟପକ୍ଷେ ପୋଲିସକୁ ଦେଖି ରାଗିଂର ଶିକାର ହୋଇଥିବା ଛାତ୍ରୀଛାତ୍ର ଭୟଭିତ ହୋଇଯାଉଥିଲେ। ଏହି କାରଣ ପାଇଁ ପୋଲିସକୁ ଏ ମାମଲାରେ ସଫଳତା ମିଳିପାରୁ ନ ଥିଲା। ସେଥିପାଇଁ ରାଗିଂରେ ସମ୍ପୃକ୍ତ ଛାତ୍ରଙ୍କୁ ଧରିବା ଲାଗି ପୋଲିସ ପକ୍ଷରୁ ଏହି ଅଣ୍ଡରକଭର ଅପରେଶନ୍ ଆରମ୍ଭ କରାଯାଇଥିବା ତେହଜିବ ନିଜ ପ୍ରତିକ୍ରିୟାରେ କହିଛନ୍ତି।

**ଓକିଲଙ୍କ ଆନ୍ଦୋଳନ: କୋର୍ଟ ବନ୍ଦ**

ପାଟଣାଗଡ, (ଡି.ଏନ.ଏ.): କୋର୍ଟ ବର୍ଜନ କରୁଥିବା ଓକିଲଙ୍କ ଓକିଲାତି ଲାଇସେନ୍ସ ବାତିଲ କରିବାକୁ ବାର କାଉନସିଲକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶକୁ ପାଟଣାଗଡ ଓକିଲ ସଂଘ ବିରୋଧ କରିଛି। ସୋମବାର ପାଟଣାଗଡର କୋର୍ଟ, କଚେରି, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। କ୍ରିମିନାଲ କୋଟ ବାର ଆସୋସିଏଶନ ଏବଂ ବାର ଆସୋସିଏଶନ ନେତୃତ୍ୱରେ ଓକିଲମାନେ କୋଟ ବର୍ଜନ କରିବା ସହ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ବନ୍ଦ କରିଥିଲେ।



## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ନୂଆପଡ଼ା ଅଫିସ,୧୨।୧୨: ନୂଆପଡା ଜିଲା ଧରମବନ୍ଧା ଥାନା ପତୋରା ହନୁମାନ ମନ୍ଦିର ନଟିକଟରେ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ଅନ୍ୟ ଜଣେ ଗୁରତର ହୋଇଛନ୍ତି। ମୃତକ ହେଲେ ଛତିଶଗଡ ଗରିଆବନ୍ଧ ଜିଲା ଧବଲପୁର ଗାଁର ଯଶୋବନ୍ତ ଯାଦବ (୨୪)। ଗୁରୁତର ସରିଫ ଖାନ (୨୪)ଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ୨ଜଣ ସାଙ୍ଗ ଏକ ବାଇକ୍ ଯୋଗେ ନୂଆପଡାକୁ ଆସୁଥିଲେ। ପତୋରା ହନୁମାନ ମନ୍ଦିର ନିକଟରେ ଭାରସାମ୍ୟ ହରାଇ ପଡିଯାଇଥିଲେ। ୨ଜଣ ଗୁରୁତର ଅବସ୍ଥାରେ ଥିବା ଦେଖି ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଯଶୋବନ୍ତଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଜଣେ ସାଙ୍ଗ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଧରମବନ୍ଧା ପୋଲିସ ଶବ ଜବତ କରି ତଦନ୍ତ ଚଳାଇଛି। ମୃତକଙ୍କ ପରିବାର ଲୋକେ ଆସିଲେ ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ ବୋଲି ଆଇଆଇସି ଗେନ୍ଦରାମ ସତନାମୀ ସୂଚନା ଦେଇଛନ୍ତି।

### ରସାୟନ ବିଜ୍ଞାନ ବିଭାଗରେ ସ୍ୱାଗତ ଉତ୍ସବ

ଖଡ଼ିଆଳ,୧୨।୧୨(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟଠାରେ ପିଜି ରସାୟନ ବିଜ୍ଞାନ ବିଭାଗରେ ନୂତନ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧକ୍ଷ ଡ଼ା ତରୁଣ କୁମାର ପ୍ରଧାନ ଅଧକ୍ଷତା କରିଥିଲେ। ପ୍ରାରମ୍ଭିକ ସଙ୍ଗୀତ ପରେ ପୂର୍ବତ ଅଥିତି ଅଧାପକ ନିବେଦିତା ବାରିକ, ଦେବାଙ୍କିତା ମେହେର, ବିକାସ ନାଏକଙ୍କୁ ସମ୍ମାନିତ କରାଯାଇଥିଲା। ନୂତନ ଅଧାପକ ରାଜାରାମ ମିଶ୍ର, ଅଧାପିକା ମମତା ଭୋଇ ଓ ରୋହିତ ଭିଟ୍ରିଆଙ୍କୁ ସ୍ୱାଗତ କରାଯାଇଥିଲା। ପିଜି ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ପୁଷ୍ପାଗୁଛ ଓ ଉପହାର ଦିଆଯାଇଥିଲା। ଅଧାପିକା ରାଜ ଲକ୍ଷ୍ମୀ ରଥ, ଲିପସା ବାରିକ, ଦୁର୍ଜେ ତାଣ୍ଡି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୨ୟ ବର୍ଷ ଛାତ୍ରୀଛାତ୍ର କାର୍ଯ୍ୟରେ ସହଯୋଗ କରିଥିଲେ। ଅଧକ୍ଷ ଓ ଅଧାପିକାମାନେ ଛାତ୍ରୀଛାତ୍ରଙ୍କୁ କଠୋର ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ଅଧପିକା ରଥ ଧନ୍ୟବାଦ ଦେଇଥିଲେ।

### ଖଡ଼ିଆଳ ବ୍ଲକର ଛାତ୍ର ଆକାଶ ରଣା ପ୍ରଥମ

**ରାଜ୍ୟସ୍ତରୀୟ ଜାତୀୟ ବିଜ୍ଞାନ କଂଗ୍ରେସ ପ୍ରଦର୍ଶନୀ**



ନୂଆପଡ଼ା ଅଫିସ,୧୨।୧୨: ନୂଆପଡା ଜିଲା ଖଡିଆଳ ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଛାତ୍ର ଆକାଶ ରଣା ରାଜ୍ୟସ୍ତରୀୟ ପ୍ରକଳ୍ପ ପ୍ରଦର୍ଶନୀରେ ପ୍ରଥମ ସ୍ଥାନ ଅଧିକାରୀ କରିଛନ୍ତି। ୩୦ତମ ରାଜ୍ୟସ୍ତରୀୟ ପିଲାଙ୍କ ଜାତୀୟ ବିଜ୍ଞାନ କଂଗ୍ରେସ ପ୍ରଭୁଜୀ ଇଂଲିଶ ମାଧ୍ୟମ ବିଦ୍ୟାଳୟ ଭୁବନେଶ୍ୱରଠାରେ ଅନୁଷ୍ଠିତ ପ୍ରକଳ୍ପ ପ୍ରଦର୍ଶନୀରେ ଆକାଶ ଭାଗ ନେଇ ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ଅହମ୍ମଦାବାଦଠାରେ ହେବାକୁ ଥିବା ଜାତୀୟସ୍ତରୀୟ ପିଲାଙ୍କ ଜାତୀୟ ବିଜ୍ଞାନ କଂଗ୍ରେସ ପାଇଁ ମନୋନୀତ ହୋଇଛନ୍ତି। ବିଜ୍ଞାନ ଶିକ୍ଷକ ଅଶୋକ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଶିଶୁ ବୈଜ୍ଞାନିକ ଆକାଶଙ୍କ ସହପାଠୀ ବିଶ୍ୱଜିତ ପଲେଇଙ୍କ ସହଯୋଗରେ ମାଣ୍ଡିଆ ଚାଷ ହେବ ଉଦ୍‌ଜ୍ଜୀବିତ ଖାଇଲେ ରହିବ ଶରୀର ସୁସ୍ଥ ବିଷୟ ବସ୍ତୁ ଆଧାରିତ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ଶିଶୁ ବୈଜ୍ଞାନିକ ଆକାଶଙ୍କ ସଫଳତା ପାଇଁ ଜିଲା ଶିକ୍ଷା ଅଧିକାରୀ ଫୁଲମଣି ମୁର୍ମୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଜିଲା ବିଜ୍ଞାନ ନିରିକ୍ଷଣ ଗିରିଧାରି ସା, ଗୋଷ୍ଠି ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, ଚୈତନ୍ୟ ହୋତା, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନକୁଳ ଶବର, ଶିକ୍ଷୟିତ୍ରୀ, ଶିକ୍ଷକ, ବୃଦ୍ଧିଜୀବୀ ଶୁଭେଚ୍ଛା ଜଣାଇବା ସହ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।

# ଡେପୁଟେସନରେ ବଦଳି ଡାକ୍ତର ଫେରାଅ

**ଚୁଡାପାଲିରେ ରୋଗୀ କଲ୍ୟାଣ ସମିତି ବୈଠକ**

ବଲାଙ୍ଗୀର ଅଫିସ, ୧୨।୧୨

ବଲାଙ୍ଗୀର ସଦର ବ୍ଲକ ଚୁଡାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ବିଧାୟକ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରୋଗୀ ସେବା, ହସ୍ପିଟାଲର ଅଭାବ ଅସୁବିଧା, ଖାଲିଥିବା ଡାକ୍ତର ଓ ଷ୍ଟାଫ ପଦବୀ ପୂରଣ ଏବଂ ଚଳିତବର୍ଷର ବଜେଟ ଉପରେ ଆଲୋଚନା ହୋଇଥିଲା । ଆଲୋଚନା ସମୟରେ ଡାକ୍ତର ପଦବୀକୁ ନେଇ ବିଧାୟକ ପ୍ରଶ୍ନ କରିଥିଲେ। ଚୁଡାପାଲିରେ ୧୫ ଜଣ ଡାକ୍ତର ଅଛନ୍ତି ବୋଲି ଉତ୍ତର ଦିଆଯାଇଥିଲା। ମାତ୍ର ସେଠାରେ କେବଳ ୭ଜଣ ଡାକ୍ତର ଥିବା ଜଣାପଡିଥିଲା। ବିଧାୟକ ମିଶ୍ର ଏନେଇ ଉପସ୍ଥିତ ମେଡିକାଲ ଅଫିସରଙ୍କୁ ପ୍ରଶ୍ନ ପଚାରିବାରୁ ୨ଜଣ ଡାକ୍ତରଙ୍କୁ ଏଠାରୁ ସିଡିଏମ୍‌ଓଙ୍କ ନିର୍ଦ୍ଦେଶ କ୍ରମେ ଡେପୁଟେସନରେ ଅନ୍ୟତ୍ର ପଠାଯାଇଥିବା ମେଡିକାଲ ଅଫିସର



ବିଧାୟକ ନରସିଂହ ମିଶ୍ର ରୋଗୀ କଲ୍ୟାଣ ସମିତି ବୈଠକରେ ଅଲୋଚନା କରୁଛନ୍ତି।

ସୂଚନା ଦେଇଥିଲେ । ବିନା ସରକାରୀ ନିର୍ଦ୍ଦେଶନାମାରେ କୌଣସି ଡାକ୍ତରଙ୍କୁ ବାହାରକୁ ଡେପୁଟେସନ ପଠା ନ ଯିବା ବ୍ୟବସ୍ଥା ଥିଲେ ହେଁ ସିଡିଏମ୍‌ଓ କାହିଁକି ପଠାଉଛନ୍ତି ବୋଲି ଫୋନ ଯୋଗେ ବିଧାୟକ ପଚାରିଥିଲେ। ଚୁଡାପାଲି ଡାକ୍ତରଖାନାରୁ ଅନ୍ୟତ୍ର ପଠାଇଥିବା ଡାକ୍ତରଙ୍କୁ ଶୀଘ୍ର ଫେରାଇ ଆଣନ୍ତୁ ନହେଲେ ସିଡିଏମ୍‌ଓ ସରକାରୀ ନିର୍ଦ୍ଦେଶର ଅବମାନନା କରିଛନ୍ତି ବୋଲି ସେ ଚିଠି ଲେଖିବେ ବୋଲି ବିଧାୟକ ମିଶ୍ର କହିଥିଲେ। ଚୁଡାପାଲିରେ ଥିବା ଗୋଟିଏ ଆମ୍ବୁଲାନ୍ସକୁ ଲୋୟର ସୁକତେଲ କାମରେ ଡେପୁଟ କରାଯାଉଥିବାରୁ ତାହା ମଧ୍ୟ ବନ୍ଦ କରନ୍ତୁ ବୋଲି ସେ ସିଡିଏମ୍‌ଓଙ୍କୁ କହିଥିଲେ। ଯେତେଦିନ ରୋଗୀ କଲ୍ୟାଣ ସମିତି ପାଣ୍ଠିରେ ଡିଜେଲ ଭରା ଯାଇଛି ତାର ଅର୍ଥ ଫେରସ୍ତ କରନ୍ତୁ ବୋଲି ସେ କହିଥିଲେ । ବୈଠକରେ ସଭ୍ୟମାନେ ପେଥୋ ଟେଷ୍ଟ ପାଇଁ ଆବଶ୍ୟକ ଏକ ସେମି ଅଟୋ ଏନାଲାଇଜର ଆବଶ୍ୟକ ବୋଲି ଜଣାଇବା ପରେ ବିଧାୟକ ପାଣ୍ଠିରୁ ତାହା ପ୍ରଦାନ କରିବେ ବୋଲି ମିଶ୍ର ପ୍ରତିଶ୍ରୁତି ଦେଇଥିଲେ । ହସ୍ପିଟାଲ ପରିସରରେ ଯେତେ ଶୀଘ୍ର ଷ୍ଟ୍ରିଟ ଲାଇଟ ବ୍ୟବସ୍ଥା କରିବାକୁ ଉପସ୍ଥିତ ଯନ୍ତ୍ରୀଙ୍କୁ ବିଧାୟକ ମିଶ୍ର କହିଥିଲେ। ବୈଠକରେ ଏବିଡିଓ ରାମଦତ୍ତ ଭୋଇ, ଲୋକନାଥ କୁମୁରା, ଘାସିରାମ ବେହେରା, ଯଶୋବନ୍ତି ବଘାର, ଇଂ. ବୃଷବ ଚନ୍ଦ୍ର ହୋତା, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ନାନସିରାଣୀ ପୂର୍ତ୍ତି, ଡ. ତରୁଣ କୁମାର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ବିଭୁ



@ ଲକ୍ଷ୍ମଣ



@ ପୁରନ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଥଇଥାନ ପରେ ଉଚ୍ଛେଦ କର

- ବସ୍ତି ଉଚ୍ଛେଦ ପ୍ରତିବାଦରେ ଉପଜିଲାପାଳ ଅଫିସ ଘେରିଲେ
- ପ୍ରତିଶ୍ରୁତି ପରେ ଧାରଣାରୁ ହଟିଲେ ଆନ୍ଦୋଳନକାରୀ

ପାଟଣାଗଡ, ୧୨।୧୨(ଡି.ଏନ.ଏ.)

ପାଟଣାଗଡ ଏନଏସିର ବିଭିନ୍ନ ୱାର୍ଡରେ ବହୁ ଲୋକେ ବର୍ଷବର୍ଷ ଧରି ଜବରଦଖଲ କରି ରହି ଆସୁଛନ୍ତି। ଏବେ ପ୍ରଶାସନ ଜବରଦଖଲ ଉଚ୍ଛେଦ ପାଇଁ ବିଭିନ୍ନ ପଡାକୁ ନୋଟିସ ଦେଇ ଉଚ୍ଛେଦ କରୁଛି। ରାମପାଲିର କେତେକ ଜବରଦଖଲକାରୀଙ୍କୁ ଉଚ୍ଛେଦ ପାଇଁ କିଛି ଦିନ ତଳେ ନୋଟିସ୍ ଦିଆଯାଇଥିଲା। ଦୀର୍ଘବର୍ଷ ରହି ଆସୁଥିବା ସେହି ପରିବାରକୁ ଥଇଥାନ ନ କରି ୭ଦିନ ମଧ୍ୟରେ ଘର ନ ଛାଡିଲେ ଜେସିବି ବୁଲିବ ବୋଲି ଏନଏସି କର୍ତ୍ତୃପକ୍ଷ ଚେତାବନୀ





ଉପଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭରତ ବସ୍ତିବାସୀନ୍ଦା।

ଦେଇ ଜବରଦଖଲ ହଟାଇଥିଲେ। ଏହାକୁ ଦେଖି ଏବେ ସହରର ୫୬୧ ପରିବାର ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଏହାକୁ ବିରୋଧ କରି ବସ୍ତି ବାସିନ୍ଦା ସୁରକ୍ଷା ମଞ୍ଚ ଆବାହକ ଡିଙ୍ଗର କୁମ୍ଭାରଙ୍କ ନେତୃତ୍ୱରେ ଶତାଧିକ ଲୋକେ ସୋମବାର ହୀରାସାଗରେନ ମନ୍ଦିରରୁ ଏକ ରାଲିରେ ବାହାରି ମୁଖ୍ୟ ରାସ୍ତାରେ ଶୋଭାଯାତ୍ରା କରି ଉପଜିଲାପାଳ କାର୍ଯ୍ୟାଳୟ, ତହସିଲ ଅଫିସ ଓ ଏନଏସି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣାରେ ବସିଥିଲେ। ପରେ ସହକାରୀ ଜିଲାପାଳ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ସହ ଦାବିପତ୍ର ଗ୍ରହଣ କରିଥିଲେ। ଉକ୍ତ ବସ୍ତି ବାସିନ୍ଦାଙ୍କୁ ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନାକାରୀ ଧାରଣାରୁ ଓହରିଥିଲେ । ବିକ୍ଷୋଭରେ ମାନବ ଅଧିକାର କର୍ମୀ ଜନସନ ନାଗଙ୍କ ସମେତ ବିଭିନ୍ନ ବସ୍ତିର ବାସୀନ୍ଦା ସାମିଲ ଥିଲେ ।

### ତୈଳିକ ବୈଶ୍ୟ ସମାଜର ରକ୍ତଦାନ ଶିବିର

ବଲାଙ୍ଗୀର ଅଫିସ, ୧୨।୧୨

ବଲାଙ୍ଗୀର ନଗର ତୈଳିକ ବୈଶ୍ୟ ସମାଜ ଏବଂ ଯୁବ କମିଟି ମିଳିତ ଆନୁକୂଲ୍ୟରେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିସରସ୍ଥିତ ରକ୍ତ ଭଣ୍ଡାରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ସମାଜର ନଗର ସଭାପତି ରେବତୀକାନ୍ତ ସାହୁ ଏବଂ ସମ୍ପାଦକ ଧ୍ରୁବଚରଣ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ଯୁବ କମିଟି ସଭାପତି ଅନୁପ ସାହୁ, ସାଙ୍ଗଠନିକ ସମ୍ପାଦକ ଆଶୁତୋଷ ସାହୁ, ଆକାଶ ସାହୁ, ପୁଷ୍ପକ ସାହୁ, ଅଞ୍ଜନ ସାହୁ ପ୍ରମୁଖ ରକ୍ତଦାନ କରିଥିଲେ । ଏହି ଅବସରରେ ଜିଲା କମିଟି ସଭାପତି ଉମାକାନ୍ତ ସାହୁ, ସମ୍ପାଦକ ପ୍ରଦୀପ ସାହୁ, ସାଙ୍ଗଠନିକ ସମ୍ପାଦକ ବିକାଶ ରଞ୍ଜନ ସାହୁ, ବରିଷ୍ଠ ସଦସ୍ୟ କୃଷ୍ଣ ବିହାରୀ ସାହୁ, ପରମାନନ୍ଦ ସାହୁ, ମହିଳା କମିଟି ସଦସ୍ୟା ସୁଇଟି ସାହୁ, କଲ୍ୟାଣୀ ସାହୁ, ସବିତା ସାହୁ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ।

## ରୟାଲ ଷ୍ଟାର ଫୁଟବଲ: ଖଲିଆପାଲି ଚାମ୍ପିୟନ





ମୁଖ୍ୟଅତିଥିଙ୍କଠାରୁ ଚାମ୍ପିୟନ ଦଳ ପୁରସ୍କୃତ ହେଉଛନ୍ତି।

ଲୋଇସିଂହା,୧୨।୧୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ଅନ୍ତର୍ଗତ ମାଣ୍ଡିଆପଦର ଗ୍ରାମ ଖେଳପଡିଆରେ ଚାଲିଥିବା ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ମାଣ୍ଡିଆପଦରକୁ ୧–୦ଗୋଲରେ ହରାଇ ଖଲିଆପାଲି ଚାମ୍ପିୟନ ହୋଇଛି। ଗ୍ରାମର ରୟାଲ ଷ୍ଟାର ଆନୁକୂଲ୍ୟରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ଶାନ୍ତନୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସତ୍ୟନାରାୟଣ କୁମାର ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଜେଡି ଯୁବନେତା ନିହାର ରଞ୍ଜନ ବେହେରା ମୁଖ୍ୟ ଅତିଥି, ସ୍ଥାନୀୟ ସରପଞ୍ଚ ରମାକାନ୍ତ ବିଶ୍ୱାଳ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୬ ହଜାର ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ ଅତିଥି।

# ସ୍ମାରକୀ ଜାତୀୟ ନାଟକ ମହୋତ୍ସବ ଉଦ୍‌ଯାପିତ

**ଶେଷ ଦିନରେ ନାଟକ 'ଏକାକୀତ୍ୱେର ଦିନୋଲିପି' ପ୍ରଦର୍ଶିତ**

ଭବାନୀପାଟଣା,୧୨।୧୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ହଲଠାରେ ସ୍ମାରକୀ ନାଟ୍ୟ ସଂସ୍ଥା ପକ୍ଷରୁ ଚାଲିଥିବା ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ ସ୍ମାରକୀ ଜାତୀୟ ନାଟକ ମହୋତ୍ସବ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ, ପିଡି ଡିଆରଡିଏ ପାୱାର ସଚିନ ପ୍ରକାଶ, ବରିଷ୍ଠ ଖବରଦାତା ଉମାଶଙ୍କର କର, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ। ଉଦଯାପନୀରେ କୋଲକାତା ତିଲଜାଲା କଲ୍ପାନ ନାଟ୍ୟଗୋଷ୍ଠୀର କଳାକାରଙ୍କ ଦ୍ୱାରା ପରିବେଷିତ ନାଟକ





ଉଦ୍‌ଯାପନୀ ସନ୍ଧ୍ୟା ମଞ୍ଚରେ ଉପସ୍ଥିତ ଅତିଥି।

'ଏକାକୀତ୍ୱେର ଦିନୋଲିପି' ଦର୍ଶକଙ୍କୁ ବାନ୍ଧି ରଖିଥିଲା। ନାଟକ ନାଟ୍ୟକାର ଦେବେଶ ଠାକୁର ରଚନା କରିଥିବା ବେଳେ କଳ୍ପନା ବରୁଆ ନିର୍ଦ୍ଦେଶନା ଦେଇଥିଲେ। ଏଥିରେ ଅନୁପମ ପଲ, ଅରିନ୍ଦମ ଅଧିକାରୀ, ଅର୍ଣ୍ଣବ ଦାସ, କୌଶିକ ଚଟ୍ଟୋପାଧ୍ୟାୟ, ମାନସ ପ୍ରଧାନ, ରାଜଦୀପ ଗୋଶାଲ, ଶୌୟା ଚାଟାର୍ଜି, ସୁଭ୍ରୋ ରଏ, ବବେଟୀ ବକ୍ସି, ଚନ୍ଦ୍ରାଣି ନନ୍ଦି, ଯୁହିତା ସାଧୁଖାନ, କମଳିକା ରଏ, କଳ୍ପନା ବରୁଆ, ଲବୋନି ମୋଣ୍ଡଲ, ମନୀଷା ପାତ୍ର, ପପ୍ରି ଦାସ ରଏ, ସଂଗୀତା ରଏ, ଶ୍ରୀମୋୟି ବକ୍ସି ପ୍ରମୁଖ ଅଭିନୟ କରିଥିଲେ। ଉଦଯାପନୀ କାର୍ଯ୍ୟକ୍ରମ ସତ୍ୟନାରାୟଣ ମହାପାତ୍ର ପରିଚାଳନା କରିଥିଲେ। ଏଥିରେ ଅଭିନେତା ସୌରଭ ମହାପାତ୍ର, ଆଲୋକ କୁମାର ସାହୁ, ଆଶୁତୋଷ ପୁରୋହିତ, ଶୁଭମ ବେହେରା, ତଥାଗତ ମିଶ୍ର, ସୌମ୍ୟରଞ୍ଜନ ଜେନା, ସୁଶୀଲ ଆଚାର୍ଯ୍ୟ, ଲିପ୍ସା ମହାରଣା, ପ୍ରଜ୍ଞା ପରିମିତା ନାୟକ, ଲିପ୍ସାରାଣୀ ବାରିକ, ଭାର୍ଗବୀ ତ୍ରିପାଠୀ, ଆର୍ଯ୍ୟା ନାୟକ, ପ୍ରିୟଙ୍କା ପଟ୍ଟନାୟକ, ଦୀପକ ଶର୍ମା, ପୁଷ୍ପାଞ୍ଜଳି ଦୀପ ପ୍ରମୁଖ ସହଯୋଗ କରିଥିଲେ।

### ରିଷିଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

କର୍ଲାମୁଣ୍ଡା,୧୨।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପରିଚାଳନା ସମିତି ସଭାପତି ନୈମିଚାନ୍ଦ ଜୈନଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ମୁଖ୍ୟବକ୍ତା ଭାବେ କୌଶିକବାବା ଡିଗ୍ରୀ କଲେଜ ତେରେସିଂହା ଅଧ୍ୟକ୍ଷା ସୁଶ୍ରୀ ଲିପସା ମୟୀ ଦୁବେ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ସେବତୀ ରଣା, ସମିତିସଭ୍ୟ ନିମାଇଁ ଚରଣ ବେହେରା, ଯୁବଶିଳ୍ପ ପତି ଆଶିଷ କେଡିଆ ଯୋଗଦେଇଥିଲେ। ସମ୍ପାଦକ ଅନ୍ତର୍ଯ୍ୟାମୀ ସାହୁ ସ୍ୱାଗତ ଭାଷଣ ଏବଂ ଶିଶୁ ଭାଇ ଅନ୍ୱେଷ ରଞ୍ଜନ ସେଲମା ଓ ସୋମପ୍ରକାଶ ଗହୀର ସଂଯୋଜନା କରିଥିଲେ। ପ୍ରଧାନଚାର୍ଯ୍ୟ ମହେନ୍ଦ୍ର କୁମାର ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ପୁରସ୍କାର ବିତରଣୀ ସଭା ଆଚାର୍ଯ୍ୟ ବାସୁଦେବ ସେଲମା ସଂଯୋଜନା କରିଥିଲେ। ଉପସଭାପତି ପ୍ରେମାନନ୍ଦ ପାତ୍ର ସହଯୋଗ କରିଥିବା ବେଳେ ଯୁଗ୍ମ ସମ୍ପାଦକ ଗଙ୍ଗାଧର ରଣା ଧନ୍ୟବାଦ ଦେଇଥିଲେ।

## ଘାସିରାମ ମେମୋରିଆଲ ଫୁଟ୍‌ବଲ: ବଗାଡ଼ ବିଜୟୀ

କୋକସରା,୧୨।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ସଦର ମହକୁମା କସ୍ତୁରବା ଖେଳ ପଡ଼ିଆରେ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଘାସିରାମ ବାଗ ମେମୋରିଆଲ ନକଆଉଟ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀରେ ମୁଖ୍ୟଅତିଥି ଭାବେ କୋକସରା ଥାନାଧିକାରୀ ପ୍ରସନ୍ନ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଅଭିଷେକ ବେହେରା, ପୂର୍ବତନ ଫୁଟବଲ ଖେଳାଳି ବିନୋଦ ବିହାରୀ ରାଉତ, ନବୀନ ନାଏକ, ବବୁ ବାହାନ ନାଏକ, ମହେନ୍ଦ୍ର ନେଗି ଯୋଗଦେଇ ମ୍ୟାଚ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଟେମେରା ଓ ବଗାଡ଼ ଦଳ ମଧ୍ୟରେ ହୋଇଥିଲା। ବଗାଡ଼ ଦଳ ୩–୦ ଗୋଲରେ ଟେମରାକୁ ହରାଇ ବିଜୟୀ ହୋଇଛି। ମ୍ୟାଚ ଖେଳ ଶିକ୍ଷକ ଅମିତ ମହାନ୍ତିଙ୍କ ସହ ନିର୍ମଳ ଦଣ୍ଡସେନା, ଶଙ୍କର ପୋଢ଼ ଓ ତାପସ ଦାସ ପରିଚାଳନା କରିଥିଲେ। ମୋହନ ବାଗ ଧାରାବିବରଣୀ ପ୍ରଦାନ କରିଥିଲେ। ସ୍ପୋର୍ଟ୍ସ କ୍ଲବ ସଭାପତି ତ୍ରିମୋହନ ନାଏକ, ସମ୍ପାଦକ କ୍ଷୀରସିନ୍ଧୁ ନେଗି, ମହେଶ ଗୁପ୍ତା, ସୁରେନ୍ଦ୍ର ମାଝି, ଜିତାମିତ୍ର ପ୍ରଧାନୀ, ସିଦ୍ଧାର୍ଥ ଶଙ୍କର ପ୍ରଧାନୀ, ସଚିନ ଗୁପ୍ତା, କାମାକ୍ଷ ପ୍ରସାଦ ନାଏକ, ସୱାଧୀନ ଦଣ୍ଡସେନା, ଚିତ୍ତରଞ୍ଜନ ଠାକୁର, ସୁବ୍ରତ ପୂଝାରୀ, କିଷନ ନାଏକ, ସୁରଜ ନାଏକ, କ୍ଷୀରସିନ୍ଧୁ ପ୍ରଧାନୀ, ମାନସ ରଞ୍ଜନ ବେହେରା ଓ ଅନ୍ୟ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

## ରାମଜୀ ନାଟକ ସଂସଦର ରାମଲୀଳା ପ୍ରସ୍ତୁତି ବୈଠକ

ବଲାଙ୍ଗୀର ଅଫିସ, ୧୨।୧୨

ରାମଲୀଳା ନାଟକ ସଂସ୍ଥା ରାମଜୀ ନାଟକ ସଂସଦ ପକ୍ଷରୁ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପଞ୍ଚମ ପ୍ରାଙ୍ଗଣରେ ଆବାହକ ଚିଦାନନ୍ଦ ବେହେରା ଏବଂ ବାସୁଦେବ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବହୁ କଳାକାର ଓ ସଦସ୍ୟ ଯୋଗଦେଇଥିଲେ। ଗୁରୁ ବାଳମୁକୁନ୍ଦ ବେହେରାଙ୍କ ଉପସ୍ଥିତିରେ ଆସନ୍ତା ବର୍ଷ ହେବାକୁ ଥିବା ରାମଲୀଳା ବିଷୟରେ ସବିଶେଷ ଆଲୋଚନା ହୋଇଥିଲା । ଆସନ୍ତା ବର୍ଷ ରାମଲୀଳାକୁ କିପରି ଆହୁରି ଆକର୍ଷଣୀୟ କରାଯିବ ସେ ବିଷୟରେ ସଂସଦ ସଭ୍ୟମାନେ ମତପ୍ରକାଶ କରିଥିଲେ । ଜାନୁୟାରୀ ପହିଲାରୁ କଳାକାର ଚୟନ ଏବଂ ରିହରସାଲ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ଏଥିରେ ନାଟ୍ୟ ସଂସଦ କଳାକାର ଉପସ୍ଥିତ ଥିଲେ। ଆସନ୍ତା ୧୭ ତାରିଖ ପୁଣି ଦ୍ୱିତୀୟ ଆଲୋଚନା ବୈଠକ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଶେଷରେ ଡା. ରୁଦ୍ରନାରାୟଣ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।



ରାମଜୀ ନାଟକ ସଂସଦର ପ୍ରସ୍ତୁତି ବୈଠକରେ ଉପସ୍ଥିତ ସଦସ୍ୟ।

# ଭାରତୀୟ, ରାଜ୍ୟ ବାର୍ କାଉନସିଲ ନିର୍ଦ୍ଦେଶକୁ ବିରୋଧ

**ଭବାନୀପାଟଣାରେ ଓକିଲ ସଂଘର ସତ୍ୟାଗ୍ରହ**

ଭବାନୀପାଟଣା,୧୨।୧୨(ସ୍ୱ.ପ୍ର.)

ବିଭିନ୍ନ ସମୟରେ ଅଞ୍ଚଳର ସମସ୍ୟା, ବିକାଶ ହେଉ ଅବା ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ପାଇଁ ଓକିଲ ସଂଘ ବା ବାର୍ କାଉନସିଲ ସଦସ୍ୟମାନେ ଆଗକୁ ଆସି ସମର୍ଥନ ଦେବା ସହ ଆନ୍ଦୋଳନରେ ସାମିଲ ହୋଇଥାନ୍ତି। ହେଲେ ଏବେ ଆଉ ଆନ୍ଦୋଳନକୁ ଓହ୍ଲାଇ ପାରିବେ ନାହିଁ ବାର କାଉନସିଲର ସଦସ୍ୟ। ଏ ନେଇ ଭାରତୀୟ ବାର୍ କାଉନସିଲ ଓ ରାଜ୍ୟ ବାର୍ କାଉନସିଲ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ଏହାକୁ ବିରୋଧ କରି ସୋମବାର ଜିଲା ବ୍ୟାପି ଓକିଲ ସଂଘମାନେ ସତ୍ୟାଗ୍ରହକୁ ଓହ୍ଲାଇଛନ୍ତି। ବାରମ୍ବାର ଓକିଲ ସଂଘ ପକ୍ଷରୁ ଆନ୍ଦୋଳନ ହେବା ଯୋଗୁ ଲୋକେ ନ୍ୟାୟ ପାଇବା ପାଇଁ ସମସ୍ୟାର ସମ୍ମୁଖିନ ହେଉଛନ୍ତି।





ଜିଲା କୋର୍ଟ ସମ୍ମୁଖରେ ସତ୍ୟାଗ୍ରହରେ ଓକିଲ ସଂଘ।

ଏହାକୁ ନେଇ ସର୍ବୋଚ୍ଚ ଅଦାଲତରେ ଏକ ପିଟିସନ ଦାଖଲ ହୋଇଥିଲା। ଯାହାର ଶୁଣାଣି କରି ଭାରତୀୟ ବାର କାଉନସିଲର ଓ ରାଜ୍ୟ ବାର କାଉନସିଲ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶକୁ ଅବମାନନା କରି ଯଦି ଓକିଲ ସଂଘମାନେ ଆନ୍ଦୋଳନ କରିବେ ତେବେ ବାରକାଉନସିଲ ଅଫ ଇଣ୍ଡିଆରୁ ଆନ୍ଦୋଳକାରୀ ଓକିଲଙ୍କ ଲାଇସେନ୍ସ ରଦ୍ଦ କରିଦିଆଯିବ। ଆନ୍ଦୋଳନକାରୀ ଓକିଲଙ୍କ ରୋଜଗାରର ଉତ୍ସକୁ ବନ୍ଦ କରିଦିଆଯିବ। ଆନ୍ଦୋଳନ ଯୋଗୁ ଲୋକେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି କୋର୍ଟ କହିଥିଲେ। ଏହାକୁ ନେଇ ସୋମବାର କଳାହାଣ୍ଡି ଜିଲା ଓକିଲ ସଂଘ ପକ୍ଷରୁ ଜିଲାର ସମସ୍ତ କୋର୍ଟ ସମ୍ମୁଖରେ ସତ୍ୟାଗ୍ରହ କରାଯାଇଛି। ଭବାନୀପାଟଣାରେ ଜିଲା ଓକିଲ ସଂଘ ପକ୍ଷରୁ ସ୍ଥାନୀୟ ଜିଲା କୋର୍ଟ ସମ୍ମୁଖରେ ସତ୍ୟାଗ୍ରହ କରାଯାଇଛି। ଜିଲା ସଭାପତି ସୁବ୍ରତ କୁମାର ବହିଦାରଙ୍କ ନେତୃତ୍ୱରେ ସତ୍ୟାଗ୍ରହରେ ବରିଷ୍ଠ ଆଇନଜୀବୀ ଭବେନ୍ଦ୍ର ପଣ୍ଡା, ଦେବେନ୍ଦ୍ରେ ମହାନ୍ତି, ସନ୍ତୋଷ ପଣ୍ଡା, ଶ୍ରଣ ଅଗ୍ରୱାଲ, ଭବାନୀ ମିଶ୍ର, ରାଜା ଆଚାର୍ଯ୍ୟ, ବବଲୁ ଖାଁ, ପ୍ରଶାନ୍ତ ଭୋଇ, ଦିଲୀପ ସା, ପ୍ରକାଶ ହରପାଳ, ଜିମୁତବାନ ନାଏକ, କୁନାଲ ବେହେରା, ନିହାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଓକିଲଙ୍କ ଆନ୍ଦୋଳନ: କୋର୍ଟ ବନ୍ଦ**

ପାଟଣାଗଡ, (ଡି.ଏନ.ଏ.): କୋର୍ଟ ବର୍ଜନ କରୁଥିବା ଓକିଲଙ୍କ ଓକିଲାତି ଲାଇସେନ୍ସ ବାତିଲ କରିବାକୁ ବାର କାଉନସିଲକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶକୁ ପାଟଣାଗଡ ଓକିଲ ସଂଘ ବିରୋଧ କରିଛି। ସୋମବାର ପାଟଣାଗଡର କୋର୍ଟ, କଚେରି, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। କ୍ରିମିନାଲ କୋଟ ବାର ଆସୋସିଏଶନ ଏବଂ ବାର ଆସୋସିଏଶନ ନେତୃତ୍ୱରେ ଓକିଲମାନେ କୋଟ ବର୍ଜନ କରିବା ସହ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ବନ୍ଦ କରିଥିଲେ।

# ଓକିଲ ସଂଘର ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ

**ସୁନ୍ଦରଗଡ,୧୨।୧୨(ଡି.ଏନ.ଏ.)**

ଜାତୀୟ ଆଇନଜୀବୀ ପରିଷଦ ଓ ରାଜ୍ୟ ଆଇନଜୀବୀ ପରିଷଦଙ୍କ ମନମୁଖୀ କାର୍ଯ୍ୟକଳାପ ଓ ଷଡ଼ଯନ୍ତ୍ରର ପ୍ରତିବାଦ ସହ ସମ୍ବଲପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ସୋମବାର ସୁନ୍ଦରଗଡ ଜିଲା ଓକିଲ ସଂଘ ତରଫରୁ ଜିଲା ଓ ଦୌରାଜଜ୍‌ଙ୍କ ଅଦାଲତ ସମ୍ମୁଖରେ ସତ୍ୟାଗ୍ରହ ଆନ୍ଦୋଳନ କରାଯାଇଥିଲା। ପୂର୍ବାହ୍ନ ୧୦ଠାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିଥିଲା। ଉଚ୍ଚତମ ନ୍ୟାୟାଳୟ ଓଡିଶା ରେଜିଷ୍ଟ୍ରାର ଜେନେରାଲଙ୍କ ସୁପ୍ରିମକୋର୍ଟରେ ଓକିଲମାନଙ୍କ ବିରୋଧରେ ଦାଖଲ କରିଥିବା ମିଥ୍ୟା ସତ୍ୟପାଠ ପ୍ରତିବାଦରେ ଗତ ୪ ଡିସେମ୍ବରରେ ଭୁବନେଶ୍ୱର ବାର୍ ଆସୋସିଏଶନ ଠାରେ ରାଜ୍ୟର ସମସ୍ତ ଆଇନଜୀବୀ ସଂଘ ସଭାପତି ଓ ସମ୍ପାଦକଙ୍କୁ ନେଇ ଅନୁଷ୍ଠିତ ହେଇଥିବା ସମ୍ମିଳନୀରେ ଗୃହୀତ ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ସମେତ ସୁନ୍ଦରଗଡରେ ଜିଲା ଓକିଲ ସଂଘ ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ ଏହି ସତ୍ୟାଗ୍ରହ ଆନ୍ଦୋଳନ କରାଯାଇଥିଲା।


ଜିଲା ଓ ଦୌରାଜଜ୍‌ଙ୍କ ଅଦାଲତ ସମ୍ମୁଖରେ ଓକିଲଙ୍କ ସତ୍ୟାଗ୍ରହ ଆନ୍ଦୋଳନ।

ଜିଲ୍ଲା ଓକିଲ ସଂଘ ସଭାପତି କମଳ ଲୋଚନ ସେନଙ୍କ ନେତୃତ୍ୱରେ ପଶ୍ଚିମ ଓଡିଶା ଓକିଲ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଆବାହକ ଅଶୋକ କୁମାର ଦାଶ ,ବରିଷ୍ଠ ଆଇନଜୀବୀ ଯୁଗଳ କିଶୋର ଠାକୁର, ପ୍ରସନ୍ନ ବେହେରା, ପ୍ରଦୀପ ପଟେଲ, କିଶୋର ନାଏକ, ଧର୍ମେଶ ପଟେଲ,ବିନୟ ଟପ୍ପୋ, ଦୁବରାଜ ନାଏକ, ନରେଶ ନାଏକ, ଜିଲା ଉପସଭପତି ପୁରୁଷୋତ୍ତମ ପ୍ରଧାନ, ସମ୍ପାଦକ ସତ୍ୟଜିତ ନାଏକ, ଯୁଗ୍ମ ସମ୍ପାଦକ ସୁଶାନ୍ତ ସେଠି, ରବୀନ୍ଦ୍ର ମାଳୀ, ବାସୁଦେବ ପାଣ୍ଡେ, ନିରଜ ସାମନ୍ତରାୟ, ସୁରେନ୍ଦ୍ର ନାରାୟଣ ନାଏକ, ସୁକାନ୍ତ କୁମାର ମହାପାତ୍ର, ପ୍ରଦୀପ ମହାପାତ୍ର, ପ୍ରଦୀପ ମହାନ୍ତି, ପ୍ରତିମା ମିଶ୍ର, ପ୍ରଭାତୀ ଯୋଶୀଙ୍କ ସମେତ ସଂଘର ସମସ୍ତ ସଦସ୍ୟ ସାମିଲ ହୋଇଥିଲେ। ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ପୂର୍ବତନ ବିଧାୟକ ଯୋଗେଶ ସିଂହ, ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ଜିଲା କଂଗ୍ରେସ କମିଟି ସଭାପତି ବେଣୁମାଧବ ତ୍ରିପାଠୀଙ୍କ ସମେତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଓକିଲଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇ ଧାରଣାରେ ସାମିଲ ହୋଇଥିଲେ।

### ଆନ୍ଦୋଳନକୁ ଦମନ ନ କରି ସମାଧାନ ପାଇଁ ପଦକ୍ଷେପ ନିଆଯାଉ

ଓଡିଶାର ଓକିଲମାନେ ଗଣତାନ୍ତ୍ରିକ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ଆନ୍ଦୋଳନ କରିଛନ୍ତି। ପଶ୍ଚିମ ଓଡିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଏହି ଆନ୍ଦୋଳନକୁ ସମର୍ଥନ ଜଣାଇଛି। ଓକିଲମାନେ ସ୍ୱାଧୀନତା ଆନ୍ଦୋଳନରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ବର୍ତ୍ତମାନ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ କରୁଥିବା ଓକିଲମାନଙ୍କ ଲାଇସେନ୍ସ ରଦ୍ଦ କରିବା ନିଷ୍ପତ୍ତି ଅତ୍ୟନ୍ତ ନିନ୍ଦନୀୟ ବୋଲି ପଶ୍ଚିମ ଓଡିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ଆବାହକ ଅଶୋକ କୁମାର ଦାଶ ପ୍ରକାଶ କରିଛନ୍ତି। ତର୍ଜମାର ପରିଧି ମଧ୍ୟରେ ଆମେ ଆନ୍ଦୋଳନ କରୁଛୁ। ଅନ୍ୟପକ୍ଷରେ ଏହି ଆନ୍ଦୋଳନକୁ ଦମନ କରିବାର ଚେଷ୍ଟା ନ କରି ସମସ୍ୟାର ସମାଧାନ ଲାଗି ପଦକ୍ଷେପ ନିଆଯିବାକୁ ସେ ଦାବି କରିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ବିଭୁ


@ ଲକ୍ଷ୍ମଣ


@ ପୁରନ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ନୂଆପଡ଼ା ଅଫିସ,୧୨।୧୨: ନୂଆପଡା ଜିଲା ଧରମବନ୍ଧା ଥାନା ପତୋରା ହନୁମାନ ମନ୍ଦିର ନିକଟରେ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ଅନ୍ୟ ଜଣେ ଗୁରତର ହୋଇଛନ୍ତି। ମୃତକ ହେଲେ ଛତିଶଗଡ ଗରିଆବନ୍ଧ ଜିଲା ଧବଲପୁର ଗାଁର ଯଶୋବନ୍ତ ଯାଦବ (୨୪)। ଗୁରୁତର ସରିଫ ଖାନ (୨୪)ଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ୨ଜଣ ସାଙ୍ଗ ଏକ ବାଇକ୍ ଯୋଗେ ନୂଆପଡାକୁ ଆସୁଥିଲେ। ପତୋରା ହନୁମାନ ମନ୍ଦିର ନିକଟରେ ଭାରସାମ୍ୟ ହରାଇ ପଡିଯାଇଥିଲେ। ୨ଜଣ ଗୁରୁତର ଅବସ୍ଥାରେ ଥିବା ଦେଖି ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଯଶୋବନ୍ତଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଜଣେ ସାଙ୍ଗ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଧରମବନ୍ଧା ପୋଲିସ ଶବ ଜବତ କରି ତଦନ୍ତ ଚଳାଇଛି। ମୃତକଙ୍କ ପରିବାର ଲୋକେ ଆସିଲେ ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ ବୋଲି ଆଇଆଇସି ଗେନ୍ଦରାମ ସତନାମୀ ସୂଚନା ଦେଇଛନ୍ତି।

### ରସାୟନ ବିଜ୍ଞାନ ବିଭାଗରେ ସ୍ୱାଗତ ଉତ୍ସବ

ଖଡ଼ିଆଳ,୧୨।୧୨(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟଠାରେ ପିଜି ରସାୟନ ବିଜ୍ଞାନ ବିଭାଗରେ ନୂତନ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧକ୍ଷ ଡ଼ା ତରୁଣ କୁମାର ପ୍ରଧାନ ଅଧକ୍ଷତା କରିଥିଲେ। ପ୍ରାରମ୍ଭିକ ସଙ୍ଗୀତ ପରେ ପୂର୍ବତ ଅଥିତି ଅଧାପକ ନିବେଦିତା ବାରିକ, ଦେବାଙ୍କିତା ମେହେର, ବିକାସ ନାଏକଙ୍କୁ ସମ୍ମାନିତ କରାଯାଇଥିଲା। ନୂତନ ଅଧାପକ ରାଜାରାମ ମିଶ୍ର, ଅଧାପିକା ମମତା ଭୋଇ ଓ ରୋହିତ ଭିତ୍ରିଆଙ୍କୁ ସ୍ୱାଗତ କରାଯାଇଥିଲା। ପିଜି ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ପୁଷ୍ପାଗୁଚ୍ଛ ଓ ଉପହାର ଦିଆଯାଇଥିଲା। ଅଧାପିକା ରାଜ ଲକ୍ଷ୍ମୀ ରଥ, ଲିପସା ବାରିକ, ଦୁର୍ଜେ ତାଣ୍ଡି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୨ୟ ବର୍ଷ ଛାତ୍ରୀଛାତ୍ର କାର୍ଯ୍ୟରେ ସହଯୋଗ କରିଥିଲେ। ଅଧକ୍ଷ ଓ ଅଧାପିକାମାନେ ଛାତ୍ରୀଛାତ୍ରଙ୍କୁ କଠୋର ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ଅଧପିକା ରଥ ଧନ୍ୟବାଦ ଦେଇଥିଲେ।

### ଖଡ଼ିଆଳ ବ୍ଲକର ଛାତ୍ର ଆକାଶ ରଣା ପ୍ରଥମ
#### ରାଜ୍ୟସ୍ତରୀୟ ଜାତୀୟ ବିଜ୍ଞାନ କଂଗ୍ରେସ ପ୍ରଦର୍ଶନୀ



ନୂଆପଡ଼ା ଅଫିସ,୧୨।୧୨: ନୂଆପଡା ଜିଲା ଖଡିଆଳ ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଛାତ୍ର ଆକାଶ ରଣା ରାଜ୍ୟସ୍ତରୀୟ ପ୍ରକଳ୍ପ ପ୍ରଦର୍ଶନୀରେ ପ୍ରଥମ ସ୍ଥାନ ଅଧିକାରୀ କରିଛନ୍ତି। ୩୦ତମ ରାଜ୍ୟସ୍ତରୀୟ ପିଲାଙ୍କ ଜାତୀୟ ବିଜ୍ଞାନ କଂଗ୍ରେସ ପ୍ରଭୂଜୀ ଇଂଲିଶ ମାଧ୍ୟମ ବିଦ୍ୟାଳୟ ଭୁବନେଶ୍ୱରଠାରେ ଅନୁଷ୍ଠିତ ପ୍ରକଳ୍ପ ପ୍ରଦର୍ଶନୀରେ ଆକାଶ ଭାଗ ନେଇ ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ଅହମ୍ମଦାବାଦଠାରେ ହେବାକୁ ଥିବା ଜାତୀୟସ୍ତରୀୟ ପିଲାଙ୍କ ଜାତୀୟ ବିଜ୍ଞାନ କଂଗ୍ରେସ ପାଇଁ ମନୋନୀତ ହୋଇଛନ୍ତି। ବିଜ୍ଞାନ ଶିକ୍ଷକ ଅଶୋକ କୁମାର ବେହେରାଙ୍କ ତତ୍ୱାବଧାନରେ ଶିଶୁ ବୈଜ୍ଞାନିକ ଆକାଶଙ୍କ ସହପାଠୀ ବିଶ୍ୱଜିତ ପଲେଇଙ୍କ ସହଯୋଗରେ ମାଣ୍ଡିଆ ଚାଷ ହେବ ଉଦ୍‌ଜ୍ଜୀବିତ ଖାଇଲେ ରହିବ ଶରୀର ସୁସ୍ଥ ବିଷୟ ବସ୍ତୁ ଆଧାରିତ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ଶିଶୁ ବୈଜ୍ଞାନିକ ଆକାଶଙ୍କ ସଫଳତା ପାଇଁ ଜିଲା ଶିକ୍ଷା ଅଧିକାରୀ ଫୁଲମଣି ମୁର୍ମୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଜିଲା ବିଜ୍ଞାନ ନିରିକ୍ଷଣ ଗିରିଧାରି ସା, ଗୋଷ୍ଠି ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, ଚୈତନ୍ୟ ହୋତା, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନକୁଳ ଶବର, ଶିକ୍ଷୟିତ୍ରୀ, ଶିକ୍ଷକ, ବୃଦ୍ଧିଜୀବୀ ଶୁଭେଚ୍ଛା ଜଣାଇବା ସହ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ବଡଗାଁ ପି.ଏସ ଡିଗ୍ରୀ କଲେଜର ବାର୍ଷିକ କ୍ରୀଡା ଉଦ୍‌ଘାଟିତ


କ୍ରୀଡା ଉତ୍ସବରେ ଯୋଗ ଦେଇଥିବା ଅତିଥି।

**ବଡ଼ଗାଁ,୧୨।୧୨(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବଡଗାଁସ୍ଥିତ ପଞ୍ଚାୟତ ସମିତି ଡିଗ୍ରୀ କଲେଜର ବାର୍ଷିକ କ୍ରୀଡା ଉତ୍ସବ ସୋମବାର ଉଦ୍‌ଘାଟିତ ହୋଇଛି। ବ୍ଲକ ଅଧକ୍ଷା ଦୁଲାରି ସୋରେଙ୍ଗ ମୁଖ୍ୟଅତିଥି ଭାବେ ଯୋଗ ଦେଇ କ୍ରୀଡା ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ଓ ବଡ଼ଗାଁର ସତ୍ୟନାରାୟଣ ନାୟକ ଯୋଗ ଦେଇଥିଲେ। ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। କଲେଜର ଅଧକ୍ଷା ବନଜା ରାଣୀ ଷଡଙ୍ଗୀ କ୍ରୀଡା ଏକ ମହନୀୟ ପ୍ରତିଭା ବୋଲି କହିବା ସହିତ ଏହି ଅଞ୍ଚଳ କ୍ରୀଡାବିତ୍ ସୃଷ୍ଟି କରିପାରିଥିବା କହିଥିଲେ। ମୁଖ୍ୟଅତିଥି ସୋରେଙ୍ଗ ଓ ସମ୍ମାନିତ ଅତିଥି ପ୍ରଧାନ ଅଭ୍ୟାସ ଦ୍ୱାରା ଖେଳରେ ଉତ୍କର୍ଷତା ହାସଲ ହୋଇଥାଏ ବୋଲି କହିଥିଲେ। କଲେଜର କ୍ରୀଡା ସଂଯୋଜକ ଲକ୍ଷ୍ମୀକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ହୋଇଥିଲା । ଅଧାପକ ତାପସ କର, ସୁଶାନ୍ତ ବିଶି, ମାଳବିକା ସାମଲ, ଝରଣା ସାହୁ ଓ କ୍ରୀଡା ଶିକ୍ଷକ ଜିତେନ୍ଦ୍ର ବୁଡା ଖେଳ ପରିଚାଳନା କରିବା ସହିତ ବିଚାରକ ଦାୟିତ୍ୱ ତୁଲାଇଥିଲେ।

### ୧୫ରେ ସୁନ୍ଦରଗଡ ଜିଲା କବାଡି ଖେଳାଳି ଚୟନ ଶିବିର

**ସୁନ୍ଦରଗଡ,୧୨।୧୨(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ରାଉରକେଲା ହୃଷୀକେଶ ରାୟ କଲେଜ କବାଡି ପଡିଆରେ ଆସନ୍ତା ୧୫ ତାରିଖରେ ଜିଲାର ସିନିୟର ମହିଳା ଓ ପୁରୁଷ କବାଡି ଦଳ ପାଇଁ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହେବ। ଇଚ୍ଛୁକ ଖେଳାଳିମାନେ ନିଜ ଆଧାର କାର୍ଡ ସାଙ୍ଗରେ ଆଣି ନାମ ପଞ୍ଜୀକରଣ ପ୍ରକ୍ରିୟାରେ ଭାଗ ନେଇପାରିବେ ବୋଲି ଜିଲା କ୍ରୀଡା ସଂସଦ ପକ୍ଷରୁ ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ ସୂଚନା ଦେଇଛନ୍ତି। ଇଚ୍ଛୁକ ଖେଳାଳିମାନେ ଜିଲା କ୍ରୀଡା ସଂସଦର କବାଡି ସମ୍ପାଦକ ପ୍ରଶାନ୍ତ କୁମାର ପଟେଲଙ୍କୁ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଇଛି।

# ରାଜଗାଙ୍ଗପୁର ଓକିଲ ସଂଘ ପକ୍ଷରୁ ସତ୍ୟାଗ୍ରହ ଆନ୍ଦୋଳନ


କୋର୍ଟ ଆଗରେ ଆନ୍ଦୋଳନରତ ଓକିଲ।

**ରାଜଗାଙ୍ଗପୁର,୧୨।୧୨(ଡି.ଏନ.ଏ.)**

ରାଜ୍ୟରେ ସୋମବାର ଦିନ ଜାତୀୟ ଓ ରାଜ୍ୟ ଆଇନଜୀବୀ ପରିଷଦର ମନମୁଖୀ କାର୍ଯ୍ୟକଳାପ ଓ ଓକିଲ ମାରଣ ନୀତି ବିରୋଧରେ ସତ୍ୟାଗ୍ରହ ଆନ୍ଦୋଳନ କରାଯାଇଛି । ଏହି ଆନ୍ଦୋଳନରେ ରାଜଗାଙ୍ଗପୁର ଓକିଲ ସଂଘ ସାମିଲ ହୋଇଥିଲା । ଆଇନଜୀବୀମାନଙ୍କ ଅଧିକାରକୁ ଛଡାଇ ନେବା ଚକ୍ରାନ୍ତକୁ ବିରୋଧ କରି ରାଜଗାଙ୍ଗପୁର ଓକିଲ ସଂଘ ପ୍ରତିବାଦ ଦିବସ ପାଳନ କରିବା ସହ ସମସ୍ତ କୋର୍ଟ କାର୍ଯ୍ୟ ବନ୍ଦ ରଖିଥିଲେ । ସଂଘର ସଭାପତି ପ୍ରଳୟ ହାଜରା, ଉପସଭାପତି ଅଶୋକ ପାଣି, ସଂପାଦକ ରବୀନ୍ଦ୍ର ଦାଶ, ସଞ୍ଜୟ ଦେ,ବିକାଶ ସରପଟିଆ, ଲବେନ୍ଦ୍ର ବେହେରା,ଦିବାକର ପ୍ରଧାନ, ପ୍ରଦୀପ କେଶରୱାନି, ପ୍ରଦିପ ପଟ୍ଟନାୟକଙ୍କ ସମେତ ଅନ୍ୟ ଆଇନଜୀବୀମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ । ସଂଘର ସଦସ୍ୟ ଶାନ୍ତିପୂର୍ଣ୍ଣ ଭାବେ ନ୍ୟାୟାଳୟ ଆଗରେ ବସି ରହିବା ସହ କୋର୍ଟ କାର୍ଯ୍ୟରୁ ବିରତି ରହିଥିଲେ ।

# ଛାତ୍ରାବାସରେ ଲାଗିଲା ନିଆଁ


ଅଗ୍ନିକାଣ୍ଡରେ ପୋଡି ଯାଇଥିବା ଆସବାବପତ୍ର।

- ଅଳ୍ପକେ ବର୍ତ୍ତିଲେ ଛାତ୍ର
- ପୋଡିଗଲା ବହି ଖାତା, ଡ୍ରେସ

**ଟେନ୍‌ସା,୧୨।୧୨(ଡି.ଏନ.ଏ)**

ସୋମବାର ସୁନ୍ଦରଗଡ ଜିଲାର କୋଇଡାସ୍ଥିତ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଅଧୀନସ୍ଥ ୨୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲରେ ସୋମବାର ଅଗ୍ନିକାଣ୍ଡ ଘଟିଛି। ନିଆଁ ଲାଗିବା ସମୟରେ ସୌଭାଗ୍ୟବଶତଃ ଛାତ୍ରମାନେ ବିଦ୍ୟାଳୟକୁ ପାଠ ପଢିବା ପାଇଁ ଚାଲି ଯାଇଥିବାରୁ ଏକ ବଡ ଅଘଟଣ ଟଳିଯାଇଛି।

ପ୍ରକାଶ ଯେ, ପୂର୍ବାହ୍ନ ସାଢେ ୧୧ଟାରେ ହଠାତ୍ ହଷ୍ଟେଲରେ ନିଆଁ ଲାଗିଯାଇଥିଲା। ଏହା ଜାଣି ହଷ୍ଟେଲ ସୁପରିଟେଣ୍ଡେଣ୍ଟ ଶିବାନନ୍ଦ ମାଝୀ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। କୋଇଡା ଅଗ୍ନିଶମ ବିଭାଗ ଅଧିକାରୀ ସୂର୍ଯ୍ୟ ବେହେରା ନିଜ ଟିମ୍ ସହ ପହଞ୍ଚି ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଥିଲେ। ଏହି ଅଗ୍ନିକାଣ୍ଡରେ ଛାତ୍ରଙ୍କର ବେଡ, ଆସବାବପତ୍ର, ଡ୍ରେସ, ବହି ଖାତା ଆଦି ପୋଡିଯାଇଛି। କ୍ଷୟକ୍ଷତିର ପରିମାଣ ଜଣାପଡିନାହିଁ। ସର୍ଟ ସର୍କିଟରୁ ନିଆଁ ଲାଗିଥିବା ଅଗ୍ନିଶମ ବିଭାଗ ଅଧିକାରୀ ବେହେରା କହିଛନ୍ତି ।

### ରିଷିଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**କର୍ଲାମୁଣ୍ଡା,୧୨।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପରିଚାଳନା ସମିତି ସଭାପତି ନୈମିଚାନ୍ଦ ଜୈନଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ମୁଖ୍ୟବକ୍ତା ଭାବେ କୌଶିକବାବା ଡିଗ୍ରୀ କଲେଜ ତେରେସିଂହା ଅଧ୍ୟକ୍ଷା ସୁଶ୍ରୀ ଲିପସା ମୟୀ ଦୁବେ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ସେବତୀ ରଣା, ସମିତିସଭ୍ୟ ନିମାଇଁ ଚରଣ ବେହେରା, ଯୁବଶିଳ୍ପ ପତି ଆଶିଷ କେଡିଆ ଯୋଗଦେଇଥିଲେ। ସମ୍ପାଦକ ଅନ୍ତର୍ଯ୍ୟାମୀ ସାହୁ ସ୍ୱାଗତ ଭାଷଣ ଏବଂ ଶିଶୁ ଭାଇ ଅନ୍ୱେଷ ରଞ୍ଜନ ସେଲମା ଓ ସୋମପ୍ରକାଶ ଗହୀର ସଂଯୋଜନା କରିଥିଲେ। ପ୍ରଧାନଚାର୍ଯ୍ୟ ମହେନ୍ଦ୍ର କୁମାର ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ପୁରସ୍କାର ବିତରଣୀ ସଭା ଆଚାର୍ଯ୍ୟ ବାସୁଦେବ ସେଲମା ସଂଯୋଜନା କରିଥିଲେ। ଉପସଭାପତି ପ୍ରେମାନନ୍ଦ ପାତ୍ର ସହଯୋଗ କରିଥିବା ବେଳେ ଯୁଗ୍ମ ସମ୍ପାଦକ ଗଙ୍ଗାଧର ରଣା ଧନ୍ୟବାଦ ଦେଇଥିଲେ।

# ଡ୍ରଗ୍ସ ସେବନକୁ ବିରୋଧ କରିବାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ସୁନ୍ଦରଗଡ,୧୨।୧୨(ଡି.ଏନ.ଏ.)**

ସୁନ୍ଦରଗଡ ଟାଉନ ଥାନା ଅନ୍ତର୍ଗତ ପତ୍ରାପଡାରେ ଡ୍ରଗ୍ସ ସେବନକୁ ବିରୋଧ କରୁଥିବା ଜଣେ ଯୁବକଙ୍କ ଉପରେ ସୋମବାର ସନ୍ଧ୍ୟାରେ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ଜଣକ ହେଲେ ସୁଶୀଲ ଏକ୍କା(୨୫)। ସେ ଜଣେ ପୂର୍ବତନ କାଉନସିଲରଙ୍କ ଭାଇ । ପତ୍ରାପଡାରେ ଡ୍ରଗ୍ସ ସେବନ କରୁଥିବା ଯୁବକ ମାନଙ୍କୁ ସୁଶୀଲ ଏହାର କୁପରିଣାମ ବିଷୟରେ କହିବା ସହ ଖାଇବାକୁ ମନା କରି ଆସୁଥିଲେ। ତେବେ ସନ୍ଧ୍ୟାରେ ସୁଶୀଲ ଘରକୁ ଫେରୁଥିବା ସମୟରେ ରାସ୍ତାରେ ୫-୬ଜଣ ଯୁବକ ଅଟକାଇ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ସହ ବାଡି, ଠେଙ୍ଗା, ଇଟାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ଅଣ୍ଟା ଭାଙ୍ଗିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୁଶୀଲ ଙ୍କ ଭଉଣୀ ରଶ୍ମିତାଙ୍କ ରିପୋର୍ଟ ଆଧାରରେ ପୋଲିସ ଟାଉନ ଥାନାରେ ନଂ ୪୦୬/୨୦୨୨ରେ ଏକ ମାମଲା ରୁଜୁ କରିଛି। ପତ୍ରାପଡାର ଏମ ଡି ଆରବାଜ, ସୁମିତ, ଜ୍ଞାନରଞ୍ଜନ ବେହେରା, ଏମ ଡି ସଫରାଜଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଥିବା ଜଣାଯାଇଛି । ଏହି ଘଟଣାରେ ୨ ଜଣଙ୍କୁ ଥାନାରେ ଅଟକ ରଖାଯାଇ ପଚରଉଚରା କରାଯାଉଥିବା ପୋଲିସ କହିଛି।

### ରୁଙ୍ଗ୍‌ଟା କମଣ୍ଡ ଷ୍ଟିଲ ପ୍ଲାଣ୍ଟ ପକ୍ଷରୁ ୫ ହଜାର ଚାରା ବଣ୍ଟନ

**ଟେନ୍‌ସା,୧୨।୧୨(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା କୋଇଡା ମାଇନିଂ ଅନ୍ତର୍ଗତ କମଣ୍ଡ ଗ୍ରାମରେ ଥିବା ରୁଙ୍ଗଟା ମାଇନ୍ସ ଲିମିଟେଡ ଅଧୀନ କମଣ୍ଡ ଷ୍ଟିଲ ପ୍ଲାଣ୍ଟ ପକ୍ଷରୁ ସୋମବାର ନିକଟସ୍ଥ ଗ୍ରାମରେ ବିଭିନ୍ନ ପ୍ରକାର ୫ ହଜାର ବୃକ୍ଷ ଚାରା ବଣ୍ଟନ କରାଯାଇଛି। କମଣ୍ଡ, କୁଲା, କୁସୁମଡିହି, ନୂଆଗାଁ, ମୁଣ୍ଡା ବସ୍ତି, ବିଦ୍ୟାଳୟ ପରିସର, ପଡିଆ ଚାରିପାଖରେ ଗଛ ଲଗାଇବା ପାଇଁ ଚାରା ଦିଆଯାଇଥିଲା। ଏମିତିକି ଘର ଘର ବୁଲି କମ୍ପାନୀ ତରଫରୁ ବିଭିନ୍ନ ପ୍ରକାର ଔଷଧୀୟ ଓ ଫଳ ଚାରା ବଣ୍ଟନ କରାଯାଇଥିଲା । ଉଦ୍ୟାନବିତ୍ ବଂଶୀଧର ରାଉତ ଗ୍ରାମବାସୀଙ୍କୁ ବୃକ୍ଷରୋପଣ ଓ ଏହାର ଉପକାରିତା ବିଷୟରେ ବୁଝାଇଥିଲେ। ପ୍ଲାଣ୍ଟ ପାରିପାର୍ଶ୍ୱିକ ଗ୍ରାମଗୁଡିକରେ କିପରି ସବୁଜ ବନାନୀ ହେବ ସେଥିପାଇଁ କମ୍ପାନୀ ତରଫରୁ ବାରମ୍ବାର ପ୍ରୟାସ ଜାରି ରହିଛି । ଅଞ୍ଚଳବାସୀ ଏପରି ମହତ୍ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ବହୁ ମାତ୍ରାରେ ବୃକ୍ଷରୋପଣ ହେଲେ ଅଞ୍ଚଳରେ ପ୍ରଦୂଷଣ ମାତ୍ରା କମିବା ସହ ଜଳସ୍ତର ବଢିବ ବୋଲି ଖଣି କର୍ତ୍ତୃପକ୍ଷ ପ୍ରକଳ୍ପ ମୁଖ୍ୟ ପ୍ରଣୟ ଦେଓ, ଜିଏମ ଆଲୋକ ସେଠୀ, ବରିଷ୍ଠ ଅଧିକାରୀ ବିଶ ରଞ୍ଜନ ମିଶ୍ର ପ୍ରମୁଖ ପ୍ରକାଶ କରିଛନ୍ତି ।



ଗ୍ରାମବାସୀଙ୍କୁ ବଣ୍ଟନ କରାଯାଇଥିବା ବିଭିନ୍ନ ଚାରା।

# ଭାରତୀୟ, ରାଜ୍ୟ ବାର୍ କାଉନସିଲ ନିର୍ଦ୍ଦେଶକୁ ବିରୋଧ

### ଭବାନୀପାଟଣାରେ ଓକିଲ ସଂଘର ସତ୍ୟାଗ୍ରହ

**ଭବାନୀପାଟଣା,୧୨।୧୨(ସ୍ୱ.ପ୍ର.)**

ବିଭିନ୍ନ ସମୟରେ ଅଞ୍ଚଳର ସମସ୍ୟା, ବିକାଶ ହେଉ ଅବା ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ପାଇଁ ଓକିଲ ସଂଘ ବା ବାର୍ କାଉନସିଲ ସଦସ୍ୟମାନେ ଆଗକୁ ଆସି ସମର୍ଥନ ଦେବା ସହ ଆନ୍ଦୋଳନରେ ସାମିଲ ହୋଇଥାନ୍ତି। ହେଲେ ଏବେ ଆଉ ଆନ୍ଦୋଳନକୁ ଓହ୍ଲାଇ ପାରିବେ ନାହିଁ ବାର କାଉନସିଲର ସଦସ୍ୟ। ଏ ନେଇ ଭାରତୀୟ ବାର୍ କାଉନସିଲ ଓ ରାଜ୍ୟ ବାର୍ କାଉନସିଲ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ଏହାକୁ ବିରୋଧ କରି ସୋମବାର ଜିଲା ବ୍ୟାପି ଓକିଲ ସଂଘମାନେ ସତ୍ୟାଗ୍ରହକୁ ଓହ୍ଲାଇଛନ୍ତି। ବାରମ୍ବାର ଓକିଲ ସଂଘ ପକ୍ଷରୁ ଆନ୍ଦୋଳନ ହେବା ଯୋଗୁ ଲୋକେ ନ୍ୟାୟ ପାଇବା ପାଇଁ ସମସ୍ୟାର ସମ୍ମୁଖିନ ହେଉଛନ୍ତି।



ଜିଲା କୋର୍ଟ ସମ୍ମୁଖରେ ସତ୍ୟାଗ୍ରହରେ ଓକିଲ ସଂଘ।

ଏହାକୁ ନେଇ ସର୍ବୋଚ୍ଚ ଅଦାଲତରେ ଏକ ପିଟିସନ ଦାଖଲ ହୋଇଥିଲା। ଯାହାର ଶୁଣାଣି କରି ଭାରତୀୟ ବାର କାଉନସିଲର ଓ ରାଜ୍ୟ ବାର କାଉନସିଲ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶକୁ ଅବମାନନା କରି ଯଦି ଓକିଲ ସଂଘମାନେ ଆନ୍ଦୋଳନ କରିବେ ତେବେ ବାରକାଉନ ସିଲ ଅଫ ଇଣ୍ଡିଆରୁ ଆନ୍ଦୋଳକାରୀ ଓକିଲଙ୍କ ଲାଇସେନ୍ସ ରଦ୍ଦ କରିଦିଆଯିବ। ଆନ୍ଦୋଳନକାରୀ ଓକିଲଙ୍କ ରୋଜଗାରର ଉତ୍ସକୁ ବନ୍ଦ କରିଦିଆଯିବ। ଆନ୍ଦୋଳନ ଯୋଗୁ ଲୋକେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି କୋର୍ଟ କହିଥିଲେ। ଏହାକୁ ନେଇ ସୋମବାର କଳାହାଣ୍ଡି ଜିଲା ଓକିଲ ସଂଘ ପକ୍ଷରୁ ଜିଲାର ସମସ୍ତ କୋର୍ଟ ସମ୍ମୁଖରେ ସତ୍ୟାଗ୍ରହ କରାଯାଇଛି। ଭବାନୀପାଟଣାରେ ଜିଲା ଓକିଲ ସଂଘ ପକ୍ଷରୁ ସ୍ଥାନୀୟ ଜିଲା କୋର୍ଟ ସମ୍ମୁଖରେ ସତ୍ୟାଗ୍ରହ କରାଯାଇଛି। ଜିଲା ସଭାପତି ସୁବ୍ରତ କୁମାର ବହିଦାରଙ୍କ ନେତୃତ୍ୱରେ ସତ୍ୟାଗ୍ରହରେ ବରିଷ୍ଠ ଆଇନଜୀବୀ ଭବେନ୍ଦ୍ର ପଣ୍ଡା, ଦେବେନ୍ଦ୍ର ମହାନ୍ତି, ସନ୍ତୋଷ ପଣ୍ଡା, ଶ୍ରଣ ଅଗ୍ରୱାଲ, ଭବାନୀ ମିଶ୍ର, ରାଜା ଆଚାର୍ଯ୍ୟ, ବବଲୁ ଖାଁ, ପ୍ରଶାନ୍ତ ଭୋଇ, ଦିଲୀପ ସା, ପ୍ରକାଶ ହରପାଳ, ଜିମୁତବାନ ନାଏକ, କୁନାଲ ବେହେରା, ନିହାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**୫୦୦ ନୂଆ ବିମାନ କିଣିପାରେ ଟାଟା**

ନୂଆଦିଲ୍ଲୀ: ଟାଟା ଗ୍ରୁପ୍ ଅଧୀନରେ ପରିଚାଳିତ ହେଉଥିବା ବିମାନ କମ୍ପାନୀ ଏୟାର ଇଣ୍ଡିଆ ଆଉ ୫୦୦ଟି ନୂଆ ବିମାନ କିଣିବା ଲାଗି ଯୋଜନା କରୁଥିବା ଜଣାପଡ଼ିଛି। ଏପରିକି ବିଶ୍ୱର ୨ ପ୍ରମୁଖ ବିମାନ ନିର୍ମାଣକାରୀ ସଂସ୍ଥା ଏୟାରବସ୍ ଓ ବୋଇଂରୁ ଟାଟା ଉକ୍ତ ସଂଖ୍ୟାର ବିମାନଗୁଡ଼ିକୁ କିଣିପାରେ ବୋଲି କୁହାଯାଉଛି। ବିଶେଷକରି ଟାଟା ୪୦୦ ନୂଆ ଅଣଓସାରିଆ ବଡି ଥିବା ବିମାନ ଏବଂ ୧୦୦ କିମ୍ବା ତା'ଠାରୁ ଅଧିକ ଏୟାରବସ୍ ଏ ୩୫୦, ବୋଇଂ ୭୮୭ ଓ ୭୭୭ ଭଳି ଚଉଡ଼ା ବଡି ଥିବା ବିମାନ କିଣିବା ଲାଗି କଥାବାର୍ତ୍ତା ଆରମ୍ଭ କରିଥିବା ଚର୍ଚ୍ଚା ହେଉଛି।

# ଖସିଲା ଖୁଚୁରା ମୁଦ୍ରାସ୍ଫୀତି

ନୂଆଦିଲ୍ଲୀ,୧୨।୧୨



**୧୧ମାସ ପରେ ୬% ତଳେ ଖୁଚୁରା ମୁଦ୍ରାସ୍ଫୀତି**

ଦୀର୍ଘ ୧୧ ମାସ ପରେ ଖୁଚୁରା ମୁଦ୍ରାସ୍ଫୀତିର ହାର ପ୍ରାୟ ୬% ନିକଟବର୍ତ୍ତୀରେ ରହିଛି। ଏପରିକି ଚଳିତ ବର୍ଷ ନଭେମ୍ବର ମାସରେ ଖୁଚୁରା ମୁଦ୍ରାସ୍ଫୀତିର ହାର ୫.୮୮% ରେ ରହିଛି। ଫଳରେ ଦରଦାମ ହ୍ରାସ ବା ନିୟନ୍ତ୍ରଣରେ ରହିବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ସେହିଭଳି ୨୦୨୧ ଡିସେମ୍ବରରେ ସ୍ଥିତି ୫.୫୯% ରହିଥିଲା। ଗତ ଡିସେମ୍ବରଠାରୁ ଲଗାତର ଭାବେ ଖୁଚୁରା ମୁଦ୍ରାସ୍ଫୀତିର ହାର ୬%ରୁ ଅଧିକ ରହିଆସିଛି। ଅପରପକ୍ଷରେ ଚଳିତ ବର୍ଷ ସେପ୍ଟେମ୍ବରରେ ଏହାର ପରିମାଣ ୭.୪୧% କୁ ଛୁଇଁଥିଲା। ତେବେ ୨୦୨୧ ନଭେମ୍ବରରେ ମୁଦ୍ରାସ୍ଫୀତି ହାର ୪.୯୧% ହୋଇଥିଲା। ଅପରପକ୍ଷରେ ଲଗାତର ୨ୟ ମାସ ହେଲା ସିପିଆଇ (ଉପଭୋକ୍ତା ମୂଲ୍ୟ ସୂଚକାଙ୍କ) ମଧ୍ୟ ହ୍ରାସ ପାଉଛି। ବିଶେଷ କରି ଅମଳ ସମୟ ହୋଇଥିବାରୁ ପନିପରିବା ମୂଲ୍ୟ ହ୍ରାସ ଏବଂ ଅନ୍ୟାନ୍ୟ କାରଣ ଯୋଗୁ ମୁଦ୍ରାସ୍ଫୀତି ହ୍ରାସ ହୋଇଛି ବୋଲି ଆଶଙ୍କା କରାଯାଉଛି। ନଭେମ୍ବରରେ ଖାଦ୍ୟସାମଗ୍ରୀର ମହଙ୍ଗା ସ୍ଥିତି ଅକ୍ଟୋବର ୭.୧% ଠାରୁ ହ୍ରାସ ହୋଇ ୪.୬୭% ହୋଇଯାଇଥିବା ବେଳେ ପନିପରିବାର ମହଙ୍ଗା ସ୍ଥିତି ଅକ୍ଟୋବରର ୭.୭୭ରୁ ହ୍ରାସ ହୋଇ -୮.୦୮% ହୋଇଯାଇଛି। ଅପରପକ୍ଷରେ ଦର ବୃଦ୍ଧିକୁ ରୋକିବାକୁ ହେଲେ ବଜାରରେ ଅତ୍ୟଧିକ ଖର୍ଚ୍ଚକୁ କମାଇବାକୁ ପଡ଼ିଥାଏ। ଏଥିପାଇଁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ମଧ୍ୟ ରେପୋ ରେଟ୍ ବଢ଼ାଇ ଥାଏ। ନିକଟରେ ମହଙ୍ଗା ସ୍ଥିତିକୁ ଦେଖି ଚିନ୍ତା ପ୍ରକଟ କରି ଆରବିଆଇ ରେପୋ ରେଟରେ ବୃଦ୍ଧି କରିଥିଲା। ଏଥିରେ ରେପୋରେଟ୍ ୪.୪୦%ରୁ ବଢ଼ି ୪.୯୦% ହୋଇଥିଲା। ଫଳରେ ବ୍ୟାଙ୍କଗୁଡ଼ିକ ହୋମ୍‌ଲୋନଠାରୁ ଆରମ୍ଭ କରି ଅଟୋ ଓ ବ୍ୟକ୍ତିଗତ ଋଣକୁ ମହଙ୍ଗା କରିଦେଲେ। ସୁଧ ବଢ଼ିବା କାରଣରୁ ଉପଭୋକ୍ତାମାନେ ବ୍ୟାଙ୍କରୁ କମ ଋଣ ନିଅନ୍ତି । ଟଙ୍କା କମ ହେବାରୁ ଚାହିଦା କମ୍ ଓ ରପ୍ତାନି ବଢ଼ିଯାଏ। ତେଣୁ ଗଚ୍ଛିତ ବସ୍ତୁର ବ୍ୟବହାର ପାଇଁ ଏହାର ମୂଲ୍ୟ କମାଇ ଦିଆଯାଇଥାଏ, ଫଳରେ ଉପଭୋକ୍ତା ସହଜରେ କିଣିପାରିଥାଏ।

## ଶେୟାର ବଜାରରେ ଭିନ୍ନ ଫଳାଫଳ

ନୂଆଦିଲ୍ଲୀ,୧୨।୧୨

ଗତ କିଛି ଦିନ ହେବ ଷ୍ଟକ୍ ବଜାରର କାରବାର ଆଶା ଓ ଆଶଙ୍କା ମଧ୍ୟରେ ଶେଷ ହେଉଛି। ଏପରିକି ସୋମବାର ଶେୟାର ବଜାରର ଫଳାଫଳ ଭିନ୍ନ ରହିଛି। ଚଳିତ ସପ୍ତାହର ୧ମ କାର୍ଯ୍ୟଦିବସର ଫଳାଫଳ ଅନୁସାରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୧(୫୧.୧୦) ପଏଣ୍ଟ ହ୍ରାସ ପାଇ ୬୨,୧୩୧ (୬୨,୧୩୦.୫୭) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ୧(୦.୫୫) ପଏଣ୍ଟ ବୃଦ୍ଧି ଘଟି ୧୮,୪୯୭ (୧୮,୪୯୭.୧୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ ଚଳିତ ବର୍ଷ ନଭେମ୍ବରର ଖୁଚୁରା ମୁଦ୍ରାସ୍ଫୀତି ହାର ସାଙ୍ଗକୁ ଚଳିତ ମାସରେ ଫେଡରାଲ୍ ବ୍ୟାଙ୍କର ମୁଦ୍ରାନୀତି ଫଳାଫଳ (ଘୋଷଣା) ହୋଇପାରେ ସେହିଭଳି ଅନ୍ତଃରାଷ୍ଟ୍ରୀୟ ସମସ୍ୟା କାରଣରୁ ଭାରତୀୟ ଶେୟାର ବଜାରର ଫଳାଫଳ ଅସ୍ଥିର ରହିଥିବା ବଜାର ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

## ୱାନ୍‌ପ୍ଲସ୍ ସହ ଜିଓର ସହଭାଗିତା




ନୂଆଦିଲ୍ଲୀ,୧୨।୧୨

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ଏବଂ ସ୍ମାର୍ଟ ଫୋନ୍ ବ୍ରାଣ୍ଡ ୱାନ୍‌ପ୍ଲସ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ବାଣିଜ୍ୟିକ ସହଭାଗିତା ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ୫ଜି ଷ୍ଟାଣ୍ଡ-ଏଲୋନ୍ ପ୍ରଯୁକ୍ତି ପାଇଁ ରିଲାଏନ୍ସ ଜିଓ ଓ ୱାନ୍‌ପ୍ଲସ୍ ପରସ୍ପର ସହ ହାତ ମିଳାଇଛନ୍ତି। ଏପରିକି ନିକଟରେ ଉନ୍ମୋଚିତ ହୋଇଥିବା ୱାନ୍‌ପ୍ଲସ୍‌ର ୱାନ୍‌ପ୍ଲସ୍ ୧୦ ସିରିଜ୍ ସ୍ମାର୍ଟଫୋନ୍ ସମେତ ୱାନପ୍ଲସ୍ ୯ଆର୍, ୱାନ୍‌ପ୍ଲସ୍ ୮, ନର୍ଡ, ନର୍ଡ ୨ଟି, ନର୍ଡ୨, ନର୍ଡ ସିଇ, ନର୍ଡ ସିଇ୨ ଏବଂ ନର୍ଡ ସିଇ୨ ଲାଇଟ ବ୍ୟବହାରକାରୀମାନେ ଜିଓର ୫ଜି ଷ୍ଟାଣ୍ଡ-ଏଲୋନ୍ ପ୍ରଯୁକ୍ତିକୁ ବ୍ୟବହାର କରିପାରିବେ ବୋଲି ଜଣାପଡିଛି। ଏ ସମ୍ପର୍କରେ ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ଅଧ୍ୟକ୍ଷ ସୁନୀଲ ଦତ୍ତ କହିଛନ୍ତି, ଭାରତରେ ୫ଜି ଡିଭାଇସ୍‌ର ଇକୋସିଷ୍ଟମ୍‌କୁ ସୁଦୃଢ଼ କରିବା ଲାଗି ୱାନ୍‌ପ୍ଲସ୍ ଆମ ସହ ମିଶି କାର୍ଯ୍ୟ କରିଛି। ୫ଜି ସ୍ମାର୍ଟଫୋନ୍‌ର ବାସ୍ତବିକ ଶକ୍ତି କେବଳ ଜିଓର ଟ୍ରୁ-୫ଜି ନେଟ୍‌ୱର୍କ ଦ୍ୱାରା ହାସଲ କରାଯାଇପାରିବ। ଜିଓ ଏହାର ୫ଜି ନେଟ୍‌ୱର୍କକୁ ଷ୍ଟାଣ୍ଡ-ଏଲୋନ୍ ୫ଜି ନେଟ୍‌ୱର୍କ ଭାବେ ପ୍ରସ୍ତୁତ କରିଛି। ୱାନପ୍ଲସ୍‌ର ଡିଭାଇସ୍ ବ୍ୟବହାର କରୁଥିବା ସମସ୍ତ ଗ୍ରାହକ ଜିଓ ୱେଲକମ୍ ଅଫର ଅଧୀନରେ ଅସୀମିତ ୫ଜି ଇଣ୍ଟରନେଟ୍‌କୁ ବ୍ୟବହାର କରିପାରିବେ। ସେହିଭଳି ୱାନ୍‌ପ୍ଲସ୍ ଇଣ୍ଡିଆର ସିଇଓ ନବନୀତ ନାକ୍‌ରା କହିଛନ୍ତି, ଭାରତରେ ୱାନ୍‌ପ୍ଲସ୍ ବ୍ୟବହାରକାରୀମାନଙ୍କ ଲାଗି ୫ଜି ପ୍ରଯୁକ୍ତି ଆଣିବା ପାଇଁ ଜିଓ ଟିମ୍ ସହିତ ସହଭାଗିତା ସ୍ଥାପନ କରିଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ।

## ୨୪% ବୃଦ୍ଧି ପାଇଛି ପ୍ରତ୍ୟକ୍ଷ କର ସଂଗ୍ରହ

ନୂଆଦିଲ୍ଲୀ,୧୨।୧୨

**୨.୧୫ ଲକ୍ଷ କୋଟିର ରିଫଣ୍ଡ ଜାରି**

ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ନଭେମ୍ବର ଶେଷ ସୁଦ୍ଧା ପ୍ରତ୍ୟକ୍ଷ କର ସଂଗ୍ରହ ୨୪% ବୃଦ୍ଧି ଘଟି ୮.୭୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି ବୋଲି ସୋମବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏପରିକି ବାର୍ଷିକ ବଜେଟ ଅନୁମାନଠାରୁ ପ୍ରାୟ ୬୨% (୬୧.୭୯%) ଅଧିକ ବୋଲି ଜଣାପଡିଛି। ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ନଭେମ୍ବର ୩୦ ମଧ୍ୟରେ ଟ୍ୟାକ୍ସ କଲେକ୍ସନ ଗତ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ୨୪% ( ୨୪.୨୬%) ରୁ ଅଧିକ ରହିଛି। ସେହିଭଳି ୨୦୨୨-୨୩ ଆର୍ଥିକ ବର୍ଷରେ ସରକାର ୧୪.୨୦ ଲକ୍ଷ କୋଟି ଟଙ୍କା ପ୍ରତ୍ୟକ୍ଷ ଟିକସ ସଂଗ୍ରହ ନେଇ ଅନୁମାନ କରିଥିଲେ। ଏହି ଲକ୍ଷ୍ୟ ପୂର୍ବ ବର୍ଷର ୧୪.୧୦ ଲକ୍ଷ କୋଟି ଟଙ୍କାଠାରୁ ଅଧିକ ରହିଥିଲା। ହେଲେ କର୍ପୋରେଟ୍ ଟ୍ୟାକ୍ସ, ପର୍ସନାଲ ଇନ୍‌କମ ଟ୍ୟାକ୍ସକୁ ମିଶାଇ ଡାଇରେକ୍ଟ ଟ୍ୟାକ୍ସ ସଂଗ୍ରହ ହୋଇଥାଏ। ଏପରିକି ଅର୍ଥ ମନ୍ତ୍ରଣାଳୟ ସୂଚନା ଅନୁସାରେ ୨୦୨୨ ଏପ୍ରିଲ ୧ରୁ ନଭେମ୍ବର ୨୦ ମଧ୍ୟରେ ୨.୧୫ ଲକ୍ଷ କୋଟି ଟଙ୍କାର ରିଫଣ୍ଡ ମଧ୍ୟ ଦିଆଯାଇଛି। ଅର୍ଥ ମନ୍ତ୍ରଣାଳୟର ସୂଚନା ଅନୁସାରେ ୨୦୨୨-୨୩ ଆସେସମେଣ୍ଟ ବର୍ଷ ପାଇଁ ନଭେମ୍ବର ୨୦ସୁଦ୍ଧା ୬.୭୯ କୋଟି କରଦାତା ଆୟକର ରିଟର୍ନ ଦାଖଲ କରିଛନ୍ତି। ସେହିଭଳି ମନ୍ତ୍ରଣାଳୟର କହିବା ଅନୁସାରେ ୨୦୨୨-୨୩ ରେ ଗୋଟିଏ ଦିନରେ ୨.୪୨ କୋଟି ଆଇଟିଆର ଦାଖଲ କରିଛନ୍ତି,ଯାହା ଏକ ରେକର୍ଡ ବୋଲି କୁହାଯାଉଛି।

## ସଚେତନତା ସୃଷ୍ଟି ଲକ୍ଷ୍ୟରେ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ

ନୂଆଦିଲ୍ଲୀ,୧୨।୧୨



ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ା ୟୁନିଟ୍ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ 'ସମାନତା' ବିଷୟବସ୍ତୁ ଆଧାରରେ ଏକ ସପ୍ତାହବ୍ୟାପୀ ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଏପରିକି ଝାରସୁଗୁଡ଼ା ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସୋସାଇଟି ସହ ମିଳିତ ଭାବେ କମ୍ପାନୀ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ(ଝାରସୁଗୁଡ଼ା)ର ସିଇଓ ସୁନୀଲ ଗୁପ୍ତା କହିଛନ୍ତି, ବିଗତ କିଛି ବର୍ଷ ହେବ ଏଡ୍‌ସର ସଂଖ୍ୟା ହ୍ରାସ ହୋଇଛି। ହେଲେ ଏବେ ବି ଲୋକଙ୍କ ଅସାବଧାନତା ଯୋଗୁ ଅନେକ ଘଟଣା ଘଟୁଛି। ଏହି ଉଦ୍ଦେଶ୍ୟରେ କାର୍ଯ୍ୟ କରୁଥିବା ସରକାରୀ ସଂସ୍ଥା ତଥା ସଂଗଠନ ସହ ସହଭାଗୀ ହୋଇ ଆମେ ଉନ୍ନତ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ଅଭ୍ୟାସ ଉପରେ ଗୋଷ୍ଠୀ ସଚେତନତାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ଚେଷ୍ଟା କରୁଛୁ। ବର୍ତ୍ତମାନ ଏଚ୍‌ଆଇଭି-ଏଡ୍‌ସ ଆମ ପାଇଁ ଆହ୍ୱାନ ଓ ଏହା ବିଶ୍ୱ ସ୍ତରରେ ଏକ ଚିନ୍ତାଜନକ ବିଷୟ ପାଲଟିଛି। ଆମକୁ ଏ ବିଷୟରେ ସଚେତନ ହେବାକୁ ପଡ଼ିବ। ଆମ ଗୋଷ୍ଠୀର ସାମଗ୍ରିକ ସୁସ୍ଥତା ପାଇଁ ଆମେ ପ୍ରତିବଦ୍ଧ ଅଟୁ। ସେହିଭଳି ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଉର୍ମିଳା ମିଶ୍ର କହିଥିଲେ,ଏଚ୍‌ଆଇଭି ସମ୍ପର୍କରେ ଜନ ସଚେତନତା ବୃଦ୍ଧି ପାଇଁ ସମାଜର ବିଭିନ୍ନ ମହଲରେ ପହଞ୍ଚୁଛୁ। କାରଣ ବେଦାନ୍ତର ଏହି ଅଭିଯାନ ବାସ୍ତବିକ୍ ବେଶ୍ ପ୍ରଶଂସନୀୟ ।

## ବଢ଼ିପାରେ ଆୟକର ଛାଡ଼ ସୀମା

ନୂଆଦିଲ୍ଲୀ,୧୨।୧୨

ଆଗାମୀ ବଜେଟ୍ (୨୦୨୩-୨୪) ଅଧିବେଶନରେ କେନ୍ଦ୍ର ସରକାର ଆୟକର ଛାଡ଼ ସୀମା ବଢାଇବା ବିଷୟରେ ଯୋଜନା କରୁଥିବା ଜାତୀୟସ୍ତରର ଗଣମାଧ୍ୟମରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଏପରିକି ବର୍ତ୍ତମାନର ପରିସ୍ଥିତି ସାଙ୍ଗକୁ ଆଗାମୀ ଦିନର ଘଟଣାକୁ ଆଖି ଆଗରେ ରଖି ସରକାର ଏଭଳି ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରିପାରନ୍ତି ବୋଲି ବିଶେଷଜ୍ଞମାନେ ଅକାଳନ କରିଛନ୍ତି। ସେହିପରି ଆୟକର ଛାଡ଼ ସୀମା ବଢାଯିବାର ଯଥେଷ୍ଟ ସମ୍ଭାବନା ରହିଛି। କାରଣ ଦେଶରେ ମୁଦ୍ରାସ୍ଫୀତି ହାର ବୃଦ୍ଧି ସହ ଜୀବନ ଧାରଣର ମାନ ମଧ୍ୟ ମହଙ୍ଗା ହୋଇଛି। ବିଶେଷ କରି ମଧ୍ୟବିତ୍ତ ବର୍ଗର ଲୋକଙ୍କ ଉପରେ ଆୟକର ବୋଝ ଅପରିବର୍ତ୍ତିତ ରହିଛି। ସରକାର ଆୟକର ଛାଡ଼ସୀମା ବଢାଇଲେ ଲୋକଙ୍କ ହାତରେ ଖର୍ଚ୍ଚ କରିବାକୁ କିଛି ଅଧିକ ଅର୍ଥ ରହିବ ବୋଲି ଆକଳନ କରାଯାଇଛି। ଯାହାକି ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧିରେ ବେଶ ସହାୟକ ହେବ। ଅପରପକ୍ଷରେ ୨୦୨୩ ରେ ଘୋଷଣା ହେବାକୁ ଥିବା ବଜେଟ୍ ୨୦୨୪ସାଧାରଣ ନିର୍ବାଚନ ପୂର୍ବରୁ ଶେଷ ପୂର୍ଣ୍ଣାଙ୍ଗ ବଜେଟ୍ ହେବ ବୋଲି କୁହାଯାଉଛି। ବର୍ତ୍ତମାନ ଦେଶରେ ଆୟକର ଛାଡ଼ସୀମା ଅଢେଇ ଲକ୍ଷ ଟଙ୍କା ରହିଛି। ଅଢେଇ ଲକ୍ଷରୁ ୫ ଲକ୍ଷ ମଧ୍ୟରେ ଆୟ ପାଇଁ (ପ୍ରଥମ ଅଢେଇ ଲକ୍ଷ ବାଦ) ୫% ଆୟକର ଆଦାୟ ହେଉଛି।

**ଫୁର୍‌ସତ୍**




## ଭଲ ପ୍ରୋଜେକ୍ଟକୁ ନଷ୍ଟ କରୁଛି ଟଙ୍କା ଲୋଭ

ମୁମ୍ବାଇ

ଗୋଟିଏ ଭଲ ପ୍ରୋଜେକ୍ଟକୁ ନଷ୍ଟ କରିବାରେ ଟଙ୍କା ପ୍ରମୁଖ ଭାବେ ଦାୟୀ ବୋଲି ବଲିଉଡ୍‌ର ସେଲ୍‌ଫମେଡ୍ ଷ୍ଟାର୍ ନୱାଜୁଦ୍ଦିନ ସିଦ୍ଦିକି କହିଛନ୍ତି। ନିକଟରେ ଗଣମାଧ୍ୟମକୁ ସେ ଦେଇଥିବା ଏକ ସାକ୍ଷାତ୍‌କାରରେ କହିଛନ୍ତି ଯେ, ଫିଲ୍ମରେ କାମ କରିବା ଲାଗି ଯେଉଁ ଅଭିନେତା ବା ଅଭିନେତ୍ରୀ ୧୦୦ କୋଟିରୁ ଅଧିକ ଟଙ୍କା ଦାବି କରୁଛନ୍ତି ସେମାନଙ୍କ ପାଇଁ ଫିଲ୍ମଟି ନଷ୍ଟ ହୋଇଯାଉଛି। ଇ-ଟାଇମ୍ସର ଏକ ଇଣ୍ଟରଭ୍ୟୁରେ ଜଣେ ଖବରଦାତା ନୱାଜୁଦ୍ଦିନଙ୍କୁ ପ୍ରଶ୍ନ କରିଥିଲେ ଯେ, ଆପଣ ସିନେମା ଓ ହାଇ ବଜେଟ୍ ଫିଲ୍ମ ଭିତରୁ କାହାକୁ ବାଛିବେ ? ଏହାର ଉତ୍ତରରେ ସେ କହିଥିଲେ ଯେ ଟଙ୍କାରୁ ବହୁ ଊର୍ଦ୍ଧ୍ୱରେ ଗୋଟିଏ ଭଲ ସ୍କ୍ରିପ୍ଟ ଏବଂ ଆଇଡିଆ। କୌଣସି ଅଭିନେତାକୁ ଭଲ ପ୍ରୋଜେକ୍ଟରେ କାମ କରିବାକୁ ମଉକା ମିଳୁଛି ତେବେ ପ୍ରୋଜେକ୍ଟକୁ ହାତଛଡ଼ା କରିବା କଥା ନୁହେଁ। ଜଣେ କଳାକାରର କାମ ଅଭିନୟ କରିବା। ଫିଲ୍ମର ଟିକେଟ୍ ବିକ୍ରି ହେଲା କି ନାହିଁ ତାହା ଫିଲ୍ମ ପ୍ରଯୋଜକର କାମ। ତେଣୁ ପ୍ରତ୍ୟେକ ନିଜ ଡ୍ୟୁଟିକୁ ଭଲଭାବେ ବୁଝି କରିବା ଜରୁରୀ।

# ଦିବାସ୍ୱପ୍ନରେ ୨୦ କୋଟି ଲୋକ

ଲଣ୍ଡନ




ବିଶ୍ୱର ୨୦କୋଟି ଲୋକ ଦିବାସ୍ୱପ୍ନରେ ବୁଡ଼ିରହୁଛନ୍ତି। ଫଳରେ ସେମାନଙ୍କର ଦୈନିକ ୩୦% ସମୟ ନଷ୍ଟ ହେଉଛି। ବ୍ରିଟେନର ସସେକ୍ସ ୟୁନିଭର୍ସିଟି ବିଶେଷଜ୍ଞଙ୍କ ଦ୍ୱାରା କରାଯାଇଥିବା ରିସର୍ଚ୍ଚରୁ ଏହା ଜଣାପଡ଼ିଛି। ଏହି ପ୍ରବୃତ୍ତିର ବ୍ୟକ୍ତିମାନେ ଭାବନାରେ ବୁଡ଼ି ରହିବା ଦ୍ୱାରା ସେମାନେ ବାସ୍ତବିକତାଠାରୁ ନିଜକୁ ବହୁ ଦୂରରେ ରଖୁଛନ୍ତି। ଦିବାସ୍ୱପ୍ନ ଦେଖିବା ଦ୍ୱାରା ସେମାନଙ୍କ ଚାରିପାଖରେ ଏକ କାଳ୍ପନିକ ଜଗତ ତିଆରି ହୋଇଥାଏ। ଏହାଫଳରେ ସେମାନଙ୍କୁ ଏକ ମିଛ ଖୁସି ମିଳିଥାଏ, ଯାହା ସେମାନଙ୍କ ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇଥାଏ।

କାଳ୍ପନିକ ରାଇଜରେ ବୁଡ଼ି ରହିଥିବା ବ୍ୟକ୍ତି କୌଣସି କାମ ଠିକ୍ ଭାବେ ସମ୍ପାଦନ କରିପାରନ୍ତି ନାହିଁ। କାରଣ କାମରେ ସେମାନଙ୍କ ମନ ଲାଗେ ନାହିଁ। ଲୋକଙ୍କଠାରେ ଦେଖିବାକୁ ମିଳୁଥିବା ଏହି ବ୍ୟତିକ୍ରମ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ସେମାନଙ୍କ ମାନସିକତାରେ ପରିବର୍ତ୍ତନ ହେଉଛି। ଛୋଟ ଛୋଟ କଥାରେ ବିବ୍ରତ ହୋଇପଡୁଥିବା ଲୋକଙ୍କ ଚିନ୍ତାଧାରା ଦୁର୍ବଳ ହେବାରେ ଲାଗିଥିବା ୟୁନିଭର୍ସିଟି ଆସୋସିଏଟ୍ ଅଧ୍ୟାପିକା ଜୁଲିଆ ପୋରିଓ କହିଛନ୍ତି। ବିଶ୍ୱରେ ୨.୫% ଲୋକ ଅତ୍ୟଧିକ ମାତ୍ରାରେ ଦିବାସ୍ୱପ୍ନ ଦେଖୁଥିବାବେଳେ ସେମାନଙ୍କର ଏ ପ୍ରକାର ସ୍ଥିତିକୁ ମାଲାଡାପ୍ଟିଭ ଡେଡ୍ରିମିଙ୍ଗ୍ ବୋଲି କୁହାଯାଏ। ଘଣ୍ଟା ଘଣ୍ଟା ଧରି ନିଜ କଳ୍ପନା ଜଗତରେ ବୁଡ଼ି ରହିବା ଫଳରେ ତାଙ୍କ ଜରୁରୀ କାମ ସବୁ ଅଧା ରହିଯାଏ। ଏ ପ୍ରକାର ଚିନ୍ତାଧାରା ସକାଶେ ନିଜ ଦାୟିତ୍ୱ ସେମାନେ ଭୁଲିଯାନ୍ତି। ପରିବାର ଲୋକଙ୍କ ସହ ସେମାନଙ୍କ ସମ୍ପର୍କ ତୁଟିଯାଏ। ଏହି ବ୍ୟକ୍ତିମାନଙ୍କ ନିଦ ମଧ୍ୟ ସମ୍ପୂର୍ଣ୍ଣ ହୋଇ ନ ଥାଏ। ଦିବାସ୍ୱପ୍ନ କାରଣରୁ ମଣିଷ ଶରୀରକୁ ଅନେକ ରୋଗ ଯେମିତି ଡିପ୍ରେଶନ୍, ଡର ଏବଂ ଅବ୍‌ସେସିଭ୍ କମ୍ପଲସିଭ ଡିଜ୍‌ଅର୍ଡର (ଓସିଡି) ଭଳି ରୋଗ ସହଜରେ ଗ୍ରାସ କରିନିଏ। ଏଥିରୁ ବର୍ତ୍ତିବା ଲାଗି ନିଜ ଉପରେ ନିୟନ୍ତ୍ରଣ ଆଣିବା ଜରୁରୀ । କାମର ପ୍ରାଧାନ୍ୟକୁ ବୁଝି ସେ ଗୁଡ଼ିକୁ ସମ୍ପାଦନ କରିବା ଲାଗି ପ୍ରଥମେ ମନକୁ ସ୍ଥିର କରିବା ଆବଶ୍ୟକ।

## ବୋର୍ ହେବାରୁ ଚୋରି କଲେ

ୱାଶିଂଟନ୍



ଅର୍ଥ ଲୋଭରେ ପଡ଼ି ଲୋକ ଚୋରି କରେ ନହେଲେ ଲୋକଙ୍କଠାରୁ ଜୋର ଜବରଦସ୍ତ ଲୁଟ୍ କରେ। ଚୋରିକୁ ନେଇ ଫ୍ଲୋରିଡାରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ଚୋରି ଅଭିଯୋଗରେ ଫ୍ଲୋରିଡା ପୋଲିସ ୪୫ ବର୍ଷୀୟ ନିକୋଲାସ ଜାପାଟରଲାମାଡ୍ରିଡ୍‌ଙ୍କୁ ଗିରଫ କରିଛି। ନିକୋଲାସ ଘରେ ବସି ବୋର୍ ହେଉଥିବା କାରଣରୁ ଏହି ଚୋରି କରିଥିବା କହିଛନ୍ତି। ଦୁଇଦିନ ବ୍ୟବଧାନରେ ନିକୋଲାସ ଓର୍ଲାଣ୍ଡୋ ଟିଡି ବ୍ୟାଙ୍କ ଏବଂ ସର୍କଲ କେ ଗ୍ୟାସ୍ ଷ୍ଟେଶନରେ ଚୋରି କରିଥିବା ପୋଲିସ କହିଛି। ଡିସେମ୍ବର ୫ ତାରିଖ ସକାଳ ପ୍ରାୟ ସାଢେ ୯ଟା ସମୟରେ ନିକୋଲାସ ଟିଡି ବ୍ୟାଙ୍କରେ ପହଞ୍ଚିଥିଲେ। ସେଠାରେ ଥିବା ଜଣେ କର୍ମଚାରୀଙ୍କୁ ସେ ଏକ ଚିଠା ଦେଇଥିଲେ। ସେଥିରେ ଅତ୍ୟାଚାର ଓ ଟଙ୍କା ମାତ୍ର ଦୁଇଟି ଶବ୍ଦ ଲେଖାଥିଲା। ନିକୋଲାସଙ୍କ ପାଖରେ ମାରଣାସ୍ତ୍ର ଥିବା ଭାବି କର୍ମଚାରୀ ସେ ସମୟରେ ବ୍ୟାଙ୍କରେ ଥିବା ଟଙ୍କା ତାଙ୍କୁ ଦେଇଥିଲେ। ଏହାପରେ ଘଟଣାସ୍ଥଳରୁ ନିକୋଲାସ ଚମ୍ପଟ ମାରିଥିଲେ। ଦୁଇଦିନ ପରେ ସର୍କଲ୍ କେ. ଗ୍ୟାସ୍ ଷ୍ଟେଶନରୁ ସମାନ ଭାବେ ଟଙ୍କା ଲୁଟ୍ କରିଥିଲେ। ଚୋରି ଭିଆଇବାର ମାତ୍ର ୨ ମିନିଟରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେଠାରୁ ନିକୋଲାସଙ୍କୁ ଗିରଫ କରିନେଇଥିଲା।

## ବାହାଘର ଫଟୋ ଉଠାଇବାକୁ ବର, କନ୍ୟା ପକ୍ଷ ମାର୍‌ପିଟ୍

ଲକ୍ଷ୍ନୌ

ବାହାଘରରେ ବର, କନ୍ୟାଙ୍କ ସହ ଫଟୋ ଉଠାଇବା ପାଇଁ ଅତିଥି ଓ ପରିବାର ଲୋକଙ୍କ ମଧ୍ୟରେ ଉତ୍ସାହ ରହିଥାଏ। ଏହି ଫଟୋ ଉଠାକୁ ନେଇ ଅନେକ ସମୟରେ ପରିବାର ଲୋକଙ୍କ ମଧ୍ୟରେ ମତାନ୍ତର ଦେଖାଯାଏ କିନ୍ତୁ କୌଣସି ସ୍ଥାନରେ ମାର୍‌ପିଟ୍ ଘଟଣା ଘଟିବା ପଢ଼ିଲାବେଳକୁ ହୁଏତ ଅଜବ ଲାଗିବ। ଉତ୍ତର ପ୍ରଦେଶ ଦେଓରିଆ ଜିଲା ରାମପୁର କାରଖାନା ଅଞ୍ଚଳରେ ଏକ ବାହାଘର ଅନୁଷ୍ଠିତ ହେଉଥିଲା। ବରଣମାଳା ପିନ୍ଧା ସରିବା ପର ବର,କନ୍ୟା ବିବାହ ମଣ୍ଡପରେ ବସି ଫଟୋ ଉଠାଉଥିବାବେଳେ ଉଭୟ ପକ୍ଷଙ୍କ ପରିବାର ଲୋକଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। କିଏ ପ୍ରଥମେ ନବ ଦମ୍ପତିଙ୍କ ସହ ଫଟୋ ଉଠାଇବ ତାକୁ ନେଇ ଯୁକ୍ତିତର୍କ ହୋଇଥିଲା। ପରେ ମାର୍‌ପିଟ୍ ଆରମ୍ଭ ହୋଇଗଲା। ସ୍ଥାନୀୟ ପୋଲିସ ସେଠାରେ ପହଞ୍ଚି ଘଟଣାର ସମାଧାନ କରିଥିଲା। ପୁଅଘର ପଟୁ ଆସିଥିବା କେତେଜଣ ଲୋକ ମଦ ପିଇ ଏପରି କରିଥିବା ଜଣାପଡ଼ିଥିଲା। ବୁଝାଶୁଝା ପରେ ସେମାନଙ୍କ ବାହାଘର ହୋଇଥିଲା।

# ଫ୍ୟାମିଲି ଟାଇମ୍

**କ୍ୟାରିୟରରେ ସଫଳତାର ଶୀର୍ଷରେ ପହଞ୍ଚିବାକୁ ସମସ୍ତେ ଚାହାନ୍ତି। କିନ୍ତୁ କେତେକେ ଏଥିପାଇଁ ପରିବାରକୁ ଅଣଦେଖା କରିଥାନ୍ତି, ଯାହାର ଭିନ୍ନ ପ୍ରଭାବ ଦେଖିବାକୁ ମିଳେ। ତେଣୁ ବ୍ୟସ୍ତତା ଭିତରେ ବି ପରିବାର ସହ ସମୟ ବିତାନ୍ତୁ, ଯାହାଫଳରେ ଶାରୀରିକ ସୁସ୍ଥତା ସହ ମାନସିକ ଶାନ୍ତି ବି ପାଇପାରିବେ...**



ପରିବାର ସହ କେବେ କେବେ ବୁଲିବାକୁ ଯିବା, ଏକାଠି ଖାଇବା, ଏକାଠି ବସି ହସମଜା କରିବାକୁ ସମସ୍ତଙ୍କୁ ଭଲ ଲାଗେ। ଏମିତି ସମୟ କଟାଇବାରେ ବି ଲୁଚି ରହିଥାଏ ସଫଳତା। କାରଣ ପରିବାର ସହ ଖୁସିରେ ସମୟ କାଟିଲେ ମାନସିକ ଅବସାଦ ଭଳି ଅନେକ ସମସ୍ୟାରୁ ମୁକ୍ତି ମିଳିଥାଏ। ତେଣୁ କାର୍ଯ୍ୟବ୍ୟସ୍ତତା ଭିତରେ ବି କିଛି ସମୟ ବାହାରକରି ପରିବାର ସହ ରହିବା ଜରୁରୀ।

## ଏମାନେ କ'ଣ କରନ୍ତି



**ପ୍ରତି ସପ୍ତାହରେ ବୁଲିବା ପ୍ଲାନ୍ କରୁ:** ପ୍ରତି ସପ୍ତାହରେ ଆମେ ସମସ୍ତେ ଏକାଠି ବାହାରେ ଖାଇବାକୁ ଯାଉ। କୌଣସି ଉତ୍ସବ ଥିଲେ ଥରଟେ ହେଲେ ବି ଆମେ ବୁଲିବା ପାଇଁ ପ୍ଲାନ୍ କରିଥାଉ। ଅଳ୍ପ ସମୟ ପାଇଁ ହେଲେ ବି ଥରେ ବାହାରକୁ ଯାଇ ବୁଲି ଆସିବା ପରେ ପିଲାମାନେ ତ ବହୁତ ଖୁସି ହୋଇଯାନ୍ତି ତା' ସହ ଶାଶୁ ଶ୍ୱଶୁର ବି ଖୁସି ହୋଇଥାନ୍ତି। ଆଉ ଘରେ ସମସ୍ତଙ୍କୁ ଖୁସିରେ ଦେଖିଲେ ମତେ ବି ବହୁତ ଖୁସି ଲାଗେ।

*-ମହାଶ୍ୱେତା ତ୍ରିପାଠୀ, କର୍ମଜୀବୀ, ଭୁବନେଶ୍ୱର*



**ଫ୍ରେଶ୍ ଲାଗେ:** ସବୁ ଶନିବାର ମୁଁ ପୁଅକୁ ନେଇ ଗାଁକୁ ଯାଏ। ସେଠି ଶାଶୁ ଶ୍ୱଶୁର ଆଉ ଅନ୍ୟ ସମସ୍ତଙ୍କ ସହ ଏକାଠି ରହି ପୁଅ ବହୁତ ଖୁସି ହୋଇଯାଏ। ମତେ ବି ଗାଁ ପରିବେଶରେ ରହିବାକୁ ବହୁତ ଭଲ ଲାଗେ। ଦିନଟିଏ ସେଠି ରହି ଆସିବା ପରେ ପୁଣି ସପ୍ତାହ ସାରା କାମ କରିବା ପାଇଁ ଫ୍ରେଶ୍ ଲାଗେ।

*-ଦେବେନ୍ଦ୍ରିତା ଦାଶ, କର୍ମଜୀବୀ, ପାରାଦୀପ*



**ସମ୍ପର୍କ ମଜଭୁତ ହୁଏ:** ଘରେ ପ୍ରାୟ ଭୋଜି କରିବା ବାହାନାରେ ଅନେକ ଥର ସମସ୍ତେ ଏକାଠି ହେଉ। ବେଳେବେଳେ ପାଖରେ ଥିବା ବନ୍ଧୁ ସମ୍ପର୍କୀୟମାନେ ବି ଆସନ୍ତି। ଏମିତି ଭୋଜି ମାଧ୍ୟମରେ ସମସ୍ତେ ଏକାଠି ହେଲେ ଭଲ ଲାଗେ। ତା' ଛଡ଼ା ଦିନସାରା କାମରେ ଏପଟ ସେପଟ ହେବା ପରେ ଆମେ ରାତିରେ ଘରେ ସମସ୍ତେ ଏକାଠି ସାଙ୍ଗ ହୋଇ ଖାଉ। ଯଦି ଘରକୁ ଫେରିବା ପାଇଁ କାହାର ଡେରି ହୁଏ ତା'ହେଲେ ମୁଁ ପିଲାମାନଙ୍କୁ ଠିକ୍ ସମୟରେ ଖାଇବାକୁ ଦେଇ ଶୁଆଇଦିଏ। କିନ୍ତୁ ମୁଁ ଅପେକ୍ଷା କରିଥାଏ, ସେ ଫେରିବା ପରେ ହିଁ ସାଙ୍ଗ ହୋଇ ଖାଉ। ଏକାଠି ଖାଇବା ଦ୍ୱାରା ସ୍ନେହ ପ୍ରେମ ଭାବ ବଢ଼ିଥାଏ ଆଉ ସମ୍ପର୍କ ମଜଭୁତ ହୋଇଥାଏ।

*-ସସ୍ମିତା ମଞ୍ଜରୀ ଦାଶ, କର୍ମଜୀବୀ, ରାହାମା, ଜଗତ୍‌ସିଂହପୁର*











କହିବାକୁ ଗଲେ ସବୁ କ୍ଷେତ୍ରରେ ସଫଳ ହେବା ପାଇଁ ହେଲେ ପରିବାର ସହିତ ଏକାଠି ରହିବାକୁ ଅନେକେ ପରାମର୍ଶ ଦେଉଛନ୍ତି।

**ଚିନ୍ତାରୁ ମୁକ୍ତି:** ଅଫିସ କାମର ଚାପ ହେଉ କିମ୍ବା ଅନ୍ୟ କୌଣସି ଦୁଶ୍ଚିନ୍ତାରୁ ମୁକ୍ତି ପାଇବାକୁ ହେଲେ ପରିବାର ସହ ଖୁସିରେ କିଛି ସମୟ କଟାନ୍ତୁ। ପରିବାରରେ ଆତ୍ମୀୟଙ୍କ ସହ ରହିବା ଫଳରେ ଅନେକ ସମସ୍ୟାର ସମାଧାନ ସହଜରେ ହୋଇଯାଏ ଏବଂ ମନ ଖୁସି ରହେ। ନିଜର ଚିନ୍ତା ବା କୌଣସି ସମସ୍ୟାକୁ ଅନ୍ୟମାନଙ୍କ ମଧ୍ୟରେ ବାଣ୍ଟିବା ଫଳରେ ସମାଧାନର ଅନେକ ରାସ୍ତା ବାହାରିଥାଏ। ନିଜର ଲୋକେ ସାହାଯ୍ୟ କରିବା ପାଇଁ ମଧ୍ୟ ଆଗେଇ ଆସନ୍ତି। ଫଳରେ ଚିନ୍ତା ବା ଅବସାଦ କମ୍ ହୋଇଥାଏ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ରହିଥାଏ।

**ପିଲାଙ୍କ ଭବିଷ୍ୟତ:** ପିଲାମାନେ ସମସ୍ତଙ୍କ ସହ ପରିବାରରେ ଏକାଠି ରହିଲେ ବେଶ୍ ଖୁସି ହୁଅନ୍ତି। ତେଣୁ ସେମାନଙ୍କ ଉପରେ ସକାରାତ୍ମକ ପ୍ରଭାବ ପଡ଼ିଥାଏ। ଗୁରୁଜନଙ୍କ ସହ ଅଧିକାଂଶ ସମୟ ରହିବା ଫଳରେ ସେମାନଙ୍କ ବ୍ୟବହାର ମଧ୍ୟ ସେହି ଅନୁରୂପ ମାର୍ଜିତ ହୋଇଥାଏ। ତେଣୁ ପିଲାଙ୍କ ଲାଳନପାଳନ ବି ଆପେ ଆପେ ଭଲ ହୋଇଥାଏ।

**ସଫଳତା ମିଳେ:** ମନ ଖୁସି ରହିଲେ କାମ କରିବା ପାଇଁ ଆଗ୍ରହ ବୃଦ୍ଧି ପାଇଥାଏ। ତେଣୁ କମ୍ ସମୟରେ ଭଲ କାମ କରିବାର ଉର୍ଜା ସୃଷ୍ଟି ହୋଇଥାଏ। ପରିବାର ସହ ଏକାଠି ରହିଲେ ଉଭୟ ମାନସିକ ସ୍ୱାସ୍ଥ୍ୟ ଭଲ ରହିବା ସହ ଶରୀର ମଧ୍ୟ ଭଲ ରହିଥାଏ। ତେଣୁ ଅଫିସ ହେଉ କି ଅନ୍ୟ ଯେକୌଣସି କ୍ଷେତ୍ର ସବୁଠାରେ ପ୍ରତି କାମରେ ସଫଳତା ମିଳିଥାଏ।

# ପିଲାଙ୍କ ପାଇଁ ଟିଫିନ୍

**କିଭଳି ଖାଦ୍ୟ ତିଆରି କଲେ ପିଲାଙ୍କୁ ପସନ୍ଦ ଆସିବ ଏବଂ ସେମାନଙ୍କ ସ୍ୱାସ୍ଥ୍ୟ ଭଲ ରହିବ, ସେଥିପାଇଁ ସବୁ ଗୃହିଣୀ ଚେଷ୍ଟା କରିଥାନ୍ତି। ତେବେ ପିଲାଙ୍କ ପାଇଁ ଟିଫିନ୍ ତିଆରି କରିବା ସମୟରେ କେତେକ ଦିଗ ପ୍ରତି ଧ୍ୟାନଦିଅନ୍ତୁ। ଫଳରେ ଏହି ସମସ୍ୟା ଅନେକାଂଶରେ ଦୂର ହୋଇପାରିବ...**

- ପିଲାଙ୍କ ପାଇଁ ଯଦି କୌଣସି ପ୍ରକାର ଲୁଣିଖାଦ୍ୟ ତିଆରି କରୁଥାନ୍ତି ତେବେ ସେଥିରେ ଲଙ୍କାଗୁଣ୍ଡ ଓ ଗରମ ମସଲା କମ୍ ବ୍ୟବହାର କରନ୍ତୁ। ନଚେତ୍ ପିଲାଙ୍କ ପେଟ ଖରାପ ହେବା ଆଶଙ୍କା ରହିଥାଏ।
- ବାହାରର ପ୍ରୋସେସ୍ଡ ଫୁଡ୍ କିମ୍ବା ଫ୍ରୋଜନ୍ ଫୁଡ୍ ଦେବା ବଦଳରେ ଘରେ ତିଆରି ହେଉଥିବା ରୁଟି, ଖେଚୁଡ଼ି, ଭାତ, ଡାଲି, ଭଜା, ଓଟ୍ସ ଓ ଫଳ ଆଦି ଖାଇବାକୁ ଦିଅନ୍ତୁ।
- ପିଲାମାନେ ଯଦି ଡାଲି କିମ୍ବା କୌଣସି ପରିବା ଖାଇବାକୁ ପସନ୍ଦ କରୁନାହାନ୍ତି ତେବେ ତାକୁ ଟିକେ ଭିନ୍ନ ଢଙ୍ଗରେ ପ୍ରସ୍ତୁତ କରିବା ପାଇଁ ଚେଷ୍ଟା କରନ୍ତୁ।
- ପିଲାଙ୍କୁ ତେଲ ମସଲାଯୁକ୍ତ ଖାଦ୍ୟ କମ୍ ଦିଅନ୍ତୁ।
- କୌଣସି ଖାଦ୍ୟ ଖାଇବା ପାଇଁ ପିଲା ଯଦି ଅମଙ୍ଗ ହେଉଥାଏ ତେବେ ତାଙ୍କୁ ବାଧ କରିବା ବଦଳରେ ବୁଝାଶୁଝା କରି କିମ୍ବା ଅନ୍ୟ ଶୈଳୀରେ ଖାଦ୍ୟ ପ୍ରସ୍ତୁତ କରି ଦିଅନ୍ତୁ।
- ପିଲାଙ୍କୁ ବାହାର ଖାଦ୍ୟ ଓ ଜଙ୍କଫୁଡ୍ ଠାରୁ ଦୂରେଇ ରଖନ୍ତୁ।



# ଶୀତଦିନେ ବଢ଼ାନ୍ତୁ ଇମ୍ୟୁନିଟି

**ସାଧାରଣତଃ ଶୀତଦିନେ ଥଣ୍ଡା, କାଶ ସହ ଭାଇରାଲ୍ ଇନ୍‌ଫେକସନ୍ ଆଦି ବିଭିନ୍ନ ସମସ୍ୟା ଦେଖାଦେଇଥାଏ। ଏସବୁ ସମସ୍ୟାରୁ ଦୂରେଇ ରହିବା ପାଇଁ ହେଲେ ନିଜର ଇମ୍ୟୁନିଟି ବଢ଼ାଇବାକୁ ହେବ। ତେଣୁ ଏହି ଋତୁରେ ଇମ୍ୟୁନିଟି ବଢ଼ାଇବା ପାଇଁ କ'ଣ ଖାଇବେ ଜାଣିରଖନ୍ତୁ...**



★ଶୀତଦିନେ ପ୍ରତିଦିନ ବାଦାମ ଖାଆନ୍ତୁ। ଏହାକୁ ସୁପରଫୁଡ୍ ବୋଲି କୁହାଯାଏ। ଅବଶ୍ୟ ସବୁ ଋତୁରେ ଏହାକୁ ଖାଇପାରିବେ। ରୋଗ ପ୍ରତିରୋଧକ କ୍ଷମତା ମଜଭୁତ କରିବା ପାଇଁ ବାଦାମକୁ ରାତିରେ ଭିଜାଇ ସକାଳୁ ଖାଇପାରିବେ। ଅନ୍ୟ ଖାଦ୍ୟ ସହ ଏହାକୁ ମିଶାଇ ଖାଇଲେ ବି ଫାଇଦା ମିଳିବ।

★ଶୀତଦିନେ ରସୁଣ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ସକାଳୁ ପ୍ରତିଦିନ ଖାଲି ପେଟରେ ରସୁଣ ଖାଇଲେ ବହୁ ଫାଇଦା ମିଳିଥାଏ। ତରକାରି କିମ୍ବା ମସଲାରେ ମଧ୍ୟ ରସୁଣ ଖାଇବା ଦ୍ୱାରା ଅନେକ ଲାଭ ହୋଇଥାଏ।

★ଥଣ୍ଡାଦିନେ ଇମ୍ୟୁନିଟି ମଜଭୁତ କରିବା ପାଇଁ ଅଦା ଅତ୍ୟନ୍ତ ଉପକାରୀ। ପ୍ରତିଦିନ ଖାଲିପେଟରେ ଅଦାକୁ ଲୁଣ ସହ ଖାଇଲେ ପେଟର ବିଭିନ୍ନ ସମସ୍ୟା ଭଲ ହେବା ସହିତ ଥଣ୍ଡାକାଶ ଆଦି କମ୍ ହୋଇଥାଏ। ଅଦାକୁ ଭାଜି କିମ୍ବା କାଢା ଅବା ଚା' ସହ ବି ଖାଇପାରିବେ।

★ଇମ୍ୟୁନିଟି ବଢ଼ାଇବା ପାଇଁ ସବୁଠୁ ଭଲ ଉପାୟ ହେଉଛି ତୁଳସୀ ଓ ମହୁ। ତୁଳସୀକୁ କାଢ଼ା କିମ୍ବା ଚା' ସହ ମିଶାଇ ବି ପିଇପାରିବେ। ଏହା ବ୍ୟତୀତ ଶୀତଦିନିଆ ଫଳ ଓ ପନିପରିବା ଯଥେଷ୍ଟ ମାତ୍ରାରେ ଖାଆନ୍ତୁ।

ଖାଦ୍ୟରୁଚି

# ମୁଗ ସୋୟାବିନ୍ ବରା

### ଆବଶ୍ୟକ ସାମଗ୍ରୀ

ମୁଗଡାଲି-୨୦୦ଗ୍ରାମ୍, ସୋୟାବିନ୍- ୧୦୦ ଗ୍ରାମ୍, ପିଆଜ- ୩ଟି, କଞ୍ଚାଲଙ୍କା- ୩ଟି, ଆବଶ୍ୟକ ଅନୁସାରେ ତେଲ ଓ ଲୁଣ।

### ପ୍ରସ୍ତୁତି ପ୍ରଣାଳୀ

ମୁଗଡାଲି ଏବଂ ସୋୟାବିନ୍‌କୁ ରାତିରୁ ଭିଜାଇ ରଖନ୍ତୁ। ସକାଳେ ମୁଗଡାଲି ଏବଂ ସୋୟାବିନ୍‌ରୁ ପାଣି ବାହାର କରିଦେଇ ତାକୁ ଗ୍ରାଇଣ୍ଡରରେ ଦର ଦର ବଟା କରି ବାହାରକରି ଦିଅନ୍ତୁ। ପିଆଜ ଓ କଞ୍ଚାଲଙ୍କାକୁ ଚୂନା ଚୂନା କରି କାଟି ଏଥିରେ ମିଶାନ୍ତୁ। ଏହି ମିଶ୍ରଣରେ ଲୁଣ ପକାଇ ଏସବୁକୁ ଭଲଭାବେ ଗୋଳାଇ ଦିଅନ୍ତୁ। ଏବେ କଡ଼େଇରେ ତେଲ ଗରମକରି ସେଥିରେ ଏହି ମିଶ୍ରଣକୁ ଛୋଟ ଛୋଟ କରି ଛାଣି ନିଅନ୍ତୁ। ବାଦାମୀ ରଙ୍ଗ ହେବା ପରେ ଛାଣି ବାହାର କରିଦିଅନ୍ତୁ। ଏହାକୁ ଆପଣ ତାୱାରେ ତେଲ ଦେଇ ଭାଜିପାରିବେ। ଟମାଟୋ ସସ୍ ସହିତ ଏହାକୁ ଗରମ ଗରମ ଖାଆନ୍ତୁ।



ସୌନ୍ଦର୍ଯ୍ୟ

# ହେୟାର ମାସ୍କ

**ଶୀତଦିନେ ଅନେକଙ୍କର କେଶରେ ରୂପି ସମସ୍ୟା ଦେଖାଦେଇଥାଏ। ଏହି ସମସ୍ୟା ଦୂରକରି କେଶକୁ ସୁନ୍ଦର କରିବା ପାଇଁ ଜାଣିରଖନ୍ତୁ କିଛି ଘରୋଇ ଉପାୟ...**





### ନଡ଼ିଆତେଲ ଓ ନିମ୍ବ

ନଡ଼ିଆତେଲ ୪ ବଡ଼ ଚାମଚ ଆଣି ସେଥିରେ ୧ ଚାମଚ ନିମ୍ବପତ୍ରକୁ ଗୁଣ୍ଡକରି ମିଶାନ୍ତୁ। ଏହି ମିଶ୍ରଣକୁ ହାଲ୍‌କା ଗରମକରି କେଶମୂଳରେ ମାଲିସକରି ଅତିକମ୍‌ରେ ୨୦ ମିନିଟ୍ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ଶେଷରେ ଶାମ୍ପୁ କରି ଦିଅନ୍ତୁ। ନଡ଼ିଆତେଲ ଓ ନିମ୍ବଗୁଣ୍ଡର ମାତ୍ରାକୁ ଚାହିଁଲେ ଆପଣ ନିଜ କେଶ ଅନୁସାରେ କମ୍ ବେଶି କରିପାରିବେ।

### ଆଲୋଭେରା ଓ ଭିନେଗାର

୨ବଡ଼ ଚାମଚ ଆଲୋଭେରା ଜେଲ୍ ସହ ୨ ବଡ଼ ଚାମଚ ଆପଲ ସାଇଡର ଭିନେଗାର ପକାନ୍ତୁ। ମିଶ୍ରଣକୁ ପତଳା କରିବା ପାଇଁ ଏଥିରେ ଅଳ୍ପ ପାଣି ମିଶାଇ ଭଲ ଭାବେ ଗୋଳାନ୍ତୁ ଏବଂ କେଶମୂଳରେ ଲଗାନ୍ତୁ। ମିଶ୍ରଣକୁ ଲଗାଇବା ପରେ ଅତି କମ୍‌ରେ ୨୦ ମିନିଟ୍ ପରେ ଧୋଇଦିଅନ୍ତୁ।

### ମନ୍ଦାରଫୁଲ ଓ ମେଥି

ପ୍ରଥମେ କିଛି ମନ୍ଦାରଫୁଲ ସହ ପାଣିରେ୨ ବଡ଼ ଚାମଚ ମେଥିକୁ ରାତିରୁ ଭିଜାଇ ଦିଅନ୍ତୁ। ସକାଳୁ ଏହାକୁ ଭଲଭାବେ ବାଟି ସେଥିରେ ୧ ଚାମଚ ଅଲିଭ ଅଏଲ କିମ୍ବା ନଡ଼ିଆତେଲ ମିଶାଇ କେଶମୂଳରେ ଲଗାନ୍ତୁ। ମିଶ୍ରଣକୁ ଲଗାଇବାର ୩୦ ମିନିଟ୍ ପରେ କେଶ ଧୋଇଦିଅନ୍ତୁ। ଏହି ମିଶ୍ରଣକୁ ଯେତେ ଅଧିକ ସମୟ ଲଗାଇ ରଖିବେ କେଶ ପାଇଁ ସେତେ ଭଲ।

### ଟି ଟ୍ରି ଅଏଲ ଓ ଅଲିଭ ଅଏଲ

ପ୍ରଥମେ ୪ ବଡ଼ ଚାମଚ ଅଲିଭ ଅଏଲ ନେଇ ସେଥିରେ ୫ ବୁନ୍ଦା ଟି ଟ୍ରି ଅଏଲ ମିଶାନ୍ତୁ। କେଶର ଲମ୍ୱା ଅନୁସାରେ ଏହି ତେଲ ମିଶ୍ରଣ ଅଧିକ କରିପାରିବେ। ଏବେ ଏହାକୁ କେଶମୂଳରେ ଲଗାଇ ଅତି କମ୍‌ରେ ୩୦ ମିନିଟ୍ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ତା'ପରେ କେଶକୁ ଆପଣ ଶାମ୍ପୁ କରିପାରିବେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମେସିଙ୍କ ସ୍ୱପ୍ନ ଭାଙ୍ଗିବା ଲକ୍ଷ୍ୟରେ କ୍ରୋଏସିଆ

**ଅଲ ଖୋର,୧୨।୧୨(ପି.ଟି.)**

କ୍ୱାର୍ଟର ଫାଇନାଲରେ ବ୍ରାଜିଲ ସୁପର ଷ୍ଟାର ନେମାରଙ୍କ ବିଶ୍ୱକପ୍ ସ୍ୱପ୍ନକୁ ଶେଷ କରିବା ପରେ ଆଉ ଏକ ବିପର୍ଯ୍ୟୟ ସୃଷ୍ଟି କରିବା ଲକ୍ଷ୍ୟରେ ରହିଛି କ୍ରୋଏସିଆ। ଚଳିତ ବିଶ୍ୱକପ୍‌ରେ ବିପର୍ଯ୍ୟୟ ପରେ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ପ୍ରଥମେ ନେମାର ଓ ପରେ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ଆଖିରୁ ପରାଜୟ ପରେ ଲୁହ ଝରିଛି। ଲିଓନେଲ ମେସିଙ୍କର ଏହା ଶେଷ ବିଶ୍ୱକପ୍ ହୋଇଥିବା ବେଳେ ତାଙ୍କ ସ୍ୱପ୍ନ ଭାଙ୍ଗିବା ଲକ୍ଷ୍ୟରେ ରହିଛି ୨୦୧୮ ସଂସ୍କରଣର ରନର୍ସ ଅପ୍ ଦଳ। ମେସି ଓ ବିଶ୍ୱକପ୍ ମଧ୍ୟରେ ରହିଥିବା ରାସ୍ତାରେ ପ୍ରତିବନ୍ଧକ ସାଜିବାକୁ ଯାଉଛି ଦଳ। ଏହାସହିତ ୨୦୧୮ ପରେ ଦ୍ୱିତୀୟ ଥର ଫାଇନାଲ ଖେଳିବା ଲକ୍ଷ୍ୟରେ ରହିଛି କ୍ରୋଏସିଆ। ଆମେ କୌଣସି ଦଳକୁ ଭୟ ନ କରି ଆମ ଖେଳ ଉପରେ ଧ୍ୟାନକେନ୍ଦ୍ରିତ କରିବା ଉଚିତ ବୋଲି କ୍ରୋଏସିଆ ଡିଫେଣ୍ଡର ଜୋସିପ୍ ଜୁରାନୋଭିକ୍ ସୂଚନା ଦେଇଛନ୍ତି। ଏକତ୍ରିତ ହୋଇ ଖେଳିବା ଆମର ଶକ୍ତି। ଦଳ ଭାବରେ ନୁହେଁ ବରଂ ପରିବାର ଭାବେ ଖେଳି ଆମେ ଏହି ସଫଳତା ହାସଲ କରିଛୁ ବୋଲି ସେ କହିଛନ୍ତି। ଚଳିତ ବିଶ୍ୱକପ୍‌ରେ ମେସି ନିଜ ପ୍ରଦର୍ଶନ ଜରିଆରେ ଉଦାହରଣ ସୃଷ୍ଟି କରିଛନ୍ତି। ୫ ମ୍ୟାଚ୍‌ରୁ ୪ ଗୋଲ ସ୍କୋର କରିଥିବା ବେଳେ କ୍ୱାର୍ଟର ଫାଇନାଲରେ ନାହୁଏଲ ମୋଲିନାଙ୍କୁ କରିଥିବା ଆସିଷ୍ଟ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳ ରହିଥିଲା। ୭ଥର ବାଲନ୍ ଡି'ଅର ହାସଲ କରିଥିବା ମେସି ବର୍ତ୍ତମାନ ନିଜ କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ରହିଛନ୍ତି। ମେସିଙ୍କ ଫର୍ମ କାରଣରୁ ଆର୍ଜେଣ୍ଟିନା ୧୯୮୬ ପରେ ପ୍ରଥମ ଟାଇଟଲ ହାସଲ କରିବାକୁ ଚାହୁଁଛି। ଶେଷଥର ପାଇଁ ୨୦୧୪ରେ ଦଳ ଫାଇନାଲ ପ୍ରବେଶ କରିଥିଲେ ହେଁ ଜର୍ମାନୀ ନିକଟରୁ ୧-୦ରେ ପରାଜିତ ହୋଇଥିଲା। ଲୁସେଲ ଷ୍ଟାଡିୟମରେ ହେବାକୁଥିବା ମ୍ୟାଚ୍ ପୂର୍ବରୁ କ୍ରୋଏସିଆ ଦଳ ବେଶ୍ ଶାନ୍ତ ଜଣାପଡୁଛି। ମେସିଙ୍କୁ ରୋକିବା ପାଇଁ ଦଳ କୌଣସି ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରି ନ ଥିବା କହିଛନ୍ତି ଷ୍ଟ୍ରାଇକର ବ୍ରୁନୋ ପେଟକୋଭିକ୍। କୌଣସି ଖେଳାଳିଙ୍କୁ ରୋକିବା ଅପେକ୍ଷା ଦଳକୁ ରୋକିବା ଉପରେ ଆମେ ଧ୍ୟାନ ଦେଉ ବୋଲି ସେ କହିଛନ୍ତି। ଆର୍ଜେଣ୍ଟିନା କେବଳ ମେସି ନୁହନ୍ତି, ତେଣୁ ଜଣେ ଖେଳାଳିଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା କରିବା ଅସମ୍ଭବ। ମିଡ୍‌ଫିଲ୍ଡର ଲୁକା ମୋଡ୍ରିକ୍ କ୍ରୋଏସିଆର ଅନ୍ୟତମ ଶ୍ରେଷ୍ଠ ଖେଳାଳି। କ୍ରୋଏସିଆ କୋଚ୍ ଜ୍ଲାଟିକୋ ଡାଲିକ ବ୍ରାଜିଲ ବିପକ୍ଷ ବିଜୟ ପରେ ଦଳର ମିଡ୍‌ଫିଲ୍ଡକୁ ବିଶ୍ୱର ଶ୍ରେଷ୍ଠ ବୋଲି କହିଛନ୍ତି। ମାଟେଓ କୋଭାସିକ୍, ଲୁକା ମୋଡ୍ରିକ୍ ଏବଂ ମାର୍ସେଲୋ ବ୍ରୋଜୋଭିକ୍‌ଙ୍କ ଯୋଡ଼ି ବିଶ୍ୱର ଶ୍ରେଷ୍ଠ। ଏହି ଖେଳାଳିଙ୍କ ପାଖରେ ବଲ୍ ରହିଲେ ତାହା ବ୍ୟାଙ୍କରେ ଥିବା ପଇସାଠାରୁ ମଧ୍ୟ ଅଧିକ ସୁରକ୍ଷିତ ବୋଲି ସେ କହିଛନ୍ତି।


ଲିଓନେଲ ମେସି


ଲୁକା ମୋଡ୍ରିକ

**ମେସି ବନାମ ମୋଡ୍ରିକ୍:** ଉଭୟ ଦଳର ଦୁଇ ଭେଟେରାନ ଖେଳାଳି ଲିଓନେଲ ମେସି ଓ ଲୁକା ମୋଡ୍ରିକ୍‌ଙ୍କ ପାଇଁ ଏହା ଶେଷ ବିଶ୍ୱକପ୍। ଉଭୟ ଖେଳାଳି ବିଶ୍ୱକପ୍ ଟ୍ରଫି ସହିତ ନିଜ କ୍ୟାରିୟର ଶେଷ କରିବାକୁ ଚାହିଁବେ। ଡିଏଗୋ ମାରାଡୋନାଙ୍କ ପରେ ମେସି ନିଜ ପ୍ରଦର୍ଶନ ବଳରେ ହିଁ ଆର୍ଜେଣ୍ଟିନାକୁ ସେମିଫାଇନାଲରେ ପହଞ୍ଚାଇଛନ୍ତି। ତେବେ ମାତ୍ର ୪୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର କ୍ରୋଏସିଆ ଏହାର ରାସ୍ତାରେ ରହିଛି। ବିଗତ କିଛି ବର୍ଷ ମଧ୍ୟରେ ଏକ ଶକ୍ତିଶାଳୀ ଦଳ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ଦଳ ପାଖରେ ବିଶ୍ୱ ଫୁଟ୍‌ବଲର ଶ୍ରେଷ୍ଠ ମିଡ୍‌ଫିଲ୍ଡର ଲୁକା ମୋଡ୍ରିକ୍ ରହିଛନ୍ତି। ଆର୍ଜେଣ୍ଟିନା ୨୦୧୪ ଓ କ୍ରୋଏସିଆ ୨୦୧୮ରେ ରନର୍ସଅପ୍ ରହିଥିଲେ। ଚଳିତ ବିଶ୍ୱକପ୍ ପୂର୍ବରୁ ଆର୍ଜେଣ୍ଟିନାକୁ ଅନ୍ୟତମ ଟାଇଟଲ ଫେଭରାଇଟ୍ ଭାବରେ ବିବେଚନା କରାଯାଉଥିଲା। କୋପା ଆମେରିକା ଚାମ୍ପିୟନ ଆର୍ଜେଣ୍ଟିନା କ୍ରମାଗତ ୩୬ ବିଜୟ ସହ ଟୁର୍ନାମେଣ୍ଟରେ ପ୍ରବେଶ କରିଥିଲେ ମଧ୍ୟ ସାଉଦି ଆରବ ବିପକ୍ଷ ମ୍ୟାଚ୍‌ରେ ପରାଜିତ ହୋଇଥିଲା। ଏହି ପରାଜୟ ପରେ ଦଳ ମେସିଙ୍କ ନେତୃତ୍ୱରେ ନିୟମିତ ଭଲ ପ୍ରଦର୍ଶନ କରିଆସିଛି। ଅନ୍ୟପକ୍ଷରେ ମେସି ମଧ୍ୟ ବ୍ୟକ୍ତିଗତ ଭାବେ ଖୁବ୍ ଭଲ ପ୍ରଦର୍ଶନ କରୁଛନ୍ତି। ପିଏସ୍‌ଜି ଷ୍ଟ୍ରାଇକର ମେସି ବର୍ତ୍ତମାନ ସୁଦ୍ଧା ୪ ଗୋଲ କରିଥିବା ବେଳେ କେବଳ ଏମ୍‌ବାପେଙ୍କ ପଛକୁ ରହିଛନ୍ତି। ମେସିଙ୍କ ପରି କ୍ରୋଏସିଆର ଲୁକା ମୋଡ୍ରିକ୍ ମଧ୍ୟ ନିଜର ଶେଷ ବିଶ୍ୱକପ୍ ଖେଳୁଛନ୍ତି। ଗୋଟିଏ ବି ଗୋଲ କିମ୍ବା ଆସିଷ୍ଟ କରି ନ ଥିଲେ ମଧ୍ୟ ମିଡ୍‌ଫିଲ୍ଡରେ ମୋଡ୍ରିକ୍‌ଙ୍କ ଯାଦୁ ସମସ୍ତଙ୍କୁ ସ୍ତମ୍ଭୀଭୂତ କରିଦିଏ। ରାଉଣ୍ଡ ଅଫ୍ ୧୬ରେ ଜାପାନ ଓ କ୍ୱାର୍ଟରରେ ବ୍ରାଜିଲକୁ ଏକ୍ସଟ୍ରା ଟାଇମରେ ପରାସ୍ତ କରିଥିଲା ଦଳ। ତେବେ ଜାପାନ ଅପେକ୍ଷା ବ୍ରାଜିଲ ବିପକ୍ଷରେ ବିଜୟ ବେଶ୍ ଚମତ୍କାର ରହିଥିଲା। ୨୦୧୮ରେ କ୍ରୋଏସିଆର ସମସ୍ତ ନକ୍‌ଆଉଟ୍ ମ୍ୟାଚ୍ ଏକ୍ସଟ୍ରା ଟାଇମ୍‌କୁ ଯାଇଥିଲା। ମିଡ୍‌ଫିଲ୍ଡରେ ମୋଡ୍ରିକ୍ ଚମତ୍କାର ପ୍ରଦର୍ଶନ କରିଥିଲେ।

**ଫିଫା ବିଶ୍ୱକପ**

**(ଆଜିର ମ୍ୟାଚ)**
**ଆର୍ଜେଣ୍ଟିନା ବନାମ କ୍ରୋଏସିଆ**
ସ୍ଥାନ: ଲୁସେଲ ଷ୍ଟାଡିୟମ
ସମୟ: ରାତି ୧୨.୩୦
ପ୍ରସାରଣ: ସ୍ପୋର୍ଟ୍ସ ୧୮

# ଉତ୍କଳ, କିଟ୍‌କୁ ସର୍ବଭାରତୀୟ ଯୋଗ୍ୟତା

**ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ**

**ଭୁବନେଶ୍ୱର, ୧୨।୧୨ (କ୍ରୀଡ଼ା ପ୍ରତିନିଧି):** ଏଠାରେ ଚାଲିଥିବା ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃଜୋନ୍ ଭଲିବଲ ଟୁର୍ନାମେଣ୍ଟରେ ଓଡ଼ିଶାର ୨ଟି ବିଶ୍ୱବିଦ୍ୟାଳୟ କିଟ୍ ଓ ଉତ୍କଳ ସର୍ବଭାରତୀୟ ଯୋଗ୍ୟତା ପାଇଛନ୍ତି। ପ୍ରତିଯୋଗିତାର ତୃତୀୟ ଦିବସରେ କିଟ୍ ୩-୧ ସେଟ୍‌ରେ ବର୍ଦ୍ଧମାନ ଏବଂ ଉତ୍କଳ ୩-୦ ସେଟ୍‌ରେ ବିଶ୍ୱ ଭାରତ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ସେହିପରି ଆଡାମ୍ସ ବିଶ୍ୱବିଦ୍ୟାଳୟ ୩-୦ରେ ସେଞ୍ଚୁରିଅନକୁ ଏବଂ ମହାତ୍ମା ଗାନ୍ଧୀ କାଶି ବିଦ୍ୟାପୀଠ ୩-୦ରେ ହେମଚାନ୍ଦ ଯାଦବ ବିଶ୍ୱବିଦ୍ୟାଳୟକୁ ହରାଇ ସର୍ବଭାରତୀୟ ଯୋଗ୍ୟତା ପାଇଛନ୍ତି। ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃଜୋନ୍ ଭଲିବଲ ଟୁର୍ନାମେଣ୍ଟ ମାଙ୍ଗାଲୋର ବିଶ୍ୱବିଦ୍ୟାଳୟ ପରିସରରେ ଆସନ୍ତା ଜାନୁୟାରୀ ୪ରୁ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।



ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ ଟୁର୍ନାମେଣ୍ଟରେ ସର୍ବଭାରତୀୟ ଯୋଗ୍ୟତା ପାଇଥିବା କିଟ୍ ଦଳ।

## CLASSIFIED DISPLAY

ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**LOAN**
ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ।
M:8895873378
:7656825209

**ଶ୍ରୀ କୃଷ୍ଣ ଫାଇନାନ୍ସ**
ସବୁ ବ୍ୟାଙ୍କ ଦ୍ୱାରା ପ୍ରପର୍ଟି, ପର୍ସନାଲ, ଏଜୁକେଶନ, ଆଧାର କାର୍ଡ, ଗୃହ ଋଣ, ଇଟା ଭାଟି ଋଣ 36 ଘଣ୍ଟାରେ
2% ସୁଧ, 50% ଛାଡ଼
ସିବିଲ ଖରାପ ଥିଲେ ମଧ୍ୟ ଋଣ ପାଆନ୍ତୁ
7625883378

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 8985384630

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଓଡ଼ିଶାରୁ ତରୁଣଙ୍କୁ ବ୍ରୋଞ୍ଜ ପଦକ

**ୱାର୍ଲ୍ଡ ବଡିବିଲ୍ଡିଂ, ଫିଜିକ୍ ସ୍ପୋର୍ଟ୍ସ-୨୦୨୨ ଚାମ୍ପିୟନଶିପ୍**

**ଭୁବନେଶ୍ୱର, ୧୨।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

ଥାଇଲାଣ୍ଡର ଫୁକେଟଠାରେ ୧୩ତମ ୱାର୍ଲ୍ଡ ବଡି ବିଲ୍ଡିଂ ଓ ଫିଜିକ୍ ସ୍ପୋର୍ଟ୍ସ ଚାମ୍ପିୟନଶିପ୍-୨୦୨୨ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସୁନ୍ଦରସ୍ୱାସ୍ଥ୍ୟ ସଂଘର ସଭାପତି ସୁମିତ୍ରା ତ୍ରିପାଠୀଙ୍କ ନେତୃତ୍ୱରେ ଓଡ଼ିଶାର ଏକ ୬ ଜଣିଆ ଦଳ ଅଂଶଗ୍ରହଣ କରିଥିଲା। ସିନିୟର ପୁରୁଷ ବିଭାଗରେ ଜଗନ୍ନାଥ ଖୁଣ୍ଟିଆ (୭୫କେଜି), ବିଚିତ୍ର କୁମାର ନାୟକ (୭୦କେଜି) ପୁପୁନ୍ ସ୍ୱାଇଁ (ଫିଜିକ୍ ସ୍ପୋର୍ଟ୍ସ) ଏବଂ ତରୁଣ କୁମାର ଚାଟାର୍ଜୀ ୬୦ରୁ ଉର୍ଦ୍ଧ୍ୱ ବୟସ ବର୍ଗରେ ଅଂଶଗ୍ରହଣ କରିଥିଲେ। ସୁମିତ୍ରା ତ୍ରିପାଠୀ ଓ ଉମାଚରଣ ଶତପଥୀ (ଉଭୟେ ଅନ୍ତର୍ଜାତୀୟ ବିଚାରକ) ଅଫିସିଆଲ ଭାବେ ଯୋଗ ଦେଇଥିଲେ। ତରୁଣ ଚାଟାର୍ଜୀ ତାଙ୍କ ବିଭାଗରେ ତୃତୀୟ ସ୍ଥାନ ଅଧିକାର କରିବା ସହ ବ୍ରୋଞ୍ଜ ପାଇଛନ୍ତି। ଅନ୍ୟପକ୍ଷରେ ଜଗନ୍ନାଥ ଓ ବିଚିତ୍ର ସେମାନଙ୍କ ବିଭାଗରେ ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନ ଅଧିକାର କରିଥିଲେ। ସୂଚନାଯୋଗ୍ୟ, ତରୁଣ ପୂର୍ବରୁ ଏସିଆନ ବଡ଼ି ବିଲ୍ଡିଂ ଚାମ୍ପିୟନଶିପ୍-୨୦୨୨ରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଥାଇଲାଣ୍ଡରେ ସଫଳତା ପାଇଁ ରାଜ୍ୟ ସୁନ୍ଦରସ୍ୱାସ୍ଥ୍ୟ ସଂଘର ଉପଦେଷ୍ଟା ମାନସରଞ୍ଜନ ମହାପାତ୍ର, ଏକ୍ଜିକ୍ୟୁଟିଭ୍ ଭାଇସ୍ ପ୍ରେସିଡେଣ୍ଟ ବାବୁଲି ସ୍ୱାଇଁ ଓ ସାଧାରଣ ସମ୍ପାଦକ ପ୍ରସନ୍ନ ମହାସୁଆର ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଶୁଭକାମନା କରିଛନ୍ତି।


ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘର ସଭାପତି ସୁମିତ୍ରା ତ୍ରିପାଠୀଙ୍କ ସହ ବ୍ରୋଞ୍ଜ ବିଜେତା ତରୁଣ ଚାଟାର୍ଜୀ।

## Classified Everyday
0674-2580101, 2549949


REAL ESTATE
**SALE**

ଭୁବନେଶ୍ୱର ସାଇମନ୍ଦିର ଟଙ୍କପାଣି ରୋଡ୍ ନଦୀବନ୍ଧକୁ ଲାଗି ଘର କରିବା ଲାଗି ରୋଡ୍ ଇଲେକ୍ଟ୍ରି ସୁବିଧା ଥାଇ SC plot ମିଳୁଛି। 9439832956, 9438056978. D-74164

Luxurious 4BHK Duplex near Balianta Bazar. Land-1400, Construction-2200-79Lakh. 9938219397, 9861022055. D-2223

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74165

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରି ହେବ - 9827119799. D-2207

ପୁରୀ ଶ୍ରୀମନ୍ଦିର ପାଖ ଏବଂ ପୁରୀ ସହରର ପାଖାପାଖିକୁ ଲାଗି ଘରବାରି ଜାଗା ଏବଂ readymade ଘର ମିଳୁଅଛି। 7008067338, 9090746445. D-74163

ଭୁବନେଶ୍ୱର କଟଣୀଗେଟ୍ NH-5 ପାଖରେ ଘରବାରି ପ୍ଲଟ୍ 30' ରାସ୍ତାଥାଇ sqft.-400/-, 630/-. 9437607388, 8926073614. D-74166




Newly open Spa positively health benefit with expert. Contact: 7749976301. D-74501

Newly open health benefits SPA special offer@999/-, Nayapalli. 7846814019. D-73667

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74608


CONSTRUCTION

Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-74160




ଟଙ୍କପାଣି ରୋଡ୍ ଜାତକ, ବାସ୍ତୁ ବିଚାର: 9861121063, ଲକ୍ଷ୍ମୀସାଗର ଜାତକ ବିଚାର: 8984815573. D-73732

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**AFFIDAVIT**
I, Service- No. 15180257X, NK/ Dresser,Name:P.Krishna Rao, S/o P. Chinaya, resident of Vill: Kiritipur, PO: Laudigam, PS: Golonthara, Tah: Kanisi, Dist: Ganjam, Odisha that I have corrected my mother's name from P. Mahalachhami to Pemi Laxmama and son name from P.Khushal to Pemi Khushal, vide affidavit Dt: 05.12. 2022, before The Notary Public, Berhampur, Dist: Ganjam, Odisha. D-2227

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ଡକ୍ଟରେଟ୍ ପ୍ରାପ୍ତି**

ଶ୍ରୀମତୀ ସଙ୍ଗୀତ୍‌ସରୀତା ନନ୍ଦ IIT-ISM ଧାନବାଦରୁ Applied Geologyରେ ପି.ଏଚ୍.ଡି. ଉପାଧି ଲାଭ କରିଛନ୍ତି। ସେ IIT-ISM ଧାନବାଦର ସେବାନିବୃତ୍ତ ପ୍ରଫେସର ଡ. ଶାରଦାପ୍ରସାଦ ମହାନ୍ତି ଏବଂ ଡ. ସୁଶାନ୍ତ ଷଡ଼ଙ୍ଗୀ, ଆସୋସିଏଟ୍ ପ୍ରଫେସରଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କ ଦ୍ୱାରା ଲିଖିତ ସନ୍ଦର୍ଭ "Geochemistry of chemogenic sediments and paleosol in the sausar belt (Central India); Implications on the evolution of Paleoproterozoic ocean and atmosphere" ପାଇଁ ସେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଏହି ସନ୍ଦର୍ଭଟି University College Londonର ଆସୋସିଏଟ୍ ପ୍ରଫେସର Dr. Dominic Papineu ଏବଂ IIT Kanpurର ଆସୋସିଏଟ୍ ପ୍ରଫେସର Dr. Indrasekher Senଙ୍କଦ୍ୱାରା ମୂଲ୍ୟାଙ୍କନ କରାଯାଇଛି। ଡ. ସଙ୍ଗୀତ୍‌ସରୀତା ନନ୍ଦ ଆନନ୍ଦପୁରର କାର୍ଯ୍ୟରତ ଶିକ୍ଷକ ଶ୍ରୀଯୁକ୍ତ ଦିଲ୍ଲୀପ କୁମାର ନନ୍ଦ ଏବଂ ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ନନ୍ଦଙ୍କର କନ୍ୟା ଅଟନ୍ତି। ଶ୍ରୀଯୁକ୍ତ ଶରତଚନ୍ଦ୍ର ମିଶ୍ର ଓ ଶ୍ରୀମତୀ ପ୍ରମିଳା ମିଶ୍ରଙ୍କର ପୁତ୍ରବଧୂ ତଥା ପୂର୍ବ ତଟ ରେଳପଥର ଉପମହାପ୍ରବନ୍ଧକ ଶ୍ରୀଯୁକ୍ତ ଅଶୋକ କୁମାର ମିଶ୍ରଙ୍କର ଧର୍ମପତ୍ନୀ ଏବଂ ଶ୍ରାନ୍ୱିକା ମିଶ୍ରଙ୍କର ମାତା ଅଟନ୍ତି। ସେ ବର୍ତ୍ତମାନ ଭାରତୀୟ ଭୂବୈଜ୍ଞାନିକ ସର୍ବେକ୍ଷଣ ସଂସ୍ଥାନ ରାଜ୍ୟ ୟୁନିଟ, ଓଡ଼ିଶା, ଭୁବନେଶ୍ୱରରେ ଭୂବୈଜ୍ଞାନିକ ଭାବରେ କାର୍ଯ୍ୟରତ ଅଛନ୍ତି। ସେ ତାଙ୍କର ଏହି ଅମୂଲ୍ୟ ସଫଳତାର ଶ୍ରେୟ ତାଙ୍କର ପରିବାରବର୍ଗ ଏବଂ ସମସ୍ତ ଶୁଭେଚ୍ଛୁମାନଙ୍କୁ ଦେଇଛନ୍ତି। ସର୍ବୋପରି ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ସେ କୃତଜ୍ଞତା ଜଣାଇଛନ୍ତି।
ଧ-୨୨୨୬

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମିଥୁନଙ୍କ ହାଟ୍ରିକ୍‌ରେ ସୋନପୁର ଦଳ ବିଜୟୀ

**ଓଡ଼ଗାଁ କପ୍ ସର୍ବଭାରତୀୟ ଫୁଟ୍‌ବଲ ଆରମ୍ଭ**

**ଓଡ଼ଗାଁ, ୧୨।୧୨(ସ୍ୱ.ପ୍ର.)**

ନୟାଗଡ଼ ଜିଲ୍ଲା ଓଡ଼ଗାଁ ମିନି ଷ୍ଟାଡିୟମରେ ୪ର୍ଥ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଓଡ଼ଗାଁ କପ୍ ସୋମବାରଠାରୁ ଆରମ୍ଭ ହୋଇଛି। କରୋନା ମହାମାରୀ ଯୋଗୁ ଗତ ଦୁଇବର୍ଷ ହେଲା ଏହି ଟୁର୍ନାମେଣ୍ଟକୁ ବନ୍ଦ ରଖାଯାଇଥିଲା। ପ୍ରତିଯୋଗିତାର ସେମିଫାଇନାଲ ଶୁକ୍ରବାର ଓ ଶନିବାର ଖେଳାଯିବାକୁଥିବା ବେଳେ ରବିବାର ଫାଇନାଲ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ମ୍ୟାଚ୍ ଭାସ୍କର ଏକାଡେମୀ କୋରାପୁଟ ଓ ରାମଧୁନ କ୍ଲବ ସୋନପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୋନପୁର ଦଳ ୪-୦ ଗୋଲରେ ବିଜୟୀ ହୋଇଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଖେଳର ୧୮ତମ ମିନିଟ୍‌ରେ ସୋନପୁର ଦଳର ବିକ୍ରମ ପ୍ରଥମ ଗୋଲ ସ୍କୋର କରିଥିଲେ। ୧୦ ନମ୍ବର ଜର୍ସି ଖେଳାଳି ମିଥୁନ ସାହୁ ୨୨ତମ ଓ ୩୦ତମ ମିନିଟ୍‌ରେ ଦୁଇଟି ଗୋଲ ସ୍କୋର କରି ପ୍ରଥମାର୍ଦ୍ଧରେ ତାଙ୍କ ଦଳକୁ ୩-୦ରେ ଅଗ୍ରଣୀ କରାଇଥିଲେ। ପରେ ଦ୍ୱିତୀୟାର୍ଦ୍ଧ ଖେଳର ୮ ମିନିଟ୍‌ରେ ମିଥୁନ ଆଉ ଏକ ଗୋଲ ସ୍କୋର କରି ହାଟ୍ରିକ କରିଥିଲେ। ଶେଷ ପର୍ଯ୍ୟାୟରେ ପ୍ରତିପକ୍ଷ କୋରାପୁଟ ଦଳ ଗୋଲ ସ୍କୋର କରିବା ଲାଗି ଆପ୍ରାଣ ଉଦ୍ୟମ କରି ବିଫଳ ହୋଇଥିଲା।

ଟୁର୍ନାମେଣ୍ଟ କମିଟି ସଭାପତି ତଥା ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଲୋକନାଥ ସାହୁ, ଯୁଗ୍ମ ସମ୍ପାଦକ ଦିବାକର ନାୟକ, ଆଡ୍‌ଭୋକେଟ ଗୋବିନ୍ଦ ଚନ୍ଦ୍ର ସାହୁ, ସୂର୍ଯ୍ୟନାରାୟଣ ଚୌଧୁରୀ, ଏନ୍‌ଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ହାଟ୍ରିକ୍ ଗୋଲ୍ ସ୍କୋର କରିଥିବା ମିଥୁନ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ମଙ୍ଗଳବାର ଗ୍ରୁପ୍ ଏ'ର ୨ୟ ମ୍ୟାଚ୍ ଗଣ୍ଡରପୁର ୟୁନାଇଟେଡ୍ ଭୁବନେଶ୍ୱର ଓ ଭଦ୍ରକ ୟୁନାଇଟେଡ୍ ମଧ୍ୟରେ ଅନୁଷ୍ଠିତ ହେବ। ରାଜୁ ମହାନ୍ତି, ସୁଦୀପ୍ତ ଦାଶ, ପ୍ରିୟବ୍ରତ ବାହିନୀପତି ଓ ସୌମ୍ୟକାନ୍ତ ପଟ୍ଟନାୟକ ଖେଳ ପରିଚାଳନା କରିଥିବାବେଳେ ସନ୍ତୋଷ କୁମାର ପାତ୍ର ଓ ନିତ୍ୟାନନ୍ଦ ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ।


ଓଡ଼ଗାଁ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ପୂର୍ବରୁ ଅତିଥି ଓ ରେଫରିଙ୍କ ସହ ଦୁଇ ଦଳର ଖେଳାଳି।

# ଓଡ଼ିଶାର ୧୬ଜଣିଆ ବାଳିକା ଦଳ ଭାଗ ନେବ

**ଜାତୀୟ ସବ୍‌ଜୁନିୟର ହ୍ୟାଣ୍ଡବଲ**

**ଭୁବନେଶ୍ୱର, ୧୨।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

ବିହାରର ବଣିଆପୁରଠାରେ ୩୭ତମ ଜାତୀୟ ସବ୍-ଜୁନିୟର ହ୍ୟାଣ୍ଡବଲ ଟୁର୍ନାମେଣ୍ଟ ଆୟୋଜନ କରାଯାଇଛି। ଏଥିରେ ଓଡ଼ିଶାର ୧୬ ଜଣିଆ ଦଳ ଅଂଶଗ୍ରହଣ କରିବ। ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ତ୍ରିଶା ପରିଡ଼ା, ତନ୍ମୟ ପଣ୍ଡା, ଅଙ୍କିତା ରଥ, ମୁସ୍କାନ କୁମାରୀ, ବିଜୟଲକ୍ଷ୍ମୀ ପ୍ରଧାନ, ମଧୁସ୍ମିତା ବିଶ୍ୱାଳ, ଶୁଭମିତା ବେହେରା, ସୁକାନ୍ତୀ ସେଠୀ, ଆୟାମୟୀ ବିଶ୍ୱାଳ, ଶ୍ୱେତପଦ୍ମା ସାହୁ, ବୈଷ୍ଣବୀ ହେସା, ପାୟଲ ଜେନା, ତୃପ୍ତି ଖଣ୍ଡଗିରି, ସାବିତ୍ରୀ ମାଝି, ଶମୁଖା ପ୍ରଧାନଓ ଶିଖାରାଣୀ ଖୁଣ୍ଟୁଆ। ସନ୍ତୋଷ ବେହେରା ଦଳର କୋଚ୍ ରହିଥିବା ବେଳେ ଏଲିନା ପାଣି ଦଳର ମ୍ୟାନେଜର ଅଛନ୍ତି।



ଭାରତ ଯୋଡୋ ଯାତ୍ରା ଅବସରରେ ରାଜସ୍ଥାନର ବୁନ୍ଦିରେ ସୋମବାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ରବର୍ଟ ଭଦ୍ରା ଓ ଝିଅ ମୀରାୟା ଭଦ୍ରା।

# ଭାରତ ଯୋଡ଼ୋ ଯାତ୍ରାରେ ପ୍ରିୟଙ୍କାଙ୍କ ଝିଅ

**କୋଟା,୧୨।୧୨**

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ଯୋଡ଼ୋ ଯାତ୍ରା ସୋମବାର ରାଜସ୍ଥାନର ବୁନ୍ଦି ଜିଲାରେ ଚାଲିଥିବାବେଳେ ସେଥିରେ ଦଳର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ତାଙ୍କ ସ୍ୱାମୀ ରବର୍ଟ ଭଦ୍ରା ଓ ସେମାନଙ୍କ ଝିଅ ମୀରାୟା ଭଦ୍ରା ସାମିଲ ହୋଇଛନ୍ତି। ଏଥିସହିତ ୫ ହଜାରରୁ ଊର୍ଦ୍ଧ୍ୱ ମହିଳା ମଧ୍ୟ ଭାରତ ଯୋଡ଼ୋ ଯାତ୍ରାରେ ଯୋଗଦେଇ ମହିଳା ସଶକ୍ତୀକରଣର ବାର୍ତ୍ତା ଦେଇଛନ୍ତି। ଶୋଭାଯାତ୍ରା ବବାଇରୁ ସ୍ୱାଇମାଧୋପୁର ଜିଲାର ପିପଲୱାଡ଼ା ଅଭିମୁଖେ ଯାଉଥିବାବେଳେ କୋଟା-ଲାଲସଟ୍ ଜାତୀୟ ରାଜପଥରେ ବହୁସଂଖ୍ୟାରେ ମହିଳା କର୍ମୀ ଓ ପାଖ ଅଞ୍ଚଳର ମହିଳାମାନେ ଯୋଗଦେଇ ଏହାକୁ ନାରୀଶକ୍ତି ପଦଯାତ୍ରାରେ ପରିଣତ କରିଥିଲେ ବୋଲି ରାହୁଲ ରାଓ ନାମକ ପଦଯାତ୍ରୀ କହିଛନ୍ତି। ରାଜସ୍ଥାନରେ ଯାତ୍ରା ସପ୍ତମ ଦିନରେ ପହଞ୍ଚିଥିଲାବେଳେ ବୁନ୍ଦି ଜିଲାରେ ଶେଷ ଦିନ ଥିଲା।

## ପଦ୍ମପୁରକୁ ଜିଲା ମାନ୍ୟତା ପ୍ରସଙ୍ଗ

# ଅନେକ ପ୍ରକ୍ରିୟା ରହିଛି: ମନ୍ତ୍ରୀ

**ଭୁବନେଶ୍ୱର,୧୨।୧୨(ବ୍ୟୁରୋ)**

ପଦ୍ମପୁର ଜିଲା ଗଠନ ନେଇ ଏପର୍ଯ୍ୟନ୍ତ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିନାହାନ୍ତି। କିନ୍ତୁ ଖୁବ୍‌ଶୀଘ୍ର ଏହା ଆରମ୍ଭ ହେବ। ଏଥିପାଇଁ ଅନେକ ପ୍ରକ୍ରିୟା ରହିଥିଲେ ବି ସେସବୁକୁ ପୂରଣ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲା ଗଠନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏସବୁକୁ ଭିତ୍ତିକରି ଜିଲା ଗଠନ ଲାଗି ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୋମବାର ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲିକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଗତ ଉପନିର୍ବାଚନ ସମୟରେ ପଦ୍ମପୁରକୁ ଜିଲା ଗଠନ ଦାବି ନେଇ ହୋଇଥିବା ଆନ୍ଦୋଳନ ସମ୍ପର୍କରେ ଆନ୍ଦୋଳନକାରୀ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିଥିଲେ। ଉପନିର୍ବାଚନକୁ ଦୃଷ୍ଟିରେ ରଖି ଏହି କଥା କାଳେ ଶାସକ ଦଳ ପାଇଁ ବୁମେରାଂ ସାଜିପାରେ ବୋଲି ପଦ୍ମପୁରକୁ ଜିଲା ମାନ୍ୟତା ମିଳିବା ନେଇ ମୁଖ୍ୟମନ୍ତ୍ରୀ ନିଜେ ଘୋଷଣା କରିଥିଲେ। ଏହାପରେ ଏହି ବାର୍ତ୍ତା ନେଇ ସେ ଉପନିର୍ବାଚନ ପ୍ରଚାର ମଇଦାନକୁ ଓହ୍ଲାଇଥିଲେ। ତେବେ ସରକାରଙ୍କ ଏହି କଥା ବାସ୍ତବରେ କେତେ କାର୍ଯ୍ୟକାରୀ ହେଉଛି ତାକୁ ସମସ୍ତଙ୍କ ଅପେକ୍ଷା ରହିଛି। କାହିଁକି ନା ସେଠାକାର ଭୋଟର ଉପନିର୍ବାଚନରେ ବିଜେଡିକୁ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ବିଜୟୀ କରାଇଛନ୍ତି। ତେଣୁ ରାଜ୍ୟ ସରକାର ଏହି କଥାକୁ ଯଥାସମ୍ଭବ ପୂରଣ କରିବେ ବୋଲି ସାଧାରଣରେ ବିଶ୍ୱାସ ରହିଛି। ଅନ୍ୟପଟେ ଗତ ଶୀତକାଳୀନ ଅଧିବେଶନରେ ଜଣେ ବିଧାୟକ ପଦ୍ମପୁରକୁ ଜିଲା ମାନ୍ୟତା ନେଇ ପଚାରିଥିବା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ମଲିକ ଏନେଇ କିଛି ଯୋଜନା ନ ଥିବା କହିଥିଲେ। ତେଣୁ ଆଗକୁ ପଦ୍ମପୁରକୁ ଜିଲା ମାନ୍ୟତା ନେଇ ସମସ୍ତେ ଅପେକ୍ଷା କରି ରହିଥିବା ଜଣେ ବରିଷ୍ଠ ବିଜେଡି ନେତା ତାଙ୍କ ନାମ ଗୋପନ ରଖି କହିଛନ୍ତି।

# ବର୍ଷାଙ୍କୁ ଶପଥପାଠ କରାଇଲେ ବାଚସ୍ପତି



ବର୍ଷାଙ୍କୁ ଶପଥପାଠ କରାଉଛନ୍ତି ବାଚସ୍ପତି ବିକ୍ରମ କେଶରୀ ଆରୁଖ।

**ଭୁବନେଶ୍ୱର,୧୨।୧୨(ବ୍ୟୁରୋ)**

ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ନବନିର୍ବାଚିତ ବିଧାୟିକା ବର୍ଷା ସିଂ ବରିହା ସୋମବାର ବିଧାନସଭାରେ ଶପଥ ନେଇଛନ୍ତି। ବାଚସ୍ପତିଙ୍କ ପ୍ରକୋଷ୍ଠରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି।

ଶପଥ ପାଠ ବେଳେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ରିତା ସାହୁ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ବରିଷ୍ଠ ବିଧାୟକ ପ୍ରଫୁଲ୍ଲ ସାମଲ, ସୁଶାନ୍ତ ସିଂ, ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବିଧାନସଭା ସଚିବ ଦାଶରଥି ଶତପଥୀ ଏବଂ ବିଧାନସଭାର ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

ପୂର୍ବତନ ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ମୃତ୍ୟୁ ଯୋଗୁ ପଦ୍ମପୁର ବିଧାନସଭା ଆସନ ଖାଲି ରହିଥିଲା । ଡିସେମ୍ବର ୫ରେ ଏହି ଆସନ ପାଇଁ ଅନୁଷ୍ଠିତ ଉପନିର୍ବାଚନରେ ବର୍ଷା ସିଂ ବରିହା ବିଧାୟିକା ଭାବେ ନିର୍ବାଚିତ ହୋଇଛନ୍ତି।

# ଶପଥ ନେଲେ ଡିମ୍ପଲ ଯାଦବ



**ନୂଆଦିଲ୍ଲୀ,୧୨।୧୨**

ସମାଜବାଦୀ ପାର୍ଟି ନେତ୍ରୀ ଡିମ୍ପଲ ଯାଦବ ସୋମବାର ଲୋକ ସଭା ସଦସ୍ୟ ଭାବେ ଶପଥ ଗ୍ରହଣ କରିଛନ୍ତି। ଡିମ୍ପଲ ଉତ୍ତରପ୍ରଦେଶର ମୈନପୁରୀ ଆସନ ଉପନିର୍ବାଚନରେ ଜିତିଥିଲେ। ଲୋକ ସଭାରେ ଏହା ତାଙ୍କର ଦ୍ୱିତୀୟ ପାଳି। ଏହା ପୂର୍ବରୁ ସେ କନୌଜରୁ ଲୋକସଭା ଏମ୍‌ପି ଥିଲେ। ଗତ ଅକ୍ଟୋବରରେ ସମାଜବାଦୀ ପାର୍ଟି ପ୍ରତିଷ୍ଠାତା ମୁଲାୟମ ସିଂ ଯାଦବଙ୍କ ପରଲୋକ ପରେ ମୈନପୁରୀ ଆସନ ଖାଲିପଡ଼ିଥିଲା। ଉକ୍ତ ଆସନ ଲାଗି ଗତ ୫ ତାରିଖରେ ହୋଇଥିବା ଉପନିର୍ବାଚନରେ ଡିମ୍ପଲ ରେକର୍ଡ ୨.୮୮ ଲକ୍ଷ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ।

# 'ଡିଲ୍'କୁ ନେଇ ଦୋଷ ଲଦାଲଦି

- ୨୦୧୯ରେ କଂଗ୍ରେସର ସବୁ ଭୋଟ୍ ଭାଜପାକୁ ଯାଇଛି:ପ୍ରମିଳା
- ବୈଷ୍ଣବ ଏମ୍‌ପି, ମନ୍ତ୍ରୀ ହେବା ଲାଗି କେଉଁଠି ଡିଲ୍ ହୋଇଥିଲା: ତାରା
- ବିଜେଡି ବୈଷ୍ଣବଙ୍କୁ କାହିଁକି ଭୋଟ୍ ଦେଲା ସେମାନେ କୁହନ୍ତୁ: ଜୟନାରାୟଣ



**ଭୁବନେଶ୍ୱର,୧୨।୧୨(ବ୍ୟୁରୋ)**

ପଦ୍ମପୁର ଉପନିର୍ବାଚନ ଫଳାଫଳ ବାହାରିବା ପରଠାରୁ ରାଜ୍ୟର ୩ ପ୍ରମୁଖ ଦଳ ଭାଜପା, କଂଗ୍ରେସ ଏବଂ ବିଜେଡି ମଧ୍ୟରେ ଭୋଟ୍ ପାଇଁ ଡିଲ୍ ହୋଇଥିବା କଥାକୁ ନେଇ ପରସ୍ପର ମଧ୍ୟରେ ଦୋଷ ଲଦା ଆରମ୍ଭ ହୋଇଯାଇଛି। ଏହି କଥାକୁ ଏବେ କଂଗ୍ରେସ ନେତାମାନେ ସମାଲୋଚନା କରିଥିବା ବେଳେ ବିଜେଡି ମଧ ଏହି ପ୍ରସଙ୍ଗରେ ଭାଜପାକୁ ଟାର୍ଗେଟ କରିଛି। ଅନ୍ୟପଟେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି 'ଡିଲ୍' କଥାକୁ ନେଇ ଉଭୟ ବିଜେଡି ଏବଂ ଭାଜପାକୁ ଟାର୍ଗେଟ କରିଛନ୍ତି।

ଉକ୍ତ ପ୍ରସଙ୍ଗରେ ଭାଜପାକୁ ସିଧାସଳଖ ଟାର୍ଗେଟ କରି ବିଜେଡି ବିଧାୟକ ସୁଶାନ୍ତ ସିଂ କହିଛନ୍ତି, ଭାଜପା ସବୁବେଳେ ଡିଲ୍ କରେ। ୨୦୧୪ ସାଧାରଣ ନିର୍ବାଚନରେ ସତ୍ୟଭୂଷଣ ସାହୁ ଠିଆ ହୋଇ ନ ଥିଲେ। ସେତେବେଳେ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ ବିଜୟ ଲାଭ କରିଥିଲେ। ସେତେବେଳେ ବୋଧହୁଏ କଂଗ୍ରେସ ସହ ଭାଜପା ଡିଲ୍ କରିଥିଲା। ନିର୍ବାଚନ ହାରିବା ପରେ ଭାଜପା ନେତା ବିଭିନ୍ନ କଥା କହୁଛନ୍ତି। ପଦ୍ମପୁରରେ ଜିତିବା ଲାଗି ଭାଜପା ଡିଲ୍ କରିଥିଲା। ପୂର୍ବତନ ଏମ୍‌ପି ସଞ୍ଜୟ ଭୋଇଙ୍କ ସହିତ ଦିଲ୍ଲୀରେ ଡିଲ୍ କରି ଆଣିଥିଲେ। ତାଙ୍କ ମାଧ୍ୟମରେ କଂଗ୍ରେସ ଭୋଟକୁ ଡାଇଭର୍ଟ କରିଥିଲେ। ପଦ୍ମପୁରରେ ଭାଜପା ନେତାମାନେ ରେଳ ପ୍ରକଳ୍ପ ଏବଂ ବୀମା ଟଙ୍କା ଆଦି ପ୍ରସଙ୍ଗରେ ମଧ ମିଛ କହିଲେ। ତେବେ ମୁଖ୍ୟମନ୍ତ୍ରୀ ୨୦୨୪ ଲାଗି ରଣକୌଶଳ ପ୍ରସ୍ତୁତ କରିସାରିଲେଣି ବୋଲି ସୁଶାନ୍ତ କହିଛନ୍ତି।

ଅନ୍ୟପଟେ ତାରା ପ୍ରସାଦ ବାହିନୀପତି ଏହି ପ୍ରସଙ୍ଗରେ ଉଭୟ ବିଜେଡି ଏବଂ କଂଗ୍ରେସକୁ ଟାର୍ଗେଟ କରି କହିଛନ୍ତି, ଡିଲ୍ କିଏ କରୁଛି, ତାହା କେଉଁଠି ଏବଂ କେତେବେଳେ ହେଉଛି ସେକଥା ତାଙ୍କୁ ଜଣାପଡୁନି। ବିଜେଡି ଏବଂ ଭାଜପା ମଧ୍ୟରେ ଡିଲ୍ ହୋଇଛି। ଧାମନଗରରେ ବିଜେଡି ହାରିବାର ନ ଥିଲା। ହେଲେ ବିଜେଡି ଏବଂ ଭାଜପାର ଡିଲ୍ ହେଲା। ଭାଜପା ଧାମନଗର ନେଉ ଏବଂ ପଦମ୍‌ପୁର ବିଜେଡି ନେବ। ଡିଲ୍ କିଏ କଲାଣି। କାହା ବାପାର କେତେ ଥୁଆ ହୋଇଛି ଡିଲ୍ କରିବେ। ଜୟନାରାୟଣ ବାବୁ ଜଣେ ବରିଷ୍ଠ ନେତା ପ୍ରଥମେ କୁହନ୍ତୁ କେନ୍ଦ୍ରରେ ଯେଉଁ ଅଶ୍ୱିନୀ ବୈଷ୍ଣବ ରେଳମନ୍ତ୍ରୀ ହେଇଛନ୍ତି ସେ ଡିଲ୍ କିଏ କରିଥିଲା। ବୈଷ୍ଣବ ତ ପ୍ରଥମେ ରାଜ୍ୟ ସଭା ପାଇଁ ବିଜେଡି ପ୍ରାର୍ଥୀ ଥିଲେ, ତା'ପରେ ପ୍ରଧାନମନ୍ତ୍ରୀଙ୍କ ଟେଲିଫୋନ ପାଇବା ପରେ ସେ ଭାଜପାରୁ ପ୍ରାର୍ଥୀ ହେଲେ। ତାଙ୍କୁ ବିଜେଡି ଭୋଟ ଦେବାରୁ ସେ ରାଜ୍ୟ ସଭା ଗଲେ। ବୈଷ୍ଣବ ମଧ ପଦ୍ମପୁର ପ୍ରଚାରରେ ଯାଇଥିଲେ। ତେଣୁ ଡିଲ୍‌ଟା କିଏ କରୁଛି ସେକଥା କୁହନ୍ତୁ। ୨୦୨୪ରେ କଂଗ୍ରେସ ସିଧାସଳଖ ଲଢ଼େଇ କରିବ ବୋଲି ତାରା କହିଛନ୍ତି।

ବିଜେଡି ବିଧାୟିକା ତଥା ମନ୍ତ୍ରୀ ପ୍ରମିଳା ମଲିକ କହିଛନ୍ତି, ଡିଲ୍ ସବୁବେଳେ ଭାଜପା କରେ। ୨୦୧୪ରେ ପଦମ୍‌ପୁରରେ ଭାଜପା ଡିଲ୍ କରିଥିଲା। ୨୦୧୯ରେ କଂଗ୍ରେସର ସବୁ ଭୋଟ ଭାଜପାକୁ ଯାଇଛି। ସେମାନେ ଡିଲ୍ କରି କଂଗ୍ରେସ ଭୋଟ ସାରା ଓଡ଼ିଶାରୁ ନେଇଛନ୍ତି। ବିଜେଡିକୁ ଭଲ ପାଇ ସାଧାରଣ ଲୋକମାନେ ପଦମ୍‌ପୁରରେ ବର୍ଷା ସିଂ ବରିହାଙ୍କୁ ଭୋଟ ଦେଇଥିବା ପ୍ରମିଳା କହିଛନ୍ତି।

ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି, ଅଶ୍ୱିନୀ ବୈଷ୍ଣବ ଭାଜପା ପ୍ରାର୍ଥୀ ଥିଲେ। ସେ କଥା ବୋଧହୁଏ ତାରା ପ୍ରସାଦ ବାହିନୀପତି ଜାଣିନାହାନ୍ତି। ସେ ଜାଣିଛନ୍ତି ବୈଷ୍ଣବ ଭାଜପା ପ୍ରାର୍ଥୀ ଥିଲେ। ବିଜେଡି କାହିଁକି ବୈଷ୍ଣବଙ୍କୁ ଭୋଟ ଦେଲା, ଡିଲ୍ କେଉଁଠି ହୋଇଥିଲା ତା'ର ଉତ୍ତର ଶାସକ ଦଳ ଦେବ। କଂଗ୍ରେସ ସହ ଡିଲ୍ କରି ୨୦୧୯ରେ ବିଜେଡି ରାଜ୍ୟରେ ସରକାର କଲା। ୨୦୦୦ ମସିହାରୁ ଭାଜପା ଦୟା କଲାରୁ ରାଜ୍ୟରେ ବିଜେଡି ସରକାର କରିଥିଲା। ସେମାନେ ପରବର୍ତ୍ତୀ ସମୟରେ ଭାଜପା ସହିତ ଧୋକାବାଜି କରିଛନ୍ତି। ବିଜେଡି ଗୋଟେ ଧୋକାବାଜ ଦଳ ବୋଲି ଜୟନାରାୟଣ କହିଛନ୍ତି।















# ବରୋଦା ବିପକ୍ଷରୁ ଓଡ଼ିଶାର ଅଭିଯାନ

ଭୁବନେଶ୍ୱର, ୧୨।୧୨
(କ୍ରୀଡ଼ା ପ୍ରତିନିଧି)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସର୍ବୋଚ୍ଚ ଘରୋଇ କ୍ରିକେଟ ଟୁର୍ନାମେଣ୍ଟ ରଣଜୀ ଟ୍ରଫିର ୨୦୨୨-୨୩ ସିଜନ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି। ଆଗାମୀ ସିଜନ ପାଇଁ ଏଲିଟ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍‌ରେ ବରୋଦାକୁ ଭେଟିବ। ବିକାଶ କ୍ରିକେଟ ଗ୍ରାଉଣ୍ଡରେ ପୂର୍ବାହ୍ଣ ୯ଟା ୩୦ରୁ ଏହି ମ୍ୟାଚ୍ ଆରମ୍ଭ ହେବ। ସିଜନ ଆରମ୍ଭ ହେବାକୁ ଯାଉଥିବାରୁ ଏହି ମ୍ୟାଚ୍ ଉଭୟ ଦଳ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଗ୍ରୁପ୍ 'ଏ'ରେ ଥିବା ଅନ୍ୟ ଦଳଗୁଡ଼ିକ ହେଲେ ହରିୟାଣା, ହିମାଚଳ ପ୍ରଦେଶ, ନାଗାଲାଣ୍ଡ, ଉତ୍ତରାଖଣ୍ଡ, ବେଙ୍ଗଲ ଓ ଉତ୍ତରପ୍ରଦେଶ।

ଶେଷଥର ପାଇଁ ଓଡ଼ିଶା ଓ ବରୋଦା ମଧ୍ୟରେ ୨୦୧୭ ନଭେମ୍ବର ୧୭ରୁ ୨୦ ପର୍ଯ୍ୟନ୍ତ ଭଦୋଦରାଠାରେ ଅନୁଷ୍ଠିତ ମ୍ୟାଚ୍ ଡ୍ର ରହିଥିଲା। ତେବେ ପ୍ରଥମ ଇନିଂସ୍ ଅଗ୍ରଣୀ ପାଇଁ ବରୋଦା ୩ ଓ ଓଡ଼ିଶା ୧ ପଏଣ୍ଟ ପାଇଥିଲା। ବିଷ୍ଣୁ ସୋଲାଙ୍କି ଓ ନିନାଦ ରଥଭାଙ୍କ ଶତକ ବଳରେ ବରୋଦା ପ୍ରଥମ ଇନିଂସ୍‌ରେ ୫୦୩ ରନ୍ କରିଥିଲା। ଜବାବରେ ଓଡ଼ିଶା ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ବଡ଼ ଶତକ (୧୭୩ ରନ୍) ସହାୟତାରେ ୪୪୫ ରନ୍ କରିବାକୁ ସକ୍ଷମ ହୋଇଥିଲ। ରାଜେଶ ଧୂପର ୮୬ ଓ ବିପ୍ଳବ ସାମନ୍ତରାୟ ୫୫ ରନ୍‌ର ଯୋଗଦାନ ଦେଇଥିଲେ। ଆଦିତ୍ୟ ୱାଘମୋଡେ (୧୦୧) ଓ ଅଧିନାୟକ ଦୀପକ ହୁଡା (୧୦୦)ଙ୍କ ଅପରାଜିତ ଶତକ ବଳରେ ବରୋଦା ୪ର୍ଥ ଦିବସ ଖେଳ ଶେଷବେଳକୁ ଦ୍ୱିତୀୟ ଇନିଂସରେ ୧ ଉଇକେଟ ହରାଇ ୧୫୯ ରନ୍ କରିଥିଲା। ଏହି ମ୍ୟାଚ୍‌ରେ ଓଡ଼ିଶାର ବସନ୍ତ ମହାନ୍ତି ଓ ବରୋଦାର ସ୍ୱପ୍ନିଲ ସିଂଙ୍କୁ ୫ ଉଇକେଟ ସଫଳତା ମିଳିଥିଲା। ଶୁଭ୍ରାଂଶୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ୨୦୧୨ ଡିସେମ୍ବର ୮ରୁ ୧୦ ପର୍ଯ୍ୟନ୍ତ ଭଦୋଦରାରେ ଅନୁଷ୍ଠିତ ମ୍ୟାଚ୍‌କୁ ବରୋଦା ୧୦ ଉଇକେଟରେ ଜିତିଥିଲା। ବରୋଦାକୁ ପୂରା ୭ ପଏଣ୍ଟ ମିଳିଥିଲା। ୨୦୧୦ ନଭେମ୍ବର ୧ରୁ ୪ ପର୍ଯ୍ୟନ୍ତ କଟକରେ ଅନୁଷ୍ଠିତ ମ୍ୟାଚ୍ ଡ୍ର ରହିଥିଲା। ପ୍ରଥମ ଇନିଂସ୍ ଅଗ୍ରଣୀ ପାଇଁ ଓଡ଼ିଶା ୩ ପଏଣ୍ଟ ପାଇଥିଲା। ସେହିପରି ୨୦୦୭ ଡିସେମ୍ବର ୨୫ରୁ ୨୮ ପର୍ଯ୍ୟନ୍ତ ଭଦୋଦରାରେ ଅନୁଷ୍ଠିତ ମ୍ୟାଚ୍ ମଧ୍ୟ ଅମୀମାଂସିତ ରହିଥିଲା। ଏହି ମ୍ୟାଚ୍‌ରେ ମଧ୍ୟ ଓଡ଼ିଶା ୩ ଓ ବରୋଦା ୧ ପଏଣ୍ଟ ପାଇଥିଲା। ବିକାଶ ଗ୍ରାଉଣ୍ଡରେ ମ୍ୟାଚ୍ ସମୟରେ ମୁଖ୍ୟ କୋଚ୍ ଆର. ଶ୍ରୀକାନ୍ତ, ବ୍ୟାଟିଂ କୋଚ୍ ରଶ୍ମିରଞ୍ଜନ ପରିଡ଼ା, ଫିଲ୍ଡିଂ କୋଚ୍ ଗୌତମ ଗୋପାଳ, ପର୍ଯ୍ୟବେକ୍ଷକ ତଥା ରାଜ୍ୟ ସିନିୟର ଚୟନ କମିଟି ମୁଖ୍ୟ ପ୍ରଭଞ୍ଜନ ମଲିକ, ଫିଜିଓ ରୋନି ଚାଟାର୍ଜୀ, ଟ୍ରେନର ପୂର୍ଣ୍ଣେନ୍ଦୁ ଜେନା, ମାଲିସ୍‌ବାଲା ବିଶ୍ୱଜିତ୍ ବେହେରା ଓ ମ୍ୟାନେଜର ସନ୍ତୋଷ ଦାସ ଓଡ଼ିଶା ଦଳ ସହିତ ସଂଶ୍ଲିଷ୍ଟ ହୋଇ ରହିବେ।

**ଓଡ଼ିଶା ଦଳ:** ଶୁଭ୍ରାଂଶୁ ସେନାପତି (ଅଧିନାୟକ), ଅନୁରାଗ ଷଡ଼ଙ୍ଗୀ ସ୍ୱସ୍ତିକ ସାମଲ, ତାରିଣୀ ସ', ଅଭିଷେକ ରାଉତ, ବିପ୍ଳବ ସାମନ୍ତରାୟ, ଦେବବ୍ରତ ପ୍ରଧାନ, ଗୋବିନ୍ଦ ପୋଦ୍ଦାର, କାର୍ତ୍ତିକ ବିଶ୍ୱାଳ, ରାକେଶ ପଟ୍ଟନାୟକ, ସୌରଭ କନୋଜିଆ, ରାଜେଶ ଧୂପର (ଉଇକେଟ କିପର), ସୁଜିତ ଲେଙ୍କା, ବସନ୍ତ ମହାନ୍ତି, ଶାନ୍ତନୁ ମିଶ୍ର, ଶୁଭମ୍ ନାୟକ ଏବଂ ସୂର୍ଯ୍ୟକାନ୍ତ ପ୍ରଧାନ।

**ବରୋଦା ଦଳ:** ବିଷ୍ଣୁ ସୋଲାଙ୍କି (ଅଧିନାୟକ), ଅଭିମନ୍ୟୁ ସିଂ ରାଜପୁତ, ମହେଶ ପିଥିୟା, ପ୍ରତ୍ୟୁଷ କୁମାର, ଶାଶ୍ୱତ ରାୱତ, ଜ୍ୟୋସ୍ନିଲ ସିଂ, ନିନାଦ ରଥଭା, ସୋୟେବ ସୋପାରିୟା, ମିତେଶ ପଟେଲ (ଉଇକେଟ କିପର), ଭିଶାନ୍ତ ମୋରେ, ବାବାଶାଫି ପଠାନ, ଭାର୍ଗବ ଭଟ୍ଟ ଓ ଲୁକ୍‌ମାନ ମେରିୱାଲା।


ବିଷ୍ଣୁ ସୋଲାଙ୍କି


ଶୁଭ୍ରାଂଶୁ ସେନାପତି

**ଆଜିଠୁ ରଣ୍‌ଜୀ ଟ୍ରଫି ସିଜନ**


ବରୋଦା ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ପାଇଁ ମନୋନୀତ ଓଡ଼ିଶା ଦଳର ଖେଳାଳିମାନେ ସପୋର୍ଟ ଷ୍ଟାଫ୍‌ଙ୍କ ସହ।

# ଭାରତୀୟ ଦଳ ୨୭ରେ ରାଉରକେଲାରେ ପହଞ୍ଚିବ

**ହକି ବିଶ୍ୱକପ**

ଭୁବନେଶ୍ୱର, ୧୨।୧୨
(କ୍ରୀଡ଼ା ପ୍ରତିନିଧି)

୨୦୨୩ ହକି ବିଶ୍ୱକପ ପାଇଁ ଭାରତୀୟ ଦଳର ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଏବଂ ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଏହି ଟୁର୍ନାମେଣ୍ଟ ଜାନୁୟାରୀ ୧୩ରୁ ଆରମ୍ଭ ହେବ। ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ରେ ଭାରତୀୟ ୩୩ ଜଣିଆ କୋର୍ ଦଳର ଅନ୍ତିମ ପର୍ଯ୍ୟାୟ କୋଚିଂ କ୍ୟାମ୍ପ ଆରମ୍ଭ ହୋଇଛି। ଏହା ୨ ସପ୍ତାହଧରି ଚାଲିବ। ଏହାପରେ ଚଳିତ ମାସ ୨୭ ତାରିଖରେ ଭାରତୀୟ ଦଳ ରାଉରକେଲାରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି। ଆଗାମୀ ମେଗା ଟୁର୍ନାମେଣ୍ଟରେ ଭାରତ ଏହାର ପ୍ରଥମ ମ୍ୟାଚ ୧୩ ତାରିଖରେ ଇଂଲଣ୍ଡ ବିପକ୍ଷରେ ଖେଳିବ। ଏହି ମ୍ୟାଚ ବିର୍ସାମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ୨୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ଅଂଶଗ୍ରହଣ କରିବେ।

ବେଙ୍ଗାଲୁରୁରେ ଆରମ୍ଭ ହୋଇଥିବା ଅନ୍ତିମ ପର୍ଯ୍ୟାୟ କ୍ୟାମ୍ପ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦୀର୍ଘବର୍ଷ ଧରି ଭାରତ ପୋଡିୟମ ମଣ୍ଡନ କରିପାରି ନ ଥିବାରୁ ଏହା ଉପରେ ବିଶେଷ ଧ୍ୟାନ ରଖା ଯାଇଛି। ଏଥିପାଇଁ ଡବଲ ଅଲିମ୍ପିକ୍ ଚାମ୍ପିୟନ ତଥା ଡ୍ରାଗ୍‌ଫ୍ଲିକ୍ ବିଶେଷଜ୍ଞ ନେଦରଲାଣ୍ଡ୍ସର ବ୍ରାମ୍ ଲୋମାନ୍ସ ଏବଂ ଗୋଲକିପିଂ କୋଚ୍ ଡେନିସ ଭାନ୍ ଡି ପୋଲଙ୍କୁ କ୍ୟାମ୍ପକୁ ଡାକରା ମିଳିଛି। ଆଗାମୀ ବିଶ୍ୱକପ ପାଇଁ ସମ୍ଭାବ୍ୟ କୋର୍ ଦଳରେ ସାମିଲଥିବା ଖେଳାଳିମାନେ ହେଲେ କ୍ରିଷ୍ଣନ ବାହାଦୂର ପାଠକ, ପି.ଆର. ଶ୍ରୀଜେଶ, ସୂରଜ କରକେରା, ଜରମନପ୍ରୀତ ସିଂ, ସୁରେନ୍ଦର କୁମାର, ହରମନପ୍ରୀତ ସିଂ, ବରୁଣ କୁମାର, ଅମିତ ରୋହିଦାସ, ଗୁରିନ୍ଦର ସିଂ, ଜୁଗରାଜ ସିଂ, ମନଦୀପ ମୋର, ନିଲମ ସଞ୍ଜିପ ଖେସ୍, ସଞ୍ଜୟ, ଯଶଦୀପ ସିୱାଚ୍, ଦୀପସାନ ତିର୍କୀ, ମନପ୍ରୀତ ସିଂ, ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ମୋଇରାଙ୍ଗଥେମ୍ ରବିଚନ୍ଦ୍ର ସିଂ, ସମଶେର ସିଂ, ନିଳକାନ୍ତ ଶର୍ମା, ରାଜକୁମାର ପାଲ, ସୁମିତ, ଆକାଶଦୀପ ସିଂ, ଗୁରଜାନ୍ତ ସିଂ, ମହମ୍ମଦ ରାହିଲ, ମନିନ୍ଦର ସିଂ, ଏସ. କାର୍ତ୍ତି, ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ, ଅଭିଷେକ, ଦିଲପ୍ରୀତ ସିଂ ଓ ସୁଖଜିତ ସିଂ। ଏହା ବ୍ୟତୀ ଆହତ ସମସ୍ୟାରୁ ମୁକୁଳୁଥିବା ଶିଳାନନ୍ଦ ଲାକ୍ରା, ମନଜିତ ଓ ପୱନ ରାଜଭାର ମଧ୍ୟ ଏହି କ୍ୟାମ୍ପରେ ସାମିଲ ହେବେ।

"ବିଶ୍ୱକପ ପାଇଁ ସ୍ୱତନ୍ତ୍ରଭାବେ ଡ୍ରାଗ୍‌ଫ୍ଲିକ୍ ଏବଂ ଗୋଲକିପିଂ କ୍ୟାମ୍ପ ଆୟୋଜନ କରାଯାଇଥିବାରୁ ଆମେ ହକି ଇଣ୍ଡିଆ ଓ ସାଇ ନିକଟରେ କୃତଜ୍ଞ। ଆଗାମୀ ବଡ଼ ପ୍ରତିଯୋଗିତା ପୂର୍ବରୁ ଏହି କ୍ୟାମ୍ପରେ ଆମ ଗୋଲକିପର ଏବଂ ଡ୍ରାଗ୍‌ଫ୍ଲିକରଙ୍କ ପ୍ରଦର୍ଶନ ଆହୁରି ମାର୍ଜିତ ହୋଇପାରିବ। ଏବେ ମଧ୍ୟ ଆମକୁ କିଛି ବିଭାଗରେ ଗୁରୁତ୍ୱର ସହ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ଆମେ ଗତ ଅଷ୍ଟ୍ରେଲିଆ ଟୁର୍‌ରୁ ଅନୁଭବ କରିଛୁ। ଏକ ସପ୍ତାହ ବ୍ରେକ୍ ପରେ ଖେଳାଳିମାନେ କ୍ୟାମ୍ପକୁ ଆସିଛନ୍ତି। ସେମାନେ ଉଭୟ ମାନସିକ ଓ ଶାରୀରିକଭାବେ ସତେଜଥିବେ" ବୋଲି ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ ପ୍ରକାଶ କରିଛନ୍ତି।



# କଷ୍ଟସାଧ୍ୟ ଗ୍ରୁପ୍‌ରେ ଭାରତ: ଜାଫର୍

ନୂଆଦିଲ୍ଲୀ,୧୨।୧୨(ପି.ଟି.)

ଭୁବନେଶ୍ୱର ଓ ରାଉରକେଲାରେ ହେବାକୁ ଥିବା ହକି ବିଶ୍ୱକପରେ ଭାରତ କଷ୍ଟସାଧ୍ୟ ଗ୍ରୁପରେ ରହିଛି ବୋଲି ମତ ଦେଇଛନ୍ତି ପୂର୍ବତନ ଅଧିନାୟକ ଜାଫର ଇକ୍‌ବାଲ। ଗ୍ରୁପ୍ ଡି ରେ ଭାରତ ସ୍ପେନ, ଇଂଲଣ୍ଡ ଓ ୱେଲ୍ସ ସହିତ ସ୍ଥାନ ପାଇଥିବା ବେଳେ ଭାରତ ପାଇଁ ଗ୍ରୁପ୍ ପର୍ଯ୍ୟାୟ ସହଜ ରହିବ ନାହିଁ ବୋଲି ସେ କହିଛନ୍ତି। ଆସନ୍ତା ଜାନୁୟାରୀ ୧୩-୨୯ ତାରିଖ ଯାଏ ଭୁବନେଶ୍ୱର ଓ ରାଉରକେଲାରେ ଏହି ମେଗା ଇଭେଣ୍ଟ ଆୟୋଜିତ ହେବ। ୧୯୭୫ରେ କୁଆଲାଲାମ୍ପୁରରେ ଖେଳା ଯାଇଥିବା ଟୁର୍ନାମେଣ୍ଟରେ ଭାରତ ଚାମ୍ପିୟନ ହୋଇଥିବା ବେଳେ ୪୭ ବର୍ଷ ପରେ ଆଉ ଥରେ ସମାନ ସଫଳତା ଦୋହରାଇବାକୁ ପ୍ରୟାସ କରୁଛି ଭାରତ। ଟୋକିଓରେ ବ୍ରୋଞ୍ଜ ପଦକ ପରେ ଭାରତ ବିଶ୍ୱକପରେ ପୋଡିୟମ ଫିନିଶ କରିବା ନିଶ୍ଚୟ ଏକ ବୃହତ ଉପଲବ୍ଧି ହେବ ମାତ୍ର ଏହା ବର୍ତ୍ତମାନ ପରସ୍ଥିତିରେ କଷ୍ଟସାଧ୍ୟ ବୋଲି ଜାଫର କହିଛନ୍ତି। ପୁଲ୍ ଡିରେ ସ୍ଥାନ ପାଇଥିବା ଭାରତର ବିଶ୍ୱ ର୍‍ୟାଙ୍କିଙ୍ଗ ୫ ରହିଥିବା ବେଳେ ଇଂଲଣ୍ଡ(୬), ସ୍ପେନ୍(୮) ଓ ୱେଲ୍ସ(୧୫) ଠାରୁ ଦଳକୁ କଡା ଟକ୍କର ମିଳିବ। ଜାଫର ୧୯୮୦ ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜୟୀ ଦଳର ଅଧିନାୟକ ରହିଥିବା ବେଳେ ୧୯୮୨ ହକି ବିଶ୍ୱକପରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ବଡ ଟୁର୍ନାମେଣ୍ଟରେ ସମସ୍ତ ଦଳ ପାଖରେ ସୁଯୋଗ ରହିଥାଏ। ଚଳିତ ଫିଫା ବିଶ୍ୱକପ ଏହାର ପ୍ରମାଣ ବୋଲି ସେ କହିଛନ୍ତି। ସ୍ପେନ୍, ବ୍ରାଜିଲ, ଜର୍ମାନୀ ପରି ପୂର୍ବତନ ଚାମ୍ପିୟନ ଦଳ ପରାଜିତ ହୋଇଥିବା ବେଳେ ସମସ୍ତଙ୍କ ପାଖରେ ଆଗକୁ ବଢିବାର ସୁଯୋଗ ରହିଥାଏ। ବର୍ତ୍ତମାନର ହକି ଏବଂ ପୂର୍ବର ହକି ବେଶ ଅଲଗା। ପୂର୍ବରୁ ହକି ଘାସରେ ଖେଳା ଯାଉଥିବା ବେଳେ ବର୍ତ୍ତମାନ ଆଷ୍ଟ୍ରୋଟର୍ଫ ଉପରେ ଖେଳାଯାଉଛି। ପୂର୍ବରୁ ହକିରେ ସ୍କିଲର ଗୁରୁତ୍ୱ ରହୁଥିବା ବେଳେ ବର୍ତ୍ତମାନ ପାୱାର ଉପରେ ଗୁରୁତ୍ୱ ରହୁଛି। ଭାରତୀୟ ଦଳକୁ ୟୁରୋପୀୟ ଶୈଳୀର ଆକ୍ରମଣାତ୍ମକ ଶୈଳୀ ଖେଳିବାକୁ ପଡିବ ବୋଲି ଜାଫର କହିଛନ୍ତି।




# ଇଂଲଣ୍ଡର କ୍ରମାଗତ ଦ୍ୱିତୀୟ ବିଜୟ

**ମୁଲ୍‌ତାନ, ୧୨।୧୨(ଏପି):** ମାର୍କ ଉଡ୍‌ଙ୍କ ଘାତକ(୪/୬୫)ବୋଲିଂ ଯୋଗୁ ଏଠାରେ ଚାଲିଥିବା ପାକିସ୍ତାନ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡ ୨୬ ରନ୍‌ରେ ବିଜୟୀ ହୋଇଛି। ମ୍ୟାଚ୍‌ରେ ପାକିସ୍ତାନ ୩୫୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରିବାକୁ ଯାଇ ସୋମବାର ଚତୁର୍ଥ ଦିବସ ଖେଳ ମଧ୍ୟାହ୍ନ ବିରତିର ଏକ ଘଣ୍ଟା ଭିତରେ ୩୨୮ରେ ଅଲଆଉଟ ହୋଯାଇଥିଲା। ଏହି ବିଜୟ ସହ ଇଂଲଣ୍ଡ ସିରିଜ୍‌କୁ ୨-୦ରେ ଅଗ୍ରଣୀ ଲାଭ କରିଛି। ୧୭ ବର୍ଷ ପରେ ପାକିସ୍ତାନକୁ ଇଂଲଣ୍ଡର ଏହା ପ୍ରଥମ ଟେଷ୍ଟ ଟୁର୍। ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଇଂଲଣ୍ଡ ୭୪ ରନ୍‌ରେ ପାକିସ୍ତାନକୁ ପରାସ୍ତ କରିଥିଲା। ନୂଆ କୋଚ୍ ବ୍ରେଣ୍ଡନ ମ୍ୟାକ୍‌କୁଲମ ଓ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ନେତୃତ୍ୱରେ ଇଂଲଣ୍ଡ ଖେଳିସାରିଥିବା ୯ଟି ଟେଷ୍ଟ ମ୍ୟାଚ୍‌ରେ ଏହା ହେଉଛି ୮ମ ବିଜୟ। ପାକିସ୍ତାନ ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ୍ ସ୍କୋର ୧୯୮/୪ରୁ ବ୍ୟାଟିଂ ଆରମ୍ଭ କରିଥିଲା। ଦଳ ସେତେବେଳକୁ ବିଜୟ ପାଇଁ ଆହୁରି ୧୫୭ ରନ୍ ଆବଶ୍ୟକ କରୁଥିଲା। ବିଜୟ ଲକ୍ଷ୍ୟ ପିଛା କରୁଥିବା ବେଳେ ବାମହାତୀ ସାଉଦ ଶକିଲ ଧୈର୍ଯ୍ୟପୂର୍ଣ୍ଣ ୯୪ ରନ୍ କରିଥିଲେ। ସେ ଅଳ୍ପକେ ତାଙ୍କ ପ୍ରଥମ ଟେଷ୍ଟ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଦ୍ୱିତୀୟ ନୂଆ ବଲ୍‌ରେ ଉଡ୍‌ଙ୍କ ପ୍ରଥମ ଓଭରରେ ଶିକାର ହେବା ପୂର୍ବରୁ ମହମ୍ମଦ ନୱାଜ (୪୫)ଙ୍କ ସହ ଶକିଲ ୮୦ ରନ୍‌ର ପାର୍ଟନରଶିପ୍ କରିଥିଲେ। ଉଇକେଟ୍‌କିପର ଓଲି ପୋପ୍‌ଙ୍କ ଦ୍ୱାରା ସେ କ୍ୟାଚ୍ ଆଉଟ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର:** ଇଂଲଣ୍ଡ ପ୍ରଥମ ଇନିଂସ୍: ୨୮୧। ପାକିସ୍ତାନ ପ୍ରଥମ ଇନିଂସ: ୨୦୨। ଇଂଲଣ୍ଡ ଦ୍ୱିତୀୟ ଇନିଂସ୍: ୨୭୫ ପାକିସ୍ତାନ ଦ୍ୱିତୀୟ ଇନିଂସ: ୩୨୮ (ସାଉଦ ଶକିଲ-୯୪, ଇମାମ ଉଲ୍ ହକ୍-୬୦, ଅବ୍‌ଦୁଲା ସାଫିକ୍-୪୫, ମହମ୍ମଦ ନୱାଜ-୪୫; ମାର୍କ ଉଡ୍-୪/୬୫, ଓଲି ରବିନ୍‌ସନ-୨/୨୩, ଜେମ୍ସ ଆଣ୍ଡରସନ-୨/୪୪)।

# ବଟ୍‌ଲର, ଅମିନ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍

ଦୁବାଇ, ୧୨।୧୨(ପି.ଟି.)

ନଭେମ୍ବରରେ ଉତ୍ତମ ପ୍ରଦର୍ଶନ ପାଇଁ ଇଂଲଣ୍ଡର ଟି୨୦ ବିଶ୍ୱକପ୍ ବିଜୟୀ ଅଧିନାୟକ ଜୋସ୍ ବଟ୍‌ଲର ପ୍ରଥମଥର ଆଇସିସି (ଅନ୍ତର୍ଜାତୀୟ କ୍ରିକେଟ ପରିଷଦ) ପୁରୁଷ ପ୍ଲେୟର ଅଫ୍ ଦି ମନ୍ଥ୍ ବିବେଚିତ ହୋଇଛନ୍ତି। ସେହିପରି ପାକିସ୍ତାନର ସିଦ୍ରା ଅମିନ କ୍ରମାଗତ ଦ୍ୱିତୀୟଥର ମହିଳା ପ୍ଲେୟର ଅଫ୍ ଦି ମନ୍ଥ୍ ବିବେଚିତ ହୋଇଛନ୍ତି। ବଟ୍‌ଲର ବର୍ତ୍ତମାନ ବିଶ୍ୱର ଜଣେ ଅନ୍ୟତମ ବିପଜ୍ଜନକ ବ୍ୟାଟର ଭାବେ ପରିଗଣିତ ହେଉଛନ୍ତି। ମାସ ଆରମ୍ଭରେ ନ୍ୟୁଜିଲାଣ୍ଡ ବିପକ୍ଷରେ ନାଟକୀୟ ୨୦ ରନ୍ ବିଜୟରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ସେ ତାଙ୍କର ୧୦୦ତମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ଓପ୍‌ନିଂ କରିବାକୁ ଯାଇ ୪୭ ବଲ୍‌ରୁ ୭୩ ରନ୍ ସଂଗ୍ରହ କରିଥିଲେ। ନକ୍‌ଆଉଟରେ ଭାରତ ବିପକ୍ଷରେ ଇଂଲଣ୍ଡ ୧୬୯ ରନ୍‌ର ବିଜୟଲକ୍ଷ୍ୟ ପିଛା କଲାବେଳେ ସେ ୪୯ ବଲ୍‌ରୁ ଦ୍ରୁତ ୮୦ ରନ୍ ସଂଗ୍ରହ କରିଥିଲେ। ଆଡିଲେଡ୍‌ଠାରେ ଆଲେକ୍ସ ହେଲ୍ସଙ୍କ ସହିତ ରେକର୍ଡ ଭଙ୍ଗକାରୀ ୧୭୦ ରନ୍‌ର ପାର୍ଟନରଶିପ୍ ଯୋଗୁ ଇଂଲଣ୍ଡ ୧୦ ଉଇକେଟରେ ବିଜୟ ହାସଲ କରିଥିଲା। ଫାଇନାଲରେ ପାକିସ୍ତାନର ଘାତକ ବୋଲିଂକୁ ସାମ୍ନା କରି ସେ ମୂଲ୍ୟବାନ୍ ୨୬ ରନ୍ କରିଥିଲେ, ଫଳରେ ଇଂଲଣ୍ଡ ଦ୍ୱିତୀୟଥର ଟି୨୦ ବିଶ୍ୱକପ୍ ଜିତିଥିଲା। ଅନ୍ୟପକ୍ଷରେ ନଭେମ୍ବରରେ ଆୟର୍ଲାଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ପ୍ରଭାବୀ ପ୍ରଦର୍ଶନ ପାଇଁ ମହିଳା କାଟେଗୋରିରେ ଅମିନ ପୁରସ୍କାର ଜିତିଛନ୍ତି। ସିରିଜରେ ସେ ମୋଟ୍ ୨୭୭ ରନ୍ ସଂଗ୍ରହ କରିଥିବା ବେଳେ ଥରେମାତ୍ର ଆଉଟ ହୋଇଥିଲେ। ଓପ୍‌ନିଂ ବ୍ୟାଟର ଅମିନ ମାସ ଆରମ୍ଭରେ ମହିଳା ଅନ୍ତର୍ଜାତୀୟ ଦିନିକିଆରେ ସର୍ବାଧିକ ୧୭୬ ରନ କରିଥିଲେ, ଫଳରେ ଆୟୋଜକ ଦେଶ ୧୨୮ ରନ୍‌ରେ ବିଜୟଲାଭ କରିଥିଲା। ଦ୍ୱିତୀୟ ଦିନିକିଆରେ ସେ ୯୧ ରନ୍ କରିବାରୁ ଦଳ ୯ ଉଇକେଟରେ ବିଜୟୀ ହୋଇଥିଲା।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ